

ଆଜିଠୁ
ସୁପର୍ ୮ ମୁକାବିଲା
▸ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-236 ♦SATURDAY ♦21 FEBRUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୩୬ ♦ଶନିବାର ♦୨୧ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ବିକାଶ ସ୍ୱପ୍ନ; ଋଣ ଭରସା

## ୩ ଲକ୍ଷ ୧୦ ହଜାର କୋଟିର ବଜେଟ ବାଢ଼ିଲେ ମୋହନ ସରକାର

■ ଭୁବନେଶ୍ୱର, ୨୦।୨ (ସମିସ): ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପନ କରିଛନ୍ତି ୩ ଲକ୍ଷ ୧୦ ହଜାର କୋଟିର ବଜେଟ୍। ୨୦୨୫-୨୬ ଆର୍ଥିକ ବର୍ଷରେ ସରକାର ୨.୯ ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ। ସେହି ତୁଳନାରେ ଆଗାମୀ ଆର୍ଥିକ ବର୍ଷର ବଜେଟ୍ ୬.୯ ପ୍ରତିଶତ ବୃଦ୍ଧି ପାଇଛି। ଆଗାମୀ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଟିକସ ଓ ଅଣ ଟିକସରୁ ୧.୪୧ ଲକ୍ଷ କୋଟି ଆୟ ଲକ୍ଷ୍ୟ ରଖିଛନ୍ତି। ସେହିପରି କେନ୍ଦ୍ରୀୟ ଅଂଶ ଓ ଅନୁଦାନ ବାବଦରେ ଯଥାକ୍ରମେ ୪୦୦୩୯.୫୪ କୋଟି ଓ ୬୭୪୬୦.୪୬ କୋଟି ଆୟ ହେବ ବୋଲି ଆଶା କରିଛନ୍ତି।


ଅନ୍ୟପକ୍ଷରେ ଆବଶ୍ୟକତା ଭରଣା ପାଇଁ ଆଗାମୀ ଆର୍ଥିକ ବର୍ଷ ୪୭୮୦୦ କୋଟି ଟଙ୍କା ଋଣ କରିବେ ଓ ପ୍ରୋଭିଡ଼େଣ୍ଟ ଫଣ୍ଡ ଓ ଅନ୍ୟାନ୍ୟ ସୂତ୍ରରୁ ୧୩୦୦୦ ଟଙ୍କା, ଋଣ ଆଦାୟରୁ ୭୦୦ ଟଙ୍କା ପାଇବେ ବୋଲି ବଜେଟ୍‌ରେ କୁହାଯାଇଛି। ଅପରପକ୍ଷରେ ସରକାର ପେନସନ, ଦରମା ଓ ଅନ୍ୟାନ୍ୟ ରାଜସ୍ୱ ବ୍ୟୟ ବାବଦରେ ୧୯୧୩୦୦ କୋଟି ଟଙ୍କା ଖର୍ଚ୍ଚ କରିବେ। କ୍ୟାପିଟାଲ ସେକ୍ଟରରେ ୭୨୧୦୦ କୋଟି ବ୍ୟୟ କରିବେ ଓ ପୂର୍ବ ଋଣର ସୁଧ ବାବଦରେ ୮୨୦୦ କୋଟି ଟଙ୍କା ପରିଶୋଧ କରିବେ। ଏହାବ୍ୟତୀତ ପୁରୁଣା ଋଣରୁ ୨୨ ୦୦୦ କୋଟି ପରିଶୋଧ କରିବେ। ଅନ୍ୟପକ୍ଷରେ ବିପର୍ଯ୍ୟୟ ପରିଚାଳନା ବାବଦରେ ୫୩୭୫ କୋଟି ଓ ଅନ୍ୟାନ୍ୟ ସ୍ଥାନାନ୍ତରଣ ବାବଦରେ ୧୦୬୨୫ କୋଟି ବ୍ୟୟ କରିବେ।


ଦୀର୍ଘ ୨ ଘଣ୍ଟାର ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଚଳିତ ବଜେଟ୍‌ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୪୨,୪୯୨ କୋଟି ଟଙ୍କା ବରାଦ କରିଛନ୍ତି। ଧାନ କିଣା ବାବଦରେ ୬ ହଜାର ୮୮ କୋଟି ଟଙ୍କା ବ୍ୟବସ୍ଥା ରଖିଛନ୍ତି। ପୁନଶ୍ଚ ଯୋଗାଣ ବିଭାଗ ଅଧୀନରେ ୫ ହଜାର କୋଟି ଟଙ୍କାର ଏକ ଆବର୍ତ୍ତନ ପାଣ୍ଠି ଗଠନ ପାଇଁ ବଜେଟରେ ପ୍ରସ୍ତାବ ରହିଛି ଏବଂ ୩ ବର୍ଷ ମଧ୍ୟରେ ୧୧ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ ଲକ୍ଷ୍ୟ ରଖାଯାଇଛି। ସୁଭଦ୍ରା ଯୋଜନା ପାଇଁ ମଧ ମୁଖ୍ୟମନ୍ତ୍ରୀ ହାତ ଖୋଲିଦେଇଛନ୍ତି। ଏହି ଯୋଜନାରେ ୧ କୋଟିରୁ ଅଧିକ ମହିଳାଙ୍କୁ ଉପକୃତ କରାଇବା ପାଇଁ ରାଜ୍ୟ ସରକାର ୨୦୨୬-୨୭ ପାଇଁ ୧୦ ହଜାର ୧୪୫ କୋଟି ଟଙ୍କା ବରାଦ କରିଛନ୍ତି। ଅନୁରୂପ ଭାବରେ 'ସୁଭଦ୍ରା ଶକ୍ତି ସମ୍ବାଦ' ନାମରେ ଏକ ନୂତନ ଯୋଜନା ପ୍ରଣୟନ ସହ ଏହା ଅଧୀନରେ ସୁଭଦ୍ରା ୱେଲ୍‌ନେସ୍ ସେଣ୍ଟର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ନାମରେ ଏକ ନୂତନ ଯୋଜନା ପ୍ରଣୟନ ପାଇଁ ପ୍ରସ୍ତାବ ରଖିଛନ୍ତି। ଏହି ଯୋଜନାରେ ଦୁର୍ବଳ ବର୍ଗର ପରିବାରରେ ଜନ୍ମ ହୋଇଥିବା ଝିଅଙ୍କ ନାମରେ ୨୦ ହଜାର ଟଙ୍କାର ଏକ ସଞ୍ଚୟ ଉପକରଣ ସୃଷ୍ଟି କରାଯିବ। ସ୍ନାତକ ଶିକ୍ଷା ଶେଷ ପରେ ଏହି ଯୋଜନାରେ ତାଙ୍କୁ ୧ଲକ୍ଷ ୧ ହଜାର ଟଙ୍କା ପ୍ରଦାନ କରାଯିବ।

ଗ୍ରାମାଞ୍ଚଳର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପ ଓ ଯୋଜନା ପାଇଁ ୪୪ ହଜାର ୩୦୯ କୋଟି ଟଙ୍କାର ବ୍ୟାପକ ନିବେଶ ଲାଗି ମୁଖ୍ୟମନ୍ତ୍ରୀ ବଜେଟ୍‌ରେ ବ୍ୟବସ୍ଥା କରିଛନ୍ତି। ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ୨୦୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। କେନ୍ଦ୍ର ସରକାର ମନରେଗା ଆଇନ୍ ବଦଳରେ ▸ପୃଷ୍ଠା-୭



- କାର୍ଯ୍ୟକ୍ରମ ବ୍ୟୟ ୧.୮୦ ଲକ୍ଷ କୋଟି; ଋଣ ଓ ଅନୁଦାନ ଭରସାରେ ଯୋଜନା
- ୩ ବର୍ଷରେ ନିର୍ମାଣ ହେବ ୧୧ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଗୃହ
- କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡ଼ାରେ ନୂତନ ବିଶ୍ୱବିଦ୍ୟାଳୟ
- 'ସୁଭଦ୍ରା' ପାଇଁ ୧୦୦୦୦ କୋଟି, ଗ୍ରାମାଞ୍ଚଳର ଉନ୍ନତି ପାଇଁ ୪୪୩୦୯ କୋଟି
- ୬ ଲକ୍ଷ ନୂତନ ହିତାଧିକାରୀଙ୍କୁ ଭତ୍ତା, ଗରିବ ଝିଅଙ୍କ ପାଇଁ 'କନ୍ୟା ସୁମଙ୍ଗଳ'




### ୧୬ ନୂଆ କାର୍ଯ୍ୟକ୍ରମ

ଭିବି ଜି ରାମ ଜି ॥ ସମୃଦ୍ଧ ଅଙ୍ଗନବାଡି ଯୋଜନା ॥ ମଡେଲ ମଣ୍ଡି ॥ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ॥ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ ॥ ୱାର୍ଲଡ ଗ୍ରେନ ଷ୍ଟୋରେଜ ପ୍ଲାନ ॥ ରେଆର ଆର୍ଥ କରିଡର ॥ ଷ୍ଟେଟ ଇନ୍‌ଷ୍ଟିଟ ଅଫ ଟ୍ରାନ୍ସଫର୍‌ମେଟିଭ ଇନିସିଏଟିଭ ॥ ବିଚ୍ଛିନ୍ନଅଞ୍ଚଳକୁ ଯୋଗାଯୋଗ ॥ ଜଗନ୍ନାଥ ଇଣ୍ଟରପ୍ରିଟେସନ ସେଣ୍ଟର ॥ ୱାର୍ଲଡ ଟୁରିଜିମ ସେଣ୍ଟର (ପୁରୀ) ॥ ଷ୍ଟେଟ ଏଆଇ ମିଶନ ॥ ଟୁରିଜିମ ଲାଣ୍ଡ ବ୍ୟାଙ୍କ ସ୍କିମ ॥ ଡାଲଖାଇ ॥ ମୁଖ୍ୟମନ୍ତ୍ରୀ ଅର୍ଥ ପରାମର୍ଶଦାତା ପରିଷଦ ॥ ଫିଟ୍ ଓଡ଼ିଶା ମିଶନ


---

### ନବୀନଙ୍କ ତୀକ୍ଷ୍ଣ କଟାକ୍ଷ

# ରୋଷେଇ ଘର ଖାଲି; ଖାଦ୍ୟ ତାଲିକା ଲମ୍ବା

■ ଭୁବନେଶ୍ୱର, ୨୦।୨ (ସମିସ): ରାଜ୍ୟ ସରକାରଙ୍କ ବଜେଟ୍‌କୁ ଅତି ସଂକ୍ଷେପରେ ତୀକ୍ଷ୍ଣ କଟାକ୍ଷ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ବଜେଟ ସମ୍ପର୍କରେ ପ୍ରତିକ୍ରିୟା ରଖି ନବୀନ କହିଛନ୍ତି ଯେ ରୋଷଘର ଶୂନ୍ୟ, ମାତ୍ର ଖାଦ୍ୟ ତାଲିକା ଲମ୍ବା। ସାଧାରଣତଃ ଲୋକେ ବ୍ୟଞ୍ଜନ ପ୍ରସ୍ତୁତି ସମୟରେ ରୋଷଘରେ ଥିବା ସାମଗ୍ରୀକୁ ନେଇ ବ୍ୟଞ୍ଜନ ସୂଚୀ ପ୍ରସ୍ତୁତ କରିଥାଆନ୍ତି । ମାତ୍ର ଯେଉଁଠି ରୋଷଘର ଖାଲି, ରୋଷଘରେ ବ୍ୟଞ୍ଜନ ସାମଗ୍ରୀ ନାହିଁ, ସେଠାରେ ଲମ୍ବା ଖାଦ୍ୟ ସୂଚୀର ଅର୍ଥ କ'ଣ ବୋଲି ପରୋକ୍ଷରେ ନବୀନ କହିଛନ୍ତି।

ଆଉ ଏକ ବଜେଟ୍ ଉପସ୍ଥାପନ କରିବା ପାଇଁ ଓଡ଼ିଶା ବିଜେପି ସରକାରଙ୍କୁ ଅଭିନନ୍ଦନ ଜଣାଇ ନବୀନ କହିଛନ୍ତି ଯେ ଡ଼ବଲ ଇଞ୍ଜିନ୍ ସରକାର ଓଡ଼ିଶାର ଜନସାଧାରଣଙ୍କ ହାତରେ ଜହ୍ନ ଦେବାର ପ୍ରତିଶ୍ରୁତି ଦେଇ ଏବେ ଓଲଟା ଦିଗରେ ନେଉଛନ୍ତି । ରାଜ୍ୟ ଏକ ନୂଆ ଯୁଗ ଦିଶାରେ ଗତି କରୁଛି, ଯେଉଁଠି ଜନ୍ମ ହେଉହେଉ ଓଡ଼ିଶାର ପ୍ରତ୍ୟେକ ଶିଶୁଙ୍କ ମୁଣ୍ଡରେ ୩୦ ହଜାର ଟଙ୍କାର ଋଣ ବୋଝ ପଡ଼ିବ । ଯେତେବେଳେ ବିଜେଡି ସରକାର ଦାୟିତ୍ୱ ଗ୍ରହଣ କଲେ, ସେତେବେଳେ ଋଣ ପରିଶୋଧ ପରେ ଲୋକଙ୍କ କଲ୍ୟାଣ ଓ ବିକାଶ ପ୍ରକଳ୍ପ ପାଇଁ କମ୍ ପାଣ୍ଠି ବଳକା ରହୁଥିଲା। ବର୍ଷ ବର୍ଷର ସୁଚିନ୍ତିତ ଯୋଜନା ଓ ସୁସଙ୍ଗତ ବିତ୍ତୀୟ ପରିଚାଳନା ଦ୍ୱାରା ଆମେ ▸ପୃଷ୍ଠା-୭



- ଜହ୍ନର ପ୍ରତିଶ୍ରୁତି ଦେଇ ଅନ୍ଧାର ଯୁଗକୁ ନେଉଛନ୍ତି ରାଜ୍ୟ ସରକାର
- ପ୍ରତ୍ୟେକ ନବଜାତ ଶିଶୁ ମୁଣ୍ଡରେ ପଡ଼ିବ ୩୦ ହଜାର ଟଙ୍କାର ଋଣ
- ରାଜ୍ୟ ଉପରେ ବଢ଼ିବ ଆର୍ଥିକ ଚାପ, ପଥଭ୍ରଷ୍ଟ ହେବ ଜନକଲ୍ୟାଣ

# ବୃତ୍ତି ଟିକସ ପ୍ରତ୍ୟାହୃତ

## ଏପ୍ରିଲ ପହିଲାରୁ ହେବ ଲାଗୁ

■ ଭୁବନେଶ୍ୱର, ୨୦।୨ (ସମିସ): ଚଳିତଥର ବଜେଟ୍‌ରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ବୃତ୍ତି ଟିକସ (ପ୍ରଫେସନାଲ ଟ୍ୟାକ୍ସ)କୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିଛନ୍ତି। ଫଳରେ ବୃତ୍ତିଧାରୀମାନଙ୍କୁ ବର୍ଷକୁ ଦେଉଥିବା ୨୫୦୦ ଟଙ୍କାର ଟିକସ ଆଉ ଦେବାକୁ ପଡ଼ିବ ନାହିଁ। ବୃତ୍ତି ଟିକସ ଉଚ୍ଛେଦ ପ୍ରସ୍ତାବ ଆସନ୍ତା ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟ ସରକାର ବାର୍ଷିକ ପ୍ରାୟ ୩୨୦ କୋଟି ଟଙ୍କାର ରାଜସ୍ୱ ହରାଇବେ। ଏଠାରେ ସୂଚନାଯୋଗ୍ୟ, ପ୍ରାକ୍-ବଜେଟ୍ ବୈଠକରେ ଅର୍ଥନୀତି କ୍ଷେତ୍ରର ବିଶେଷଜ୍ଞ ଏବଂ ବିଭିନ୍ନ ସଂଗଠନଗୁଡ଼ିକ ବୃତ୍ତି ଟିକସ ହଟାଇବାକୁ ଦାବି କରିଥିଲେ। ସେମାନେ ଯୁକ୍ତି କରିଥିଲେ ଯେ ସମାନ କରଦାତା ଦୁଇ ଥର କର ଭାରର ପରିସ୍ଥିତି ସମ୍ମୁଖୀନ ହେଉଛନ୍ତି। ଯେହେତୁ ବୃତ୍ତି ଉପରେ ଟିକସ ଅସୁଲ ଏକ ଟିକସ, ତାହା କରଦାତାଙ୍କଠାରୁ ଅସୁଲ କରାଯାଉଛି। ଏହାସହ ସେହି କରଦାତାଙ୍କଠାରୁ ଆୟକର ପୃଥକ୍ ଭାବେ ଆଦାୟ କରାଯାଉଛି। ତେଣୁ ଏହାକୁ ବିଚାରକୁ ନେଇ ରାଜ୍ୟ ସରକାର ବଜେଟ୍‌ରେ ବୃତ୍ତି ଟିକସକୁ ହଟାଇ ଦେଇଛନ୍ତି।

# କୃଷି ବ୍ୟୟବରାଦ ମାତ୍ର ୬୮ ଲକ୍ଷ ବୃଦ୍ଧି

■ ଭୁବନେଶ୍ୱର, ୨୦।୨ (ସମିସ): ରାଜ୍ୟରେ ଧାନକିଣା ଓ କୃଷକଙ୍କ ବିଭିନ୍ନ ସମସ୍ୟାକୁ ନେଇ ରାଜ୍ୟବ୍ୟାପୀ ପ୍ରତିବାଦ ଜାରି ରହିଛି। ମଣ୍ଡିରେ ମାଳମାଳ ସମସ୍ୟା, ଚାଷୀଙ୍କ ଧାନ କିଣିବାକୁ ନେଇ ସରକାରଙ୍କ ଅସ୍ପଷ୍ଟ ନୀତିକୁ ନେଇ ସରକାରଙ୍କୁ ସାଧାରଣରେ ସମାଲୋଚନା କରାଯାଉଛି। ଏହି ପ୍ରସଙ୍ଗକୁ ନେଇ ଚାଷୀ ସଂଗଠନ ଓଡ଼ିଶା ବନ୍ଦ ଡ଼ାକରା ଦେଇଛି। ବିଧାନସଭାରେ ଏହି ପ୍ରସଙ୍ଗ ପ୍ରତିଧ୍ୱନିତ ହୋଇଛି ଓ ଗଲା ୩ ଦିନ ଧରି ବିରୋଧୀ ଗୃହ ଚଳାଇ ଦେଉନାହାନ୍ତି। ଏହି ସମୟରେ ଶୁକ୍ରବାର ବିଧାନସଭାରେ ଉପସ୍ଥାପିତ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପାଇଁ ବଜେଟ୍ ବରାଦ ସାଧାରଣ ଲୋକ ଓ ରାଜ୍ୟର ଅର୍ଥନୀତିଜ୍ଞଙ୍କୁ ବିସ୍ମିତ କରିଛି। କୃଷି ବିଭାଗ ରାଜ୍ୟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଭାଗ। ସେଥିପାଇଁ ପୂର୍ବ ବିଜେଡି ସରକାର ସମୟରେ ସ୍ୱତନ୍ତ୍ର କୃଷି ବଜେଟ୍ ଆଗତ ହେଉଥିଲା। ମାତ୍ର ସରକାର ବଦଳିବା ସହ କୃଷକଙ୍କ ପ୍ରତି ସରକାରଙ୍କ ଆଭିମୁଖ୍ୟ ବି ବଦଳି ଯାଇଥିବା ଅଭିଯୋଗ ହୋଇଛି। ବର୍ଷକ ମଧ୍ୟରେ ବଜେଟ ବରାଦ ୨୦ ହଜାର କୋଟି ଟଙ୍କା ବୃଦ୍ଧି କରିଥିବା ବେଳେ କୃଷି ବିଭାଗ ବ୍ୟୟ ଅଟକଳ ମାତ୍ର ୬୮ ଲକ୍ଷ ଟଙ୍କା ଅଧିକ କରାଯିବା ସାଧାରଣରେ ଆଲୋଚନାର ପ୍ରସଙ୍ଗ ହୋଇଛି ।

ସୂଚନାଯୋଗ୍ୟ ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପାଇଁ ବଜେଟରେ ୧୪୭୦୦.୭୧ କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ। ତେବେ ୨୦୨୬-୨୭ ▸ପୃଷ୍ଠା-୭

- ପ୍ରଥମଥର ୧୦ ହଜାର କୋଟି ଟପିଲା ଅବକାରୀ ରାଜସ୍ୱ ଆଦାୟ ଲକ୍ଷ୍ୟ
- ଚଳିତ ବର୍ଷଠାରୁ ପ୍ରାୟ ୧୧୦୦ କୋଟି ଅଧିକ ଟିକସ ଆଦାୟ ଯୋଜନା

---

### ପଶ୍ଚିମବଙ୍ଗ ଏସ୍ଆଇଆର୍‌କୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ନ୍ୟାୟିକ ଅଧିକାରୀ ନିଯୁକ୍ତି କରିବେ କଲକତା ହାଇକୋର୍ଟ

■ ନୂଆଦିଲ୍ଲୀ, ୨୦।୨ (ଏଜେନ୍ସି): ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)କୁ ପଶ୍ଚିମବଙ୍ଗ ଏବଂ ନିର୍ବାଚନ କମିଶନ (ଇସି)ଙ୍କ ମଧ୍ୟରେ ବିବାଦ ଜାରି ରହିଛି। ସୁପ୍ରିମକୋର୍ଟରେ ଉଭୟ ପକ୍ଷଙ୍କ ମଧ୍ୟରେ କଥା କଟାକଟି ଜାରି ରହିଛି। ରାଜ୍ୟ ସରକାର ଏବଂ ଇସି ପରସ୍ପର ଉପରେ ଦୋଷ ଲଦି ଚାଲିଛନ୍ତି। ଏପରି ସ୍ଥଳେ ସର୍ବୋଚ୍ଚ ନ୍ୟାୟାଳୟ ଶୁକ୍ରବାର ଅସାଧାରଣ ନିର୍ଦ୍ଦେଶ ଜାରି କରିଛନ୍ତି। ଏସ୍ଆଇଆର ପ୍ରକ୍ରିୟାରେ ସହଯୋଗ କରିବା ପାଇଁ କଲକତା ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନ୍ୟାୟିକ ଅଧିକାରୀ ନିଯୁକ୍ତି କରିବା ପାଇଁ ମୁଖ୍ୟ ବିଚାରପତି ସୁଜୟ ପାଲଙ୍କୁ କହିଛନ୍ତି। ଏଥିପାଇଁ ବର୍ତ୍ତମାନର ଏବଂ ପୂର୍ବତନ ଜିଲ୍ଲା ଜଜ୍ ମୁତୟନ ହେବେ। ଏମାନେ ଏସଆଇଆର ଦାବି ଏବଂ ଅଭିଯୋଗର ସମାଧାନ କରିବେ। ସେହିପରି ରାଜ୍ୟର ମୁଖ୍ୟ ସଚିବ, ଡିଜିପି ଏବଂ ▸ପୃଷ୍ଠା-୭



- ମୁଖ୍ୟ ସଚିବ, ଡିଜିପି ଓ ଇସି ଅଧିକାରୀଙ୍କ ବୈଠକ ଡାକିବେ ହାଇକୋର୍ଟ
- ସରକାର ଓ ଇସିଙ୍କ ମଧ୍ୟରେ ବିଶ୍ୱସନୀୟତା ନାହିଁ
- ଅସହଯୋଗ ପାଇଁ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କଲେ ସିଜେଆଇ

### ଟ୍ରମ୍ପଙ୍କୁ ଝଟ୍‌କା

# ଟାରିଫ୍ ରଦ୍ଦ କଲେ ଆମେରିକା ସୁପ୍ରିମକୋର୍ଟ

## ରାଷ୍ଟ୍ରପତିଙ୍କର ନାହିଁ ଟାରିଫ୍ ଲଗାଇବାର କ୍ଷମତା

■ ୱାଶିଂଟନ, ୨୦।୨ (ଏଜେନ୍ସି): ମନଇଚ୍ଛା ଶୁଳ୍କ ଲଗାଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ 'ସୁପ୍ରିମ' ପ୍ରହାର ବାଜିଛି। ବିଶ୍ୱବ୍ୟାପୀ ଟ୍ରମ୍ପ ଲଗାଇଥିବା ଶୁଳ୍କ ତଥା ଟାରିଫକୁ ଶୁକ୍ରବାର ଆମେରିକାର ସର୍ବୋଚ୍ଚ ଅଦାଲତ ରଦ୍ଦ କରିଦେଇଛନ୍ତି। ଅନ୍ୟ ଦେଶ ଉପରେ ଲଗା ଯାଇଥିବା ଏହି ଶୁଳ୍କକୁ ବେଆଇନ ଦର୍ଶାଇବା ସହିତ ଶୁଳ୍କ ଲଗାଇବାର କୌଣସି ଅଧିକାର ରାଷ୍ଟ୍ରପତିଙ୍କର ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ତେବେ ଶୁଳ୍କ ଲଗା ଯାଇଥିବା ସବୁ ଦେଶ ସହ ଆମେରିକା ଯୁଦ୍ଧରେ ଲିପ୍ତ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି ଶୁଳ୍କର ପରିସର, ସମୟ ଏବଂ ପରିମାଣର ମଧ୍ୟ କୌଣସି ସୀମା ନାହିଁ। କଂଗ୍ରେସ କ୍ଷମତା ଦେବା ପରେ ଯାଇ ସତର୍କତାର ସହ ଏଭଳି ଶୁଳ୍କ ଲଗାଇବାର ଥିଲା; ମାତ୍ର ରାଷ୍ଟ୍ରପତି ଲଗାଇଥିବା ଶୁଳ୍କରେ ଏଭଳି କିଛି କରାଯାଇ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଅନ୍ୟପଟେ ଶୁଳ୍କ ଉପରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ରାଷ୍ଟ୍ରପତି ଟ୍ରମ୍ପ ସମାଲୋଚନା କରିଛନ୍ତି। ଏହା ଉପରେ ଅସନ୍ତୋଷ ପ୍ରକାଶ କରି ମୋ ପାଖରେ 'ବ୍ୟାକଅପ୍ ପ୍ଲାନ' ତଥା ଅନ୍ୟ ଯୋଜନା ଅଛି ବୋଲି ଟ୍ରମ୍ପ କହିଛନ୍ତି।

ଜରୁରୀକାଳୀନ ସାମ୍ବିଧାନିକ କ୍ଷମତାର ବ୍ୟବହାର କରି ଟ୍ରମ୍ପ ଏହି ଶୁଳ୍କ ଲଗାଇ ଥିଲେ। ଏହି କ୍ଷମତା କେବଳ ଜରୁରୀ ସ୍ଥିତି ସମୟରେ ବ୍ୟବହାର କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଏହି ପରିପ୍ରେକ୍ଷୀରେ ଶୁଳ୍କ ଉପରେ ସୁପ୍ରିମକୋର୍ଟଙ୍କ ଆସନ୍ନ ରାୟକୁ ନେଇ ଟ୍ରମ୍ପ ମଧ୍ୟ ଭୟଭୀତ ଥିଲେ। ଯଦି ମାମଲା ହାରିଯାଏ, ତେବେ ଦେଶ ବର୍ବାଦ ହୋଇଯିବ କହି ଟ୍ରମ୍ପ ସୁପ୍ରିମକୋର୍ଟଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ କୋର୍ଟଙ୍କ ଏହି ନିଷ୍ପତ୍ତି ରାଷ୍ଟ୍ରପତିଙ୍କ ଆର୍ଥିକ ନୀତି ପାଇଁ ଶକ୍ତ ଚାପୁଡ଼ା ସଦୃଶ ହୋଇଛି।

ସୂଚନାଯୋଗ୍ୟ ଯେ ଗତ ବର୍ଷ ଏପ୍ରିଲରେ ଟ୍ରମ୍ପ ରାଷ୍ଟ୍ରୀୟ ସୁରକ୍ଷାକୁ ଆଧାର କରି ବିଶ୍ୱର ଅନେକ ଦେଶରୁ ଆମେରିକାକୁ ଆସୁଥିବା ସାମଗ୍ରୀ ଉପରେ ଶୁଳ୍କ ଲଗାଇଥିଲେ। ମାତ୍ର ଟ୍ରମ୍ପ ଏହି ଶୁଳ୍କ ପାଇଁ ବ୍ୟବହାର କରିଥିବା ନିୟମକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ସେ ଇଣ୍ଟରନ୍ୟାସନାଲ ଏମର୍ଜେନ୍ସି ଇକୋନମିକ୍ ପାୱାର୍ସ ଆକ୍ଟ (ଆଇଇଇପିଏ) ବ୍ୟବହାର କରି ଶୁଳ୍କ ଲଗାଇ ଥିଲେ। ଏହି ଆଇନ ୧୯୭୭ରେ। ଦେଶ ପ୍ରତି ଗମ୍ଭୀର ବିପଦ କିମ୍ବା ଯୁଦ୍ଧ ଭଳି ସ୍ଥିତି, ବିଦେଶୀ ଶତ୍ରୁ ଦ୍ୱାରା ବଡ଼ ଆର୍ଥିକ ବିପଦ ଦେଖାଗଲେ, ଅନ୍ତର୍ଜାତୀୟ ସଙ୍କଟ ସମୟରେ ଏହାକୁ ବ୍ୟବହାର କରାଯାଇଥାଏ। ▸ପୃଷ୍ଠା-୭

- ଟାରିଫ୍ ଲଗାଇବା ପୂର୍ବରୁ ନିଆଯାଇନି କଂଗ୍ରେସର ଅନୁମତି
- ଭାରତ ଉପରେ ଲଗାଯାଇଥିବା ୧୮ ପ୍ରତିଶତ ଶୁଳ୍କ ରଦ୍ଦ
- ରାୟକୁ ଟ୍ରମ୍ପଙ୍କ ସମାଲୋଚନା: 'ବ୍ୟାକଅପ୍ ପ୍ଲାନ' ଅଛି



# ଅଣ୍ଟିରେ ନାହିଁ ଧନ; ପୁଅ ବାହାଘର ପାଇଁ ମନ

ଭୁବନେଶ୍ୱର, ୨୦।୨ (ସମିସ): ବିଧାନସଭାରେ ମୁଖ୍ୟମନ୍ତ୍ରୀ ଉପସ୍ଥାପନ କରିଛନ୍ତି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ । ଏଥିରେ ଅନେକ ନୂଆ ଯୋଜନା ପ୍ରଣୟନ କରିଛନ୍ତି, ବିଭିନ୍ନ କାର୍ଯ୍ୟକ୍ରମ ପ୍ରଚଳନ ପାଇଁ ପ୍ରସ୍ତାବ ରଖିଛନ୍ତି । ମାତ୍ର ଏହି ଯୋଜନା ଓ କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ପାଖରେ ଧନ ନାହିଁ । ରାଜ୍ୟ ସରକାରଙ୍କ ପ୍ରଶାସନିକ ଖର୍ଚ୍ଚ ଅର୍ଥାତ୍ ସରକାରୀ କର୍ମଚାରୀଙ୍କ ଦରମା, ପେନସନ ଓ ଅନ୍ୟାନ୍ୟ ବ୍ୟୟ ପାଇଁ ସରକାର ୧.୯୧ ଲକ୍ଷ କୋଟି ଟଙ୍କା ବରାଦ କରିଛନ୍ତି । ବିଡ଼ମ୍ବନା ହେଉଛି ଏତିକି ବ୍ୟୟ ପାଇଁ ସରକାରଙ୍କ ପାଖରେ ବି ଧନ ନାହିଁ । ନିଜସ୍ୱ ରାଜସ୍ୱ ଓ ଅଣରାଜସ୍ୱ ଆୟରୁ ମାତ୍ର ୧.୪୧ ଲକ୍ଷ କୋଟି ଆୟ ହୋଇପାରିବ ବୋଲି ସରକାର ଆକଳନ କରିଛନ୍ତି । ଅନୁରୂପ ଭାବରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଅନୁଦାନ ବାବଦରେ ସରକାର ୪୦୦୩୯ କୋଟି ଟଙ୍କା ଓ ଟିକସ ଅଂଶ ଭାବରେ ୬୭୪୬୦ କୋଟି ଟଙ୍କା ମିଳିବ । ତେଣୁ ସବୁ ମିଶାଣ ଫେଡ଼ାଣ ପରେ ବଜେଟ ନିଅଣ୍ଟ ପ୍ରାୟ ୬୦ ହଜାର କୋଟି ଟଙ୍କା ହେବ ଏବଂ ଏହି ଅର୍ଥକୁ ଋଣ ଓ ଅନ୍ୟାନ୍ୟ ସୂତ୍ରରୁ ଭରଣା କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ।

## ୨୦୨୬-୨୭ରେ ୪୭,୮୦୦ କୋଟି ଟଙ୍କା ଋଣ କରିବେ ସରକାର

ଆସନ୍ତା ଆର୍ଥିକ ବର୍ଷରେ ସରକାର ଖୋଲାବଜାର ଓ ଅନ୍ୟାନ୍ୟ ସୂତ୍ରରୁ ୪୭୮୦୦ କୋଟି ଟଙ୍କା ଋଣ କରିବେ ବୋଲି ବଜେଟ୍ ପୁସ୍ତିକାରେ ସୂଚନା ଦିଆଯାଇଛି । ସେହିପରି ପ୍ରୋଭିଡ଼େଣ୍ଟ ଫଣ୍ଡ ଓ ଅନ୍ୟାନ୍ୟ ସୂତ୍ରରୁ ୧୩୦୦୦ କୋଟି ଟଙ୍କା ସରକାର ଆହରଣ କରିବେ । ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟ ସରକାର ଆଗାମୀ ବର୍ଷ ନିଜସ୍ୱ ସୂତ୍ରରୁ ୭୦ ହଜାର କୋଟି ଟଙ୍କା ରାଜସ୍ୱ ପାଇବେ । ସେହିପରି ଅଣରାଜସ୍ୱ ସୂତ୍ରରୁ ୭୧ ହଜାର କୋଟି ଟଙ୍କା, କେନ୍ଦ୍ରୀୟ ଟିକସ ଅଂଶ ଓ କେନ୍ଦ୍ରୀୟଅନୁଦାନ ବାବଦରେ୧ଲକ୍ଷ ୭ ହଜାର କୋଟି ଟଙ୍କା ପାଇବେ ବୋଲି ଆକଳନ କରିଛନ୍ତି । ଏହାବ୍ୟତୀତ ଅଗ୍ରୀମ ସୂତ୍ରରୁ ୭୦୦ କୋଟି ଟଙ୍କା ପାଇବେ ବୋଲି ହିସାବ ରଖିଛନ୍ତି ।

### ୩ଟି ବଜେଟରେ ୧ଲକ୍ଷ ୩୭ ହଜାର ୮୦୦ କୋଟି ଋଣ ଯୋଜନା

### ୨୪ ବର୍ଷରେ ୭୮ ହଜାର କୋଟି ଋଣ କରିଥିଲା ବିଜେଡି ସରକାର

୨୦୦୦ ମସିହାରେ ବିଜେଡି ସରକାର କ୍ଷମତାକୁ ଆସିବା ସମୟରେ ଓଡ଼ିଶାର ଋଣ ଭାର ୧୮ ହଜାର କୋଟି ଟଙ୍କା ଥିଲା । ୨୪ ବର୍ଷ ଭିତରେ ସରକାର ୭୮ ହଜାର କୋଟି ଟଙ୍କା ଋଣ କରିଥିଲେ । ୨୦୨୪ରେ ବିଜେଡି ସରକାର ଛାଡ଼ିବା ବେଳେ ରାଜ୍ୟର ଋଣ ଭାର ଥିଲା ୯୪ ହଜାର କୋଟି । ରାଜ୍ୟରେ ବିଜେପି ସରକାର ଗଡ଼ିବା ପରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୩ ହଜାର କୋଟି ଟଙ୍କା ଋଣ କରିବାକୁ ନିଷ୍ପତ୍ତି ନେଇଥିଲେ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ୪୭ ହଜାର କୋଟି ଋଣ କରିବାକୁ ବଜେଟରେ ବ୍ୟବସ୍ଥା କରିଥିଲେ । ଆଗାମୀ ଆର୍ଥିକ ବର୍ଷ ପାଇଁ ୪୮୭୦୦ କୋଟି ଟଙ୍କା ଋଣ କରିବାକୁ ବଜେଟରେ ସରକାର ଯୋଜନା କରିଛନ୍ତି । ଏକପକ୍ଷରେ ରାଜସ୍ୱ ଆୟ ବୃଦ୍ଧି ପାଉ ନ ଥିବା ସମୟରେ ଋଣଭାର ବୃଦ୍ଧି ରାଜ୍ୟ ଉପରେ ବୋଝ ହେବାକୁ ଯାଉଛି ।

ଅର୍ଥନୀତି ବିଶାରଦମାନେ ରାଜ୍ୟ ସରକାରଙ୍କ ଏପରି କାର୍ଯ୍ୟକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି । ଯଦି ସରକାର ବଜେଟ ପାଣ୍ଠି ଭଲ ଭାବେ ବ୍ୟୟ କରୁଛନ୍ତି ଏବଂ ତା ସହିତ ଋଣ କରୁଛନ୍ତି ତା ହେଲେ ବିକାଶ ତ୍ୱରାନ୍ୱିତ ହେବ । କିନ୍ତୁ ଚଳିତ ଆର୍ଥିକ ବର୍ଷରେ ବଜେଟ ବ୍ୟୟ ନୈରାଶ୍ୟଜନକ ରହିଥିବା ବେଳେ ପୂର୍ବାପେକ୍ଷା ଅଧିକ ଋଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ବିତ୍ତୀୟ ପରିଚାଳନାରେ ସମଗ୍ର ଦେଶରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ଆସୁଥିବା ଓଡ଼ିଶା ପୁଣି ୨୦୦୦ ମସିହା ପୂର୍ବକୁ ଫେରିଯିବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରୁଛନ୍ତି । ହାତରେ ଧନ ନ ଥାଇ ପୁଅ ବାହାଘରକୁ ମନ କରିବା ପରି ଆବଶ୍ୟକ ଆୟ ସାଧନ ନ ଥିବା ସତ୍ତ୍ୱେ ସରକାର ମାଳମାଳ ଯୋଜନା କରି ଚାଲିଛନ୍ତି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି ।

## ଖଣି, ଅବକାରୀ, ବିକ୍ରି କର ଭରସା

ଭୁବନେଶ୍ୱର, ୨୦।୨ (ସମିସ): ଆଗାମୀ ଆର୍ଥିକ ବର୍ଷରେ ରାଜ୍ୟ ସରକାର କେବଳ ଖଣି ଓ ଅବକାରୀରୁ ୬୩୯୦୦ କୋଟି ଟଙ୍କା ଟିକସ ଆଦାୟ ଲକ୍ଷ୍ୟ ରଖିଛନ୍ତି । ସେହିପରି ବିକ୍ରିକରରୁ ୧୬ ହଜାର କୋଟି ଓ ଏସ୍‌ଜିଏସ୍‌ଟିରୁ ୨୯୫୦୦ କୋଟି ଟଙ୍କା ସରକାର ଆଦାୟ କରିବେ । ରାଜ୍ୟ ସରକାର ନିଜସ୍ୱ ରାଜସ୍ୱ ଓ ଅଣ ରାଜସ୍ୱ ବାବଦରେ ମୋଟ ୧.୪୧ ଲକ୍ଷ କୋଟି ଟଙ୍କା ପାଇବେ ବୋଲି ଆଶା କରିଥିବାବେଳେ ଖଣି, ଅବକାରୀ, ବିକ୍ରିକର ଓ ଏସ୍‌ଜିଏସ୍‌ଟିରୁ ମୋଟ ରାଜସ୍ୱରୁ ୮୦ ପ୍ରତିଶତ ଆଦାୟ ହେବ । ଖଣିରୁ ରାଜ୍ୟ ସରକାର ଆଗାମୀ ବର୍ଷ ୫୩୦୦୦ କୋଟି ଟଙ୍କା ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଛନ୍ତି ସେହିପରି ଅବକାରୀରୁ ସରକାର ୧୦୯୦୦ କୋଟି ଟଙ୍କା ପାଇବେ ବୋଲି ସରକାର ଆକଳନ କରିଛନ୍ତି ଏହାବ୍ୟତୀତ ମୋଟରଗାଡ଼ି ଟିକସରୁ ୩୬୦୦ କୋଟି, ଷ୍ଟାମ୍ପ ଓ ରେଜିଷ୍ଟ୍ରେସନ ଫି ବାବଦରେ ୩୪୦୦ କୋଟି, ଅନ୍ୟ ଟିକସ ଓ ବିଦ୍ୟୁତରୁ ୫୧୦୦ କୋଟି ଟଙ୍କା ମିଳିବ ବୋଲି କୁହାଯାଇଛି । ବିଭିନ୍ନ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପରୁ ୧୪୨୧ କୋଟି ଟଙ୍କା ମିଳିବ ବୋଲି ବଜେଟ୍‌ରେ କୁହାଯାଇଛି ।

**ଖଣିରୁ ୫୩,୦୦୦ କୋଟି ଓ ଅବକାରୀରୁ ୧୦,୯୦୦ କୋଟି ଟିକସ ଆଦାୟ ଲକ୍ଷ୍ୟ**

**ବିକ୍ରି କରରୁ ୧୬ ହଜାର କୋଟି, ଏସ୍‌ଜିଏସ୍‌ଟିରୁ ୨୯,୫୦୦ କୋଟି ଟଙ୍କାର ରାଜସ୍ୱ**

## ୨୦୩୬ ସୁଦ୍ଧା ୫୦୦ ବିଲିୟନ୍ ଡଲାର୍‌ର ଅର୍ଥନୀତି

ଭୁବନେଶ୍ୱର, ୨୦।୨(ସମିସ): ବିକଶିତ ଓଡ଼ିଶା ଭିଜନ୍ ଅନୁସାରେ ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ୍ ଡଲାରର ଅର୍ଥନୀତିରେ ପରିଣତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିରେ ଆଗାମୀ ପିଢ଼ିର ଆବଶ୍ୟକତା ପୂରଣ କରିବା ପାଇଁ ଭୁବନେଶ୍ୱରରେ କେତେକ



### ନିର୍ମାଣ ହେବ ନୂତନ ସରକାରୀ କୋଠା

ନୂତନ ସରକାରୀ କୋଠା ନିର୍ମାଣ କରିବା ନେଇ ଯୋଜନା ବଜେଟ୍‌ରେ ରଖାଯାଇଛି। ଏହି ଅନୁଯାୟୀ, ଏକ ଜନଆଶ୍ରୟ ଭବନ ନିର୍ମାଣ ହେବ। ଜନ ଆଶ୍ରୟ ଭବନ ନିର୍ମାଣ ପ୍ରସ୍ତାବ ଅଧୀନର ରାଜଧାନୀରେ ଏକ ଅତିଥି ଗୃହ ତିଆରି କରାଯିବ। ଏହା ବିଭିନ୍ନ କାର୍ଯ୍ୟ ପାଇଁ ରାଜ୍ୟ ରାଜଧାନୀକୁ ଆସୁଥିବା ଲୋକମାନଙ୍କ ଆବଶ୍ୟକତା ପୂରଣ କରିବ। ଏହାବାଦ୍ ନୂତନ ରାଜ୍ୟ ବିଧାନସଭା ସୌଧ, ନୂତନ ସଚିବାଳୟ ଭବନ, ବିଶ୍ୱମାନର ନୂତନ ସଂଗ୍ରହାଳୟ ଏବଂ ଓଡ଼ିଶା ମଣ୍ଡପମ୍ ନିର୍ମାଣ କରାଯିବ।

## ପୁରୀରେ ହେବ 'ଶାମୁକା' ପ୍ରକଳ୍ପ

ଭୁବନେଶ୍ୱର, ୨୦।୨ (ସମିସ): ଚଳିତଥର ବଜେଟରେ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଅନେକ ପଦକ୍ଷେପ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପର୍ଯ୍ୟଟନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ଆଣିବା ପାଇଁ ପୁରୀରେ 'ଶାମୁକା' ପ୍ରକଳ୍ପ ଏବଂ ହୀରାକୁଦକୁ ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ଚିହ୍ନଟ କରାଯାଇଛି। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟକୁ ନୈସର୍ଗିକ ବେଳାଭୂମିର ଅନୁଭୂତି ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ସହ ଏକ ବିଶ୍ୱମାନର ଉପକୂଳ ପର୍ଯ୍ୟଟନ ଗନ୍ତବ୍ୟ ଭାବେ ପରିଣତ କରିବା ପାଇଁ ପ୍ରାୟ ୧୫ ଶହ ଏକର ପରିମିତ ଅଞ୍ଚଳରେ 'ଶାମୁକା ପ୍ରକଳ୍ପ'ର ପରିକଳ୍ପନା କରାଯାଇଛି।

- 'ଚିଲିକା ପୁନରୁଦ୍ଧାର' ଯୋଜନା
- ବାରିପଦାରେ ପ୍ରତିଷ୍ଠା ହେବ ମୟୂରଭଞ୍ଜ ଛଉ ଏକାଡେମୀ

ସେହିପରି ହୀରାକୁଦର ସମନ୍ୱିତ ପର୍ଯ୍ୟଟନ ବିକାଶର ଲକ୍ଷ୍ୟ ହେଉଛି ଡ୍ୟାମ୍ ଅଞ୍ଚଳ, ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ, ଦ୍ୱୀପ ସମୂହ ଏବଂ ଆଖପାଖ ଜିଲ୍ଲାଗୁଡ଼ିକୁ ଅନ୍ତର୍ଭୁକ୍ତ କରି ଏକ ବ୍ୟାପକ ମାଷ୍ଟରପ୍ଲାନ୍ ମାଧ୍ୟମରେ ଏହି ଅଞ୍ଚଳକୁ ଏକ ସ୍ଥାୟୀ, ବିଶ୍ୱସ୍ତରୀୟ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳରେ ପରିଣତ କରିବା। ଜଳଭଣ୍ଡାର କ୍ଷେତ୍ର ବିକାଶ ପାଇଁ ୯୯ କୋଟି ଟଙ୍କା ପୂର୍ବରୁ ଅନୁମୋଦନ କରାଯାଇଛି। 'ଚିଲିକା ପୁନରୁଦ୍ଧାର' ନାମରେ ଏକ ନୂତନ ଯୋଜନା ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ। ଭୁବନେଶ୍ୱରରେ ଏକ ବିଶ୍ୱମାନର ସଂଗ୍ରହାଳୟ ନିର୍ମାଣ କରାଯିବ। ସାମରିକ କଳା କୌଶଳ 'ଛଉ' ଆମର ଗର୍ବ। ଏହାକୁ ନଜରରେ ରଖି ବାରିପଦାଠାରେ 'ମୟୂରଭଞ୍ଜ ଛଉ ଏକାଡେମୀ' ପ୍ରତିଷ୍ଠା କରାଯିବ। ଏଥିପାଇଁ ବଜେଟରେ ୧୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

## ଆରମ୍ଭ ହେବ 'ରାଜ୍ୟ ଏଆଇ ମିଶନ୍'

ବଜେଟରେ ରାଜ୍ୟ ସରକାର ଏକ ନୂତନ ମିଶନ୍ ଆରମ୍ଭ କରିଛନ୍ତି। ଆରମ୍ଭ ହେବ ରାଜ୍ୟ ଏଆଇ ମିଶନ୍। ଏଥିପାଇଁ ବଜେଟରେ ୨୩କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିରେ ଏଆଇକୁ ଶାସନ ଏବଂ ସେବା ବିତରଣରେ ଏକୀକରଣ କରିବା ଦିଗରେ ବିଭିନ୍ନ ବିଭାଗଗୁଡ଼ିକୁ ସାହାଯ୍ୟ କରିବ, ଯାହା ରାଜ୍ୟ ଶାସନ ବ୍ୟବସ୍ଥାର ଦକ୍ଷତା, ସଠିକତା ଏବଂ ସମ୍ବେଦନଶୀଳତା ବୃଦ୍ଧି ପାଇଁ ଜରୁରୀ। ଏହା ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣକୁ ସକ୍ଷମ କରି ସାର୍ବଜନୀନ ସେବା କ୍ଷେତ୍ରରେ ଉନ୍ନତି ଆଣିବ।

### ବଜେଟର ଗତି

| ବିଭାଗ/ବର୍ଷ | ୨୦୨୪-୨୫ (କାମଚଳା) | ୨୦୨୪-୨୫ (ପୂର୍ଣ୍ଣାଙ୍ଗ) | ୨୦୨୫ | ୨୦୨୬ |
|---|---|---|---|---|
| ଗୃହ | ୮୬୪୧.୨୭ | ୮୯୯୪ | ୧୦୭୫୯.୯ | ୧୧୦୨୮.୫୬ |
| ସାଧାରଣ ପ୍ରଶାସନ | ୬୯୫.୭୨ | ୭୩୨ | ୭୪୦.୭୮ | ୮୦୫.୧୧ |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | ୧୭୫୧.୪୪ | ୧୭୬୯ | ୧୯୧୩.୨୮ | ୨୨୭୧.୬୪ |
| ଅର୍ଥ | ୬୬୩୨୧.୮୯ | ୫୯୩୧୨ | ୬୩୫୧୧.୯ | ୬୫୨୯୫.୨୭ |
| ବାଣିଜ୍ୟ | ୧୯୫.୮୯ | ୨୦୩ | ୩୦୮.୮୧ | ୩୧୭.୦୦ |
| ଆଇନ | ୯୧୫.୪୨ | ୧୫୯୦ | ୧୦୫୯.୪ | ୧୦୯୪.୪୧ |
| ପୂର୍ତ୍ତ | ୧୦୯୫୦ | ୧୦୭୫୦ | ୧୨୦୦୦ | ୧୩୪୫୧.୦୦ |
| ଓଡ଼ିଶା ବିଧାନସଭା | ୮୫.୯୮ | ୮୬ | ୧୪୪.୬୨ | ୧୪୭.୪୦ |
| ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ | ୧୩୦୭.୭୫ | ୧୩୦୮ | ୧୫୨୭.୭୭ | ୧୫୩୭.୨୦ |
| ବିଦ୍ୟାଳୟ ଓ ଗଣଶିକ୍ଷା | ୨୪୭୬୪.୨୮ | ୨୬୩୯୧ | ୩୧୧୮୫.୪୭ | ୩୧୯୯୭.୫୩ |
| ଏସ୍‌ସି, ଏସ୍‌ଟି, ପଛୁଆବର୍ଗ ଓ ସଂଖ୍ୟାଲଘୁ | ୫୫୪୪.୧୮ | ୫୭୫୦ | ୬୪୩୬.୧୦ | ୬୬୪୯.୩୩ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୧୯୭୨୯.୩୩ | ୨୦୮୩୭ | ୨୨୭୪୧.୨୧ | ୨୩୧୮୨.୧୪ |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୯୮୬୮.୩୮ | ୯୬୦୩ | ୯୯୭୩.୫୭ | ୨୩୧୮୨.୧୪ |
| ଶ୍ରମ ଓ ନିଯୁକ୍ତି ରାଜ୍ୟ ବୀମା | ୩୧୦.୨୨ | ୩୧୮ | ୩୭୩.୨୨ | ୩୮୫.୦୩ |
| କ୍ରୀଡ଼ା ଓ ଯୁବସେବା | ୧୩୦୪.୯୫ | ୧୩୧୫ | ୧୩୧୯.୭୯ | ୧୩୫୯.୨୯ |
| ଯୋଜନା ଓ ସମନ୍ୱୟ | ୨୨୦୪୩.୪୪ | ୨୦୧୮ | ୨୮୦୮.୨୨ | ୩୪୩୭.୫୭ |
| ପଞ୍ଚାୟତିରାଜ | ୨୨୫୪୩.୩୩ | ୨୬୪୬୬ | ୨୮୪୫୧.୩୧ | ୩୪୦୦୪.୦୬ |
| ସାଧାରଣ ଅଭିଯୋଗ ଓ ପେନ୍‌ସନ | ୨.୮୦ | ୩ | ୨.୯୬ | ୩.୧୧ |
| ଶିଳ୍ପ | ୮୦୭.୬୩ | ୮୦୮ | ୮୦୫.୧୫ | ୧୨୦୭.୫୦ |
| ଜଳସମ୍ପଦ | ୧୩୨୬୭.୪୦ | ୧୩୨୭୨ | ୧୪୮୯୪.୨୧ | ୧୬୪୮୮.୯୨ |
| ପରିବହନ | ୩୦୯୬.୯୨ | ୩୭୪୨ | ୩୭୯୪.୮୮ | ୪୦୭୯.୮୧ |
| ଜଙ୍ଗଲ ଓ ପରିବେଶ | ୧୨୧୯.୩୧ | ୧୪୧୮ | ୧୪୯୧.୪୯ | ୧୯୧୬.୦୫ |
| କୃଷି ଓ କୃଷକ ସଶକ୍ତିକରଣ | ୭୯୨୩.୮୭ | ୧୨୯୨୬ | ୧୪୭୦୦.୭୧ | ୧୪୭୦୧.୩୯ |
| ଇସ୍ପାତ ଓ ଖଣି | ୪୬୪.୪୬ | ୪୫୬ | ୪୦୪.୩୯ | ୩୬୫.୧୧ |
| ସୂଚନା ଓ ଲୋକସମ୍ପର୍କ | ୧୪୫.୮୦ | ୧୫୬ | ୧୬୦.୭୦ | ୧୬୬.୫୪ |
| ଅବକାରୀ | ୨୩୦.୨୨ | ୨୪୧ | ୨୪୪.୯୯ | ୨୮୨.୧୬ |
| ବିଜ୍ଞାନ ଓ ବୈଷୟିକ | ୧୨୬.୦୬ | ୧୨୨ | ୩୫୩.୨୨ | ୩୫୩.୪୫ |
| ଗ୍ରାମ୍ୟ ଉନ୍ନୟନ | ୯୩୩୦.୦୦ | ୯୪୫୬ | ୧୦୦୨୦.୧୨ | ୧୦୨୦୪.୬୦ |
| ସଂସଦୀୟ ବ୍ୟାପାର | ୮୫.୦୪ | ୮୫ | ୬୪.୬୧ | ୬୪.୯୨ |
| ଶକ୍ତି | ୩୩୫୧.୭୨ | ୩୩୫୫ | ୩୯୬୨.୩୩ | ୪୫୯୬.୭୦ |
| ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ | ୨୬୧.୬୧ | ୨୬୨ | ୨୬୬.୫୮ | ୩୮୨.୩୫ |
| ପର୍ଯ୍ୟଟନ | ୮୧୭.୯୫ | ୮୧୮ | ୮୨୦.୦୮ | ୧୦୨୨.୭୫ |
| ମତ୍ସ୍ୟ ଓ ପଶୁସମ୍ପଦ | ୧୯୩୭.୬୫ | ୧୮୯୬ | ୧୯୦୯.୧୨ | ୨୦୧୯.୩୫ |
| ସମବାୟ | ୨୧୦୭.୯୯ | ୨୧୧୬ | ୨୨୭୬.୯୬ | ୨୩୩୪.୪୬ |
| ସାଧାରଣ ଉଦ୍ୟୋଗ | ୧୧.୫୪ | ୧୨ | ୧୧.୦୪ | ୧୧.୦୦ |
| ମହିଳା ଓ ଶିଶୁକଲ୍ୟାଣ | ୫୦୧୫.୧୫ | ୧୫୧୮୧ | ୧୫୨୨୨.୮୫ | ୧୬୧୫୨.୯୩ |
| ସୂଚନା ଓ ପ୍ରଯୁକ୍ତିବିଦ୍ୟା | ୩୭୩.୮୩ | ୫୦୯ | ୬୮୮.୮୩ | ୧୧୦୮.୦୨ |
| ଉଚ୍ଚଶିକ୍ଷା | ୩୪୬୯.୮୩ | ୩୪୭୮ | ୩୬୫୫.୮୩ | ୩୬୬୪.୪୦ |
| ଦକ୍ଷତା ବୃଦ୍ଧି ଓ ବୈଷୟିକ ଶିକ୍ଷା | ୧୫୮୨.୭୬ | ୧୫୮୩ | ୧୭୮୪.୫୪ | ୧୮୨୩.୧୧ |
| ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୭୪୭.୧୫ | ୭୪୭ | ୭୫୮.୮୬ | ୭୬୨.୭୮ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ | ୪୬୯୮.୯୦ | ୭୭୧୦ | ୯୧୨୦.୬୬ | ୯୬୧୦.୮୫ |
| ବିପର୍ଯ୍ୟୟ ପରିଚାଳନା | ୩୯୭୦.୨୯ | ୪୦୨୩ | ୪୦୪୯.୮୫ | ୫୫୫୮.୦୭ |
| ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି | ୨୧୯.୮୨ | ୪୨୦ | ୪୮୧.୮୩ | ୬୧୪.୯୭ |
| ମିଶନ ଶକ୍ତି | ୨୭୬୦ | ୨୭୬୨ | ୨୭୭୪.୭୩ | ୨୮୦୪.୨୩ |
| ମୋଟ (କୋଟି ଟଙ୍କା) | ୨୫୫୦୦୦ | ୨୬୫୦୦୦ | ୨୯୦୦୦୦ | ୩୧୦୦୦୦ |


## ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ରର ଶୁଭାରମ୍ଭ

ଚଳିତ ବଜେଟରେ ରାଜ୍ୟର ବିକାଶ ପାଇଁ ଅର୍ଥନୈତିକ କ୍ଷେତ୍ର ଯୋଜନାର ଶୁଭାରମ୍ଭ ନେଇ ଘୋଷଣା କରିଛନ୍ତି ସରକାର। ରାଜ୍ୟ ସରକାର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର(ବିସିପିପିଇଆର) ପାଇଁ ଅର୍ଥନୈତିକ ଯୋଜନା ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ରକୁ ମଡେଲ୍ ଭାବେ ଗ୍ରହଣ କରି ପର୍ଯ୍ୟାୟକ୍ରମେ ତିନୋଟି ଅତିରିକ୍ତ ଅର୍ଥନୈତିକ କ୍ଷେତ୍ର ଯଥା ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର, ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଏବଂ ଜୟପୁର-କୋରାପୁଟ-ସୁନାବେଡ଼ାକୁ ଅର୍ଥନୈତିକ କ୍ଲଷ୍ଟର ଭାବେ ପରିଣତ କରାଯିବ।

## ଶ୍ରୀମନ୍ଦିର ପାଇଁ ଅନଲାଇନ୍ ଦାନ ପ୍ଲାଟଫର୍ମ 'ସମର୍ପଣ'

ବଜେଟ୍ ଆରମ୍ଭରୁ ହିଁ ମହାପ୍ରଭୁ ଜଗନ୍ନାଥ ଓ ପୁରୀ ସହ ଜଡ଼ିତ ବିକାଶ ପ୍ରକଳ୍ପ ବାବଦରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ବିକାଶ ପ୍ରକଳ୍ପ ପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସମଗ୍ର ବିଶ୍ୱରୁ ଶ୍ରଦ୍ଧାଳୁମାନେ ମହାପ୍ରଭୁ ଜଗନ୍ନାଥଙ୍କୁ କୌଣସି ସାମଗ୍ରୀ କିମ୍ବା ରାଶି ଦାନ କରି କାର୍ଯ୍ୟ କରିବାକୁ ଶୁଭ ମନେ କରିଥା'ନ୍ତି। ଏଥିପାଇଁ ରାଜ୍ୟ ସରକାର ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ ପାଇଁ 'ସମର୍ପଣ' ନାମରେ ଏକ ସୁରକ୍ଷିତ ଅନ୍‌ଲାଇନ୍ ଦାନ ପ୍ଲାଟଫର୍ମ ଡିଜିଟାଲ୍ ହୁଣ୍ଡି ପ୍ରଚଳନ କରିଛନ୍ତି। ଏହି ପ୍ଲାଟଫର୍ମ ଶ୍ରୀମନ୍ଦିର ପ୍ରଶାସନର ସରକାରୀ ପୋର୍ଟାଲ ସହ ସମନ୍ୱିତ ଏକୀକୃତ ପ୍ରବେଶପଥ ମାଧ୍ୟମରେ ଭାରତ ତଥା ବିଦେଶର ଭକ୍ତମାନଙ୍କୁ ଶ୍ରୀମନ୍ଦିର ସହ ସଂଯୋଗ କରିବ। ସହଜ ସୁବିଧା ପାଇଁ ଏଥିରେ ବହୁବିଧ ଦେୟ ସୁବିଧା ରହିଛି। ଏହାସହ, ବଜେଟ୍‌ରେ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପାଇଁ ୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

### ରତ୍ନଭଣ୍ଡାର ଗଣତିମଣତି ପାଇଁ ୫ କୋଟି



## 'ସମୃଦ୍ଧ କୃଷକ' ପାଇଁ ୬,୦୮୮ କୋଟି

ଭୁବନେଶ୍ୱର, ୨୦।୨ (ସମିସ): ୨୦୨୬-୨୭ ଆର୍ଥିକ ବର୍ଷର ବଜେଟରେ ରାଜ୍ୟ ସରକାର କୃଷି ଓ କୃଷକଙ୍କ ବିକାଶ ପାଇଁ ଅନେକ ବଡ଼ ଘୋଷଣା କରିଛନ୍ତି। କୃଷକଙ୍କ ଆୟବୃଦ୍ଧିକୁ ସୁନିଶ୍ଚିତ କରିବା ଲାଗି 'ସମୃଦ୍ଧ କୃଷକ' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହା ଅଧୀନରେ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ମୂଲ୍ୟରେ ଧାନ କ୍ରୟର ସୁବିଧା ଯୋଗାଇ ଦିଆଯାଉଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଏହି ଯୋଜନା ଅଧୀନରେ ୬ ହଜାର ୮୮କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖାଯାଇଛି। ରାଜ୍ୟରେ ଆସନ୍ତା ୩ବର୍ଷ ମଧ୍ୟରେ ପ୍ରାୟ ୧୧ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ ପ୍ରସ୍ତାବ ରହିଛି। ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ପାଇଁ ବଜେଟ୍‌ରେ ୨୦୩୦କୋଟି ଟଙ୍କାର ପ୍ରସ୍ତାବ ରହିଛି।

ଶ୍ରୀ ଅନ୍ନ ଅଭିଯାନ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୪ଶହ କୋଟି ଟଙ୍କାର ବ୍ୟବସ୍ଥା ରହିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଧାନ ଉପରେ ଅତ୍ୟଧିକ ନିର୍ଭରଶୀଳତାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଜଳବାୟୁ ସହନଶୀଳ କୃଷିକୁ ପ୍ରାଥମିକତା ଦେଇ ବିଭିନ୍ନ କିସମର ଡାଲି, ତୈଳବୀଜ ଏବଂ ଦେଶୀ ସୁଗନ୍ଧିତ ଓ ଅଣସୁଗନ୍ଧିତ ଧାନ ଚାଷକୁ ପ୍ରୋତ୍ସାହିତ କରାଯାଉଛି। ଏଥିଲାଗି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧକରଣ କାର୍ଯ୍ୟକ୍ରମ, ସ୍ୱଦେଶୀ ପ୍ରଜାତିର ଧାନକୁ ପ୍ରୋତ୍ସାହନ ଏବଂ ଅମଳ ପରବର୍ତ୍ତୀ ଧାନ ପଡ଼ିଆର ବ୍ୟାପକ ପରିଚାଳନା ପାଇଁ ମୋଟ ୪ଶହ ୬୯ କୋଟି ଟଙ୍କାର ବ୍ୟୟ ବରାଦ ରହିଛି। ୬ଟି ଜିଲ୍ଲାରେ କଫି ଚାଷ ପାଇଁ ୧ଶହ ୫୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ପ୍ରଯୁକ୍ତିବିଦ୍ୟା ଦ୍ୱାରା ଉନ୍ନତ ଆଖୁ ଚାଷ ପାଇଁ ୨୭କୋଟି ଟଙ୍କା ଏବଂ ବଳଭଦ୍ର ଜୈବିକ ଚାଷ ମିଶନ ନିମନ୍ତେ ୨୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। କୃଷି ଉପକରଣର ଲୋକପ୍ରିୟତା ଯୋଜନା ଅଧୀନରେ କୃଷି ଯାନ୍ତ୍ରିକୀକରଣ ନିମନ୍ତେ ୪୦୦ କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରହିଛି। ରାଜ୍ୟ କୃଷିନୀତିରେ କୃଷି ଉଦ୍ୟୋଗ ଏବଂ କୃଷି ସେବା କେନ୍ଦ୍ରଗୁଡ଼ିକୁ ପୁଞ୍ଜିନିବେଶ ସହାୟତା ବାବଦକୁ ୪ଶହ ୪୧କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି।

## ଏଥର ବି ଭୁଲିଗଲେ ୩୦୦୦ ଟଙ୍କା ଭତ୍ତା

ଭୁବନେଶ୍ୱର, ୨୦।୨ (ସମିସ): ପ୍ରଥମଥର ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାର ବିଧାନସଭାରେ ଉପସ୍ଥାପନ କରିଛି ନିଜ ସରକାରଙ୍କ ୩ୟ ବଜେଟ୍। ମାତ୍ର ୨୦୨୪ ନିର୍ବାଚନ ସମୟରେ ରାଜ୍ୟର ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ ଓ ବୃଦ୍ଧାଙ୍କ ପେନସନ୍ ୩୦୦୦ ଟଙ୍କାକୁ ବୃଦ୍ଧି ନିମନ୍ତେ ଦେଇଥିବା ପ୍ରତିଶ୍ରୁତି ଏଯାଏ ପୂରଣ ହୋଇ ପାରିଲା ନାହିଁ । ପୂର୍ବ ଦୁଇଟି ବଜେଟରେ ଏଥିପାଇଁ ଅର୍ଥ ବରାଦ କରାଯାଇ ନ ଥିଲା, ତେଣୁ ନିଜ ପ୍ରତିଶ୍ରୁତି ଅନୁସାରେ ୨୦୨୬-୨୭ ଆର୍ଥିକ ବର୍ଷରେ ବୃଦ୍ଧ ଓ ବୃଦ୍ଧାଙ୍କୁ ୩୦୦୦ ଟଙ୍କା ଭତ୍ତା ମିଳିବ ବୋଲି ସେମାନେ ଆଶା ରଖିଥିଲେ। ବଜେଟରେ ଏ ବାବଦରେ କୌଣସି ପ୍ରାବଧାନ କରାଯାଇ ନଥିବା ରାଜ୍ୟର ଲକ୍ଷଲକ୍ଷ ହିତାଧିକାରୀଙ୍କୁ ନିରାଶ କରିଛି।



## କ୍ଷୁଦ୍ର ଉଦ୍ୟୋଗୀଙ୍କ ପାଇଁ 'ଉଦ୍ୟମୀ' ଯୋଜନା

ଆସନ୍ତା ଦୁଇବର୍ଷ ମଧ୍ୟରେ ମୋଟ ୪୦କୋଟି ଟଙ୍କାର ବ୍ୟୟବରାଦ ସହିତ ୬ ହଜାର କ୍ଷୁଦ୍ର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ 'ଉଦ୍ୟମୀ' ନାମରେ ଏକ ନୂତନ ଯୋଜନା ପାଇଁ ପ୍ରସ୍ତାବ ରହିଛି। ଏହି ଯୋଜନାରେ ସଂରଚନା ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ, ଆନୁଷ୍ଠାନିକ ଋଣ ପାଇବା ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି, ସ୍ଥାୟୀ ଉଦ୍ୟୋଗ ସୃଷ୍ଟିକୁ ସକ୍ଷମ କରିବା ପାଇଁ ମାର୍ଗଦର୍ଶନ ଏବଂ ପ୍ରତ୍ୟକ୍ଷ ସହାୟତା ଅନ୍ତର୍ଭୁକ୍ତ। ଓଡ଼ିଶାର ଦ୍ରୁତଗତିରେ ବୃଦ୍ଧି ପାଇଥିବା ଖଣି ଓ ଧାତୁ କ୍ଷେତ୍ରରେ କୁଶଳୀ ପେସାଦାରଙ୍କ ବର୍ଦ୍ଧିତ ଚାହିଦାକୁ ସ୍ମରଣ କରିବା ପାଇଁ କେନ୍ଦୁଝରସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜରେ ଖଣି ଏବଂ ଧାତୁ ବିଜ୍ଞାନ କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦିଆଯାଇଛି। ଟେକ୍ନୋଲୋଜିକାଲ ବିଶ୍ୱବିଦ୍ୟାଳୟ ତଥା ଇଞ୍ଜିନିୟରିଂ କଲେଜଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୨୦୨୬-୨୭ ବଜେଟ୍‌ରେ ମୋଟ ୨୩୫କୋଟି ଟଙ୍କା ବରାଦ କରାଯାଇଛି। ସେହିଭଳି, ଭୁବନେଶ୍ୱରରେ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଓ ଗବେଷଣା ବିଶ୍ୱବିଦ୍ୟାଳୟ ଏବଂ ବୁର୍ଲା ବୀରସୁରେନ୍ଦ୍ର ସାଏ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତା' ସହ ପାରାଦୀପ ଓ ବଲାଙ୍ଗୀରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ସ୍ଥାପନ କରିବା ପ୍ରସ୍ତାବ ରଖିଛନ୍ତି।

### ଛତ୍ରପୁରରେ ଚାଞ୍ଚଲ୍ୟ

## ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା

ଛତ୍ରପୁର, ୨୦।୨ (ସମିସ): ଛତ୍ରପୁର ଥାନା ରିକାପଲ୍ଲୀ ରେଳ ଫାଟକ ନିକଟରେ ବୁଧବାର ବିଳମ୍ବିତ ରାତିରେ ସଂଘବଦ୍ଧ ଭାବେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ, ସାହେବଜନାପଲ୍ଲୀ ଗ୍ରାମର ଆର୍. ରାଜା ରାଓ (୨୮)। ବୁଧବାର ରାତିରେ ରାଜା ରିକାପଲ୍ଲୀ ଗେଟ୍ ନିକଟ ଏକ ଚିକେନ ଦୋକାନ ପାଖରେ ବସିଥିବା ବେଳେ କିଛି ଦୁର୍ବୃତ୍ତ ସେଠାରେ ପହଞ୍ଚି ତାଙ୍କୁ ଖଣ୍ଡାରେ ଅତର୍କିତ ଆକ୍ରମଣ କରିଥିଲେ। ରାଜା ପ୍ରାଣ ବିକଳରେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ପଛରୁ ଖଣ୍ଡାରେ ହାଣିଥିଲେ। ସେଠାରେ ରାଜାର ଜୀବନ ଚାଲିଯାଇଥିଲା। ଗୁରୁବାର ସକାଳୁ ସ୍ଥାନୀୟ ଲୋକ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ। ଛତ୍ରପୁର ଏସ୍‌ଡିପିଓ ଚନ୍ଦନ କୁମାର ଘଡ଼ାଇ ଓ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଘଟଣାସ୍ଥଳରୁ ଗୋଟିଏ ମୋବାଇଲ ଓ ବ୍ଲୁ-ଟୁଥ୍ ଜବତ କରିଥିଲେ। ରାଜାର ମୃତଶରୀରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତ ରାଜାଙ୍କ ଭାଇ ଆର୍. ଶ୍ରୀକାନ୍ତଙ୍କ ଅଭିଯୋଗକ୍ରମେ ନଂ.୭୨/୨୦୨୬ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶ୍ରୀ ମଲ୍ଲ ସୂଚନା ଦେଇଛନ୍ତି।

### ଅବକାରୀ ବିଭାଗ ଜବତ ଗାଡ଼ି ଗୋଦାମରେ ନିଆଁ

## ଜଳିଗଲା ୨୪ରୁ ଊର୍ଦ୍ଧ୍ୱ ଗାଡ଼ି




ବ୍ରହ୍ମପୁର,୨୦।୨(ସମିସ): ଗୋପାଳପୁର ଥାନା ଆମ୍ବପୁଆ ସିଟି କଲେଜ ନିକଟରେ ଅବକାରୀ ଗୁଇନ୍ଦା ବିଭାଗ ବିଭିନ୍ନ ମାମଲାରେ ଜବତ କରି ରଖିଥିବା ଗାଡ଼ି ଗୋଦାମରେ ଶୁକ୍ରବାର ଅପରାହ୍ଣରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅବକାରୀ ବିଭାଗ ପକ୍ଷରୁ ସୂଚନା ପାଇ ବ୍ରହ୍ମପୁର ଅଗ୍ନିଶମ ବିଭାଗ ରେଞ୍ଜ ଅଫିସର ବିଚିତ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ୫ ଦମକଳ ଗାଡ଼ି ଓ ଆଗ୍ନିକ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆଜି ଅବକାରୀ ଗୁଇନ୍ଦା କାର୍ଯ୍ୟାଳୟ ପଛପଟେ ରଖାଯାଇ ଥିବା ଜବତ ଗାଡିରେ ହଠାତ୍ ନିଆଁ ଲାଗିଥିବା କିଛି କର୍ମଚାରୀ ଦେଖିବାକୁ ପାଇଥିଲେ। ଏନେଇ ଉଭୟ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଆଗ୍ନିକ ପହଞ୍ଚିବା ବେଳେ ସେଠାରେ ମହଜୁଦ ଥିବା ୨୪ରୁ ଊର୍ଦ୍ଧ୍ୱ ଗାଡ଼ି ଜଳିଯାଇଥିଲା। କ୍ଷତିର ପରିମାଣ ୩୦ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ପ୍ରାୟ ଅଢ଼େଇ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ସେଠାରେ କିଏ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଅବକାରୀ ବିଭାଗ ପକ୍ଷରୁ ଏନେଇ ଗୋପାଳପୁର ଥାନାରେ ଅଭିଯୋଗ କରାଯାଇଛି। ଜବତ ଗାଡ଼ିରେ ପେଟ୍ରୋଲ ଥିବା ଯୋଗୁ ନିଆଁକୁ ଆୟତ୍ତ କରିବାରେ ଆଗ୍ନିକଙ୍କ ପାଇଁ ସମସ୍ୟା ହୋଇଥିଲା। ପୁଲିସ ଘଟଣା ସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ସହାୟତାରେ ତଦନ୍ତ କରୁଛି।

## ବିଜେଡି ରାଜ୍ୟର କୋଟିକୋଟି ମା' ମାନଙ୍କର ଦଳ: ନବୀନ



**ବିଜେଡି ଉପରେ ମା' ମାନଙ୍କର ଅଖଣ୍ଡ ଭରସା ରହିଛି**

**ମହିଳାଙ୍କ ପ୍ରତି ଅତ୍ୟାଚାର ବିରୋଧରେ ଲଢ଼େଇ ଆହ୍ୱାନ**

ଭୁବନେଶ୍ୱର,୨୦।୨(ସମିସ): ବିଜୁ ମହିଳା ଜନତା ଦଳର ନୂତନ କର୍ମକର୍ତ୍ତାମାନଙ୍କୁ ଶୁକ୍ରବାର ଭେଟିଛନ୍ତି ଦଳର ସଭାପତି ନବୀନ ପଟ୍ଟନାୟକ। ଶଂଖଭବନଠାରେ ଦଳର ମହିଳା କର୍ମକର୍ତ୍ତାଙ୍କୁ ସାକ୍ଷାତ ଅବସରରେ ନବୀନ କହିଛନ୍ତି ଯେ ବିଜୁ ଜନତା ଦଳ ହେଉଛି ଓଡିଶାର କୋଟି କୋଟି ମା' ମାନଙ୍କର ଦଳ। ଗତ ୨୭ ବର୍ଷର ଯାତ୍ରା ଭିତରେ ବିଜେଡି ମା' ମାନଙ୍କର ସଶକ୍ତିକରଣ ଉପରେ ସବୁବେଳେ ପ୍ରାଥମିକତା ଦେଇ ଆସିଛି। ମା' ମାନଙ୍କ ସଶକ୍ତିକରଣ ହିଁ ଓଡିଶାର ପ୍ରକୃତ ସଶକ୍ତିକରଣ। ବିଜୁ ମହିଳା ଜନତା ଦଳ ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଏକ ଆଦର୍ଶ ସଶକ୍ତି କରଣ କାର୍ଯ୍ୟକ୍ରମ ଭାବରେ ଗ୍ରହଣ କରି ଗାଁ ଗାଁରେ ମା' ମାନଙ୍କୁ ଶକ୍ତିଶାଳୀ ଓ ସ୍ୱାବଲମ୍ବୀ କରିବାକୁ ଉଦ୍ୟମ କରିଛି ଏବଂ ସେମାନଙ୍କ ଆର୍ଥିକ ବିକାଶ ଦିଗରେ ସବୁବେଳେ କାର୍ଯ୍ୟ କରିଛି। ମା' ମାନଙ୍କ ରୋଜଗାର ବୃଦ୍ଧି ସହିତ ସେମାନଙ୍କ ଅଧିକାର ପାଇଁ ଲଢେଇ ଜାରି ରଖିବା ହେଉଛି ବିଜୁ ମହିଳା ଜନତା ଦଳର ଆଦର୍ଶ। ମା' ମାନଙ୍କର ସଶକ୍ତିକରଣକୁ ଏକ ସାମାଜିକ ଆନ୍ଦୋଳନ ଭାବରେ ଗଢି ତୋଳିବାରେ ବିଜୁ ଜନତା ଦଳର ଭୂମିକା ଉଲ୍ଲେଖନୀୟ ବୋଲି ନବୀନ କହିଛନ୍ତି। ମହିଳାମାନଙ୍କ ଉପରେ ବଢି ଚାଲିଥିବା ଅତ୍ୟାଚାର ଘଟଣାରେ କ୍ଷୋଭ ପ୍ରକାଶ କରିବା ସହ ମହିଳା ମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ଲଢେଇକୁ ଆହୁରି ଜୋରଦାର କରିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ବିଜୁ ମହିଳା ଜନତା ଦଳର ସଭାପତି ସ୍ନେହାଙ୍ଗିନୀ ଛୁରିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ନବ ନିଯୁକ୍ତ ଦଳୀୟ କର୍ମକର୍ତ୍ତାମାନେ ସଭାପତିଙ୍କୁ ତାଙ୍କର ମାର୍ଗ ଦର୍ଶନ ପାଇଁ ଧନ୍ୟବାଦ ଜଣାଇଥିଲେ।

■ ୪ ବର୍ଷୀୟ ବିଇଡି ନାମଲେଖା

## ପ୍ରବେଶିକା ପରୀକ୍ଷା ପାଇଁ ମାର୍ଚ୍ଚ ୧୦ ଯାଏଁ ଆବେଦନ

ଭୁବନେଶ୍ୱର, ୨୦।୨ (ସମିସ): ଆସନ୍ତା ୨୦୨୬-୨୭ ଶିକ୍ଷାବର୍ଷରୁ ରାଜ୍ୟରେ ୪ ବର୍ଷୀୟା ଇଣ୍ଟିଗ୍ରେଟେଡ୍ ବିଇଡି (ଆଇଟିଇପି) ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ଆରମ୍ଭ ହେବ। ଜାତୀୟ ଏକକ ପ୍ରବେଶିକା ପରୀକ୍ଷା (ଏନସିଇଟି-୨୦୨୬) ମାଧ୍ୟମରେ ନାମଲେଖା ହେବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପାଠ୍ୟକ୍ରମ ପାଇଁ ନ୍ୟାସନାଲ ଟେଷ୍ଟିଙ୍ଗ ଏଜେନ୍ସି (ଏନଟିଏ) ପରୀକ୍ଷା ପରିଚାଳନା କରିବ। ଏନ୍‌ଟିଏ ବିଜ୍ଞପ୍ତି ଅନୁଯାୟୀ ଗତ ୧୨ ତାରିଖରୁ ଅନଲାଇନ୍ ଆବେଦନ ଆରମ୍ଭ ହୋଇଥିବା ବେଳେ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଏପ୍ରିଲ ୧୭ ତାରିଖରେ ପ୍ରବେଶିକ ପରୀକ୍ଷା ଅନୁଷ୍ଠିତ ହେବ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୫ଟି ବିଶ୍ୱବିଦ୍ୟାଳୟ ଏବଂ ୮ଟି ସରକାରୀ ମହାବିଦ୍ୟାଳୟରେ ୪ବର୍ଷୀୟା ବିଏଡ୍ ପାଠ୍ୟକ୍ରମ ପଢ଼ା ହେବ। ଆସନ୍ତା ଶିକ୍ଷାବର୍ଷ ପାଇଁ ସମୁଦାୟ ୧୩୦୦ଟି ସିଟ୍ ରହିଛି। ଏହି ସମସ୍ତ ସିଟ୍‌ରେ ପ୍ରବେଶିକ ପରୀକ୍ଷାର ମାର୍କ ଅନୁସାରେ ନାମଲେଖା ହେବ।

**ଗୃହରେ ଧାନ ମଣ୍ଡି ତାତି**

## ଲଗାତାର ତୃତୀୟ ଦିନରେ ପ୍ରଥମାର୍ଦ୍ଧ ଅଚଳ

**ସର୍ବଦଳୀୟ ବୈଠକ ବି ନିଷ୍କର୍ଷଶୂନ୍ୟ**

ଭୁବନେଶ୍ୱର, ୨୦।୨ (ସମିସ): ଲଗାତାର ତୃତୀୟ ଦିନ ପାଇଁ ଧାନ କିଣା ଏବଂ ଚାଷୀ ପ୍ରସଙ୍ଗକୁ ନେଇ ଗୃହ ଅଚଳ କରିଛନ୍ତି ବିରୋଧୀ। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଶୁକ୍ରବାର ବିଧାନସଭାର ପ୍ରଥମାର୍ଦ୍ଧ ଗୃହକାର୍ଯ୍ୟ ଧୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକି ସମାଧାନର ରାସ୍ତା ବାହାର କରିବାକୁ ଚେଷ୍ଟା କରିଥିଲେ ହେଁ ତାହା ସଫଳ ହୋଇପାରିନଥିଲା। ଏପରିକି, ବିରୋଧୀ ଦଳ କଂଗ୍ରେସ ପକ୍ଷରୁ ଅଣାଯାଇଥିବା ଧାନକିଣାରେ ସମସ୍ୟା ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନା ମଧ୍ୟ ହୋଇନଥିଲା। ଗୃହ ବାରମ୍ବାର ମୁଲତବୀ ପରେ ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ ୧୨ଟା ୧୫ରୁ ଅପରାହ୍ଣ ୪ଟା ଯାଏଁ ଗୃହକୁ ମୁଲତବୀ ରଖିଥିଲେ। ପରେ ଅପରାହ୍ଣରେ ବଜେଟ୍ ବେଳେ ବିରୋଧୀ ଦଳ ସହଯୋଗ କରିଥିଲେ।

ଶୁକ୍ରବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ହାତରେ ପ୍ଲା'କାର୍ଡ ଧରି ଗୃହ ମଧ୍ୟରେ ନାରାବାଜି କରିଥିଲେ। କଂଗ୍ରେସ ସଦସ୍ୟମାନେ କଳାବ୍ୟାଜ୍ ପିନ୍ଧି ସ୍ଲୋଗାନ୍ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ବିଧାୟିକା ସଞ୍ଜଲି ମୁର୍ମୁଙ୍କ ତାରକା ପ୍ରଶ୍ନର ଉତ୍ତର ଦେବାକୁ ବାଚସ୍ପତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଡାକିଥିଲେ। ମନ୍ତ୍ରୀ ଉତ୍ତର ରଖୁଥିବା ବେଳେ ବିରୋଧୀ ପ୍ରତିବାଦ ଜାରି ରଖିଥିଲେ। ଫଳରେ ବାଚସ୍ପତି ୧୦ଟା ୩୬ରୁ ସାଢ଼େ ୧୧ଟା ଯାଏଁ ଗୃହକୁ ମୁଲତବୀ ରଖିଥିଲେ। ଦିନ ସାଢ଼େ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ସମାନ ଭାବେ ବିରୋଧୀ ନାରାବାଜି କରିଥିଲେ। ନିଜ ଆସନକୁ ଫେରିଯାଇ ଆଲୋଚନାରେ ଭାଗ ନେବାକୁ ବାଚସ୍ପତି ବିରୋଧୀ ଦଳ ସଦସ୍ୟଙ୍କୁ ଅନୁରୋଧ କରିଥିଲେ ହେଁ ସେମାନେ ପ୍ରତିବାଦ ଜାରି ରଖିଥିଲେ।

ଦିନ ୧୧ଟା ୩୭ରେ ଗୃହକୁ ମୁଲତବୀ ରଖି ସର୍ବଦଳୀୟ ବୈଠକ ଡକାଯାଇଥିଲା। ବୈଠକକୁ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜୟ ନାରାୟଣ ମିଶ୍ର, ପ୍ରତାପ ଦେବଙ୍କୁ ଡକାଯାଇଥିଲା। କିନ୍ତୁ, ସର୍ବଦଳୀୟ ବୈଠକରେ କୌଣସି ନିଷ୍କର୍ସ ବାହାରି ନଥିବା ବେଳେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ଣ ୪ଟା ଯାଏଁ ମୁଲତବୀ ରଖିଥିଲେ।

ଅନ୍ୟପକ୍ଷରେ ଗୃହ ବାହାରେ ଗଣମାଧ୍ୟମରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ଆକ୍ଷେପ-ପ୍ରତ୍ୟାକ୍ଷେପ ଲାଗି ରହିଥିଲା। ମୁଖ୍ୟ ବିରୋଧୀ ଦଳ ବିଜେଡିର ବରିଷ୍ଠ ବିଧାୟକ ଧ୍ରୁବଚରଣ ସାହୁ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ୩ଟି ଦାବି ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ସହ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବି, କୃଷିମନ୍ତ୍ରୀ ଦେଇଥିବା ମନ୍ତବ୍ୟକୁ ନେଇ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି ରଖିଥିଲେ। ଚାଷୀଙ୍କୁ ନ୍ୟାୟ ନ ମିଳିବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଥିଲେ।

କଂଗ୍ରେସର ମୁଲତବୀ ପ୍ରସ୍ତାବକୁ ନେଇ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ କଂଗ୍ରେସ ମୁଲତବୀ ପ୍ରସ୍ତାବ ଦେଇଛି। କିନ୍ତୁ, ଗୃହ ସ୍ୱାଭାବିକ ନାହିଁ। ବିଧାନସଭାକୁ ବନ୍ଦ କରିବା କଂଗ୍ରେସର ଉଦ୍ଦେଶ୍ୟ ନୁହେଁ। ସରକାରୀ ଦଳ ଓ ମୁଖ୍ୟ ବିରୋଧୀ ଗୃହକୁ ଚଳାଇ ଦେଉନାହାନ୍ତି।

ଗୃହର ଅଚଳାବସ୍ଥାକୁ ନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ଆଲୋଚନା ପାଇଁ ଆମେ ପ୍ରସ୍ତୁତ। ବିରୋଧୀ ଦଳର ଉଦ୍ଦେଶ୍ୟ ଚାଷୀ ସମସ୍ୟାର ସମାଧାନ ନୁହେଁ। କଂଗ୍ରେସ ପକ୍ଷରୁ ମୁଲତବୀ ପ୍ରସ୍ତାବ ପରେ ବି ପ୍ରଶ୍ନକାଳକୁ ବନ୍ଦ କଲେ ବିରୋଧୀ। ଓଡ଼ିଶାବାସୀଙ୍କୁ ଭଲ ପାଇବାର ଡ୍ରାମା ନ କରୁନ୍ତୁ, ବିରୋଧୀ ପଳାୟନପନ୍ଥୀ। ଓଡ଼ିଶାବାସୀ ନୂଆପଡ଼ାରେ ଜବାବ ଦେଇଛନ୍ତି, ଆଗକୁ ବି ଜବାବ ଦେବେ ବୋଲି ସେ କହିଥିଲେ।

## ଫରେଷ୍ଟର୍‌ଙ୍କ ଅଢ଼େଇ କୋଟିର ସଂପତ୍ତି ଠାବ



ଭବାନୀପାଟଣା, ୨୦।୨ (ସମିସ): ଫରେଷ୍ଟର୍‌ଙ୍କ ଅଢ଼େଇ କୋଟି ସଂପତ୍ତି। ୨୦୦୦ ମସିହାରେ ମାତ୍ର ୩ ହଜାର ଟଙ୍କା ଦରମାରେ ଫରେଷ୍ଟ ଗାର୍ଡ ଭାବେ ଚାକିରି ଜୀବନ ଆରମ୍ଭ କରିଥିବା ଫରେଷ୍ଟର୍ ଏବେ ଅଚଳାଚଳ ସଂପତ୍ତିର ମାଲିକ। କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧୀନ ଭବାନୀପାଟଣା ରେଞ୍ଜ ଭଟାଙ୍ଗପଦର ଫରେଷ୍ଟର୍ ଭାଗବତ ଭୂଷଣ ବେହେରା ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଫରେଷ୍ଟର୍ ଶ୍ରୀ ବେହେରାଙ୍କ ୩ଟି ଠିକଣାରେ ଏକକାଳୀନ ଚଢ଼ଉ କରି ବିପୁଳ ସ୍ଥାବର ଓ ଅସ୍ଥାବର ସଂପତ୍ତି ଠାବ କରିଛି। ଭବାନୀପାଟଣା ସ୍ପେଶାଲ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ଭିଜିଲାନ୍ସର ୩ଟି ଟିମ୍ ଆଜି ସକାଳ ପ୍ରାୟ ୬ଟାରେ ଭବାନୀପାଟଣା ହିଲ୍ ଟାଉନ୍‌ରେ ଥିବା ଫରେଷ୍ଟରଙ୍କ ତିନିମହଲା ବାସଭବନ, ଜୁନାଗଡ଼ ଥାନା ଦେଉଣ୍ଡି ଗାଁରେ ଥିବା ପୈତୃକ ବାସଭବନ ଏବଂ ଭଟାଙ୍ଗପଦର ସେକ୍ସନସ୍ଥିତ ଫରେଷ୍ଟରଙ୍କ ସରକାରୀ କାର୍ଯ୍ୟାଳୟରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଭିଜିଲାନ୍ସ ଫରେଷ୍ଟର୍‌ଙ୍କ ହିଲ ଟାଉନ୍‌ରେ ୫୩୦୦ ବର୍ଗଫୁଟ୍‌ରେ ଠିଆ ହୋଇଥିବା ଏକ ବହୁତଳ କୋଠା, ଭବାନୀପାଟଣା ସହର ମଧ୍ୟରେ ଥିବା ୯ଟି ପ୍ଲଟ୍, ୨୧୦ ଗ୍ରାମ ସୁନା ଅଳଙ୍କାର, ୨ଟି ଧାନକଟା ମେସିନ, ଗୋଟିଏ ଦାମୀ କାର୍, ଗୋଟିଏ ଦାମୀ ବାଇକ୍, ଟ୍ରାକ୍ଟର ଓ ବୋଲେରୋ ସମେତ ଲକ୍ଷ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ପୋଷ୍ଟାଲ ଜମା, ଜୀବନବୀମା ଆଦି ଠାବ କରିଛି। ଖବର ଲେଖା ହେବା ସୁଦ୍ଧା ତାଙ୍କର ଅଢ଼େଇ କୋଟି ଟଙ୍କାର ସଂପତ୍ତି ଠାବ କରିଛି। ଚଢ଼ଉ ଜାରି ରହିଥିବାରୁ ଏହି ପରିମାଣ ବଢ଼ିବ ବୋଲି କୁହାଯାଉଛି। ଫରେଷ୍ଟର୍‌ଙ୍କ ଘରୁ ନଗଦ ୪୪ ହଜାର ଟଙ୍କା ମିଳିଥିବା ବେଳେ ବ୍ୟାଙ୍କ୍ ଆକାଉଣ୍ଟ ଖାତାରେ ୨୩ ଲକ୍ଷ ଟଙ୍କା ଜମା ଥିବା ଜଣାଯାଇଛି। ସେହିପରି, ଭବାନୀପାଟଣା ସେଣ୍ଟ୍ରାଲ ବ୍ୟାଙ୍କରେ ତାଙ୍କ ନାମରେ ଏକ ଲକର୍ ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଫରେଷ୍ଟର୍ ଶ୍ରୀ ବେହେରାଙ୍କୁ ଭିଜିଲାନ୍ସ ଗିରଫ କରି ଅଧିକ ପଚରାଉଚରା ଚଳାଇଛି।

ସୂଚନାନୁଯାୟୀ, ୨୦୦୦ ମସିହା ଅଗଷ୍ଟ ୨୦ ତାରିଖରେ ଫରେଷ୍ଟର୍ ଶ୍ରୀ ବେହେରା କଳାହାଣ୍ଡି ଉତ୍ତର ବନଖଣ୍ଡରେ ଫରେଷ୍ଟଗାର୍ଡ ଭାବେ ନିଯୁକ୍ତି ପାଇଥିଲେ। ସେହି ସମୟରେ ତାଙ୍କ ଦରମା ମାତ୍ର ୩ ହଜାର ରହିଥିଲା।

## ସ୍ତ୍ରୀର ଶବକୁ ୩ ଦିନ ଜଗି ରହିଲା ସ୍ୱାମୀ



■ ଡାକ୍ତରଖାନରେ ସ୍ୱାମୀ ମୃତ
■ ଘର ଭିତରୁ ସ୍ତ୍ରୀର ଗଳିତ ଶବ ଉଦ୍ଧାର
■ ହତ୍ୟା ସନ୍ଦେହ; କାରଣ ଅସ୍ପଷ୍ଟ

ବ୍ରଜରାଜନଗର, ୨୦।୨(ସମିସ): ସ୍ତ୍ରୀକୁ ଶବ ପାଖରେ ୩ ଦିନ ଧରି ଜଗି ରହିଲା ସ୍ୱାମୀ। ପୁଲିସକୁ ଦେଖିବା କ୍ଷଣି ମୂର୍ଚ୍ଛା ହୋଇଗଲା। ପୁଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲା ଓରିଏଣ୍ଟ ଥାନା ବ୍ରଜରାଜନଗର ପୌରପରିଷଦର ସନଯୋବ ଗ୍ରାମ ହନୁମାନ ମନ୍ଦିର ପଡ଼ାରେ ଏଭଳି ଏକ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, ବ୍ରଜରାଜନଗର ପୌରପରିଷଦ ସାନଯୋବ ଗ୍ରାମ ହନୁମାନ ମନ୍ଦିର ପଡ଼ାରେ ରହୁଥିବା ଗୋବିନ୍ଦ ଭୋଇ(୬୧) ଓ ତାଙ୍କ ପତ୍ନୀ ରୁକ୍ମିଣୀ ଭୋଇ(୫୫)।

ସୂଚନାନୁଯାୟୀ, ଭୋଇ ଦମ୍ପତି ଏହି ଘରେ ରହୁଥିଲେ। ୪ ଦିନ ହେଲା ଭିତରପଟୁ କବାଟ ବନ୍ଦ ଥିଲା। ନିକଟରେ ରହୁଥିବା ରୁକ୍ମିଣୀଙ୍କ ସାନ ଭଉଣୀ ବାରମ୍ବାର ଫୋନ୍ କରିଥିଲେ ହେଁ କେହି ନ ଉଠାଇବାରୁ ଶୁକ୍ରବାର ସକାଳ ୧୧ଟାରେ ଗୋବିନ୍ଦଙ୍କ ଘରକୁ ଆସି କବାଟ ବାଡ଼େଇଥିଲେ। ଗୋବିନ୍ଦ ଭିତରପଟୁ ଆସି କବାଟ ଖୋଲିଥିଲେ। ସାନ ଭଉଣୀ ଘର ଭିତରେ ପଶି ବଡ଼ ଭଉଣୀର ଗଳିତ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘର ଭିତରେ ପଶିବା ଦେଖି ଗୋବିନ୍ଦ ମୂର୍ଚ୍ଛା ହୋଇଯାଇଥିଲେ। ପୁଲିସ ତୁରନ୍ତ ଗୋବିନ୍ଦଙ୍କୁ ପୁଲିସ୍ ଭ୍ୟାନ୍ ସହାୟତାରେ ମଣ୍ଡଳୀୟା ହସ୍ପିଟାଲକୁ ପଠାଇଥିଲେ। ଗୋବିନ୍ଦଙ୍କର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ରୁକ୍ମିଣୀଙ୍କର ୩ ଦିନ ତଳୁ ମୃତ୍ୟୁ ହୋଇଥିବା ପୁଲିସ ପ୍ରକାଶ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ପୁଲିସ ମହିଳାଙ୍କ ଶବ ଜବତ କରି ଜଗି ରହିଥିବା ବେଳେ ଅନ୍ୟପଟରେ ଡାକ୍ତରଖାନାରେ ଗୋବିନ୍ଦଙ୍କ ଶବ ପଡ଼ି ରହିଛି। ଉଭୟ ଜାଗାରେ ପୁଲିସ ଜଗି ରହିଛି। ଘଟଣାସ୍ଥଳରେ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନାଯୋଗ୍ୟ, ଗୋବିନ୍ଦ ଜଣେ ଅବସରପ୍ରାପ୍ତ ଏମ୍‌ସିଏଲ କର୍ମଚାରୀ। ଅବସରକାଳୀନ ଟଙ୍କା, ପେନସନ୍ ଟଙ୍କା ସହ ନିକଟରେ ତାଙ୍କର ପୈତୃକ ଜମି ବିକି ବଡ଼ ଆକାରର ଟଙ୍କା ସେ ନିଜ ପାଖରେ ରଖିଥିଲା। ତାଙ୍କ ଘରକୁ ସର୍ବଦା ଅନେକ ଲୋକଙ୍କ ଯିବା ଆସିବା ରହିଥିବା ପଡ଼ୋଶୀଙ୍କ ସୂତ୍ରରୁ ଜଣାପଡ଼ିଛି। ମହିଳାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ମହିଳାଙ୍କୁ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଛି।

**କଟକ ନୂଆପଡ଼ା ଗୁଳିକାଣ୍ଡ ଘଟଣା**

## ଚୋରା ବାଲି କାରବାରରୁ ଗଡ଼ିଛି ମୁଣ୍ଡ!



**କିଛି ଦିନ ତଳେ ବିଜେପିରେ ମିଶିଥିଲା ମୁଖ୍ୟ ଅଭିଯୁକ୍ତ ହୁକୁ**


**ବିଜେପି ନେତାଙ୍କ ଛତ୍ରଛାୟାରେ ଆତଙ୍କ ଖେଳାଇଥିଲେ ଅଭିଯୁକ୍ତ**

କଟକ, ୨୦।୨(ସମିସ): କଟକ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ପ୍ରେସ୍ କଲୋନୀରେ ଘଟିଥିବା ସୌମ୍ୟରଞ୍ଜନ ଜେନା ଓରଫ୍ ରିଙ୍କୁ ହତ୍ୟାକାଣ୍ଡ ଉପରୁ ପୁଲିସ ପରଦା ହଟାଇଛି। ଏହି ସମ୍ବେଦନଶୀଳ ମାମଲାରେ ପୁଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ମୁଖ୍ୟ ଅଭିଯୁକ୍ତ ଉତ୍କଳ କେଶରୀ ପଶାୟତ (ହୁକୁ), ଅଭିଜିତ ମହାନ୍ତି (ନାଣ୍ଡୁ), ପ୍ରିୟବ୍ରତ ତ୍ରିପାଠୀ (ପୋଡ଼ା), ହିମାଂଶୁ ଶେଖର ନାୟକ (ବାଉଁ) ଓ ରୁଦ୍ରପ୍ରସାଦ ଚାନ୍ଦ (ଓମ)। ଅଟ୍ଟାମଜାରୁ ବଚସା ଏବଂ ଏଥିରୁ ହତ୍ୟାକାଣ୍ଡ ଘଟିଥିବା ପୁଲିସ କହୁଛି। କିନ୍ତୁ, ପୁଲିସର ଏହି ଯୁକ୍ତିକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ବାଲି କାରବାରକୁ ନେଇ ଏହି ଜଘନ୍ୟ କାଣ୍ଡ ଘଟିଛି ବୋଲି ସେମାନେ କହିଛନ୍ତି। ରାଜନୈତିକ ଛତ୍ରଛାୟା ତଳେ ରହି ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳରେ ଆତଙ୍କରାଜ ସୃଷ୍ଟି କରି ଆସୁଥିଲେ ବୋଲି ଅଭିଯୋଗ ହୋଇଛି।

ଏହି ହତ୍ୟାକାଣ୍ଡ ପଛରେ କଟକ ସଦର ଅଞ୍ଚଳରେ ଚାଲିଥିବା ବେଆଇନ ବାଲି କାରବାରର ବଡ଼ ଭୂମିକା ରହିଛି। ମୃତ ରିଙ୍କୁଙ୍କ ଭାଇ ପିଙ୍କୁ ବାଲି, ଗୋଡ଼ି ବ୍ୟବସାୟ କରୁଥିବା ବେଳେ ଅଭିଯୁକ୍ତ ହୁକୁ ମଧ୍ୟ ଏହି ବ୍ୟବସାୟରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଥିଲା। ଏହି ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ହିଁ ହତ୍ୟାକାଣ୍ଡର କାରଣ ବୋଲି ଆଲୋଚନା ହେଉଛି। ଏହି ମାମଲା ଏବେ ରାଜନୈତିକ ରୂପ ନେଇଛି।

ମୁଖ୍ୟ ଅଭିଯୁକ୍ତ ଉତ୍କଳ କେଶରୀ ପଶାୟତ ଓରଫ୍ ହୁକୁ କିଛି ଦିନ ତଳେ କଟକ ସଦରର ବିଜେପି ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏବଂ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ଉପସ୍ଥିତିରେ ବିଜେପିରେ ଯୋଗ ଦେଇଥିଲା। ଅଭିଯୋଗ ହେଉଛି ଯେ ରାଜନୈତିକ ଛତ୍ରଛାୟାରେ ରହି ହୁକୁ ସ୍ଥାନୀୟ ଅଞ୍ଚଳରେ ଚୋରା ବାଲି କାରବାର ନିୟନ୍ତ୍ରଣ କରୁଥିଲା ଏବଂ ତା'ର ଆତଙ୍କ ବଢ଼ିଯାଇଥିଲା। ଘଟଣା ସମ୍ପର୍କରେ ପୂର୍ବତନ ବିଧାୟକ ଚନ୍ଦ୍ର ସାରଥୀ ବେହେରା ଆଜି ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରୀଙ୍କୁ ଭେଟିବା ସହ କଟକ ସଦର ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବା ବେଳେ ବିଭିନ୍ନ ଅସାମାଜିକ ଯୁବକମାନେ ମନଇଚ୍ଛା ବନ୍ଧୁକ ଧରି ବୁଲିବା ଓ ଚୋରା ବାଲିଚାଲାଣ କାରବାର ବୃଦ୍ଧି ପାଇଥିବା ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁଲିସ ରାଜନୈତିକ ଚାପର ବଶବର୍ତ୍ତୀ ନହୋଇ ତଦନ୍ତ କରିବା ସହ ଘଟଣାରେ ଯେଉଁମାନେ ସଂପୃକ୍ତ ଅଛନ୍ତି, ସମସ୍ତଙ୍କୁ ଗିରଫ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ବୁଧବାର ପ୍ରେସ୍ କଲୋନୀର ଏକ ପରିତ୍ୟକ୍ତ ଘରେ ଭୋଜି ଚାଲିଥିବା ବେଳେ ସମସ୍ତେ ନିଶାସକ୍ତ ଥିଲେ। ସେଠାରେ ଥଟ୍ଟାମଜାରୁ ଆରୋପ-ପ୍ରତ୍ୟାରୋପ ଆରମ୍ଭ ହୋଇଥିଲା। ଅଭିଯୁକ୍ତ ନାଣ୍ଟୁ ଘରୁ ବନ୍ଧୁକ ଆଣିବା ପରେ 'ଖାଲି ନାଁରେ ବନ୍ଧୁକ ଧରୁଛୁ ନା ଫୁଟାଇ ପାରିବୁ' ବୋଲି ଚ୍ୟାଲେଞ୍ଜ ଦିଆଯାଇଥିଲା। ପରେ ହୁକୁ ରିଙ୍କୁଙ୍କ ଛାତିକୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲା। ଦୁଃଖର ବିଷୟ ହେଉଛି, ଗୁଳିମାଡ଼ ପରେ ଅଭିଯୁକ୍ତମାନେ ରିଙ୍କୁଙ୍କୁ ହସ୍ପିଟାଲ ନେବା ପରିବର୍ତ୍ତେ ଦୋଷ ଲଦାଲଦି ହେବା ପାଇଁ ଯୋଜନା କରି ସମୟ ନଷ୍ଟ କରିଥିଲେ। ଏସସିବି ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସକାଳ THE SAKALA



www.sakalaepaper.com

## ଦିନରାତି ଅନବରତ ଚାଲିଛି ବେଆଇନ କରତକଳ

# ଲୋପ ପାଇବାକୁ ବସିଲାଣି ଶହଶହ ବର୍ଷର ଗଛ

କୁଣ୍ଢେଇ,୨୦।୨(ସମିସ)



ରାଜ୍ୟ ସରକାର ବୃକ୍ଷରୋପଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଗାଁ ଗାଁରେ ଗଢ଼ି ଉଠିଥିବା କରତ କଳ ପାଇଁ ସରକାରଙ୍କ ଯୋଜନା ଫେଲ୍ ମାରୁଛି। ଗଛ ବଢ଼ିବା ପରିବର୍ତ୍ତେ ଦିନକୁ ଦିନ ଗଛ ଲୋପ୍ ପାଇବାକୁ ବସିଲାଣି। କାକଟପୁର ଏବେ ଉତ୍ତପ୍ତ ଅଞ୍ଚଳ ହେବାକୁ ଯାଉଛି। ଦିନକୁ ଦିନ ଭୂତଳ ଜଳ କମିବାରେ ଲାଗିଛି। ଏହାର ମୁଖ୍ୟ କାରଣ ଗଛ କଟାଯିବା ଯୋଗୁଁ ପରିବେଶ ଉପରେ ଏହାର ପ୍ରଭାବ ପଡୁଛି। କାଠ ମାଫିଆଙ୍କ ଦ୍ୱାରା ସରକାରୀ ଜାଗା, ବାଡ଼ି ବଗିଚାରେ ଥିବା ଶହ ଶହ ବର୍ଷର ପୁରୁଣା ଆମ୍ବ, ପଣସ, ଚାକୁଣ୍ଡା, ବର ଗଛଗୁଡ଼ିକ ଦଲାଲମାନଙ୍କ ମାଧ୍ୟମରେ କାଟିନେଇ କରତ କଳ ଓ କାଠ ବେପାରୀଙ୍କୁ ବିକ୍ରି କରି ଚାଲିଛନ୍ତି। କରତ କଳ ମାଲିକମାନେ ବ୍ୟବସାୟ ଉଦ୍ଦେଶ୍ୟରେ ମାଫିଆଙ୍କୁ ହାତ କରି ଅବାଧରେ ଗଛ କାଟୁଥିବା ଦେଖାଯାଉଛି। କାକଟପୁର, ବାଜପୁର, କେନ୍ଦ୍ରାପଟି ମାତ୍ର ୩ କିମି ପରିଧି ମଧ୍ୟରେ ରହିଛି ୩ଟି କରତ କଳ। ଫଳରେ କରତ କଳ ଚାଲିବା ପାଇଁ କାଠ ମାଫିଆଙ୍କ ଦ୍ୱାରା ଅନାବାଦି ଜାଗା, ଆଖପାଖରେ ରହିଥିବା ଜଙ୍ଗଲ ମଧ୍ୟରୁ ଆମ୍ବ, ପଣସ, ଆକାଶିଆ ଗଛଗୁଡ଼ିକ କଟାଯାଉଛି। କାଠ ମାଫିଆ ଓ କରତ କଳ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ୫ ବର୍ଷ ମଧ୍ୟରେ ଅଞ୍ଚଳରୁ ଗଛ ସବୁ ଲୋପ୍ ପାଇଯିବାର ଆଶଙ୍କା ସୃଷ୍ଟି ହୋଇଛି।

ରାସ୍ତା ପ୍ରଶସ୍ତୀକରଣ ଆଳରେ ରାସ୍ତାକଡ଼ଠାରୁ ୫ ଫୁଟ୍ ଦୂରରେ ଥିବା ଶହଶହ ବର୍ଷର ବହୁ ପୁରୁଣା ଗଛ ସବୁ କଟାଯାଇଛି। ୩/୪ ବର୍ଷ ହେଲାଣି ଗୋଟେ ହେଲେ ବି ଗଛ ଲାଗିନାହିଁ। ଶୁଣିବାକୁ ମିଳେ କାକଟପୁର ନିର୍ବାଚନମଣ୍ଡଳୀର ଏକ କରତ କଳ ରହିଛି। ଏହି କରତ କଳ ମାଲିକଙ୍କ ମୁଣ୍ଡ ଉପରେ ନେତାମନ୍ତ୍ରୀଙ୍କ ହାତ ରହିବା ସହିତ ବିଭାଗୀୟ ଅଧିକାରୀମାନଙ୍କ ସହଯୋଗ ରହିଥିବା ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି। ତେଣୁ ଚଢ଼ଉ କରିବାକୁ ଆସିବା ପୂର୍ବରୁ ଖବର ଆସି ପହଞ୍ଚି ଯାଉଛି କରତ କଳ ମାଲିକଙ୍କ ପାଖରେ। ଯାହା ଫଳରେ ମେସିନ୍ ପତ୍ର ଖୋଲାଯାଇ ଅନ୍ୟତ୍ର ନେଇ ରଖାଯାଉଛି। ପରିସ୍ଥିତି ଠିକ୍ ହେବା ପରେ ମେସିନ୍‌ଗୁଡ଼ିକ ଆସି ଲାଗୁଛି। ସେଥିପାଇଁ ନିର୍ଭୟରେ ଏହି କରତ କଳଟି ଦିନରାତି ଅହରହ ଚାଲୁଥିବାବେଳେ କାକଟପୁର ଅଞ୍ଚଳରୁ ପୁରୁଣା ଗଛ ସବୁ ଲୋପ୍ ପାଇବାରେ ଲାଗିଛି। ସବୁ ଦେଖି ନିରବଦ୍ରଷ୍ଟା ସାଜିଛନ୍ତି ବିଭାଗୀୟ ଅଧିକାରୀ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ, କାକଟପୁର, ଅସ୍ତରଙ୍ଗ, ଗୋପ ବ୍ଲକ୍‌ରେ ସରକାରୀ ଲାଇସେନ୍ସପ୍ରାପ୍ତ କରତ କଳ (ସ'ମିଲ୍) ନାହିଁ। କାକଟପୁରଠାରୁ ୧୦ କିଲୋମିଟର ପରିଧି ମଧ୍ୟରେ ୧୨ରୁ ଊର୍ଦ୍ଧ୍ୱ ବେଆଇନ ସ'ମିଲ୍ ରହିଛି। ସେଗୁଡ଼ିକ ବାଜପୁର, କେନ୍ଦ୍ରାପଟି, କାକଟପୁର, ଭେଡ଼ାବନ୍ଧ, ନହଣପୁର, ସୁଖ ପୋଖରୀ, ପଦ୍ମପୁର, ଅନସରା ଆଦି ଅନେକ ସ୍ଥାନରେ କରତ କଳ ଦିନରାତି ଚାଲିଛି। ସେହି ବେଆଇନ ସ'ମିଲ୍‌ଗୁଡ଼ିକ ଉପରେ ଚଢ଼ଉ କରାଯାଉନାହିଁ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ କରାଯିବା ସହିତ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ପାଣି ଛତ୍ର କାର୍ଯ୍ୟାଳୟକୁ ହ୍ୱାଟ୍ସଆପ୍ ମାଧ୍ୟମରେ ସୂଚନା ଦିଆଯାଇଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ହେଉନାହିଁ। ମାର୍ଚ୍ଚ ମାସ ଆସିଲେ ଲୋକଦେଖାଣିଆ ଚଢ଼ଉ କରାଯାଉଛି। ପ୍ରତିବର୍ଷ ଜଙ୍ଗଲ ସୁରକ୍ଷା ସଚେତନତା ସଭା କରାଯାଉଛି, ହେଲେ ବେଆଇନ ସ'ମିଲ୍ ବନ୍ଦ ହେଉନାହିଁ। ଗଛ ଲଗାଇବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବିଭାଗୀୟ ଅଧିକାରୀଙ୍କ ନିରବତା ଯୋଗୁଁ ଏସବୁ ଉଜୁଡ଼ି ଯାଉଛି ବୋଲି ବୁଦ୍ଧିଜୀବୀ କହିଛନ୍ତି।

- ନିଘୋଡ଼ ନିଦ୍ରାରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ପାଣି ଛତ୍ର
- ବନ କର୍ମଚାରୀ ଓ କରତ କଳ ମାଲିକ ସଲାସୁତରା

## ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ; ଅଭିଯୁକ୍ତ ଗିରଫ

ବଳଙ୍ଗା,୨୦।୨(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ବଳଙ୍ଗା ପୁଲିସ ଅଭିଯୋଗ ପାଇବା ପରେ ୫୫/୨୬ରେ ପୋକ୍ସୋ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ବଳଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ ସମ୍ପୃକ୍ତ ନାବାଳକର ଘରେ ଚଢ଼ଉ କରି ତାକୁ ଗିରଫ କରାଯାଇ ଡାକ୍ତରୀ ମାଇନା ପରେ ବ୍ରହ୍ମପୁର ବାଳସୁଧାର ଗୃହକୁ ପଠାଯାଇଛି। ଅନ୍ୟପଟେ ପୁଲିସ ନାବାଳିକାର ୧୬୪ ଧାରାରେ ବୟାନ ରେକର୍ଡ କରି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ନାବାଳିକା ଜଣକ ଗତ ୧୪ ତାରିଖ ସନ୍ଧ୍ୟାରେ ପ୍ରଫୁଲ୍ଲ ବାରିକଙ୍କ ଦୋକାନକୁ ସାମଗ୍ରୀ କିଣିବା ପାଇଁ ଯାଇଥିଲାବେଳେ ଦୋକାନ ବନ୍ଦ ଥିବାରୁ ଘରକୁ ଫେରୁଥିଲେ। ଏହି ସମୟରେ ଦୁଇଜଣ ନାବାଳକ ପଛରୁ ଆସି ତାଙ୍କୁ ଜୋର୍‌ଜବରଦସ୍ତ ନିକଟସ୍ଥ ଏକ ନିର୍ଜନ ସ୍ଥାନକୁ ଟାଣି ନେଇ ଦୁଷ୍କର୍ମ ଉଦ୍ୟମ କରିଥିଲେ। କୌଣସିମତେ ପୀଡ଼ିତା ଜଣକ ସେମାନଙ୍କ କବଳରୁ ଖସି ଆସି ବାପା-ମାଆଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏନେଇ ପୀଡ଼ିତାଙ୍କ ବାପା-ମାଆ ଥାନାରେ ଅଭିଯୋଗ କରିଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଚାରିଛକ,୨୦।୨(ସମିସ): ଚାରିଛକ ଥାନା ଅନ୍ତର୍ଗତ ବାହାରଣା ପଞ୍ଚାୟତ ଖୁଲିସ ଗ୍ରାମର ଜଣେ ବିବାହିତା ମହିଳା ନିଜ ଘରେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଶୁକ୍ରବାର ସକାଳେ ପରିବାର ଲେକେ ଦେଖି ତାଙ୍କୁ ଉଦ୍ଧାର କରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତା ମହିଳା ଜଣକ ହେଲେ ଖୁଲିସ ଗ୍ରାମର ପ୍ରତାପ ଖଟୋଇଙ୍କ ପତ୍ନୀ ପୁଷ୍ପଲତା ଖଟୋଇ(୩୨)। ପ୍ରତାପ ରାଜ୍ୟ ଏକ କମ୍ପାନୀରେ ଚାକିରି କରି ସେଠାରେ ରୁହନ୍ତି। ପୁଷ୍ପଲତା କୌଣସି କାରଣକୁ ନେଇ ଆତ୍ମହତ୍ୟା କରିଥିବା ଭାଇ ମାନସ ସ୍ୱାଇଁ ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରିବା ସହିତ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଦୁଇ ଦିନ ଆତଙ୍କ ଖେଳାଇ ସାଥୀଙ୍କ ପାଖକୁ ଫେରିଲା ଦନ୍ତା

କଣାସ,୨୦।୨(ସମିସ): ଦୁଇଦିନ ଦନ୍ତା ହାତୀ ଆତଙ୍କ ସୃଷ୍ଟି କରି ନିଜ ସାଥୀମାନଙ୍କ ପାଖକୁ ଫେରିଛି। ଜଙ୍ଗଲ କ୍ଷୟ ଯୋଗୁଁ ବରୁଣେଇ ଓ ଚନ୍ଦକା ଜଙ୍ଗଲରୁ ପ୍ରତି ବର୍ଷ ହାତୀପଲ କଣାସ ବ୍ଲକ୍‌ର ବିଭିନ୍ନ ଗ୍ରାମ ପଞ୍ଚାୟତକୁ ଆସି ଫସଲ ନଷ୍ଟ କରିବା ସହିତ ଧନ ଜୀବନ ନଷ୍ଟ କରି ଫେରିଯାଆନ୍ତି। ଗତ ଦୁଇଦିନ ହେଲା ଏକ ଦନ୍ତା ହାତୀ ନିଜ ଗୋଠ ଛାଡ଼ି କଣାସ ଅଞ୍ଚଳର ଜନ୍‌ହଗାର, ରୂଢ଼ିପୁର, ମାଢ଼ିପୁର, କୋଟକଣା ମୌଜାରେ ବୁଲି ବ୍ୟାପକ ଧାନ ଫସଲ ନଷ୍ଟ କରିଥିଲା। ଶୁକ୍ରବାର ଭୋରୁ ଭୋରୁ ଡିମିରି ଗ୍ରାମ ମଧ୍ୟରେ ପ୍ରବେଶ କରି ଦୟା ନଦୀ ପାର୍ ହୋଇ ତରପଡ଼ା ଓ ବଡ଼ସାହି ଗାଁ ମଝି ଦାଣ୍ଡରେ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ସୁଦ୍ଧା ତାପଙ୍ଗ ନିକଟରେ ପହଞ୍ଚିଥିବା ବନ ବିଭାଗ ଅଧିକାରୀଙ୍କଠାରୁ ପ୍ରକାଶ। ଦୁଇ ଦିନ ହେଲା ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଥିବାବେଳେ ବନ ବିଭାଗର ଅଧିକାରୀମାନେ ହାତୀକୁ ଜଗି ରହିଥିଲେ। ହାତୀଟି ଅଞ୍ଚଳ ଛାଡ଼ିଥିବାରୁ ଲୋକେ ସାମାନ୍ୟ ଆଶ୍ୱସ୍ତି ହୋଇଛନ୍ତି।



## ଶସ୍ତାରେ ବାଇକ୍ ଦେବା ନାଁରେ ୧୫୫ ଜଣଙ୍କୁ ଠକେଇ ଅଭିଯୋଗ

କଣାସ,୨୦।୨(ସମିସ): ଶସ୍ତାରେ ଗାଡ଼ି ଯୋଗାଇଦେବା ପାଇଁ କଣାସ ବ୍ଲକ୍ ଜାଗୁଳାଇପଦର, କଳାପଦର, ଗୋପୀନାଥପୁର, ପାଇକମରା, ସାନଓରା, ବଡ଼ଓରା, ସାହସପୁର, କଉଡ଼ିଖାଣିଆ ଗ୍ରାମର ୧୫୫ ଜଣଙ୍କଠାରୁ ଜନୈକ ଦଲାଲ୍ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ସେମାନେ ବର୍ତ୍ତମାନ ଠକାମୀର ଶିକାର ହୋଇଥିବା ନେଇ ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ, ନିରାକାରପୁର ଥାନା ରେଙ୍ଗାଟି ମଲିସାହି ଗ୍ରାମର ନୀଳାଚଳ ସେଠୀ ଭୁବନେଶ୍ୱରର ଟାଟା କ୍ୟାପିଟାଲ ଫାଇନାନ୍ସ ସଂସ୍ଥାକୁ ଉକ୍ତ ଲୋକମାନଙ୍କୁ ନେଇ ୧୫୫ ଜଣଙ୍କୁ ୨୮ ପ୍ରତିଶତ ରିଆତିରେ ଗାଡ଼ି ଯୋଗାଇଦେବା ପାଇଁ କହି ଲୋକଙ୍କଠାରୁ ଟଙ୍କା ନେଇଯାଇ ଜିରୋ ଫାଇନାନ୍ସରେ ଗାଡ଼ି ଯୋଗାଇ ଦେଇଥିଲେ। ଗାଡ଼ି ନେଇଥିବା ଲୋକଙ୍କ ଆକାଉଣ୍ଟକୁ ନୀଳାଚଳ ସେଠୀ କେତୋଟି କିସ୍ତି ଟଙ୍କା ପଠାଇବା ପରେ ତିନି ମାସ ହେଲା ଟଙ୍କା ନ ପଠାଇବାରୁ ଗାଡ଼ି ଫାଇନାନ୍ସ କରିଥିବା ବ୍ୟାଙ୍କମାନେ ଉକ୍ତ ଲୋକମାନଙ୍କୁ କିସ୍ତି ଟଙ୍କା ଜମା କରିବାକୁ ନୋଟିସ୍ କରିଥିଲେ। ଏହା ସହିତ ଟଙ୍କା ଜମା ନ କଲେ ଗାଡ଼ି ଭିଡ଼ି ଆଣିବୁ ବୋଲି ପତ୍ର ଦେଇଥିବାରୁ ଗାଡ଼ି ଆଣିଥିବା ଲୋକମାନଙ୍କ ମଧ୍ୟରେ ଚିନ୍ତାର କାରଣ ହୋଇପଡ଼ିଛି। ଉକ୍ତ ଲୋକମାନେ ଗଡ଼ିଶାଗୋଦା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗଡ଼ିଶାଗୋଦା ଥାନା ଅଧିକାରୀ ସାନ୍ତନୁ ପ୍ରଧାନ ଅଭିଯୋଗ ପାଇବା ପରେ ଏକ ମାମଲା ରୁଜୁ କରିଛନ୍ତି। ଠକିଥିବା ବ୍ୟକ୍ତି ଜଣକ ନିରାକାରପୁର ଥାନା ଅଞ୍ଚଳର ହୋଇଥିବାରୁ ନିରାକାରପୁର ଥାନାକୁ ଉକ୍ତ ମାମଲାକୁ ଟ୍ରାନ୍ସଫର କରାଯିବ ବୋଲି ଗଡ଼ିଶାଗୋଦା ଥାନା ଅଧିକାରୀ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

## ବିପୁଳ ପରିମାଣର ତମାଖୁ ଓ ପାନ ମସଲା ଜବତ

କୁଣ୍ଢେଇ,୨୦।୨(ସମିସ): ନିଷିଦ୍ଧ ତମାଖୁ ଓ ପାନ ମସଲା ବେଆଇନ ଭାବେ ମହଜୁଦ ରଖିବା ଏବଂ ବିକ୍ରି କରିବା ସଂକ୍ରାନ୍ତରେ ବିଶେଷ ସୂତ୍ରରୁ ସୂଚନା ପାଇ କାକଟପୁର ବଜାରରେ ଥିବା ବିଭିନ୍ନ ଦୋକାନରେ ଚଢ଼ଉ କରିଥିଲା। ଏହି ଚଢ଼ଉ ସମୟରେ କାକଟପୁର ପୁଲିସକୁ ବିଶେଷ ସଫଳତା ମିଳିଛି। ନିଷିଦ୍ଧ ତମାଖୁ କାରବାରକୁ ରୋକିବା ପାଇଁ ବିଭିନ୍ନ ପାନ ଦୋକାନ ଓ ଚା' ଦୋକାନରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ବିପୁଳ ମାତ୍ରାରେ ଜର୍ଦ୍ଦା ମିଶ୍ରିତ ଗୁଟ୍‌ଖା ଜବତ କରାଯାଇଛି। ପୁଲିସ ଜର୍ଦ୍ଦା ମିଶ୍ରିତ ତମାଖୁ, ଖଇନି ବିକ୍ରି କରୁଥିବା ଦୋକାନୀମାନଙ୍କୁ ସଚେତନ କରାଯିବା ସହ ଆଗକୁ ନିଷିଦ୍ଧ ତମାଖୁ ଉତ୍ପାଦ ମହଜୁଦ କିମ୍ବା ବିକ୍ରୟ ନ କରିବା ପାଇଁ କଡ଼ା ଚେତାବନୀ ଦିଆଯାଇଛି। ଦୋକାନ ମାଲିକମାନଙ୍କୁ ତୁରନ୍ତ ଏପରି ବେଆଇନ କାର୍ଯ୍ୟକଳାପ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ୍ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସଂକ୍ରାନ୍ତରେ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ଉଦ୍ୟାନ କୃଷି କର୍ମଶାଳା




ଗମ୍ଭାରୀପଦା,୨୦।୨(ସମିସ): ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ପୁରୀଙ୍କ ଆୟୋଜନ କ୍ରମେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ଖୁଣ୍ଟିଆ ଟାୱାର ପରିସରରେ ସହକାରୀ କୃଷି ଅଧିକାରୀ ଶିବ ପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ କାକଟପୁର ବ୍ଲକ୍‌ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷକ ସମିର କୁମାର ବାରିକ ଉପସ୍ଥିତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ପ୍ରଥମେ କୃଷି କାର୍ଯ୍ୟ ସମୟରେ କ'ଣ ସବୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ। ମହିଳାମାନେ ସମସ୍ୱରରେ ଜଳସେଚନ, ରାସାୟନିକ ସାର, ଉତ୍ପାଦିତ ଶସ୍ୟର ମାର୍କେଟିଂ ଭଳି ସମସ୍ୟା ଥିବା ଦର୍ଶାଇଥିଲେ। ପ୍ରଶିକ୍ଷକ ରାସାୟନିକ ସାରର ପ୍ରୟୋଗ ଫଳରେ ମାନବ ସମାଜ କିଭଳି ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛି କହିବା ସହିତ ଜୈବିକ କୃଷି କାର୍ଯ୍ୟକ୍ରମ ଉପରେ ପ୍ରଶିକ୍ଷଣ ଦେଇଥିଲେ। କାକଟପୁର ବ୍ଲକ୍ ଆତ୍ମାର ଅଧ୍ୟକ୍ଷ ରମେଶ ପାତ୍ର, କାକଟପୁର ଗ୍ରାମପଞ୍ଚାୟତ ସରପଞ୍ଚ ଅଭୟ ସେଠୀ, ବିଜେପି ଲତାହରଣ ମଣ୍ଡଳ ସଭାପତି ରାକେଶ କୁମାର ବିଶ୍ୱାଳ, ଅସ୍ତରଙ୍ଗ ସହାୟକ କୃଷି ଅଧିକାରୀ ଯୁଗଳ କିଶୋର ଭାଲ୍ଲା ପ୍ରମୁଖ ଯୋଗଦେଇ ଜୈବିକ ସାର, ଔଷଧ ପ୍ରୟୋଗର ଉପକାରିତା ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥିତ କୃଷକମାନଙ୍କୁ ଅବଗତ କରାଇଥିଲେ।

## ନୟାହାଟ ବାଳିକା ହାଇସ୍କୁଲରେ ଆତ୍ମରକ୍ଷା ତାଲିମ ଶିବିର

ନୟାହାଟ,୨୦।୨(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତର ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମରକ୍ଷା ପାଇଁ ଏକ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରକୁ ଆନୁଷ୍ଠାନିକ ଭାବେ ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ରାଉତରାୟ, ଶିକ୍ଷକ ଧନଞ୍ଜୟ ମହାପାତ୍ର, ଦେବେନ୍ଦ୍ର ମହାନ୍ତି, ସବିତା ସିଂହ, ସଂଯୁକ୍ତା ମିଶ୍ର ପ୍ରମୁଖ ବାଳିକାମାନଙ୍କୁ ଆତ୍ମରକ୍ଷା ବିଷୟରେ ପ୍ରଶିକ୍ଷଣ ଦେବା ସହିତ ନିଜକୁ କିପରି ବିପଦ ସମୟରେ ରକ୍ଷା କରିପାରିବେ ସେ କୌଶଳ ଶିଖାଇଥିଲେ।

## ବଗଳାମୁଖୀ ପୀଠରେ ଛତିଶା ନିଯୋଗ ସେବାୟତ



ପିପିଲି,୨୦।୨(ସମିସ): ଦାଣ୍ଡମୁକୁନ୍ଦପୁର ସ୍ଥିତ ମା' ବଗଳାମୁଖୀ ପୀଠରେ ଆରମ୍ଭ ହୋଇଯାଇଥିବା ସାତ ଦିନିଆ ୧୪୧ କୁଣ୍ଡୀୟ ଗାୟତ୍ରୀ ଗୋମାତା ବିଶ୍ୱଶାନ୍ତି ମହାଯଜ୍ଞ ପିପିଲି ଅଞ୍ଚଳ ସହ ପୁରୀ ଜିଲ୍ଲାରେ ସମସ୍ତଙ୍କ ମନରେ ଧର୍ମୀୟ ଭାବନା ସୃଷ୍ଟି କରିଛି। ପ୍ରତ୍ୟ ସନ୍ଧ୍ୟାରେ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିନା ବଜାର, ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଏବଂ ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତ ବେଶ ସହ ବିଭିନ୍ନ ଦେବଦେବୀଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ ହେଉଛି। ପ୍ରତିଦିନ ଯଜ୍ଞ ସ୍ଥଳକୁ ବହୁ ମାନ୍ୟଗଣ୍ୟ ସାଧୁସନ୍ଥଙ୍କ ଆଗମନ ହେଉଛି। ଏହି ଅବସରରେ ଯଜ୍ଞର ପଞ୍ଚମ ଦିନରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଛତିଶ ନିଯୋଗର ମହାନାୟକ ଜନାର୍ଦ୍ଦନ ପାଟଯୋଶୀଙ୍କ ସମେତ ଜଗନ୍ନାଥ ପୂଜାପଣ୍ଡା (ମନ୍ଦିର ପରିଚାଳନା ସଭ୍ୟ), ମଧୁସୂଦନ ସିଂହାରୀ (ଦଇତାପତି), କୀର୍ତ୍ତି ଦଇତାପତି, ପଦ୍ମନାଭ ମହାସୁଆର, ନୀଳମଣି ଗୁରୁ, ଜନ୍ମେଶ୍ୱର ଖୁଣ୍ଟିଆ, ଡ. ଶରତ ମହାନ୍ତି (ଚୂନରା ସେବକ), ଉତ୍ତର ପାଶ୍ୱର୍ ମଠ ମହନ୍ତ, ସିଦ୍ଧ ବକୁଳ ମଠ ମହନ୍ତ, ମହିପ୍ରକାଶ ମଠ ମହନ୍ତ, ଶଙ୍କରାଚାର୍ଯ୍ୟ ମଠ ସେବକଙ୍କ ସମେତ ବହୁ ସାଧୁସନ୍ଥ ଯୋଗଦେଇ ମା' ବଗଳାମୁଖୀଙ୍କୁ ପତିତପାବନ ବାନା ଲଗାଇ ପୂଜାର୍ଚ୍ଚନା କରିଥିଲେ। ତା' ସହିତ ଯଜ୍ଞ ପରିସରରେ ବୁଲି ସମସ୍ତ ବିଗ୍ରହ ଦର୍ଶନ କରିସାରି ସେଠାରେ ପୂଜା ପାଉଥିବା ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରାଙ୍କୁ ମଧ୍ୟ ପୂଜାର୍ଚ୍ଚନା କରି ଶ୍ରୀମନ୍ଦିରକୁ ଅନୁଭବ କରିବା ସହିତ ଆୟୋଜକ ପଣ୍ଡିତ ଦେବାଶିଷ ନନ୍ଦଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ଆୟୋଜକ ଶ୍ରୀ ନନ୍ଦ ସମସ୍ତ ଅତିଥିଙ୍କୁ ପାଟବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ପଞ୍ଚାନନ ସ୍ୱାଇଁ ନୂତନ ବ୍ଲକ୍ ବିଜେଡି ସଭାପତି



ଅସ୍ତରଙ୍ଗ,୨୦।୨(ସମିସ): କାକଟପୁର ନିର୍ବାଚନମଣ୍ଡଳୀ ଅସ୍ତରଙ୍ଗ ବ୍ଲକ୍ ବିଜୁ ଜନତା ଦଳର ବରିଷ୍ଠ ନେତା ପଞ୍ଚାନନ ସ୍ୱାଇଁଙ୍କୁ ସଭାପତି ଭାବେ ଦଳ ନିଯୁକ୍ତ କରିଛି। ଅସ୍ତରଙ୍ଗ ବ୍ଲକ୍‌ର ଜଣେ ପରିଚିତ ବ୍ୟକ୍ତିତ୍ୱ, ଶିକ୍ଷକ ନେତା, ଦୃଢ଼ ସଂଗଠକ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏବଂ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ର ନାଥ ନାୟକଙ୍କ ଘନିଷ୍ଠ ସହଯୋଗୀ ଭାବେ ବେଶ୍ ଜଣାଶୁଣା। ବୁଧବାର ଦଳର ରାଜ୍ୟ ରାଜନୈତିକ ସଂଗଠନ ବ୍ୟାପାର ପକ୍ଷରୁ ତାଙ୍କ ନାମକୁ ଘୋଷଣା କରାଯାଇଛି। ମୋର କାର୍ଯ୍ୟଶୈଳୀ ଓ ସାଂଗଠନିକ ଦକ୍ଷତା ଉପରେ ଦଳ ଭରସା କରି ନିଯୁକ୍ତି ଦେଇଥିବାରୁ ରାଜ୍ୟ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଓ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହା ସହିତ ଗତ ବିଧାନସଭା ନିର୍ବାଚନ ପରେ ସୁପ୍ତପ୍ରାୟ ହୋଇଯାଇଥିବା ସଂଗଠନ, କର୍ମୀମାନଙ୍କୁ ସକ୍ରିୟ କରିବା ଏବଂ ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ତୃଣମୂଳସ୍ତରରେ ସାଂଗଠନିକ କାର୍ଯ୍ୟକ୍ରମ କରିବେ ବୋଲି କହିଛନ୍ତି।

## ତେଲଙ୍ଗାପଡ଼ା ପ୍ରିମିୟମ୍ ଲିଗ୍: ଅଜିତ୍ ୱାରିୟର ଚାମ୍ପିଅନ



କଣାସ,୨୦।୨(ସମିସ): କଣାସ ବ୍ଲକ୍ ଦେଇପୁର ପଞ୍ଚାୟତ ତେଲଙ୍ଗାପଡ଼ା ଯୁବ କ୍ଲବ୍ ଆନୁକୂଲ୍ୟରେ ତେଲଙ୍ଗାପଡ଼ା ପ୍ରଥମ ପ୍ରିମିୟମ୍ ଲିଗ୍ ମ୍ୟାଚ୍ ଗତ ୧୨ ତାରିଖଠାରୁ ଆରମ୍ଭ ହୋଇ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୫ଟି ଦଳ ମଧ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଅଜିତ୍ ୱାରିୟର ଚାମ୍ପିଅନ ହୋଇଛି। ଫାଇନାଲ୍ ମ୍ୟାଚ୍ ଅଜିତ୍ ୱାରିୟର ତେଲଙ୍ଗାପଡ଼ା ସହିତ ଫାଇଟର ଇଲେଭେନ ଆଳିପଡ଼ା ମଧ୍ୟରେ ହୋଇଥିଲା। ଅଜିତ୍ ୱାରିୟର ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୧୨ ଓଭରରେ ୪ ୱିକେଟ୍ ହରାଇ ୧୧୨ ରନ୍ କରିଥିଲା। ଜବାବରେ ଫାଇଟର ଇଲେଭେନ ସମସ୍ତ ୱିକେଟ ହରାଇ ୧୧୧ ରନ୍ କରି ୧ ରନ୍‌ରେ ପରାସ୍ତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାବିତ୍ ମକର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ମୋହନ ପରିଡ଼ା, ଦେଇପୁର ସରପଞ୍ଚ ପ୍ରତିନିଧି ଅଜୟ ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ, ବିଶ୍ୱଭୂଷଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳକୁ ଟ୍ରଫି ସହିତ ୫ ହଜାର ଓ ରାନର୍ସଅପ୍ ଦଳକୁ ଟ୍ରଫି ସହିତ ୪ ହଜାର ଟଙ୍କା ପ୍ରଦାନ କରିଥିଲେ। ଖେଳ ପରିଚାଳନା କରିଥିଲେ ମାନସ ରଞ୍ଜନ ମହାପାତ୍ର, ଟିକୁ କୁମାର।

## ମହିଳାଙ୍କୁ ଦୁର୍ବ୍ୟବହାର; ଅଭିଯୁକ୍ତ କୋର୍ଟ ଚାଲାଣ

ଅସ୍ତରଙ୍ଗ,୨୦।୨(ସମିସ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ମାଳଦା ଗ୍ରାମରେ ଜଣେ ବ୍ୟକ୍ତି ଉକ୍ତ ଗ୍ରାମର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଗିରଫ ହୋଇ ଶୁକ୍ରବାର କୋର୍ଟ ଚାଲାଣ ହୋଇଛି। ସୂଚନା ମୁତାବକ, ମାଳଦା ଗ୍ରାମର ଜନୈକା ମହିଳାଙ୍କ ଘରେ ପଶି ଉକ୍ତ ଗ୍ରାମର ପବିତ୍ର ଦାସ ଧମକଚମକ ଦେବା ସହ ଦୁର୍ବ୍ୟବହାର କରିଥିଲେ। ଏ ନେଇ ଗୁରୁବାର ମହିଳା ଜଣକ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ୩୨/୨୬ରେ ଏକ ମାମଲା ରୁଜୁ କରି ଅସ୍ତରଙ୍ଗ ଥାନା ଏଏସ୍‌ଆଇ ପ୍ରଶାନ୍ତ ସାମନ୍ତରାୟ ଭୋର୍ ପ୍ରାୟ ୪ଟାରେ ପବିତ୍ରକୁ ମାଳଦା ଗ୍ରାମରୁ ଗିରଫ କରିଥିଲେ। ଘଟଣାସ୍ଥଳରୁ ଶାବଳ ଓ କଟୁରୀ ଜବତ କରି ତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇ କୋର୍ଟ ଚାଲାଣ କରାଯାଇଛି।

### ● ନୟାହାଟ ଫାଣ୍ଡିରେ ଆମ ପୁଲିସ କାର୍ଯ୍ୟକ୍ରମ

## ୨୪ ଜଣଙ୍କୁ ପରିଚୟପତ୍ର ବଣ୍ଟନ

ନୟାହାଟ,୨୦।୨(ସମିସ): ନୟାହାଟ ଫାଣ୍ଡିରେ ଗୁରୁବାର ଆମ ପୁଲିସ କାର୍ଯ୍ୟକ୍ରମରେ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ୨୪ଜଣ ନୂତନ ସଭ୍ୟଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଏଥିରେ ସମ୍ପାଦକ କୈଳାସ ଚନ୍ଦ୍ର ଦାସ ପରିଚୟ ପତ୍ର ସୁଚାରୁ ରୂପେ ବଣ୍ଟନ କରିଥିଲେ। ନୟାହାଟ ଫାଣ୍ଡିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୨ଜଣ ସଭ୍ୟ ଯୋଗଦେଇଥିଲେ। ଦିବ୍ୟାଙ୍ଗ ମେଧାବୀ ଗରିବ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ଦେବାପାଇଁ ଏକ ସେବାସଂସ୍ଥା ଗଠନ କରାଯାଇଥିଲା। ଏଥିରେ ଉପସଭାପତି ସୁରେନ୍ଦ୍ର ମୋହନ ବିଟି, କୃଷ୍ଣ ଚନ୍ଦ୍ର ବାରିକ, ଗୁରୁ ପ୍ରସାଦ ମହାନ୍ତି, ମାଧବାନନ୍ଦ ସାହୁ, କେଦାର ନାଥ ସାହୁ, ମିର୍ଜା ଆଲମ୍, ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର ପ୍ରମୁଖ ଯୋଗଦେଇ ସଭା ପରିଚାଳନା କରିଥିଲେ।



## ୭ ପଥର ଓ ବାଲି ବୋଝେଇ ଗାଡ଼ି ଜବତ



କଣାସ,୨୦।୨(ସମିସ): କଣାସ ଅଞ୍ଚଳରେ ବ୍ୟାପକ ପଥର ଓ ବାଲି ଚୋରା ଚାଲାଣ ହେଉଥିବା ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କଣାସ ତହସିଲ୍‌ଦାର ହିମାଂଶୁ ଶେଖର ଗିରି ଶୁକ୍ରବାର ସକାଳୁ ଅଚାନକ ନୂଆ ଜଗନ୍ନାଥ ସଡ଼କର ବକୁ ଛକଠାରେ ଚଢ଼ଉ କରି ଚାରୋଟି ପଥର ଓ ୩ଟି ବାଲି ବୋଝେଇ ଗାଡ଼ି ଜବତ କରିଥିଲେ। ଚୋରା ଚାଲାଣ କରୁଥିବା ବାଲି ଓ ପଥର ଗାଡ଼ି ମାଲିକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରିଛି।

## କୋଣାର୍କ ସାହିତ୍ୟ ଉତ୍ସବ

# 'ଓଡ଼ିଆ ସାହିତ୍ୟର ଗରିମାକୁ ଉଜ୍ଜୀବିତ କରୁଛି ପାଲା'

କୋଣାର୍କ,୨୦।୨(ସମିସ)




ଓଡ଼ିଶାର ପାଲା ସଂସ୍କୃତି ଖାଲି ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ଓଡ଼ିଆ ଭାଷା ଓ ସାହିତ୍ୟର ଗରିମାକୁ ଉଜ୍ଜୀବିତ କରୁଛି ବୋଲି କୋଣାର୍କ ନାଟ୍ୟମଣ୍ଡପ ପକ୍ଷରୁ ଆୟୋଜିତ ୩୦ତମ କୋଣାର୍କ ସାହିତ୍ୟ ଉତ୍ସବରେ ଉପସ୍ଥିତ ବିଦ୍ୱାନମାନେ ମତବ୍ୟକ୍ତ କରିଛନ୍ତି। ପାଲା ଗାୟକ ପ୍ରାଧ୍ୟାପକ ନିରୋଦ ଦାସ 'ପାଲା ସଂସ୍କୃତି ଓ ଓଡ଼ିଆ ସାହିତ୍ୟ' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରି ପ୍ରାଚୀନ ତଥା ରୀତିଯୁଗୀୟ ଓଡ଼ିଆ କାବ୍ୟକବିତାର ପ୍ରଚାରପ୍ରସାର କ୍ଷେତ୍ରରେ ପାଲାକାରଙ୍କ ଅବଦାନ ଅବିସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆ ଛାନ୍ଦ, ଚମ୍ପୂ ଓ ସାଙ୍ଗୀତିକତାର ପ୍ରୟୋଗାତ୍ମକ ଦିଗକୁ ପାଲା ପରିବେଷଣ ମାଧ୍ୟମରେ ପାଲାକାରମାନେ ପରିପୁଷ୍ଟ କରି ଆସିଛନ୍ତି ବୋଲି ରାଜ୍ୟ ପାଲା ଗାୟକ ପରିଷଦର ସାଧାରଣ ସମ୍ପାଦକ ବସନ୍ତ କୁମାର ରାଉତ କହିଥିଲେ। ଅର୍କଶ୍ରୀ ସମ୍ପାଦକ ଉମେଶ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାହିତ୍ୟ ସଭାରେ ଅତିଥି ଭାବେ ଚିରସନ୍ଧାନର ସମ୍ପାଦକ ଡ. ପାର୍ଥସାରଥୀ ଅଜୟ ବାରିକ, ଗାୟକ ସୁଧାକର ଯୁଧିଷ୍ଠିର ପରିଜା, ଶ୍ରୀପର୍ଣ୍ଣାର ସମ୍ପାଦକ କବି ଉମାକାନ୍ତ ମହାପାତ୍ର, କଥାକାର ଡ. ଅଜୟ ସ୍ୱାଇଁ, କଳାକାର ନଟବର ଆଚାର୍ଯ୍ୟ, ସମାଜସେବୀ ରମାକାନ୍ତ ସାହୁ, ଶିକ୍ଷୟିତ୍ରୀ ମନୋରମା ମିଶ୍ର ଓ ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆୟୋଜିତ କବିତାପାଠ କାର୍ଯ୍ୟକ୍ରମରେ କବି ଡ. ସ୍ୱର୍ଣ୍ଣଲତା ତ୍ରିପାଠୀ, କବି ଡ. ଚିତ୍ତରଞ୍ଜନ ବିଶ୍ୱାଳ, ସଂସ୍କୃତି ସଂଗଠକ ବିରଞ୍ଚି ନାରାୟଣ ରଥ, ଶରତ ଷଡ଼ଙ୍ଗୀ, ଶ୍ରୀଧର ଛାଟୋଇଙ୍କ ସମେତ ଅନ୍ୟମାନେ କବିତାପାଠ କରିଥିଲେ। ଗୁରୁ ଜୟକୃଷ୍ଣ ନାୟକ, ରାନୁ ରାଓ, ସୁଷମା ପ୍ରଧାନ ପ୍ରମୁଖ ସାହିତ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

୨୦/୨/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୪୧,୭୦୧/- ସୁନା:୦୯.୫୦୦ ଗ୍ରାମ୍ ରୁପା: ୪୫.୦୦୦ ଗ୍ରାମ୍





# ଆସିଲା ଖରା; ବାଲୁଖଣ୍ଡକୁ ବଢ଼ିଲା ନିଆଁ ଭୟ

**ପୁରୀ,୨୦।୨(ସମିସ):** ଆସିଲାଣି ଖରା। ଆଗକୁ ବଢ଼ିବ ରୌଦ୍ରତାପ। ତେବେ ବିଗତ କିଛିବର୍ଷକୁ ଦେଖିଲେ ଗ୍ରୀଷ୍ମ ଆରମ୍ଭରୁ ବନାଗ୍ନି ଚିନ୍ତା ବଢ଼ାଇଥାଏ। କୋଣାର୍କ-ବାଲୁଖଣ୍ଡ ଅଭୟାରଣ୍ୟ ପ୍ରତି ମଧ ପ୍ରତିବର୍ଷ ନିଆଁର ଭୟ ରହିଥାଏ। ସାମାନ୍ୟ ଅସାବଧାନତା ବଡ଼ ବିପଦ ଆଣିପାରେ। କାରଣ ଏହି ଅଭୟାରଣ୍ୟର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜମୁଛି ଭୋଜି ଭାତର ଆସର। ଏପରି କି ଅବାଧରେ ଲୋକେ ଯା, ଆସ କରୁଛନ୍ତି। ବିଡ଼ି, ସିଗାରେଟ୍ ନିଆଁ ବି ଭୟଙ୍କର ଅଗ୍ନିକାଣ୍ଡକୁ ଆମନ୍ତ୍ରଣ କରିପାରେ। କିନ୍ତୁ ସମ୍ଭାବ୍ୟ ଆଶଙ୍କାକୁ ଟାଳିବା ପାଇଁ ବିଭାଗ ପକ୍ଷରୁ ସେମିତି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ।

ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍‌ରେ ଅବସ୍ଥିତ ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ। ୪୦ କି.ମି. ଲମ୍ବ ୮୭ ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ ଏହି ଅଭୟାରଣ୍ୟର ପରିବେଶ ବେଶ୍ ମନମୁଗ୍ଧକର। ହେଲେ ୨୦୧୯ ମେ’ ୩ ତାରିଖରେ ବଦଳି ଯାଇଥିଲା ଏହାର ଚିତ୍ର। ପୁରୀ ଜିଲ୍ଲାରେ ତାଣ୍ଡବ ରଚିଥିଲା ବାତ୍ୟା ଫନୀ। ବିଶେଷକରି ଫନୀ ବାଲୁଖଣ୍ଡ ଅଭୟାରଣ୍ୟରେ ମାଡ଼ ହେବା ପରେ ଏହାର ସବୁଜିମାକୁ ସମ୍ପୂର୍ଣ୍ଣ ଉଜାଡ଼ି ଦେଇଥିଲା। ଘଞ୍ଚ ଜଙ୍ଗଲକୁ ଏକପ୍ରକାର ଟାଙ୍ଗରା ଭୂଇଁ କରିଦେଇଥିଲା। ପ୍ରାୟ ୫ହଜାର ହେକ୍ଟର ଅଞ୍ଚଳରେ ଲକ୍ଷ ଲକ୍ଷ ଗଛ ଧରାଶାୟୀ ହୋଇପଡ଼ିଥିଲା। ପରବର୍ତ୍ତୀ ସମୟରେ ପୁଣି ବାଲୁଖଣ୍ଡର ସବୁଜିମା ଫେରାଇ ଆଣିବା ଲାଗି ସରକାରୀ ଏବଂ ବେସରକାରୀ ସ୍ତରରେ ଉଦ୍ୟମ ହୋଇଛି। କିଛି ନୂଆ ଗଛ ମଧ ଠିଆ ହେଲାଣି। ହେଲେ ଫନୀକୁ ୭ ବର୍ଷ ବିତିବାକୁ ବସିଥିବାବେଳେ ଏହାରି ମଧ୍ୟରେ ଅନେକଥର ବାଲୁଖଣ୍ଡରେ ନିଆଁ ଲାଗି ବହୁ



ସଂଖ୍ୟାରେ ଗଛ ଜଳିପୋଡ଼ି ନଷ୍ଟ ହୋଇଛି। ଆଗକୁ ଖରା ବଢ଼ିବ। ତେଣୁ ଯେଉଁସବୁ କାରଣ ପାଇଁ ବାଲୁଖଣ୍ଡରେ ଅଗ୍ନିକାଣ୍ଡ ଘଟୁଛି ସେଥିପ୍ରତି ବିଭାଗ ସତର୍କ ଏବଂ ସଜାଗ ହେବା ଦରକାର ବୋଲି ମତ ଦେଇଛନ୍ତି ପରିବେଶବିତ୍।

ବାଲୁଖଣ୍ଡରେ ନିଆଁ ଲାଗିବାର ଅନେକ କାରଣ ରହିଛି। ମୁଖ୍ୟ କାରଣ ମଧ୍ୟରେ ଅଭୟାରଣ୍ୟ ଭିତରକୁ ଅବାଧରେ ଲୋକେ ପ୍ରବେଶ କରୁଛନ୍ତି। ବିଡ଼ି, ସିଗାରେଟ୍ ଟାଣୁଥିବାବେଳେ ବଣଭୋଜି ବି ହେଉଛି। ନିଆଁକୁ ନେଇ ସାମାନ୍ୟ ଅସାବଧାନତା ହେଲେ ଅଭୟାରଣ୍ୟରେ ନିଆଁ ଲାଗିବା କିଛି ଅସମ୍ଭବ ନୁହେଁ। ପୁରୀରୁ କୋଣାର୍କ ପର୍ଯ୍ୟନ୍ତ ଏମିତି ଅନେକ ଜାଗା ରହିଛି। ସ୍ୱାମୀ ନାରାୟଣ ମନ୍ଦିର ସମ୍ମୁଖରେ ପର୍ଯ୍ୟଟକ ମନଇଛା ଜଙ୍ଗଲ ଭିତରକୁ ପ୍ରବେଶ କରୁଛନ୍ତି। ପ୍ରାୟ ୫୦୦ ମିଟର ପର୍ଯ୍ୟନ୍ତ ଭିତରକୁ ଯାଉଛନ୍ତି। ସେଠାରେ ପାନ, ବିଡ଼ି, ସିଗାରେଟ୍ ଟାଣୁଛନ୍ତି। ସେହିପରି ନୂଆନଈ, ରାମଚଣ୍ଡୀ,

**● ଭୋଜିଭାତ ଉପରେ ଲଗାମ୍ ନାହିଁ**
**● ଜଙ୍ଗଲ ଭିତରକୁ ରହିଛି ଅବାଧ ପ୍ରବେଶ**

ଚନ୍ଦ୍ରଭାଗାରେ ଭୋଜିଭାତର ଆସର ଜମୁଛି। ପୂର୍ବରୁ ଯେଭଳି ପିକ୍‌ନିକ୍ ଋତୁ ଥିଲା ଆଉ ସେଭଳି ନାହିଁ। ଏବେ ବର୍ଷତମାମ ପିକ୍‌ନିକ୍ ଋତୁ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ରବିବାର ଏବଂ ବିଭିନ୍ନ ଛୁଟିଦିନରେ ନୂଆନଈ, ରାମଚଣ୍ଡୀ, ଚନ୍ଦ୍ରଭାଗାରେ ଭୋଜି କରାଯାଉଛି। ତେବେ ଅଧିକାଂଶ ଭୋଜିରେ କାଠ ଜାଳି ରୋଷେଇ କରିବାକୁ ଲୋକେ ପସନ୍ଦ କରୁଛନ୍ତି। ରୋଷେଇ ସରିବା ପରେ ଅନେକ ନିଆଁ ଲିଭାଇ ନ ଥା’ନ୍ତି। ଏମିତି ବି ହୋଇଛି ନିଆଁ ଭଲଭାବେ ଲିଭି ନ ଥିବାରୁ ପରେ ପବନରେ ଏହା ଜଳିଉଠି ଜଙ୍ଗଲ ପାଇଁ ବିପଦ ଆଣିଛି। କେବଳ ବଣଭୋଜି ବାଲୁଖଣ୍ଡ ପାଇଁ ବନାଗ୍ନି ବିପଦ ଆଣୁଛି ତା’ ନୁହେଁ, କିଛିବର୍ଷ ହେବ ପ୍ରି ୱେଡିଂ ଶୁଟିଂ ବି ବାଲୁଖଣ୍ଡ ପାଇଁ ଅଗ୍ନିକାଣ୍ଡର ଭୟ ଆଣିଛି। ସାହୁଖଣ୍ଡିଠାରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ରାସ୍ତାର ବାମପାଶ୍ୱର୍ ଜଙ୍ଗଲରେ ବିବାହ ପୂର୍ବରୁ ପ୍ରି ୱେଡିଂ ଶୁଟିଂ କରାଯାଉଛି। ଏବେ ଅନ୍ୟାନ୍ୟ ଜାଗାରେ ବି ଏଭଳି କରାଗଲାଣି। କ୍ୟାମ୍ପ୍ ଫାୟାର କରାଯାଇ ଫଟୋ, ଭିଡିଓ ଶୁଟିଂ କରୁଛନ୍ତି। ପୂର୍ବରୁ ମଧ ଏଥିପାଇଁ ନିଆଁ ଲାଗିଥିବାର ନଜିର ରହିଛି। ସବୁଠୁ ବଡ଼ କଥା ହେଉଛି ଯଦି ଜଙ୍ଗଲ ଭିତରେ କୌଣସି ଜାଗାରେ ନିଆଁ ଲାଗେ ତେବେ ତାକୁ ଆୟତ୍ତ କରିବା କଷ୍ଟକର ହୋଇପଡ଼ିବ। କାରଣ ଜଙ୍ଗଲ ଭିତରେ ସହଜରେ ପାଣି ମିଳୁ ନାହିଁ। ଅଧିକାଂଶ ଚୁଆ ଶୁଖିଲା ପଡୁଛି।

ଅନ୍ୟପକ୍ଷରେ ଜଙ୍ଗଲ ଭିତରେ ଯଦି କୌଣସି କାରଣ ପାଇଁ ଅଗ୍ନିକାଣ୍ଡ ଘଟେ ତେବେ ଅଗ୍ନିଶମ ବାହିନୀର ବଡ଼ ଗାଡ଼ି ପଶିବା ଏତେଟା ସହଜ ନୁହେଁ। ସେହିପରି ଜଙ୍ଗଲ ଭିତରେ ପର୍ଯ୍ୟାପ୍ତ ଚୁଆ ଏବଂ ପୋଖରୀ ନ ଥିବାବେଳେ ଗ୍ରାମ୍ୟ ଜଙ୍ଗଲ ତତ୍ତ୍ୱାବଧାରକଙ୍କୁ ତୁରନ୍ତ କିପରି ନିଆଁ ଆୟତ୍ତ କରିହେବ ସେ ନେଇ ସଠିକ୍ ତାଲିମ ଦିଆଯାଉ ନାହିଁ। ଆଗକୁ ଖରା ବଢ଼ିବ। ଅଭୟାରଣ୍ୟକୁ ନିଆଁ ମୁହଁରୁ ବଞ୍ଚାଇବା ପାଇଁ ବନ ବିଭାଗ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମର ଜନସାଧାରଣଙ୍କୁ ସଚେତନ କରିବା ସହ ପାଟ୍ରୋଲିଂ ମଧ କଡ଼ାକଡ଼ି ହେବା ଦରକାର।

## ୫୨ ଅମାନିଆ ବାଇକ୍ ଚାଳକଙ୍କୁ ଜରିମାନା

**ପୁରୀ,୨୦।୨(ସମିସ):** ପୁରୀ ପୁଲିସ ସିଟି ସବ୍‌ଡିଭିଜନ ପକ୍ଷରୁ ସଡ଼କ ସୁରକ୍ଷା ଓ ଯାତାୟାତ ନିୟମ କଡ଼ାକଡ଼ି ଭାବେ ପାଳନ ଉଦ୍ଦେଶ୍ୟରେ ଶୁକ୍ରବାର ଏକ ବିଶେଷ ଅଭିଯାନ କରାଯାଇଥିଲା। ସହରର ବିଭିନ୍ନ ମୁଖ୍ୟ ରାସ୍ତାରେ ଗାଡ଼ି ଯାଞ୍ଚ ହୋଇଥିଲା।



ବାଇକ୍‌ରେ ତିନିଜଣ ବସିବା ଏବଂ ଅତ୍ୟଧିକ ବେଗରେ ବାଇକ୍ ଚଳାଉଥିବା ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ରହିଥିଲା। ମୋଟ୍ ୫୨ଟି ବାଇକ୍ ବିରୋଧରେ ଟ୍ରିପଲ୍ ରାଇଡିଂ, ଅତ୍ୟଧିକ ବେଗରେ ଚାଳନା ଓ ଅନ୍ୟାନ୍ୟ ଯାତାୟାତ ନିୟମ ଉଲ୍ଲଂଘନ ଅଭିଯୋଗରେ ଜରିମାନା କଟାଯାଇଥିଲା। କେତେକ ଚାଳକଙ୍କୁ ସଚେତନ କରାଯାଇ ଭବିଷ୍ୟତରେ ନିୟମ ମାନି ଗାଡ଼ି ଚଳାଇବାକୁ ପରାମର୍ଶ ଦିଆଯାଇଥିଲା। ଟ୍ରିପଲ୍ ରାଇଡିଂ ଓ ସ୍ପିଡ୍ ଡ୍ରାଇଭିଂ ଦୁର୍ଘଟଣାର ପ୍ରମୁଖ କାରଣ। ଏହା ନିଜ ଓ ଅନ୍ୟମାନଙ୍କ ଜୀବନ ପାଇଁ ଗୁରୁତର ବିପଦ ସୃଷ୍ଟି କରିଥାଏ। ସମସ୍ତ ଯାନଚାଳକଙ୍କୁ ଯାତାୟାତ ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ଓ ନିରାପଦ ଯାତ୍ରାକୁ ପ୍ରାଥମ୍ୟ ଦେବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

## ଛାତ୍ରଛାତ୍ରୀଙ୍କ ଶିଳ୍ପାନୁଷ୍ଠାନ ପରିଦର୍ଶନ

**ପୁରୀ,୨୦।୨(ସମିସ):** ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଓ ଏମ୍‌ଏଫ୍‌ସି ବିଭାଗ ଛାତ୍ରଛାତ୍ରୀମାନଙ୍କର ଶିଳ୍ପାନୁଷ୍ଠାନ ପରିଦର୍ଶନ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏହି କାର୍ଯ୍ୟକ୍ରମ ଅନୁଯାୟୀ ଛାତ୍ରଛାତ୍ରୀମାନେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାସ୍ଥିତ ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍ ଓ ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ ଇତ୍ୟାଦି ଶିଳ୍ପାନୁଷ୍ଠାନ ପରିଦର୍ଶନ କରିବା ସହିତ ନିକଟବର୍ତ୍ତୀ ଐତିହାସିକ ଓ ଦର୍ଶନୀୟ ସ୍ଥାନ ପରିଭ୍ରମଣ କରିବାର ସୁଯୋଗ ଲାଭ କରିବେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀମାନେ, ଶିଳ୍ପାନୁଷ୍ଠାନମାନଙ୍କର ମାନବ ସମ୍ବଳ ପରିଚାଳନା, ବ୍ୟାବସାୟିକ ଓ ବିତ୍ତୀୟ ପରିଚାଳନା ଏବଂ ସିଏସ୍‌ଆର ଅଧୀନରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଚିତ୍ତରଞ୍ଜନ ଦ୍ୱିବେଦୀଙ୍କ ପ୍ରେରଣା ଓ ଏମ୍‌ବିଏ ବିଭାଗର ମୁଖ୍ୟ ଡ. ସତ୍ୟ ପ୍ରକାଶ ମିଶ୍ରଙ୍କ ପ୍ରତ୍ୟକ୍ଷ ସହଯୋଗିତାରେ ବିଭାଗୀୟ ଅଧ୍ୟାପକ ପ୍ୟାରୀମୋହନ ଜେନା ଓ ଅଧ୍ୟାପିକା ସୌମ୍ୟା ମହାନ୍ତି ଛାତ୍ରଛାତ୍ରୀମାନଙ୍କ ସାଙ୍ଗରେ ରହି ଏହି ଶିଳ୍ପାନୁଷ୍ଠାନ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ଦେଶୀ ମଦ ପ୍ରସ୍ତୁତି ବେଳେ ଚଢ଼ଉ; ମହିଳା ଗିରଫ

**ପୁରୀ,୨୦।୨(ସମିସ):** ଦେଶୀ ମଦ ପ୍ରସ୍ତୁତି ବେଳେ ଚଢ଼ଉ କରି ଜଣେ ମହିଳାଙ୍କୁ ଗିରଫ କରିଛି ସମୁଦ୍ରକୂଳ ଥାନା ପୁଲିସ। ଅଭିଯୁକ୍ତ ହେଲେ ବାଲିନାଳିଆ ସାହି ଝାରକଟା ସାହିର ଏସ୍.ମଞ୍ଜୁ (୫୦)। ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସମୁଦ୍ରକୂଳ ଥାନା ପୁଲିସ ପାଟ୍ରୋଲିଂ କରୁଥିଲା। ବାଲିନୋଳିଆ ସାହିରେ ଜଣେ ମହିଳା ଦେଶୀ ମଦ ପ୍ରସ୍ତୁତ କରୁଥିବା ଖବର ପାଇ ପାଟ୍ରୋଲିଂ ଟିମ୍ ସେଠାରେ ପହଞ୍ଚିଥିଲେ। ଏସ୍.ମଞ୍ଜୁ ତାଙ୍କ ଘର ସମ୍ମୁଖ ଏକ କୁଡ଼ିଆ ଭିତରେ ଦେଶୀ ମଦ ପ୍ରସ୍ତୁତ କରୁଥିବା ଦେଖିଥିଲେ। ଯାଞ୍ଚ ବେଳେ ୨ଟି ପ୍ଲାଷ୍ଟିକ୍ ଜାର୍‌କିନ୍‌ରେ ୫ ଲିଟର ଲେଖାଏଁ ଏବଂ ଗୋଟିଏ ଆଲୁମିନିୟମ୍ ପାତ୍ରରେ ୧୦ ଲିଟର ଏହିପରି ୨୦ ଲିଟର ଦେଶୀ ମଦ ଜବତ କରିଥିଲେ। ଏଥିସହ ଗୋଟିଏ ଗ୍ୟାସ୍ ଚୁଲା, ସିଲିଣ୍ଡର, ରେଗୁଲେଟର, ପାଇପ୍, ଗୋଟିଏ ବାଲ୍‌ଟି ଜବତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଏସ୍.ମଞ୍ଜୁଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

### ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ

## ‘ବରିଷ୍ଠ ନାଗରିକ ସମାଜର ସମ୍ବଳ’

**ପୁରୀ,୨୦।୨(ସମିସ):** ବରିଷ୍ଠ ନାଗରିକମାନଙ୍କ ଅନୁଭବ, ଅଭିଜ୍ଞତା ଓ ସଂସ୍କାର ସମାଜର ମାର୍ଗଦର୍ଶିକା। ସେମାନେ ସମାଜ ପାଇଁ ବୋଝ ନୁହନ୍ତି ବରଂ ସମ୍ବଳ ବୋଲି କହିଛନ୍ତି ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ଶୁକ୍ରବାର ଜିଲ୍ଲା ସଂସ୍କୃତି ଭବନଠାରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଉପଲକ୍ଷେ ବରିଷ୍ଠ ନାଗରିକମାନଙ୍କ ଲାଗି ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ସେଠୀ ପୁରାଣ, ଇତିହାସ ଓ ସାମାଜିକ ବାର୍ତ୍ତାର ବିଭିନ୍ନ ଉଦାହରଣ ଦେଇ ବରିଷ୍ଠମାନେ କିପରି ରାଜ୍ୟ, ରାଷ୍ଟ୍ର ଓ ସମାଜ ପାଇଁ ଜଣେ ଜଣେ ସମ୍ପତ୍ତି ଭଳି ତାହାକୁ ଉଲ୍ଲେଖ କରିଥିଲେ। ସମ୍ପ୍ରତି ସାମାଜିକ ସଂସ୍କାରରେ ଅବକ୍ଷୟ ଯୋଗୁଁ ବରିଷ୍ଠମାନେ କେଉଁଠି ନା କେଉଁଠି ଅବହେଳାର ଶିକାର ହେଉଥିବାର ସୂଚନା ମିଳୁଛି। କାର୍ଯ୍ୟାନୁଷ୍ଠାନ ଲାଗି ଏ ସମ୍ପର୍କରେ ଆଇନରେ ମଧ ପ୍ରାବଧାନ ରହିଛି। ତେଣୁ ବ୍ୟାପକ ସଚେତନତା ମାଧ୍ୟମରେ ବରିଷ୍ଠମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାର ପ୍ରକ୍ରିୟାରେ ସାମିଲ୍ ହେବାକୁ ସେ ଅନୁରୋଧ କରିଥିଲେ।

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିନିଧି ଡା. ଉତ୍ପଳ କୁମାର ନନ୍ଦୀ, ଜିଲ୍ଲା ବରିଷ୍ଠ ନାଗରିକ କମିଟି ସଦସ୍ୟ ହରିଶଙ୍କର ମିଶ୍ର, ସଦସ୍ୟା ସବିତା ମିଶ୍ର, ଜିଲ୍ଲା ଇ- ଗଭର୍ଣ୍ଣାନ୍ସ ପରିଚାଳକ ପୀୟୂଷ ଚକ୍ରବର୍ତ୍ତୀ, ଆରକ୍ଷୀ ନିରୀକ୍ଷକ ପବିତ୍ର କୁମାର ମହାରଣା ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ନିରାପତ୍ତା, ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଆଇନ, ସାଇବର ଠକେଇରୁ ବର୍ତ୍ତିବା ପାଇଁ ବିବିଧ ସତର୍କତା ଅବଲମ୍ବନ, ସୁସ୍ଥ ରହିବା ପାଇଁ ବିବିଧ ଉପାୟ ଓ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବ୍ୟାଙ୍କ ଏବଂ ବୀମା ସେକ୍ଟର ତରଫରୁ ଆଶିଷ ପଟ୍ଟନାୟକ ଓ କେଲ୍ଲ ଶ୍ୟାମ ବ୍ୟାଙ୍କରେ ସୁରକ୍ଷିତ ନେଣଦେଣ, ଆର୍ଥିକ ସାକ୍ଷରତା ସମ୍ପର୍କରେ ଅବଗତ କରାଇଥିଲେ। ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକ୍ ତଥା ସହରାଞ୍ଚଳରୁ ବରିଷ୍ଠ ନାଗରିକମାନେ ଉକ୍ତ ସଚେତନତା ଶିବିରରେ ଯୋଗଦେଇଥିଲେ। ଦି ବେଲ୍‌ର ମୁଖ୍ୟ ସିଦ୍ଧାର୍ଥ ରାୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ପ୍ରାତଃ ୭ଟାରେ ଏକ ଯୋଗ କାର୍ଯ୍ୟକ୍ରମ ସଂସ୍କୃତି ଭବନଠାରେ ଆୟୋଜିତ କରାଯାଇଥିଲା। ତତ୍‌ପରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ପୁରୀରୁ ବରିଷ୍ଠ ଡାକ୍ତରମାନେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକୀୟ ଔଷଧ ବିତରଣ କରିଥିଲେ।

## ଜଗନ୍ନାଥବଲ୍ଲଭ ମଠ ଟ୍ରଷ୍ଟ ବୋର୍ଡର ପ୍ରଥମ ବୈଠକ



**ପୁରୀ,୨୦।୨(ସମିସ):** ଶ୍ରୀବିଷ୍ଣୁ ସ୍ୱାମୀ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଟ୍ରଷ୍ଟ ବୋର୍ଡର ପ୍ରଥମ ବୈଠକ ସ୍ୱାମୀ ଶୁଭାନନ୍ଦ ପୁରୀ ମହାରାଜଙ୍କ ଅଧ୍ୟକ୍ଷତାରେ ମଠ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀକ୍ଷେତ୍ରର ଏହି ଐତିହ୍ୟ ସମ୍ପନ୍ନ ମଠର ପ୍ରାଚୀନ ଟ୍ରଷ୍ଟ ବୋର୍ଡର ବୈଠକରେ ଇଣ୍ଟରିମ୍ ମ୍ୟାନେଜିଂ ଟ୍ରଷ୍ଟି ଭାବେ ମହନ୍ତ ଶୁଭାନନ୍ଦ ପୁରୀଙ୍କୁ ମନୋନୀତ କରାଯାଇଛି। ଇଣ୍ଟରିମ୍ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ ସବିଶେଷ ଆଲୋଚନା ପୂର୍ବକ ମଠ ଠାକୁରଙ୍କ ସେବାପୂଜା, ପର୍ବପର୍ବାଣୀ ନୀତି ଓ ମହାପ୍ରଭୁଙ୍କ ଆମୋଦ ଉଦ୍ୟାନ ଭାବେ ପରିଚିତ ବିଭିନ୍ନ ଯାନିଯାତ୍ରା ଉତ୍ସବାଦିର ସୁପରିଚାଳନାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି।

ସେହିପରି ମଠ ସମ୍ପତ୍ତିର ସୁରକ୍ଷା, ସାଧାରଣ ପରିଚାଳନା ତଥା ମଠ ଐତିହ୍ୟର ପ୍ରଚାରପ୍ରସାର ଦିଗରେ ଟ୍ରଷ୍ଟ ପକ୍ଷରୁ ଉଦ୍ୟମ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପୁରୀ ତହସିଲ୍‌ଦାର ଅଭିଷେକ ଦାଶ, ଟାଉନ୍ ଥାନାର ଭାରପ୍ରାପ୍ତ ଅଧିକାରୀ ଗୋକୁଳ ରଞ୍ଜନ ଦାଶ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର, ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ, ବଳରାମ କୋଟ ମଠ ମହନ୍ତ ରଘୁବୀର ଦାସ ଓ ମଣିରାମ ମଠର ଅଭିରାମ ଦାସଜୀ ଉପସ୍ଥିତ ଥିଲେ।


## ପୁରୀରେ ମେରୀ ଚା’ର ବିତରକ ସମ୍ମିଳନୀ

**ପୁରୀ,୨୦।୨(ସମିସ):** ଲୋକପ୍ରିୟ ଚା’ ବ୍ରାଣ୍ଡ ମେରୀ ଚା’ର ଏକ ବିତରକ ସମ୍ମିଳନୀ ସ୍ଥାନୀୟ ହୋଟେଲ ଏମ୍ପାୟାରରେ ଅନୁଷ୍ଠିତ ହୋଇଯାଇଛି। ବାଲାଜୀ ଆଗ୍ରୋ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ସମଗ୍ର ଭାରତ ବର୍ଷରୁ ପ୍ରାୟ ୭୦୦ ବିତରକ ଅଂଶଗ୍ରହଣ କରିଥିଲେ। ୧୯୮୮ ମସିହାରେ ପ୍ରତିଷ୍ଠିତ ଏବଂ କୋଲକାତାରେ ମୁଖ୍ୟାଳୟ ଥିବା ଏହି କମ୍ପାନୀର ବର୍ତ୍ତମାନର ଅଧ୍ୟକ୍ଷ



ନନ୍ଦ କିଶୋର ଅଗ୍ରୱାଲ ବିତରକମାନଙ୍କୁ ସମ୍ବୋଧନ କରିଥିଲେ। ସର୍ବୋତ୍ତମ ଗୁଣବତ୍ତା ଚା’ ପ୍ରଦାନ କରିବା ପାଇଁ ବ୍ରାଣ୍ଡର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। କମ୍ପାନୀ ସବୁବେଳେ ଗ୍ରାହକଙ୍କ ଚାହିଦାକୁ ପ୍ରାଧାନ୍ୟ ଦେଇଥାଏ। ସେଥିପାଇଁ ଆସାମରେ କମ୍ପାନୀର ନିଜସ୍ୱ ୫ଟି ଚା’ ବଗିଚା, ନେପାଳ ଏବଂ ସିଲିଗୁଡ଼ିରେ ଚା’ ପ୍ରକ୍ରିୟାକରଣ କାରଖାନା ମଧ ରହିଛି। ୫୦ରୁ ଅଧିକ ଦେଶକୁ କମ୍ପାନୀ ଚା’ ରପ୍ତାନୀ କରୁଥିବାବେଳେ ବାଲାଜୀ ଆଗ୍ରୋ ପ୍ରାଇଭେଟ୍ ଲିମିଟେଡ୍ ଘରୋଇ ଏବଂ ଅନ୍ତର୍ଜାତୀୟ ବଜାରରେ ଏହାର ପାଦଚିହ୍ନ ବିସ୍ତାର କରିଚାଲିଛି। ଯାହା ବିଶ୍ୱ ଚା’ ଶିଳ୍ପରେ ସ୍ଥିର ଏବଂ ନିରନ୍ତର ଅଭିବୃଦ୍ଧିକୁ ପ୍ରତିପାଦିତ କରୁଛି ବୋଲି ଅଧ୍ୟକ୍ଷ ଶ୍ରୀ ଅଗ୍ରୱାଲ ସୂଚନା ଦେଇଥିଲେ। ଏହି ଅବସରରେ ବିକ୍ରି କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା ବିତରକମାନଙ୍କୁ କମ୍ପାନୀ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଜେନେରାଲ ମ୍ୟାନେଜର ଅରୁଣ କୁମାର ସିଂ, ବିକ୍ରମ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ୨୨ରେ ବିଏଫ୍ ୦୭ କ୍ଲାସିକ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା




**ପୁରୀ,୨୦।୨(ସମିସ):** ପୁରୀର ଅଗ୍ରଣୀ ଜିମ୍ ଅନୁଷ୍ଠାନ ଭବାନୀ ଫିଟ୍‌ନେସ ୦୭ ପକ୍ଷରୁ ଆସନ୍ତା ୨୨ ତାରିଖରେ ପୌର ସଦନଠାରେ ରାଜ୍ୟସ୍ତରୀୟ ବିଏଫ୍ ୦୭ କ୍ଲାସିକ୍ ଚାପ୍ଟର-୩ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୫୦ରୁ ୨୦୦ ପ୍ରତିଯୋଗୀ ଏହି ରାଜ୍ୟସ୍ତରୀୟ ବଡି ବିଲ୍ଡିଂ ଏବଂ ଫିଟ୍‌ନେସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଆବେଦନ କରିଛନ୍ତି ବୋଲି ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଭବାନୀ ଫିଟ୍‌ନେସର ପ୍ରତିଷ୍ଠାତା ଭବାନୀ ଶଙ୍କର ଏହି ପ୍ରତିଯୋଗିତାର ରୂପରେଖ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଏଥିରେ ବଡି ବିଲ୍ଡିଂ, ଡେନିମ୍ ଜିନ୍ସ, ମେନ୍ସ ଫିଜିକ୍ ଓ ମହିଳାମାନଙ୍କ ପାଇଁ ଓମେନ୍ ଗ୍ଲାମର୍ ଏବଂ ଓମେନ୍ ସ୍ପୋର୍ଟ୍ସ ମଡେଲ୍ ବର୍ଗ ରହିଛି। ବଡି ବିଲ୍ଡିଂରେ ଓଜନ ଅନୁଯାୟୀ ୫ଟି ବର୍ଗ, ଡେନିମ୍ ଜିନ୍ସରେ ଉଚ୍ଚତା ଅନୁଯାୟୀ ୨ଟି ବର୍ଗ, ମେନ୍ସରେ ଉଚ୍ଚତା ଅନୁଯାୟୀ ୨ଟି ବର୍ଗ, ଓମେନ୍ ଗ୍ଲାମର୍‌ରେ ଗୋଟିଏ ବର୍ଗ ଏବଂ ଓମେନ୍ ସ୍ପୋର୍ଟ୍ସ ମଡେଲ୍‌ରେ ଗୋଟିଏ ବର୍ଗ ଏହିପରି ସମୁଦାୟ ୧୧ଟି ବର୍ଗ ରହିଛି। ବଡି ବିଲ୍ଡିରେ ଚାମ୍ପିଅନ ଅଫ୍ ଚାମ୍ପିଅନ୍ସଙ୍କୁ ୩୧ ହଜାର ଟଙ୍କା, ମେନ୍ସ ଫିଜିକ୍‌ରେ ଚାମ୍ପିଅନଙ୍କୁ ୧୫ ହଜାର ଟଙ୍କା, ଡେନିମ୍ ଜିନ୍ସରେ ଚାମ୍ପିଅନଙ୍କୁ ୧୧ ହଜାର ଟଙ୍କା ସହିତ ଟ୍ରଫି, ମେଡାଲ୍ ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ସେହିପରି ୧୧ଟି ବର୍ଗରେ ପ୍ରତ୍ୟେକ ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତାମାନଙ୍କୁ ଯଥାକ୍ରମେ ୫୧୦୦ ଟଙ୍କା, ୩୧୦୦ଟଙ୍କା ଓ ୨୧୦୦ ଟଙ୍କା ଅର୍ଥରାଶି ସହିତ ଟ୍ରଫି, ମେଡାଲ୍ ଓ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଭବାନୀ କହିଛନ୍ତି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବହୁ ରାଜନେତା ଓ ପ୍ରଶାସନିକ ଅଧିକାରୀମାନେ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ରାଜେଶ କୁମାର ମହାନ୍ତି, ମଧୁସୂଦନ ମିଶ୍ର, ଆଦର୍ଶ କୁମାର ପ୍ରଧାନ, ଚନ୍ଦନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ରୀଷ୍ମ ପ୍ରବାହ ପରିଚାଳନା ବୈଠକ

## ସୁଚାରୁ ରୂପେ ଦାୟିତ୍ୱ ପାଳନ ପାଇଁ ନିର୍ଦ୍ଦେଶ

**ପୁରୀ,୨୦।୨(ସମିସ):** ଗ୍ରୀଷ୍ମ ପ୍ରବାହ ସମ୍ପର୍କରେ ଲୋକମାନଙ୍କୁ ସଚେତନ ସହ ବିଭିନ୍ନ ବିଭାଗ ସେମାନଙ୍କ ପରିଚାଳନାକୁ ସୁଦୃଢ଼ କରିବା ଜରୁରୀ। ଯାହା ଫଳରେ ଏହି ଗ୍ରୀଷ୍ମ ପ୍ରବାହ କ୍ଷୟକ୍ଷତିକୁ ରୋକାଯାଇପାରିବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଶୁକ୍ରବାର ସଦ୍‌ଭାବନ ସଭାଗୃହ ପରିସରରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କମିଟିର ପୁରୀ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡ଼ା ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇ ପାରିବ ନାହିଁ। କିନ୍ତୁ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନ ଜୀବନ ହାନୀ ଓ କ୍ଷୟକ୍ଷତିକୁ ହ୍ରାସ କରିପାରିବା। ତେଣୁ ବୈଠକର ନିର୍ଯ୍ୟାସ ଅନୁସାରେ ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ବିଷଦ୍ ଆଲୋଚନା କରାଯାଇ କାର୍ଯ୍ୟ ଚୂଡ଼ାନ୍ତ କରାଯାଇଥିଲା।

ବ୍ଲକ୍, ତହସିଲ୍, ଜିଲ୍ଲାସ୍ତର ସହ ସମସ୍ତ ବିଭାଗ ସେମାନଙ୍କ କଣ୍ଟ୍ରୋଲ ରୁମ୍ ବା ନିୟନ୍ତ୍ରଣ କକ୍ଷକୁ ନିରନ୍ତର ଭାବେ ତୁରନ୍ତ କାର୍ଯ୍ୟକ୍ଷମ କରିବା, ୱାଟ୍‌କୋ ତରଫରୁ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣକୁ ଅଧିକ କ୍ରିୟାଶୀଳ କରିବା, ଆବଶ୍ୟକତା ଅନୁସାରେ ଜଳ ଯୋଗାଇବା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ଉତ୍ସଗୁଡ଼ିକୁ ନିୟମିତ ବିଶୋଧନ ସହ ଅଧିକ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଜନଗହଳିପୂର୍ଣ୍ଣ ସ୍ଥାନରେ ବିଡିଓ, ପୌର ଓ ଏନ୍‌ଏସିର ନିର୍ବାହୀ ଅଧିକାରୀମାନେ ଜଳଛତ୍ରର ବ୍ୟବସ୍ଥା କରିବା, ଶ୍ରମିକମାନଙ୍କୁ ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ କାମ ନ କରାଇବା, ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଛାଇ ବ୍ୟବସ୍ଥା, ପାନୀୟ ଜଳ, ସେମାନଙ୍କୁ ସଚେତନତା ବ୍ୟବସ୍ଥା, ଶିକ୍ଷାନୁଷ୍ଠାନଗୁଡ଼ିକ ସରକାରୀ ମାର୍ଗଦର୍ଶିକା ଅନୁସାରେ ପରିଚାଳନା ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ସମସ୍ତ ଚିକିତ୍ସାଳୟରେ ଏସି, କୁଲର, ବରଫ, ପ୍ରଚୁର ଓଆର୍‌ଏସ୍ ବ୍ୟବସ୍ଥା, ବେସରକାରୀ ହସ୍ପିଟାଲମାନଙ୍କୁ ସଚେତନ କରାଇବା, ହିଟ୍ ୱେଭ୍‌ରେ ମୃତ୍ୟୁ ଅଭିଯୋଗରେ ପୋଷ୍ଟମର୍ଟମ ସହ ଯୁଗ୍ମ ତଦନ୍ତ, ଗ୍ରୀଷ୍ମ ସମୟରେ ଲୋକମାନଙ୍କୁ କ’ଣ କରିବା କ’ଣ ନ କରିବା ସମ୍ପର୍କରେ ସଚେତନ କରାଇବା, ଜନପ୍ରତିନିଧି, ସ୍ୱେଚ୍ଛାସେବୀମାନଙ୍କୁ ସଚେତନ ଓ ସେମାନଙ୍କ ସହଯୋଗ ନେବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପଶୁ ସମ୍ପଦମାନଙ୍କ ପାଇଁ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା, ଶ୍ରୀମନ୍ଦିର ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଛାଇ, ମ୍ୟାଟ୍ ଓ ଜଳ ସିଞ୍ଚନ ବ୍ୟବସ୍ଥା, ସ୍ୱାସ୍ଥ୍ୟ, ପାନୀୟ ଜଳ ସହ ଓଆର୍‌ଏସ୍ ବ୍ୟବସ୍ଥା, ବିଭିନ୍ନ ଆବାସିକ ଶିକ୍ଷାନୁଷ୍ଠାନରେ ପାନୀୟ ଜଳ ଓ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା, ପର୍ଯ୍ୟଟନସ୍ଥଳୀମାନଙ୍କରେ ଅନୁରୂପ ସହାୟତା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ସମସ୍ତ ବିଭାଗ ତତ୍ପରତାର ସହ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ଦେବୀ ପ୍ରତାପ, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲ୍‌ଦାର ଓ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜରୁରୀ ବିଭାଗର ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ଜିଲ୍ଲା ପ୍ରୋଜେକ୍ଟ ଅଫିସର ସୁକାନ୍ତ କୁମାର ଦାଶ ଓ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଜଣେ ଶିଶୁ, ଜଣେ ଶିକ୍ଷକ, ଗୋଟିଏ ବହି ଓ ଗୋଟିଏ କଲମ ବିଶ୍ୱକୁ ବଦଳାଇ ଦେଇପାରେ।
-ମଲାଲା ୟୁସଫଜାଇ

## ଉପରମୁହାଁ ମହଙ୍ଗା

ରିଜର୍ଭବ୍ୟାଙ୍କ ମୁଦ୍ରାନୀତି ନିର୍ଦ୍ଧାରଣ କମିଟି ମୁଦ୍ରାସ୍ଫୀତିର ଗତିକୁ ଅନୁଧ୍ୟାନ କରି ଗତ ବୈଠକରେ ରିପୋ ରେଟ ଅପରିବର୍ତ୍ତିତ ରଖିଥିଲେ। କ୍ରମାଗତ ସୁଧହାର ହ୍ରାସର କୋହଳ ନୀତିରୁ ମନେ ହେଉଥିଲା ଦେଶର ବଜାର ବ୍ୟବସ୍ଥା ସୁଧୁରୁଛି ଏବଂ ଖାଉଟିଙ୍କ କ୍ରୟଶକ୍ତି ବଢୁଛି। ତେବେ ଗତ ଡିସେମ୍ବର ଓ ଜାନୁଆରୀ ମାସରେ ମୁଦ୍ରାସ୍ଫୀତି ହାର ଯେପରି ଉପରମୁହାଁ ହେବାରେ ଲାଗିଛି ସେଥିରୁ ମନେ ହେଉଛି ଖାଉଟିଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିବ। ଅବଶ୍ୟ କେନ୍ଦ୍ର ପରିସଂଖ୍ୟାନ ବିଭାଗ ଦୀର୍ଘଦିନ ଧରି ଅପରିବର୍ତ୍ତିତ ରହିଥିବା ମୁଦ୍ରାସ୍ଫୀତିର ମୂଳ ବର୍ଷ ୨୦୨୪ ରୁ ଆରମ୍ଭ କରିଥିବାରୁ ପ୍ରଦର୍ଶିତ ଚିତ୍ର ନେଇ ସାଧାରଣ ଲୋକଟିଏ ଆକଳନ କରିବା କଷ୍ଟକର ହୋଇପଡ଼ିବ। ଦେଶର ପରିବର୍ତ୍ତିତ ଅର୍ଥନୀତି ଓ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଦ୍ରାସ୍ଫୀତି ସୂଚକାଙ୍କ ନିର୍ଦ୍ଧାରଣ ଧାରାରେ କିଛି ପରିବର୍ତ୍ତନ କରାଯାଇଛି। ଏହି ନୂଆଧାରାରେ ଖାଦ୍ୟ ସାମଗ୍ରୀର ଗୁରୁତ୍ୱ ହ୍ରାସ ପାଇଛି। ଖାଦ୍ୟ ସାମଗ୍ରୀର ବର୍ଦ୍ଧିତ ମୂଲ୍ୟ ସୂଚକାଙ୍କକୁ ପ୍ରଭାବିତ କରୁଥିବାରୁ ଉଦ୍ଦେଶ୍ୟମୂଳକ ଭାବେ ଏହା କରାଯାଇଥିବା ମନେ ହୁଏ।

ଯେକୌଣସି ବ୍ୟକ୍ତିର ଜୀବନଧାରଣ ମାନ ଆକଳନ କଲା ବେଳେ ତାହାର ଖାଦ୍ୟ ସାମଗ୍ରୀକୁ ହିଁ ପ୍ରାଥମିକତା ପ୍ରଦାନ କରାଯାଇଥାଏ। ଆଗ ଖାଇପିଇ ବଞ୍ଚିଲେ ତେଣିକି ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଦେଶର ୮୦ କୋଟି ଲୋକ ସରକାର ଦେଉଥିବା ମାଗଣା ରାସନ୍ ଉପରେ ନିର୍ଭର କରି ଜୀବନ ଅତିବାହିତ କରୁଥିବା ବେଳେ ଖାଦ୍ୟ ସାମଗ୍ରୀକୁ କୌଣସି ପରିସ୍ଥିତିରେ ଗୌଣ ଦୃଷ୍ଟିରେ ବିଚାର କରାଯାଇପାରିବ ନାହିଁ। ସରକାରୀ ରିପୋର୍ଟରୁ ପ୍ରକାଶ ଯେ ଗତ ଡିସେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ହାର ୦.୮୩ ପ୍ରତିଶତ ଥିବା ବେଳେ ତାହା ଜାନୁଆରୀରେ ୧.୮୧ ପ୍ରତିଶତକୁ ବୃଦ୍ଧି ପାଇଛି। ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁଁ ଏହି ମୁଦ୍ରାସ୍ଫୀତି ୧୦ ମାସର ରେକର୍ଡକୁ ଅତିକ୍ରମ କରିଛି। ଅଥଚ ଖୁଚୁରା ମୁଦ୍ରାସ୍ଫୀତି ହାର ୨.୭୫ ପ୍ରତିଶତରେ ପହଞ୍ଚିଛି। ସରକାର ଏହାର କାରଣ ଯାହା ଦର୍ଶାନ୍ତୁ ନା କାହିଁକି ଶୀତଦିନିଆ ପନିପରିବା ଓ ଫସଲ ଅମଳ ଋତୁ ଅତିକ୍ରମ କରୁଥିବାରୁ ମୂଲ୍ୟବୃଦ୍ଧିର ପ୍ରଭାବ ଅନୁଭୂତ ହେଉଛି। ଅନ୍ୟପକ୍ଷରେ ବିଭିନ୍ନ ସାମଗ୍ରୀର ଉତ୍ପାଦନ ଖର୍ଚ୍ଚ ବଢୁଥିବାରୁ ବର୍ଦ୍ଧିତ ମୂଲ୍ୟରେ ସେସବୁ ଉତ୍ପାଦ ବଜାରକୁ ଛାଡୁଛନ୍ତି ବିଭିନ୍ନ ସଂସ୍ଥା। ସରକାରୀ ବ୍ୟବସ୍ଥାରେ ମୂଲ୍ୟବୃଦ୍ଧି ଜନିତ ସମସ୍ୟା ଉପରେ କୌଣସି କଟକଣା ନାହିଁ। ଉତ୍ପାଦନ ଖର୍ଚ୍ଚ ବଢୁଥିବା ବେଳେ ଏହି ବ୍ୟୟ ଭାର ଉଭୟ କ୍ରେତା ଓ ବିକ୍ରେତା ବହନ କରୁଥିଲେ ମୂଲ୍ୟ ବୃଦ୍ଧି ଏକ ସହଣୀୟ ସ୍ତରରେ ରହିପାରନ୍ତା। ସରକାର ଜିଏସଟି ହାରରେ ସଂସ୍କାର ଆଣି ସାମୟିକ ମୂଲ୍ୟହ୍ରାସର ପ୍ରଚାର ଓ ପ୍ରସାର ମାଧ୍ୟମରେ ଯେଉଁ ଲୋକପ୍ରିୟତା ହାସଲ କରିଥିଲେ ମାସ ତିନିଟାରେ ତାହା ଫସର ଫାଟି ଗଲାଣି। ସେଥିପ୍ରତି କାହାର ନିଘାନାହିଁ। ଏହାର ଯଥାର୍ଥତା ସଂପର୍କରେ ଉଲ୍ଲେଖ କଲା ବେଳେ ପରିସଂଖ୍ୟାନର ଆବଶ୍ୟକତା ଦର୍ଶାଯିବା ଜରୁରୀ। ଗତ ଡିସେମ୍ବରରେ ଖାଦ୍ୟ ସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ହାର ଶୂନ୍ୟ ରହିଥିବା ବେଳେ ଜାନୁଆରୀରେ ତାହା ୧.୪୧ ପ୍ରତିଶତ ହୋଇଛି।

ପ୍ରତି ପରିବାରରେ ମାସିକିଆ ବଜେଟ ପ୍ରସ୍ତୁତ ହୋଇଥାଏ। ସେହି ବଜେଟରେ ଖାଦ୍ୟ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରାଧାନ୍ୟ ପାଇବା ସ୍ୱାଭାବିକ। ଏ ବାବଦରେ ବଜେଟରେ ବରାଦ ଅର୍ଥଠାରୁ ଅଧିକ ବ୍ୟୟ କରିବାକୁ ପଡୁଥିବାରୁ ଖାଉଟି ବାଧ୍ୟ ହେଉଛି କ୍ରୟ ସଂକୋଚନ କରିବାକୁ। ଠିକେ ଠିକେ ହିସାବ କଲେ ଡାଲିର କିଲୋ ପିଛା ମୂଲ୍ୟ ୩୦ ଟଙ୍କା ଓ ଖାଇବା ତେଲ ଲିଟରପିଛା ମୂଲ୍ୟ ୨୦ ଟଙ୍କା ବୃଦ୍ଧି ପାଇଛି। ଖାଉଟିଙ୍କ ସଚେତନତା ଅଭାବରୁ ଖାଇବା ତେଲ ପ୍ୟାକେଟର ଓଜନ ୮୫୦/୯୦୦ ଗ୍ରାମକୁ ହ୍ରାସ କରି ବର୍ଦ୍ଧିତ ମୂଲ୍ୟର ପ୍ରତିଯୋଗିତା କରୁଛନ୍ତି କମ୍ପାନୀ। ଏ ପ୍ରକାର ଠକେଇର କିଛି ଉତ୍ତର ନାହିଁ। ଏମିତି ଦେଖିବାକୁ ଗଲେ ଗହମ ଓ ଡାଲିଜାତ ସାମଗ୍ରୀର ମୂଲ୍ୟ ଏହି ଦୁଇମାସ ମଧ୍ୟରେ ଆକାଶଛୁଆଁ ହେଲାଣି। ବିସ୍କୁଟ, କେକ, ଚକଲେଟ ଓ ନୁଡୁଲ୍ସ ବର୍ଦ୍ଧିତ ମୂଲ୍ୟରେ ବିକ୍ରି ହେଉଛି। ନହେଲେ ପ୍ୟାକେଟର ଆକାର ଛୋଟ କରି ସେହି ପୁରୁଣା ଦାମରେ ଗ୍ରାହକଙ୍କୁ ଠକୁଛନ୍ତି କମ୍ପାନୀ। ସତେଯେପରି ମନେ ହେଉଛି ମୂଲ୍ୟବୃଦ୍ଧି ବ୍ୟବସ୍ଥାର ଅପରିହାର୍ଯ୍ୟ ଅଙ୍ଗ ହୋଇପଡ଼ିଛି। ସରକାର କମ୍ପାନୀ ମାଲିକଙ୍କ ସହ ଯୋଗାଯୋଗରେ ଥିବା ବେଳେ ଭୋଟଦାତା-ଖାଉଟିଙ୍କୁ ଭୁଲିଯାଇଛନ୍ତି।

ବିଚିତ୍ର ଆମ ବ୍ୟବସ୍ଥା। ମୁନାଫାଖୋର ବେପାରୀଙ୍କ ସହ ସଂପର୍କ ଚାନ୍ଦା ପାଇଁ। ପୁଣି ସମୟ ଆସିଲେ ମତଦାତାଙ୍କୁ ବିଭିନ୍ନ ଉପାୟରେ ସାମୟିକ ଅନୁଗ୍ରହୀତ କରି ଭୋଟ ଲୁଟି ଚାଲିଛି କ୍ଷମତା। ମିଛ ପ୍ରଚାର ଓ ମିଛ ପ୍ରତିଶ୍ରୁତିରେ ଦେଶ ଚାଲିଛି। ମିଛ ପ୍ରତି ସହନଶୀଳତା ଏଥି ମଧ୍ୟରେ ଆମ ମଧ୍ୟରେ ବୃଦ୍ଧି ପାଇଛି। ମିଛ-ସତର ଭେଦ ଯେ ଆମେ ବୁଝିପାରୁନେ ଏକଥା ନୁହେଁ। ଯେଉଁଠି ପ୍ରତିବାଦର ସ୍ୱରକୁ ବିଭିନ୍ନ ଉପାୟରେ ଚପାଇ ଦିଆଯାଏ ସେଠାରେ ସରକାରୀ ମିଛକୁ ବୁଝିସାରିଥିବା ଲୋକଙ୍କ ଆବଶ୍ୟକତା ଓ ଚାହିଦା ହ୍ରାସ ପାଇବା ସ୍ୱାଭାବିକ। ସମାଜର ଜାଣିବା ଶୁଣିବା ସଚେତନ ଲୋକଟି ସରକାରୀ ମିଛକୁ ହଜମ କରିବା ସକାଶେ ଦାନ୍ତ ଦେଖାଇଦେଇ ପ୍ରସଙ୍ଗକୁ ଭିନ୍ନ ମୋଡ଼ ଦେବାକୁ ବାଧ୍ୟ ହେଉଛି। ଯେତେବେଳେ ବ୍ୟବସ୍ଥାଗତ ପରିବର୍ତ୍ତନର ସମ୍ଭାବନା ସୁଦୂର ପରାହତ, ସେତେବେଳେ ମୁହଁ ଖୋଲି କାହାର ଦନ୍ତାଘାତରେ କ୍ଷତାକ୍ତ ହେବାର କୌଣସି ଯଥାର୍ଥତା ନାହିଁ। 'ହରିବୋଲ' ଧ୍ୱନି ଦେଇ ବ୍ୟବସ୍ଥାକୁ ଆଗେଇ ନେଉଥିବା ବୃହତ ବର୍ଗଙ୍କ ସହ ସାମିଲ ହୋଇ ନ ପାରିଲେ ପଛ ଧାଡ଼ିରେ ତଳକୁ ମୁହଁପୋତି ନିରବରେ ସହ୍ୟ କରିବାର ଶକ୍ତି ନିଜ ମଧ୍ୟରେ ସଞ୍ଚୟ କରିବା ନେବା ଉଚିତ। ଏହି ଅବ୍ୟବସ୍ଥିତ ଗଣତନ୍ତ୍ରର କେବେ ଭାଗ୍ୟୋଦୟ ଘଟିବ ତାହା କାହାକୁ ଜଣାନାହିଁ।

ନିକଟରେ କେନ୍ଦ୍ର ଓ ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିଛନ୍ତି। ବଜେଟ ବ୍ୟବସ୍ଥାରେ ଦେଶର ସାଧାରଣ ବର୍ଗ ହଜିଯାଇଛନ୍ତି। ବାଣିଜ୍ୟ ନିଅଣ୍ଟ ଓ ଋଣ ଭାରରେ ଭାରାକ୍ରାନ୍ତ ସରକାର। ବ୍ୟବସ୍ଥାକୁ କୌଣସି ପ୍ରକାରରେ ଆଗେଇ ନେବା ପାଇଁ ମିଛିମିଛକା ବଜେଟ ବରାଦ, ଯେଉଁଠି ଖର୍ଚ୍ଚ କରିବାର ପ୍ରତିଶ୍ରୁତିବଦ୍ଧତା ନଥିବ। ପୁଣି ଘୂରି ଫେରି ତାହା ସବୁ ଆସିଯିବ ରାଜକୋଷକୁ। ପରିସ୍ଥିତି ଉପରେ ନଜର ରଖିଥିବା ସଚେତନ ନାଗରିକମାନେ ସ୍ଥିର ନିଶ୍ଚିତ ଯେ ଚଳିତ ଆର୍ଥିକ ଋତୁ ନିଶ୍ଚୟ ମହଙ୍ଗା ସାବ୍ୟସ୍ତ ହେବ। ସରାକାରୀ ବ୍ୟବସ୍ଥା ଏହାକୁ ସୁଧାରିବା ଅବସ୍ଥାରେ ନାହିଁ। କିଛି ଲୋକଙ୍କ ଭୋଗ ପାଇଁ ଆମକୁ ଏବେଠାରୁ ତ୍ୟାଗ କରିବା ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିବ।

## ସୁସ୍ଥ ଜୀବନ ଓ ଜୀବାଧିକାର

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ଡିସେମ୍ବର ୨୦୨୫ ରେ ଦକ୍ଷିଣ ଆମେରିକୀୟ ଦେଶ ପେରୁର ସାଟିପୋ ଓ ନାଉଟା ନାମକ ଦୁଇଟି ପୌରପାଳିକା ଏକ ଅଧ୍ୟାଦେଶ ଜାରି କରିବା ପରେ ଆମାଜନର ଶୁଙ୍କବିହୀନ ବା ଦଂଶନହୀନ ମହୁମାଛିକୁ ଆଇନଗତ ଅଧିକାର ଦିଆଯାଇଛି ସୁସ୍ଥ ଜୀବନ ଅତିବାହିତ କରିବା ପାଇଁ। କୌଣସି କୀଟକୁ ଆଇନଗତ ଅଧିକାର ମିଳିବା ବିଶ୍ୱରେ ଏହା ପ୍ରଥମ। ସମ୍ପ୍ରତି କୀଟପତଙ୍ଗଗୁଡ଼ିକ ମାନବୀୟ ହସ୍ତକ୍ଷେପ, ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ନିଆଁ ଓ ଜଙ୍ଗଲ କ୍ଷୟ ଭଳି ଅନେକ ବିପଦର ସମ୍ମୁଖୀନ ହେଉଥିବାରୁ ଉପରୋକ୍ତ ଆଇନଗତ ଅଧିକାର ଦ୍ୱାରା ଶୁଙ୍କବିହୀନ ମହୁମାଛିଙ୍କ ସୁରକ୍ଷା ଓ ସଂରକ୍ଷଣ ଅଧିକ କ୍ରିୟାଶୀଳ ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି।

ଡାଇନୋସୋର୍ ସମୟରୁ ପ୍ରାୟ ୮ କୋଟି ବର୍ଷଧରି ଏହି ମହୁମାଛି ବିଶ୍ୱର ଉଷ୍ଣମଣ୍ଡଳୀୟ ଜଙ୍ଗଲର ସନ୍ତୁଳନ ବଜାୟ ରଖିଛନ୍ତି। ଉଦାହରଣ ସ୍ୱରୂପ, ଆମାଜନରେ ସେମାନେ କୋକୋ, କଫି ଓ ଆଭୋକାଡୋ ପରି ଫସଲ ସମେତ ୮୦% ରୁ ଅଧିକ ଉଦ୍ଭିଦର ପରାଗସଙ୍ଗମ ପ୍ରକ୍ରିୟାରେ ସହଯୋଗ କରିଆସୁଛନ୍ତି। ଆଦିବାସୀମାନଙ୍କ ସଂସ୍କୃତି ଓ ଆଧ୍ୟାତ୍ମିକ ବିଶ୍ୱାସ ସହିତ ଶୁଙ୍କବିହୀନ ମହୁମାଛିଙ୍କ ନ୍ୟାୟିକ ଅଧିକାର ଅବିଚ୍ଛେଦ୍ୟ ଭାବରେ ଜଡ଼ିତ। ଏହି ଅଧିକାରଗୁଡ଼ିକ ମଧ୍ୟରେ ସେମାନଙ୍କର ଅସ୍ତିତ୍ୱର ଅଧିକାର, ସୁସ୍ଥ ଜନସଂଖ୍ୟା ବଜାୟ ରଖିବା, ସେମାନଙ୍କର ବାସସ୍ଥାନ ପୁନରୁଦ୍ଧାର କରିବା ଏବଂ ପ୍ରଦୂଷଣମୁକ୍ତ ପରିବେଶରେ ସୁସ୍ଥ ଭାବରେ ବଞ୍ଚିବା ଇତ୍ୟାଦି ଅନ୍ତର୍ଭୁକ୍ତ।

ଆଉ ଏକ ଘଟଣାକ୍ରମେ ଡିସେମ୍ବର ୧, ୨୦୦୫ରେ ତେଲଙ୍ଗାନାର ୟେଙ୍କାଥାଲା ଗାଁର ଏକ ପଥର ଖଣିରେ ଏକ ରକ୍ ଇଗଲ୍ ଆଉଲ୍(ପେଚା) ପରିବାର ବସା ବାନ୍ଧିଥିବା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେମାନଙ୍କ ଅଣ୍ଡା ଉଷୁମାଇବା ପ୍ରକ୍ରିୟା ଚାଲିଥିବା ବେଳେ ଖନନ କାର୍ଯ୍ୟ ସାମୟିକ ବନ୍ଦ ରଖାଗଲା। ରାଜ୍ୟ ବନ୍ୟ ଅଧିକାରୀମାନେ ନିର୍ଦ୍ଦେଶ ଦେଲେ ଯେ ପେଚା ଛୁଆ ଜନ୍ମ ହୋଇ ବସା ଛାଡ଼ି ଯିବା ପର୍ଯ୍ୟନ୍ତ ଖଣି ଖନନ କାର୍ଯ୍ୟ ବନ୍ଦ ରହିବ। ଡିସେମ୍ବର ୨୦୨୫ରେ ଘଟିଥିବା ଏହି ଘଟଣା ବନ୍ୟଜୀବଙ୍କ ପ୍ରତି ସହାନୁଭୂତିର ଏକ ବିରଳ ଉଦାହରଣ ଥିଲା।

ସୁସ୍ଥ ଜୀବନର ଅଧିକାର ହେଉଛି ସମସ୍ତ ମାନବ ଅଧିକାର ମଧ୍ୟରୁ ସବୁଠାରୁ ମୌଳିକ। ଏହି ନୀତି ସାରା ବିଶ୍ୱରେ ଆଇନଗତ ବ୍ୟବସ୍ଥା, ସାମ୍ବିଧାନିକ ଢାଞ୍ଚା ଓ ଅନ୍ତର୍ଜାତୀୟ ମାନବ ଅଧିକାର ପରିସରରେ ଗଭୀର ଭାବରେ ନିହିତ ରହିଛି। ସମାନ ଭାବରେ ପ୍ରତ୍ୟେକ ଜୀବଙ୍କର, ଯଥା - ପଶୁ, କୀଟପତଙ୍ଗ, ପକ୍ଷୀ, ଉଦ୍ଭିଦ, ଏପରିକି ଏକ ସୂକ୍ଷ୍ମଜୀବର ମଧ୍ୟ ମଣିଷଙ୍କ ଭଳି ମର୍ଯ୍ୟାଦା ସହିତ ବଞ୍ଚିବାର ଅଧିକାର ଅଛି। ଜୀବନର ଅଧିକାରକୁ ଅନ୍ତର୍ଜାତୀୟ ଚୁକ୍ତି ଓ ଘୋଷଣାପତ୍ରରେ ଏକ ସାର୍ବଜନୀନ ମାନବ ଅଧିକାର ଭାବରେ ସ୍ୱୀକୃତି ଦିଆଯାଇଛି। ମାନବାଧିକାରର ସାର୍ବଜନୀନ ଘୋଷଣାନାମା-୧୯୪୮ର ଧାରା ୩ ରେ କୁହାଯାଇଛି ଯେ - 'ପ୍ରତ୍ୟେକଙ୍କର ଜୀବନ, ସ୍ୱାଧୀନତା ଓ ସୁରକ୍ଷାର ଅଧିକାର ଅଛି।' ନାଗରିକ ଓ ରାଜନୈତିକ ଅଧିକାର ଉପରେ ଅନ୍ତର୍ଜାତୀୟ ଚୁକ୍ତିନାମା(ଆଇସିସିପିଆର)-୧୯୬୬ର ଧାରା ୬ ଘୋଷଣା କରେ ଯେ ଜୀବନର ଅଧିକାର ଅନ୍ତର୍ନିହିତ ଏବଂ ଆଇନ ଦ୍ୱାରା ସୁରକ୍ଷିତ ରହିବା ଆବଶ୍ୟକ।

'ୱାଶିଂଟନ ସମ୍ମିଳନୀ' ଭାବରେ ଜଣାଶୁଣା 'ବିପଦପୂର୍ଣ୍ଣ ଜାତୀୟ ବନ୍ୟପ୍ରାଣୀ ଓ ଉଦ୍ଭିଦର ଅନ୍ତର୍ଜାତୀୟ ବାଣିଜ୍ୟ ସମ୍ବନ୍ଧୀୟ ସମ୍ମିଳନୀ(ସିଆଇଟିଇଏସ୍)' ହେଉଛି ଅନ୍ତର୍ଜାତୀୟ ବାଣିଜ୍ୟର ବିପଦରୁ ବିଲୁପ୍ତପ୍ରାୟ ଉଦ୍ଭିଦ ଓ ପ୍ରାଣୀଙ୍କୁ ସୁରକ୍ଷା ଦେବା ପାଇଁ ଏକ ବହୁପାକ୍ଷୀୟ ଚୁକ୍ତି। ଏହା ୧୯୬୩ରେ 'ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ(ଆଇୟୁସିଏନ୍)'ର ସଦସ୍ୟମାନଙ୍କ ବୈଠକରେ ଗୃହୀତ ଏକ ପ୍ରସ୍ତାବକ୍ରମେ ପ୍ରସ୍ତୁତ କରାଯାଇଥିଲା। ଏହି ସମ୍ମିଳନୀ ୧୯୭୩ରେ ସ୍ୱାକ୍ଷର ପାଇଁ ଖୋଲାଯାଇଥିଲା ଏବଂ ସିଆଇଟିଇଏସ୍ ୧ ଜୁଲାଇ ୧୯୭୫ ରେ କାର୍ଯ୍ୟକାରୀ ହୋଇଥିଲା। ଏହାର ଲକ୍ଷ୍ୟ ହେଉଛି ଅନ୍ତର୍ଜାତୀୟ ବାଣିଜ୍ୟ (ଆମଦାନୀ/ରପ୍ତାନି) ଯେଭଳି ସିଆଇଟିଇଏସ୍ ଅଧୀନରେ ଅନ୍ତର୍ଭୁକ୍ତ ପ୍ରାଣୀ ଓ ଉଦ୍ଭିଦଗୁଡ଼ିକର ବଞ୍ଚିବା ପାଇଁ ବିପଦ ସୃଷ୍ଟି ନ କରେ ତାହା ନିଶ୍ଚିତ କରିବା। ଏହା ଅନୁମତି ଓ ପ୍ରମାଣପତ୍ର ବ୍ୟବସ୍ଥା ମାଧ୍ୟମରେ ହାସଲ କରାଯାଏ। ସିଆଇଟିଇଏସ୍ ୪୦, ୯୦୦ରୁ ଅଧିକ ଜାତୀୟ ଜୀବକୁ ବିଭିନ୍ନ ପରିମାଣର ସୁରକ୍ଷା ପ୍ରଦାନ କରେ।

'କନଭେନସନ ଅନ ବାଇଓଲଜିକାଲ ଡାଇଭରସିଟି(ସିବିଡି) ବା ଜୈବ ବିବିଧତା ସମ୍ବନ୍ଧୀୟ ସମ୍ମିଳନୀ, ଏକ ବହୁପାକ୍ଷିକ ଚୁକ୍ତି, ଯାହା ୧୯୯୨ ମସିହାର ବ୍ରାଜିଲ ର ରିଓ ଡି ଜାନେରିଓଠାରେ ଅନୁଷ୍ଠିତ 'ଧରିତ୍ରୀ ସମ୍ମିଳନୀ'ରେ ଅନୁମୋଦିତ ହୋଇଥିଲା। ଏହି ସମ୍ମିଳନୀର ତିନୋଟି ମୁଖ୍ୟ ଲକ୍ଷ୍ୟ ହେଉଛି: ଜୈବ ବିବିଧତା ସଂରକ୍ଷଣ; ଏହାର ଉପାଦାନଗୁଡ଼ିକର ଯୁକ୍ତିଯୁକ୍ତ ବ୍ୟବହାର ଏବଂ ଜେନେଟିକ୍ ବା ଜିନୀୟ ସମ୍ପଦରୁ ଉପଲବଧ ହେଉଥିବା ଲାଭର ନ୍ୟାୟସଙ୍ଗତ ଓ ସମାନ ବଣ୍ଟନ। ଏହାର ଉଦ୍ଦେଶ୍ୟ ହେଉଛି ଜୈବ ବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ଜାତୀୟ ରଣନୀତି ବିକଶିତ କରିବା ସହିତ ଏହାକୁ ପ୍ରାୟତଃ ସ୍ଥାୟୀ ବିକାଶ ସମ୍ବନ୍ଧୀୟ ପ୍ରମୁଖ ଦସ୍ତାବିଜ ଭାବରେ ପରିଗଣିତ କରିବା।

୧୯୭୦ ଦଶକର ମଧ୍ୟଭାଗ ସୁଦ୍ଧା ଭାରତବର୍ଷ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଜଙ୍ଗଲ କ୍ଷୟ ଓ ପ୍ରାକୃତିକ ବାସସ୍ଥାନ କ୍ଷତି ଯୋଗୁଁ ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ଭଳି ଅନେକ ପରିବେଶଗତ ଆହ୍ୱାନର ସମ୍ମୁଖୀନ ହେଉଥିବା ଅନୁଭବ କରିବାକୁ ଲାଗିଲା। ସରକାର ଚିନ୍ତା କଲେ ଯେ ଏହାକୁ ମୁକାବିଲା କରିବା ପାଇଁ କିଛି ଜରୁରୀ ପଦକ୍ଷେପ ନେବା ଆବଶ୍ୟକ। ସେହି ସମୟରେ ପରିବେଶ ସୁରକ୍ଷାକୁ ନିର୍ଦ୍ଦିଷ୍ଟ ଭାବରେ ସମ୍ବୋଧିତ କରୁଥିବା କୌଣସି ସାମ୍ବିଧାନିକ ବ୍ୟବସ୍ଥା ନଥିଲା। ୧୯୭୨ ମସିହାରେ 'ମାନବୀୟ ପରିବେଶ' ବିଷୟବସ୍ତୁ ଉପରେ ସ୍ୱିଡେନର ରାଜଧାନୀ ଷ୍ଟକହୋମଠାରେ ଏକ ବଡ଼ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସାରା ବିଶ୍ୱର ଦେଶମାନେ ପରିବେଶଗତ ସମସ୍ୟା ଓ ସେଗୁଡ଼ିକର ସମାଧାନ ବିଷୟରେ ଆଲୋଚନା କରିବା ପାଇଁ ଏକାଠି ହୋଇଥିଲେ। ଭାରତ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲା ଏବଂ ଅନୁଭବ କରିଥିଲା ଯେ ଆମକୁ ମଧ୍ୟ ପରିବେଶ ସୁରକ୍ଷାକୁ ଗମ୍ଭୀରତାର ସହିତ ନେବାକୁ ପଡ଼ିବ।

ଷ୍ଟକହୋମ ସମ୍ମିଳନୀ ପରେ ଭାରତ ମାନବ ଓ ବନ୍ୟଜୀବଙ୍କ ଅଧିକାରକୁ ସୁରକ୍ଷା ଦେବା ଏବଂ ପରିବେଶ ସଂରକ୍ଷଣ ପାଇଁ ଆଇନ ପ୍ରଣୟନ ଭଳି ଅନେକ ପଦକ୍ଷେପ ନେଇଥିଲା। ବନ୍ୟ ଜୀବ (ସୁରକ୍ଷା) ଆଇନ-୧୯୭୨ ହେଉଛି ଉଦ୍ଭିଦ ଓ ପ୍ରାଣୀ ସୁରକ୍ଷା ପାଇଁ ପ୍ରଣୀତ ଭାରତୀୟ ସଂସଦର ଏକ ଆଇନ। ଏହି ଆଇନରେ ବନ୍ୟ ପ୍ରାଣୀ, ପକ୍ଷୀ, ଉଦ୍ଭିଦ ଇତ୍ୟାଦିର ସୁରକ୍ଷା ପାଇଁ ବ୍ୟବସ୍ଥା ରହିଛି। ଏହା ସହିତ ଜଡ଼ିତ କିମ୍ବା ଆନୁଷଙ୍ଗିକ ବିଷୟଗୁଡ଼ିକ ପାଇଁ ମଧ୍ୟ ଧ୍ୟାନ ଦିଆଯାଇଛି। ୧୯୭୬ ମସିହାରେ ୪୨ତମ ସମ୍ବିଧାନ ସଂଶୋଧନ ଜରିଆରେ ଧାରା ୪୮-ଏ (୪୮ଇ) କୁ ଧାରା ୪୮ ସହିତ ସଂଯୁକ୍ତ କରାଯାଇଥିଲା। ଧାରା ୪୮-ଏ ହେଉଛି ପରିବେଶ ସୁରକ୍ଷା ସହିତ ଜଡ଼ିତ ରାଷ୍ଟ୍ରନୀତିର ଏକ ନିର୍ଦ୍ଦେଶାତ୍ମକ ନୀତି। ଏହି ଧାରାରେ କୁହାଯାଇଛି ଯେ 'ପରିବେଶର ସୁରକ୍ଷା ଓ ବିକାଶ କରିବା ଏବଂ ଦେଶର ଜଙ୍ଗଲ ଓ ବନ୍ୟଜୀବଙ୍କୁ ସୁରକ୍ଷା ଦେବା ପାଇଁ ପ୍ରୟାସ କରାଯିବ।' ଏହା ରାଜ୍ୟକୁ ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଦିଏ। ଭାରତୀୟ ସମ୍ବିଧାନର ଧାରା ୨୧ ରେ ପ୍ରଦୂଷଣମୁକ୍ତ ଜଳ ଓ ବାୟୁ ଉପଭୋଗ କରିବାର ଅଧିକାର ଅନ୍ତର୍ଭୁକ୍ତ। ଏହି ବ୍ୟାଖ୍ୟା ପରିବେଶ ସୁରକ୍ଷାକୁ ମାନବ ଅଧିକାର ସହିତ ଯୋଡ଼ିବା ପାଇଁ ପଥ ପ୍ରଶସ୍ତ କରେ। ଦ୍ରୁତ ଶିଳ୍ପାୟନ, ଜଙ୍ଗଲ କ୍ଷୟ ଓ ଜଳବାୟୁ ପରିବର୍ତ୍ତନ କ୍ରମଶଃ ସୁସ୍ଥ ପରିବେଶର ଅଧିକାରକୁ ବିପଦରେ ପକାଇଥାଏ।

ଭାରତ ୧୯୮୦ ମସିହାରେ ଜଙ୍ଗଲ (ସଂରକ୍ଷଣ) ଆଇନ ପ୍ରଣୟନ କରିଥିଲା। ୪ ଅଗଷ୍ଟ ୨୦୨୪ ରେ ଭାରତର ଗେଜେଟରେ ପ୍ରକାଶିତ ବିଷୟ ଅନୁସାରେ ଏହାକୁ ସଂଶୋଧନ କରାଯାଇଥିଲା - 'ବନ (ସଂରକ୍ଷଣ) ସଂଶୋଧନ ଆଇନ, ୨୦୨୩'। ପ୍ୟାରିସ୍ ଜଳବାୟୁ ସମ୍ମିଳନୀ-୨୦୧୫ରେ ଭାରତର ପ୍ରତିଶ୍ରୁତିବଦ୍ଧତା ପୂରଣ କରିବା ପାଇଁ ଏହି ସଂଶୋଧନ ଏକ ପୂର୍ବ ଆବଶ୍ୟକତା ଥିଲା। ଭାରତର ଜାତୀୟତା ନିର୍ଦ୍ଦିଷ୍ଟ ଅବଦାନ ଲକ୍ଷ୍ୟ ଥିଲା ୨୦୩୦ ସୁଦ୍ଧା ଅତିରିକ୍ତ ୨.୫ ରୁ ୩.୦ ବିଲିୟନ ଟନ୍ ଅଙ୍ଗାରକାମ୍ଳ ସମତୁଲ୍ୟ କାର୍ବନ ସିଙ୍କ୍ ବା ଅଙ୍ଗାର କୁଣ୍ଡ ସୃଷ୍ଟି କରିବା। ପୁଣି ୨୦୭୦ ସୁଦ୍ଧା ନେଟ୍ ଶୂନ୍ୟ ନିର୍ଗମନର ଜାତୀୟ ଲକ୍ଷ୍ୟ ହାସଲ କରିବା ଏବଂ ପରିବେଶଗତ ସନ୍ତୁଳିତ ସ୍ଥାୟୀ ବିକାଶ ମାଧ୍ୟମରେ ଜଙ୍ଗଲ କାର୍ବନ ଷ୍ଟକ୍ ବଜାୟ ରଖିବା କିମ୍ବା ବୃଦ୍ଧି କରିବା ପାଇଁ ଜଙ୍ଗଲର ଗୁରୁତ୍ୱକୁ ସାକାର କରିବାକୁ ପଡ଼ିବ। ଭାରତରେ ଜଙ୍ଗଲ ଏବଂ ସେଗୁଡ଼ିକର ଜୈବବିବିଧତା ସଂରକ୍ଷଣ କରିବାର ଏକ ସମୃଦ୍ଧ ପରମ୍ପରା ରହିଛି। ତେଣୁ ଜଙ୍ଗଲ ସଂରକ୍ଷଣ ପରିଚାଳନା ଓ ପୁନରୁଦ୍ଧାର, ପରିବେଶଗତ ସୁରକ୍ଷା ବଜାୟ ରଖିବା, ଜଙ୍ଗଲର ସାଂସ୍କୃତିକ ଓ ପାରମ୍ପରିକ ମୂଲ୍ୟବୋଧ ବଜାୟ ରଖିବା ଏବଂ ଆର୍ଥିକ ଆବଶ୍ୟକତା ଓ କାର୍ବନ ନିରପେକ୍ଷତାକୁ ସହଜ କରିବା ପାଇଁ ବ୍ୟବସ୍ଥା ଯୋଗାଇବା ଆବଶ୍ୟକ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୭୭୭୮୦୦୪୦୮

## ଓଡ଼ିଆ ଅସ୍ମିତାର ଅନୁସନ୍ଧାନ

ଡ. କିଶୋର ମହାନ୍ତି

ଓଡ଼ିଆ ଅସ୍ମିତା କଥା କେତେଦିନରୁ ଖୋଜା ଚାଲିଲାଣି। ଅଥଚ ଏ ସମ୍ପର୍କରେ କେହି ସ୍ଥିର ସିଦ୍ଧାନ୍ତରେ ଏ ଯାଏଁ ବୋଧହୁଏ ପହଞ୍ଚି ପାରିଲେ ନାହିଁ। ଏବେ ଯା' ପାଟିରୁ ବାହାରୁଛି ପ୍ରଥମେ ଓଡ଼ିଆ ଅସ୍ମିତା କଥା। ରାଜନେତାଙ୍କଠାରୁ ଆରମ୍ଭ କରି ଖଣି ଖାଦନରେ ଶ୍ରମିକ, ଦିନ ମଜୁରିଆ, ଚାଷୀ ଓ ଛାତ୍ର ମହଲରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି ଆମରାଜ୍ୟରେ ଓଡ଼ିଆ ଅସ୍ମିତା। କିଏ ଦୂରରେ ଥାଇ ହେଉ ବା ପ୍ରବାସରେ ଥାଇ ହେଉ ହିନ୍ଦୀ ଅବା ସ୍ଥାନୀୟ ଭାଷାରେ ଭଲ ଭାବରେ କଥାବାର୍ତ୍ତା ହୋଇ ଅନ୍ୟ ଆଗରେ ଚାକୁଳେଇ କହୁଛି ଓଡ଼ିଆ ଅସ୍ମିତା କଥା। ଏବେ କୁଆଡ଼େ ଓଡ଼ିଆ ଅସ୍ମିତା ଆମର ହଜିଯିବାକୁ ବସିଛି। ତା'କୁ ଆଣି ଥାପନା କରିବା ତଥା ପୁନରାୟ ନବକଳେବର ଦେବା ପାଇଁ ଆମ ବୀର ଓଡ଼ିଆ ପୁଅମାନେ ଅଣ୍ଟା ଭିଡ଼ିଲେଣି। ନିଜେ ନିଜକୁ ପ୍ରଶ୍ନ କରୁଛନ୍ତି ଓଡ଼ିଆ ଅସ୍ମିତା କ'ଣ କିଛି ଅଛି?

ଫକୀର ମୋହନ ସେନାପତି, ଗୋପବନ୍ଧୁ, ମଧୁ ବାରିଷ୍ଟର ଏପରିକି ପୁରୁଖା ବିଜ୍ଞ ପଣ୍ଡିତ ସାହିତ୍ୟିକ ଆମ ଓଡ଼ିଶାର ଏଇ ଅସ୍ମିତା ପାଇଁ କେତେ ଯେ ସଂଗ୍ରାମ କରି ନାହାନ୍ତି ସତରେ! ତଥାପି ଓଡ଼ିଆ ଅସ୍ମିତା କେଉଁଠି କେମିତି ହଠାତ୍ ହଜିଗଲା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଆମେ ସିନା ଆମ ପୂର୍ବପୁରୁଷ, ସଂଗ୍ରାମୀ ନେତାମାନଙ୍କୁ ତାଙ୍କ ଜନ୍ମଦିନରେ ତାଙ୍କ ବେକରେ ଫୁଲମାଳ ପିନ୍ଧାଇ ମହାଆଡ଼ମ୍ବରରେ ଦିବସଟିକୁ ପାଳନ କରୁଛୁ। ହେଲେ ତାଙ୍କ ପ୍ରତିମୂର୍ତ୍ତି ପାଖରେ ଆମେ ଓଡ଼ିଆ ବୋଲି ପରିଚୟ ବାଢ଼ି ପାରୁ ନାହୁଁ। ଜଣାଯାଉଛି ଆମେ ଆମ ଭାଷା, ମାଟି ମା' ପ୍ରତି ମମତା ନାହିଁ। ଏଣୁ ଓଡ଼ିଆ ଅସ୍ମିତା ବଞ୍ଚି ରହିବ କେମିତି? ନିଜକୁ ନିଜେ ଘରେ ସମସ୍ତଙ୍କୁ ପଚାରନ୍ତୁ ତ - ଓଡ଼ିଆ ଅସ୍ମିତା କ'ଣ କହି ପାରିବେ? କିନ୍ତୁ ଗୋଟାଏ ସମୟରେ ଏହି ଓଡ଼ିଆ ଅସ୍ମିତାର ଧୂଆଁ କେମିତି ହଇଚଇ ଓ ଜନମତ ସୃଷ୍ଟି କଲା ତାହା କାହାକୁ ଅଛପା ନାହିଁ? ସଭିଏଁ ଏବେ ବି ସନ୍ଦୀହାନ ଏ ଓଡ଼ିଆ ଅସ୍ମିତାଟା କ'ଣ? ଏ ସମ୍ପର୍କରେ ଥୋକେ ଅଭିଧାନ ଖେଳାଇ ପକାଇଲେ। ଥୋକେ ଇତିହାସ ପୃଷ୍ଠା ଓଲଟାଇଲେ। ଥୋକେ ବିଚାରବିମର୍ଶ କଲେ। ଆଉ ଥୋକେ ସ୍ଲୋଗାନ ଦେଇ ନିଜ ମିଶନକୁ ଟାଣ କରି ସଫଳତା ହାସଲ କଲେ। ତା'ପରେ ସବୁ ଫସର ଫାଟିଗଲା। ଓଡ଼ିଆ ଅସ୍ମିତା ଆସ୍ତେ ଆସ୍ତେ ଲୁଚିବାକୁ ବସିଲାଣି।

ଉତ୍କଳୀୟ ଜାତୀୟ ଜୀବନ ଗଠନରେ ଓଡ଼ିଆ ଅସ୍ମିତାକୁ ବଳିଷ୍ଠ, ସାକାର ଓ ମହିମାନ୍ୱିତ କରିବାରେ ଗୌରୀଶଙ୍କର, ଫକୀରମୋହନ, ପ୍ୟାରୀମୋହନ ଆଚାର୍ଯ୍ୟ, ରାଧାନାଥ, ଗୋବିନ୍ଦଚରଣ, ମଧୁସୂଦନ, ନୀଳମଣି ବିଦ୍ୟାରତ୍ନ, ଗଙ୍ଗାଧର ବିଶ୍ୱନାଥଙ୍କର ପ୍ରଭୃତି ବିଦ୍ୱାନ ବରପୁତ୍ରଗଣଙ୍କ ଯେ କେତେ ଅବଦାନ ଥିଲା ତାହାକୁ କ'ଣ କେହି କେବେ ହେଲେ ଅସ୍ୱୀକାର କରି ପାରିବ? 'ଉତ୍କଳ ସମ୍ମିଳନୀ' ହିଁ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା କରିବାରେ ଓଡ଼ିଆଙ୍କର ଆଖି ଖୋଲିଦେଲା। ଇତିହାସ କହେ ଏହି ସମ୍ମିଳନୀ ହିଁ ଓଡ଼ିଆଙ୍କୁ ଓଡ଼ିଆର ପ୍ରକୃତ ପରିଚୟ ଦେଇଛି। ଓଡ଼ିଆ ସାହିତ୍ୟରେ ରାଜନୀତିର ପ୍ରତ୍ୟେକ୍ଷ ପ୍ରଭାବ ଅନୁଭୂତ ହୋଇଛି ମଧୁସୂଦନ ଦାସ, ନୀଳକଣ୍ଠ, ଗୋପବନ୍ଧୁ, ଜଗବନ୍ଧୁ ସିଂହ, ଗୋଦାବରୀଶ ମିଶ୍ର, କୁନ୍ତଳା କୁମାରୀ, ଗୋପବନ୍ଧୁ ଚୌଧୁରୀ ପ୍ରମୁଖ ସାହିତ୍ୟିକ କର୍ମୀମାନଙ୍କର ଯୁଗୋପଯୋଗୀ ରଚନାବଳୀ ଦ୍ୱାରା। ଫଳସ୍ୱରୂପ ଜାତୀୟ ଜୀବନରେ ରାଜନୀତି ସହିତ ସଚେତନତାର ବୃଦ୍ଧି ଘଟିଥିଲା। ମାତୃଭାଷାର ଉନ୍ନତି ସାଧନକୁ ମଧ୍ୟ ଜାତୀୟ କବି ଓ ଲେଖକ ବର୍ଗ ଆପଣାର ଲକ୍ଷ୍ୟ ଭାବରେ ଗ୍ରହଣ କରିଥିଲେ। ସେଥିପାଇଁ 'ସତ୍ୟବାଦୀ' ପତ୍ରିକା ପ୍ରକାଶନ ଆରମ୍ଭ କରିଥିଲେ ଗୋପବନ୍ଧୁ।

ଆମେ ଏବେ ଓଡ଼ିଆ ଅସ୍ମିତାକୁ ଉଣ୍ଡାଳୁଛେ। ଆଗକୁ ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା କରିବାରେ ଆମେ କ'ଣ ଏବେ ଗୋପବନ୍ଧୁ, ମଧୁବାବୁ ଓ ଗୋଦାବରୀଶ ମହାପାତ୍ରଙ୍କ କଥା ହେଜୁଛେ କି? ଆମ ପିଲାମାନେ ଇଂଲିଶ ମିଡିୟମ୍ ସ୍କୁଲରେ ପଢ଼ିବେ। ଆମ ବଡ଼ ବଡ଼ ଫଳକମାନଙ୍କରେ ଅଶୁଦ୍ଧ ଓଡ଼ିଆ ଶବ୍ଦ ସହ ବିଚିତ୍ର ଢଙ୍ଗରେ କଦର୍ଯ୍ୟ ଶବ୍ଦରେ ରାସ୍ତାଘାଟରେ ଶୋଭାପାଇବ। ଆମ ଗଣମାଧ୍ୟମ ଶୁଦ୍ଧ ଓଡ଼ିଆ ଭାଷା ଉଚ୍ଚାରଣ କରିବା ତ ଦୂରର କଥା ହିନ୍ଦୀ-ଇଂରାଜୀ ମିଶା ଓଡ଼ିଆ ଶବ୍ଦର ବ୍ୟବହାର ଆମର କେଉଁ ଅସ୍ମିତାର ପରିଚୟ ଦେଇଥାଏ? ଛୁଟି ଦରଖାସ୍ତଟିଏ ଭଲରେ ଲେଖା ହୋଇପାରେନା ସରକାରୀ ଦପ୍ତରରେ। ଓଡ଼ିଆ ଭାଷାର ବ୍ୟବହାର ପାଇଁ ଆମେ ଏତେ ବିମୁଖ କାହିଁକି? ବଡ଼ ବଡ଼ ହୋର୍ଡିଂରେ ଓଡ଼ିଆ ଭାଷା ବ୍ୟତିରେକେ ଇଂରାଜୀ ଓ ହିନ୍ଦୀ ଭାଷାର ବହୁଳ ବ୍ୟବହାର କରାଯାଏ। ଏପରି ସ୍ଥଳେ ଆମେ ଅସ୍ମିତା, ଅସ୍ମିତା କହି ଚିତ୍କାର କଲେ କ'ଣ କିଛି ମିଳିପାରେ?

ଆମେ ସବୁକଥାରେ କେବଳ କୁମ୍ଭୀର କାନ୍ଦଣା କରୁ। କିଛିସମୟ ଗଲା ପରେ ଆମର ଖୋଜିବା ଶେଷ ହୁଏ। ପୁଣି ନୂଆ କିଛି ଗୋଟାଏ ହାସଲ କରିବାର ସନ୍ଧାନରେ ଲାଗିପଡୁ। ଖାଲି କଥାରେ କହି ଦେଲେ ହେବ ନି। ଓଡ଼ିଆ ବୋଲି ନିଜକୁ ପରିଚୟ ଦେବାକୁ ହେଲେ ନିଜ ପରମ୍ପରା, ସଂସ୍କୃତି ଓ ଭାଷା ସାହିତ୍ୟର ଜାତୀୟବୋଧ ଭାବକୁ ପ୍ରତିଷ୍ଠା କରିବାକୁ ହେବ। ତେବେ ଯାଇ 'ଓଡ଼ିଆ ଅସ୍ମିତା' ରହିଛି ବୋଲି କହିବାକୁ ହେବ। ବିଶ୍ୱ ଦରବାରରେ ନିଜର ପରିଚୟ ବାଢ଼ିବାକୁ ହେବ।

କଟକ, ମୋ: ୯୪୩୭୭୨୮୪୭୫

## ପ୍ରାଚୀନ ଭାରତୀୟ ସାହିତ୍ୟରେ କଳିଙ୍ଗ ଓ ଉତ୍କଳ


ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଏହି ବର୍ଣ୍ଣନା ମୁତାବକ ଉତ୍କଳ ଦେଶକୁ (ଉତ୍କଳ) ଭାରତର ଦକ୍ଷିଣ-ପୂର୍ବ ଦିଗରେ ଅବସ୍ଥିତ ଥିବା କୁହାଯାଇପାରିବ ନାହିଁ। କିନ୍ତୁ ବୁଦ୍ଧଙ୍କ ଆବିର୍ଭାବ (ଖ୍ରୀ. ପୂ ଷଷ୍ଠ ଶତାବ୍ଦୀ) ବର୍ଷକୁ ହୁଏନସାଂଙ୍କର ଭାରତ ଭ୍ରମଣରେ ଆସିବା (ଖ୍ରୀଷ୍ଟିୟ ସପ୍ତମ ଶତାବ୍ଦୀ) ହେଉଛି ଅତ୍ୟନ୍ତ ଲମ୍ବା ଅବଧିର ଫରକ। ଏଣୁ ଏତେକାଳ ଅନ୍ତରରେ କୌଣସି ସ୍ଥାନର ଅବସ୍ଥିତିକୁ ସଠିକ୍ ଭାବେ ସ୍ଥାନିତ କରିବା ଅଯୌକ୍ତିକ ତଥା ପ୍ରାୟ ଅସମ୍ଭବ। ଏଣୁ ଚୀନ ପରିବ୍ରାଜକଙ୍କର ଏହି ତଥ୍ୟକୁ ଆମେ ସଂପୂର୍ଣ୍ଣ ଠିକ୍ ବୋଲି ଧରି ନେଇପାରିବା ନାହିଁ। ଅଧିକନ୍ତୁ 'ଲଳିତବିସ୍ତର' ଗ୍ରନ୍ଥର ଦର୍ଶିତ ତଥ୍ୟ ମଧ୍ୟ ହୁଏନସାଂଙ୍କ ବର୍ଣ୍ଣନାଠାରୁ ଫରକ ରହୁଛି।

'ଲଳିତବିସ୍ତର'ରେ ତପସ୍ସୁ ଓ ଭଲ୍ଲିକଙ୍କ ନିବାସସ୍ଥଳ 'ସିଲୁକ୍ଷ' ନାମକ ସହର କଥା ଦର୍ଶାଯାଇଛି। ଏହି ସହରକୁ ଗାନ୍ଧାର ରାଜ୍ୟର 'ଶିଳା' ନାମକ ସହର ବୋଲି ଦର୍ଶାଯାଇଛି। ଅନ୍ୟପକ୍ଷରେ ହୁଏନସାଂ ତପସ୍ସୁ ଓ ଭଲ୍ଲିକ ଦୁଇଭାଇଙ୍କ ନିବାସସ୍ଥଳ ଦୁଇଟି ଭିନ୍ନ ଭିନ୍ନ ସହର ବୋଲି ଦର୍ଶାଇବା ସହ ଏମାନଙ୍କ ଉତ୍ତର-ପଶ୍ଚିମ ଭାଗରେ 'ବଲ୍‌ଖ'ଠାରୁ ଦୂରରେ ବୋଲି ମଧ୍ୟ ଉଲ୍ଲେଖ କରିଛନ୍ତି। ସେହିଭଳି 'ଲଳିତବିସ୍ତର' ଗ୍ରନ୍ଥର ପ୍ରଣୟନ ବେଳେ ମଧ୍ୟ ଉତ୍କଳ 'ଉତ୍ତରାପଥ'ରେ ଅବସ୍ଥିତ ଏକ ସହର ବା ଅଧିଷ୍ଠାନ(ଯେଉଁଭଳି ବର୍ମୀୟ ପରମ୍ପରାରେ ଉତ୍କଳକୁ ଇରାବତୀ ତ୍ରିକୋଣଭୂମିରେ ଅବସ୍ଥିତ ବୋଲି ଦର୍ଶାଯାଇଛି) ବୋଲି ଦର୍ଶାଯାଇ ଭ୍ରମାତ୍ମକ ଧାରଣ ସୃଷ୍ଟି କରାଯାଇଛି। ତେଣୁ ଏ ପ୍ରସଙ୍ଗରେ ଏକ ସଠିକ୍ ନିଷ୍ପତ୍ତିରେ ପହଞ୍ଚିବା ନିମନ୍ତେ ଆମଙ୍କୁ 'ବିନୟ', 'ନିକାୟ' ଓ 'ଜାତକ' ଭଳି ପାଲି ବୌଦ୍ଧଗ୍ରନ୍ଥକୁ ଯିବାକୁ ହେବ। ସେଥିରେ ତପସ୍ସୁ ଓ

### ଓଡ଼ିଶାର ବୌଦ୍ଧ ପରମ୍ପରା



ଭଲ୍ଲିକ ଦୁଇ ବଣିକ ଭ୍ରାତା ଉତ୍କଳ ଜନପଦର ବୋଲି ଦର୍ଶାଯାଇଛି। ଏହି ଉତ୍କଳକୁ ଭାରତର ଦକ୍ଷିଣ-ପୂର୍ବ ଭାଗରେ ଅବସ୍ଥିତ ଉତ୍କଳ ଅଥବା ବର୍ତ୍ତମାନର ଓଡ଼ିଶା ବୋଲି ଚିହ୍ନିତ କରାଯିବା ହିଁ ଏକମାତ୍ର ପନ୍ଥା।

ପ୍ରାଚୀନ କାଳରେ ମଗଧର ପ୍ରମୁଖ ସହରମାନ ଯେପରିକି ରାଜଗୃହ, ଗୟା ଓ ପାଟଳୀପୁତ୍ର ଇତ୍ୟାଦି ଦକ୍ଷିଣ-ପୂର୍ବ ଭାଗରେ ରହିଥିବା ସହର ଅଥବା ରାଜ୍ୟଗୁଡ଼ିକ ସହ ଯୋଜନାବଦ୍ଧ ଭାବେ ରାସ୍ତା ମାଧ୍ୟମରେ ଖ୍ୟାତିଲାଭ କରିଥିବା ତାମ୍ରଲିପ୍ତ ବନ୍ଦର ସହ ସଂଯୁକ୍ତ ହୋଇଥିଲା। ତାମ୍ରଲିପ୍ତ ଥିଲା ବିଭିନ୍ନ ଦିଗକୁ ସଂଯୁକ୍ତ କରୁଥିବା ରାସ୍ତାସବୁର ମିଳନ ସ୍ଥଳ। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ସିଂହଳର ରାଜା 'ଦେବାନାମ୍‌ପିୟତିସ୍ସ' ପାଟଳୀପୁତ୍ରର ମୌର୍ଯ୍ୟ ଦରବାରକୁ ଚାରିଗୋଟି ପ୍ରତିନିଧି ମଣ୍ଡଳୀ ପଠାଇଥିଲେ। ସେମାନେ ଉଭୟ ଆସିବା ତଥା ଫେରନ୍ତା ଯାତ୍ରା ନିମନ୍ତେ 'ତାମଲିତ୍ତି' (ତାମ୍ରଲିପ୍ତ) ବନ୍ଦରକୁ ହିଁ ବ୍ୟବହାର କରିଥିଲେ। ପୁନଶ୍ଚ ପବିତ୍ରବୋଧି ବୃକ୍ଷର ଚାରା ଯେତେବେଳେ ସିଂହଳ ପଠାଗଲା, ତାହାକୁ ଗଙ୍ଗା ନଦୀରେ ବୋଇତ ସାହାଯ୍ୟରେ ଗୟାଠାରୁ ତାମଲିତ୍ତି ବନ୍ଦରକୁ ଅଣାଯାଇଥିଲା। ସେଠାରୁ ଜାହାଜରେ ସିଂହଳ ପଠାଯାଇଥିଲା। ଏହିଭଳି ଭାବରେ ପ୍ରାଚୀନ କାଳରୁ ହିଁ ମଗଧ ଓ ଦକ୍ଷିଣ-ପୂର୍ବ ଭାରତ ମଧ୍ୟରେ ଏକ ସଂଗଠିତ ଯୋଗାଯୋଗ ବ୍ୟବସ୍ଥା ସ୍ଥାପିତ ହୋଇଥିଲା। ଏହିଭଳି ଭାବରେ ଉତ୍କଳ ଅଥବା ଉତ୍କଳରୁ ଯାଇଥିବା ତପସ୍ସୁ ଓ ଭଲ୍ଲିକ ଭ୍ରାତାଦ୍ୱୟ ତାମ୍ରଲିପ୍ତ ଓ ସୁମ୍ହ (ଝାଡ଼ଖଣ୍ଡ ଅଞ୍ଚଳ) ହୋଇ ଗୟା ସନ୍ନିକଟ ଭରୁବଲାଠାରେ ପହଞ୍ଚିବା ଗତାନୁଗତିକ ଯୋଗାଯୋଗ ମାର୍ଗ ହିଁ ଥିଲା ଏଥିରେ କୌଣସି ଅବାସ୍ତବ ଘଟଣା ନ ଥିଲା।(ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବକେୟା ପାରିଶ୍ରମିକକୁ କେନ୍ଦ୍ର କରି ଛୁରାମାଡ଼

ବାରିପଦା/ବଡ଼ସାହି, ୨୦।୨(ସମିସ): ବଡ଼ସାହି ଥାନା ଅଧୀନ ସିଂହଟିଆ ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ବକେୟା ପାରିଶ୍ରମିକ ମାଗିବାକୁ କେନ୍ଦ୍ର କରି ମାଲିକ ଓ ଟେକ୍ନିସିଆନ ମଧ୍ୟରେ ବଚସା ହୋଇଥିଲା। ତେବେ ମାଲିକଜଣଙ୍କ ଉତକ୍ଷିପ୍ତ ହୋଇ ଟେକ୍ନିସିଆନଙ୍କୁ ଛୁରୀରେ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଆହତଜଣଙ୍କ ବଳଭଦ୍ରପୁର ଗ୍ରାମର ମିଥୁନ ନାଏକ(୩୨)। ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣକାରୀଜଣଙ୍କ ଫେରାର୍ ଥିବା ବେଳେ ବଡ଼ସାହି ଥାନାରେ ତାଙ୍କ ନାମରେ ଅଭିଯୋଗ ହୋଇଛି। ପୁଲିସ ଘଟଣାର ତଦନ୍ତ କରୁଛି। ଆକ୍ରମଣକାରୀଜଣଙ୍କ ସିସିକେମେରା ଇନଷ୍ଟଲ କରନ୍ତି। ଆହତ ମିଥୁନ ତାଙ୍କ ପାଖରେ କାମ କରୁଥିବା ବେଳେ ୧୨ହଜାର ଟଙ୍କା ପାରିଶ୍ରମିକ ପାଇବାକୁ ଥିଲା। ଯାହାକୁ ନେଇ ସିଂହଟିଆ ଛକରେ ଗଣ୍ଡଗୋଳ ହୋଇଥିଲା।

# ଓୟୋରେ ଇଞ୍ଜିନିୟର୍‌ଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର, ୨୦।୨(ସମିସ): ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟ ଅଞ୍ଚଳରେ ଥିବା ଏକ ଓୟୋ ହୋଟେଲରେ ଜଣେ ଇଞ୍ଜିନିୟରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ, ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅଞ୍ଚଳର ବୁବୁନା ପ୍ରଧାନ (୨୮)। ପ୍ରେମିକା ବର୍ଷାଙ୍କ ସହ ସେ ଭୁବନେଶ୍ୱର ପୋଖରୀପୁଟସ୍ଥିତ ଏକ ଓୟୋ ହୋଟେଲରେ ରହିଥିଲେ। ସେଠାରେ ତାଙ୍କର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ବର୍ଷାଙ୍କ କହିବା ଅନୁଯାୟୀ ବାବୁନା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ହେଲେ କେଉଁ କାରଣରୁ ବାବୁନାଙ୍କ ମୃତ୍ୟୁ ଘଟିଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। କିନ୍ତୁ, ବାବୁନାଙ୍କ ପରିବାରଲୋକ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ତାଙ୍କ ପୁଅକୁ ହତ୍ୟା କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପୁଲିସ ଶବକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ବୁବୁନାଙ୍କ ପରିବାରଲୋକ ପୁରୁଣା ଭୁବନେଶ୍ୱରରେ ଦୀର୍ଘ ବର୍ଷ ହେବ ରହୁଛନ୍ତି। ରଙ୍ଗ କାମ କରି ବାପା ମାଟିଆ ପରିବାର ଚଳାଉଛନ୍ତି। ବୁବୁନା ଭୁବନେଶ୍ୱରର ଏକ ଘରୋଇ କଲେଜରେ ୬ବର୍ଷ ତଳେ ମେକାନିକାଲ ଇଞ୍ଜିନିୟରିଂରେ ବିଟେକ୍ ଶେଷ କରିଥିଲେ। ପରେ ସେ ସଫ୍ଟୱେୟାର କୋର୍ସ ମଧ୍ୟ କରି ଚାକିରି କରୁଥିଲେ। ତେବେ ୨ ମାସ ହେଲା ଚାକିରି କରିବାକୁ ବେଙ୍ଗାଲୁରୁ ଯାଇଥିଲେ। ପରିବାରଲୋକଙ୍କୁ ନ ଜଣାଇ ବାବୁନା ବେଙ୍ଗାଲୁରୁରୁ ଆସିଥିଲେ। ସେ ଓ ପ୍ରେମିକା ବର୍ଷା ଗତକାଲି ଗୁରୁବାର ପୋଖରୀପୁଟର ଡିଏଭି ପବ୍ଲିକ ସ୍କୁଲ ନିକଟରେ ଓୟୋ ହୋଟେଲରେ ରୁମ ନେଇ ରହିଥିଲେ। ରାତି ପ୍ରାୟ ୩ଟା ବେଳେ ବାବୁନାଙ୍କ ପରିବାରଲୋକଙ୍କୁ ଫୋନ୍ କରିଥିଲେ ବର୍ଷା। ବୁବୁନା ବେକରେ କପଡ଼ା ଗୁଡ଼ାଇ ଆତ୍ମହତ୍ୟା କରିଛନ୍ତି ବୋଲି ଜଣାଇଥିଲେ।

**ପରିବାର ଅଗୋଚରରେ ପ୍ରେମିକା ସହ ହୋଟେଲରେ ରହିଥିଲେ**

**ପ୍ରେମିକା ବିରୋଧରେ ହତ୍ୟା ଅଭିଯୋଗ ଆଣିଲେ ପରିବାରଲୋକ**



ବୁବୁନାଙ୍କ ମାଆ ଲଳିତା ପ୍ରଧାନ କହିଛନ୍ତି, ବର୍ଷା ମୋ ପୁଅକୁ ଛାଡ଼ି ବ୍ୟାଙ୍କରେ କାମ କରୁଥିବା ଅନ୍ୟ ଜଣଙ୍କୁ ଭଲ ପାଉଛି। ମୋ ପୁଅକୁ ରାତିରେ ଡାକିଥିଲା। ତାକୁ ସେମାନେ ମିଳିମିଶି ହତ୍ୟା କରିଛନ୍ତି। ବେଙ୍ଗାଲୁରୁରୁ ମୋ ପୁଅକୁ ଡକାଇ ଆଣି ମାରିଛନ୍ତି। ମୋ ପୁଅକୁ ବର୍ଷା ସହ ବାହା କରିବାକୁ ମୁଁ ରାଜି ଥିଲି। କିନ୍ତୁ ବର୍ଷା ମୋ' ପୁଅ ସହ ପ୍ରତାରଣା କରିଥିଲା। ବର୍ଷା ସହ ତା' ପ୍ରେମିକ ଓ ଅନ୍ୟମାନେ ମଧ୍ୟ ଥିଲେ। ଏହି ମାମଲାରେ ବର୍ଷା ଓ ତାଙ୍କ ସହ ଥିବା ଅନ୍ୟମାନଙ୍କୁ ଗିରଫ କରାଯାଉ ବୋଲି ସେ କହିଛନ୍ତି।

ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ହୋଟେଲ ରେଜିଷ୍ଟର ଆଦି ଯାଞ୍ଚ କରି ଅଧିକ ତଦନ୍ତ ଚଳାଇଛି। ଏ ସମ୍ପର୍କରେ ଏୟାରପୋର୍ଟ ଥାନାଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି, ବୁବୁନାଙ୍କ ପରିବାର ସହ ପ୍ରେମିକା ପ୍ରାୟ ୪ ବର୍ଷ ଧରି ଯୋଗାଯୋଗରେ ଥିଲେ। ପ୍ରେମିକା ଓ ପରିବାର ଲୋକମାନେ ବୁବୁନାଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ନେବା ପରେ ଆମେ ଖବର ପାଇଥିଲୁ। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିକାଶ ସ୍ୱପ୍ନ...

ନୂତନ ଭାବେ ପ୍ରଣୟନ କରିଥିବା ଭିବି ଜି-ରାମ-ଜି ଯୋଜନା ପାଇଁ ଓଡ଼ିଶା ସରକାର ନିଜ ବଜେଟ୍‌ରେ ବ୍ୟୟ ବରାଦ କରିଛନ୍ତି। ଏହି ଯୋଜନା ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ରେ ୫ ହଜାର ୫୭୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେହିପରି ମନରେଗାର ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଲାଗି ୧୫୦୦ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ରାଜ୍ୟର ୪ ଟି ଜିଲ୍ଲା କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡ଼ାରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ରଖିଛନ୍ତି। ପୁନଶ୍ଚ ପାରାଦୀପ ଓ ବଲାଙ୍ଗିରରେ ନୂତନ ସରକାରୀ ଇଂଜିନିୟରିଂ କଲେଜ ପାଇଁ ମଧ୍ୟ ଯୋଜନା କରାଯାଇଛି। ଶିକ୍ଷା ଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶାକୁ ସୁନିଶ୍ଚିତ କରିବା ପାଇଁ ୨୩ ହଜାର ୧୮୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ଅର୍ଥ ସହ ଚଳିତ ବଜେଟ୍ ୧ ହଜାର ଉନ୍ନତ ଆଇସିୟୁ ଓ ୫୦୦ ଏଚ୍‌ଡିୟୁ ଶଯ୍ୟା ସ୍ଥାପନ ପାଇଁ ଯୋଜନା ରହିଛି। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଯୋଜନା ପାଇଁ ୪୨୭୯ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

ବଜେଟରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ ରାଜ୍ୟର ୬ ଲକ୍ଷରୁ ଅଧିକ ଯୋଗ୍ୟ ବ୍ୟକ୍ତିଙ୍କୁ ସାମାଜିକ ସୁରକ୍ଷା ପେନସନ ସ୍କିମ୍‌ରେ ଯୋଡ଼ିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଫଳରେ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପାଇବାକୁ ହେଲେ ପୂର୍ବ ହିତାଧିକାରୀଙ୍କ ମୃତ୍ୟୁ ଦ୍ୱାରା ଖାଲିସ୍ଥାନ ସୃଷ୍ଟି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ରାଜପଥ ସହିତ ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେତୁ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ ରାଜ୍ୟର ପ୍ରମୁଖ ସେତୁ ନିର୍ମାଣ, ସୁଗମ ଯାତାୟତ ପାଇଁ ସଡ଼କ ବିକାଶ ଆଦି ପାଇଁ ୭ ହଜାର ୫୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି କ୍ରମରେ ଜୟଦେବ ବିହାର-ନନ୍ଦନକାନନ ରାସ୍ତା ଉନ୍ନତି, କାଠଯୋଡ଼ି ଉପରେ ଦ୍ୱିତୀୟ ସେତୁ, କେନ୍ଦୁଝରର ବାଇପାସ୍ ରୋଡ୍, ଜାତୀୟ ରାଜପଥ-୫୩ ଏମ୍‌ସିଏଲ୍ ଛକରୁ ବୈଜମୁଣ୍ଡା ଛକ ପର୍ଯ୍ୟନ୍ତ ବୁର୍ଲା ରିଙ୍ଗ ରୋଡ୍ ନିର୍ମାଣ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିର୍ମାଣ ନେଇ ନିଷ୍ପତ୍ତି ହୋଇଛି।

## ରୋଷେଇ ଘର...

ଋଣ ବୋଝକୁ ବହୁ ପରିମାଣରେ ହ୍ରାସ କରିଥିଲୁ। ଆର୍ଥିକ ପରିଚାଳନାରେ ଓଡ଼ିଶା ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ ହୋଇଥିଲା। ମାତ୍ର ବିଜେପି ସରକାର ଖୁବ୍ ଶୀଘ୍ର ଓଡ଼ିଶାକୁ ଏକ ଦେବାଳିଆ ରାଜ୍ୟରେ ପରିଣତ କରିବା ଦିଗରେ ଆଗେଇ ଚାଲିଛନ୍ତି। ରାଜ୍ୟର ଋଣ ଖୁବ୍ ଶୀଘ୍ର ୧,୩୦,୦୦୦ କୋଟି ଟଙ୍କା ଛୁଇଁବାକୁ ଯାଉଛି। ଏହା ଓଡ଼ିଶା ଉପରେ ଆର୍ଥିକ ଚାପ ପକାଇବ, ରାଜ୍ୟର ବିକାଶ ଗତି ଏବଂ ଲୋକଙ୍କ କଲ୍ୟାଣକୁ ପଥଭ୍ରଷ୍ଟ କରିବ। ଓଡିଶାର ଲୋକମାନେ ଆଶା କରିଥିଲେ ଯେ ଡବଲ୍ ଇଞ୍ଜିନ୍ କେନ୍ଦ୍ରରୁ ଦ୍ୱିଗୁଣିତ ଅନୁଦାନ ଓ ସହାୟତା ରାଶି ଆଣିବ। ମାତ୍ର ଦୁର୍ଭାଗ୍ୟ ହେଉଛି ବର୍ଷ ବର୍ଷ ଧରି ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଉଛି ଓ ଗତ ଦୁଇବର୍ଷରେ ଏହା ଚରମ ସୀମାରେ ପହଞ୍ଚିଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣ ଚାଷୀଙ୍କୁ ଉତ୍ସର୍ଗ କରିଛନ୍ତି, କିନ୍ତୁ ବଜେଟ୍ ଚାଷୀଙ୍କ ପ୍ରକୃତ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛି। ରାଜ୍ୟର ବିକାଶ ଉପରେ କୌଣସି ଧ୍ୟାନ ନ ଦେଇ ସମସ୍ତ ବଡ଼ ପ୍ରତିଶ୍ରୁତି ଦିଆଯାଇଛି। ଶୂନ୍ୟ ରୋଷେଇଘର କିନ୍ତୁ ଖାଦ୍ୟ ସୂଚୀ ଲମ୍ବା ବୋଲି ନବୀନ କହିଛନ୍ତି।

## କୃଷି ବ୍ୟୟବରାଦ...

ଆର୍ଥିକ ବର୍ଷରେ ସରକାର ଏହି ବିଭାଗ ପାଇଁ ୧୪୭୦୧.୩୯ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଅର୍ଥାତ୍ ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ବର୍ଷ ବିଭାଗର ବରାଦ ମାତ୍ର ୬୮ ଲକ୍ଷ ଟଙ୍କା ଅଧିକ ବଢ଼ିଛି। ରାଜ୍ୟରେ ଚାଷୀଙ୍କ ଧାନ କିଣାକୁ ନେଇ ରାଜ୍ୟବ୍ୟାପୀ ପ୍ରତିବାଦ ଜାରି ରହିଛି। ସରକାରଙ୍କ ପାଖରେ ଟଙ୍କା ନଥିବାରୁ ଚାଷୀଙ୍କ ଧାନ କିଣାଯାଉନଥିବା ଚର୍ଚ୍ଚା ହେଉଛି। ସେହିପରି ବିଭାଗ ଅଧିନରେ ଚାଷୀ କଲ୍ୟାଣ ପାଇଁ ଅଧିକ ଅର୍ଥର ଆବଶ୍ୟକ ହେଉଥିବା ବେଳେ, ସରକାର ମାତ୍ର ୬୮ ଲକ୍ଷ ଟଙ୍କା ଅଧିକ ପ୍ରଦାନ କରିବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଚାଷୀ ନେତା।

ଅନ୍ୟପକ୍ଷରେ ଅବକାରୀ ରାଜସ୍ୱ ଉପରେ ସରକାରଙ୍କ ମାତ୍ରାଧିକ ନିର୍ଭରଶୀଳତାକୁ ନେଇ ମଧ୍ୟ ସାଧାରଣରେ ଆଲୋଚନା ଆରମ୍ଭ ହୋଇଛି। ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଅବକାରୀ ରାଜସ୍ୱ ବାବଦରେ ୧୦୯୦୦ କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ବାବଦରେ ୯୭୫୩.୬୩ କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରଖିଥିଲେ। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଅବକାରୀ ରାଜସ୍ୱ ବାବଦରେ ସରକାର ଅଧିକ ୧୧୪୬ କୋଟି ଟଙ୍କା ଆଦାୟ ଲକ୍ଷ୍ୟ ଧାର୍ଯ୍ୟ କରିବା, ସରକାରଙ୍କ ମନୋବୃତ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ ପଟେ ସରକାର ରାଜ୍ୟରେ ନୂଆ ମଦ ଦୋକାନ ଖୋଲିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ସେହିପରି ନିକୋଟିନ ଯୁକ୍ତ ଗୁଟଖା, ପାନ ମସଲା ବିକ୍ରି ଉପରେ ସରକାର ପ୍ରତିବନ୍ଧକ ଜାରି କରୁଛନ୍ତି। ଏପରିସ୍ଥଳେ ରାଜ୍ୟ ସରକାର ଅଧିକ ୧୧୪୬ କୋଟି ଟଙ୍କା କେଉଁଠୁ ଆଦାୟ କରିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକେ ଯେ ଅଧିକ ମଦ ପିଅନ୍ତୁ, ଏହା ସରକାରଙ୍କ ଭିତିରି ଉଦ୍ଦେଶ୍ୟ ବୋଲି ମଦ ବିରୋଧୀ ଆନ୍ଦୋଳନର ନେତୃବୃନ୍ଦମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ ପ୍ରଥମଥର ପାଇଁ ଅବକାରୀ ରାଜସ୍ୱ ଆଦାୟ ଲକ୍ଷ୍ୟ ୧୦ ହଜାର କୋଟି ଟପିଛି।

## ନ୍ୟାୟିକ ଅଧିକାରୀ...

ନିର୍ବାଚନ କମିଶନଙ୍କ ଅଧିକାରୀଙ୍କ ସମେତ ସବୁ ସମ୍ବନ୍ଧିତ ପକ୍ଷର ବୈଠକ ଶନିବାର ଡକାଇବାକୁ ହାଇକୋର୍ଟଙ୍କ ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ଏମ ପାଞ୍ଚୋଲିଙ୍କ ଖଣ୍ଡପୀଠ କହିଛନ୍ତି ଯେ ଉଭୟ ପକ୍ଷ ପରସ୍ପର ଉପରେ ଦୋଷ ଲଦୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ସରକାର ଏବଂ ଇସିଙ୍କ ମଧ୍ୟରେ ବିଶ୍ୱାସର ଅଭାବ ରହିଛି ବୋଲି ଦର୍ଶାଉଛି। ଏବେ ପ୍ରକ୍ରିୟା ଦାବି ଏବଂ ଅଭିଯୋଗ ସମାଧାନ ସ୍ତରରେ ଅଟକି ରହିଛି। ତେଣୁ ହାଇକୋର୍ଟଙ୍କ ପକ୍ଷରୁ ନିଯୁକ୍ତ ନ୍ୟାୟିକ ଅଧିକାରୀ ଏହାର ସମାଧାନ ଏବଂ ପର୍ଯ୍ୟବେକ୍ଷଣ କରିବେ। ନ୍ୟାୟିକ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅଦାଲତଙ୍କ ଆଦେଶ ଧରାଯିବ। ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଏହି ନିର୍ଦ୍ଦେଶ ପାଳନ କରିବାକୁ ହେବ। ଏହା ସହିତ ୨୮ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ଜାରି କରିବା ପାଇଁ ଇସିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଆବଶ୍ୟକ ପଡ଼ିଲେ ଅତିରିକ୍ତ ତାଲିକା ଜାରି କରିବାକୁ ଅଧିକାର ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଗ୍ରେଡ-ଏ ଅଧିକାରୀଙ୍କୁ ଏସଆଇଆର ପ୍ରକ୍ରିୟା ଉପଲବ୍ଧ ନ କରାଇବାକୁ ନେଇ ସୁପ୍ରିମକୋର୍ଟ କଡ଼ା ଟିପ୍ପଣୀ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଏଭଳି ସ୍ଥିତି ସୃଷ୍ଟି କରାଯାଉଛି ଯେଉଁଠି ନ୍ୟାୟିକ ଅଧିକାରୀଙ୍କୁ ଦଖଲ ଦେବାକୁ ପଡୁଛି। ରାଜ୍ୟ ସରକାର ସହଯୋଗ କରିବେ ବୋଲି ଆଶା ଥିଲା। ରାଜ୍ୟ ସରକାରଙ୍କ ସହଯୋଗର ସ୍ତର ଏହି ଭଳି କି? ଗତ ୯ ତାରିଖରେ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସରକାର ୧୭ ତାରିଖରେ ଜବାବ ଦେଇଥିଲେ। ଅଧିକାରୀଙ୍କ ଯାଞ୍ଚ କରାଯାଉଛି ବୋଲି ସରକାର କହୁଛନ୍ତି। ମାତ୍ର ଏହା କିଭଳି ଯାଞ୍ଚ!୮,୫୦୦ ଅଧିକାରୀଙ୍କୁ ପଠାଯାଇଛି ବୋଲି ସରକାର କହିବାର ଥିଲା। ସୁପ୍ରିମକୋର୍ଟ ମାଇକ୍ରୋ-ଅବଜରଭର ନୁହଁନ୍ତି। ଏହା ଦେଖି ଖରାପ ଲାଗୁଛି। ରାଜ୍ୟ ସହଯୋଗ କରିବ ବୋଲି ଆଶା ଥିଲା। ମାତ୍ର ଆମେ ବ୍ୟକ୍ତିଗତ ବାଖ୍ୟା ଚାହୁଁ ନାହୁଁ ବୋଲି ସିଜେଆଇ କହିଛନ୍ତି। ନ୍ୟାୟିକ ଅଧିକାରୀଙ୍କୁ ସହାୟତା କରିବା ପାଇଁ ମାଇକ୍ରୋ-ଅବଜରଭର ଏବଂ ରାଜ୍ୟ ସରକାରଙ୍କ ଅଧିକାରୀ ମୁତୟନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଏସଆଇଆର ଅଧିକାରୀଙ୍କୁ ଦିଆଯାଇଥିବା ଧମକକୁ ନେଇ କି ପଦକ୍ଷେପ ନିଆଯାଇଛି, ତାହା ଉପରେ ଅତିରିକ୍ତ ସତ୍ୟପାଠ ଦାଖଲ କରିବାକୁ ସୁପ୍ରିମକୋର୍ଟ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ପଡ଼ି ରହିଥିବା ମାମଲାର ଶୁଣାଣି ପାଇଁ କୌଣସି ଅସ୍ଥାୟୀ ବ୍ୟବସ୍ଥା କରିବାକୁ ହାଇକୋର୍ଟ ପ୍ରଶାସନଙ୍କୁ କହିଛନ୍ତି। ଏସଆଇଆର କାର୍ଯ୍ୟରେ ମୁତୟନ ନ୍ୟାୟିକ ଅଧିକାରୀଙ୍କୁ ଲଜିଷ୍ଟିକ ସହାୟତା ଏବଂ ସୁରକ୍ଷା ପ୍ରଦାନ କରିବାକୁ ରାଜ୍ୟର ଜିଲ୍ଲାପାଳ ଏବଂ ଏସପିଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

## ଟାରିଫ୍ ରଦ୍ଦ...

ମାତ୍ର ଦେଶରେ ଶାନ୍ତି ଥିବାବେଳେ ଟ୍ରମ୍ପ ଏହି ଅଧିକାର ପ୍ରୟୋଗ କରି ଅନ୍ୟ ଦେଶ ଉପରେ ଦାଉ ସାଧିଥିଲେ। ରାଷ୍ଟ୍ରପତିଙ୍କ ଏହି ନିଷ୍ପତ୍ତି ବିରୋଧରେ ଅନେକ ବ୍ୟବସାୟୀ ଏବଂ ୧୨ ରାଜ୍ୟ ମାମଲା ଦାଏର କରିଥିଲେ। ପୂର୍ବରୁ ନିମ୍ନ କୋର୍ଟ ମଧ୍ୟ ଟ୍ରମ୍ପଙ୍କ ଟାରିଫକୁ ବେଆଇନ ଦର୍ଶାଇବା ସହ ଶୁଳ୍କ ଲଗାଇବାର ଅଧିକାର ରାଷ୍ଟ୍ରପତିଙ୍କ ପାଖରେ ନ ଥିବା ରାୟ ଦେଇଥିଲେ।

ଏହି ଶୁଳ୍କ ମାମଲାର ବିଚାର କରି ସୁପ୍ରିମକୋର୍ଟଙ୍କ ପୀଠର ୬-୩ ମତରେ ରାୟ ପ୍ରକାଶ ପାଇଛି। ୧୯୭୭ର ଏହି ଆଇନରେ ଅନ୍ୟ ଦେଶ ଉପରେ ଶୁଳ୍କ ଲଗାଇବାକୁ ଅନୁମତି ଦିଆଯାଉ ନାହିଁ ବୋଲି ସୁପ୍ରିମକୋର୍ଟ ଅନୁଧ୍ୟାନ କରିଛନ୍ତି। କୋର୍ଟ କହିଛନ୍ତି ଯେ ଯଦି କଂଗ୍ରେସ ଆଇଇଇପିଏ ସହିତ ଶୁଳ୍କ ଲାଗୁ କରିବାର ସ୍ୱତନ୍ତ୍ର ଏବଂ ଅସାଧାରଣ କ୍ଷମତା ପ୍ରଦାନ କରିବାକୁ ଚାହୁଁଥିଲା, ତେବେ ଅନ୍ୟାନ୍ୟ ଶୁଳ୍କ ଭଳି ଏଥିପାଇଁ ମଧ୍ୟ ଆଇନ ଅଣାଯାଇପାରିଥାନ୍ତା। ଆମେରିକା ସମ୍ବିଧାନ ଏହି ଶୁଳ୍କ ଲଗାଇବାକୁ ରାଷ୍ଟ୍ରପତିଙ୍କୁ ନୁହେଁ; ବରଂ ୟୁଏସ କଂଗ୍ରେସକୁ ଅଧିକାର ଦେଇଛି। କଂଗ୍ରେସ ହିଁ ଶୁଳ୍କ ଏବଂ ଟିକସ ସମ୍ବନ୍ଧରେ ନିଷ୍ପତ୍ତି ନେଇପାରିବ। ସୁପ୍ରିମକୋର୍ଟ କହିଛନ୍ତି ଯେ ରାଷ୍ଟ୍ରପତି ଏକପାଖିଆ ଭାବେ ଶୁଳ୍କର ପରିସର, ପରିମାଣ ଏବଂ ସମୟସୀମା ଉପରେ ନିଷ୍ପତ୍ତି ନେଉଛନ୍ତି। ଅଧିକାର କ୍ଷେତ୍ର, ଇତିହାସ, ସାମ୍ବିଧାନିକ ଦୃଷ୍ଟିକୋଣରୁ ଦେଖିଲେ, ଏହି ଶୁଳ୍କକୁ କାର୍ଯ୍ୟକାରୀ କରିବା ପୂର୍ବରୁ ରାଷ୍ଟ୍ରପତିଙ୍କୁ କଂଗ୍ରେସଠାରୁ ଅନୁମତି ନେବାର ଥିଲା। ଶାନ୍ତି ସମୟରେ ରାଷ୍ଟ୍ରପତି ଅଖଣ୍ଡ କ୍ଷମତା ଉପଭୋଗ କରିପାରିବେ ନାହିଁ। ଏହା ସରକାର ମାନୁଛନ୍ତି ଏବଂ ମାନିବା ବି ଉଚିତ। ବିରୋଧ କରାଯାଇଥିବା ଏହି ଶୁଳ୍କକୁ ଯୁଦ୍ଧ ସମୟରେ ମିଳିଥିବା କ୍ଷମତା ଭାବେ ଦେଖାଯାଉ ନାହିଁ।

ସୂଚନାଯୋଗ୍ୟ ଯେ ଟ୍ରମ୍ପ ଭାରତ ଉପରେ ଆଗ ୨୫ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ପରେ ରୁଷ ଠାରୁ ଅଶୋଧିତ ତୈଳ କ୍ରୟକୁ ନେଇ ଦଣ୍ଡ ସ୍ୱରୂପ ଆଉ ୨୫ ଶୁଳ୍କ ଲଗାଇ ଥିଲେ। ମାତ୍ର ଭାରତ ସହ ବାଣିଜ୍ୟ ଚୁକ୍ତି ହେବା ପରେ ଶୁଳ୍କକୁ ହ୍ରାସ କରି ୧୮ ପ୍ରତିଶତ କରି ଦେଇଥିଲେ। ଏବେ ଏହା ରଦ୍ଦ ହୋଇଯାଇଛି। କିନ୍ତୁ ଆମେରିକା ସହ ଭାରତର ହୋଇଥିବା ବାଣିଜ୍ୟ ଚୁକ୍ତିକୁ ନେଇ ବିରୋଧୀଦଳଗୁଡ଼ିକ ବିରୋଧ କରୁଛନ୍ତି। ଭାରତ ସରକାର ଚାପର ବଶବର୍ତ୍ତୀ ହୋଇ ଟ୍ରମ୍ପଙ୍କ ଆଗରେ ନଇଁ ଯାଇଛନ୍ତି ବୋଲି କହୁଛନ୍ତି। ଏହି ଚୁକ୍ତି ଦ୍ୱାରା ଭାରତର କ୍ଷତି ଏବଂ ଆମେରିକାର ଲାଭ ହେବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ।

ସୂଚନା ଅନୁଯାୟୀ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସବୁ ଶୁଳ୍କ ରଦ୍ଦ ହେବ ନାହିଁ। ଷ୍ଟିଲ ଏବଂ ଆଲୁମିନିୟମ ଉପରେ ଲଗା ଯାଇଥିବା ଶୁଳ୍କ ଅଲଗା ଆଇନ ଅଧୀନରେ ଲାଗୁ କରାଯାଇଥିଲା। ତେଣୁ ଏହା ପୂର୍ବ ଭଳି କାର୍ଯ୍ୟକାରୀ ହେବ। ମାତ୍ର ଅଲଗା ଅଲଗା ଦେଶ ଉପରେ ଟ୍ରମ୍ପ ଲଗାଇ ଥିବା ରେସିପ୍ରୋକାଲ ଟାରିଫ(ଜବାବୀ ଶୁଳ୍କ) ରଦ୍ଦ ହୋଇଯିବ। ସେହିପରି କାନାଡ଼ା, ଚୀନ୍ ଏବଂ ମେକ୍ସିକୋରୁ ଆସୁଥିବା କିଛି ସାମଗ୍ରୀରେ ଟ୍ରମ୍ପ ଲଗାଇଥିବା ୨୫ ପ୍ରତିଶତ ଶୁଳ୍କ ମଧ୍ୟ ହଟିଯବ।

## ସପିଙ୍ଗ୍ ମଲ୍ ସେଲ୍ସ ଗାର୍ଲଙ୍କ ମୃତ୍ୟୁ; ମ୍ୟାନେଜର ଅଟକ

ବାସୁଦେବପୁର,୨୦।୨(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ସହରରେ ଏକ ସପିଙ୍ଗ୍ ମଲ୍‌ର ସେଲ୍ସଗାର୍ଲ କାମିନୀ କାଞ୍ଚନ ଧଳଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଥିବାବେଳେ କାମିନୀଙ୍କ ମୃତ୍ୟୁ ପାଇଁ ମଲ୍‌ର ମ୍ୟାନେଜର ରାହୁଲ ନାୟକ ଦାୟୀ ବୋଲି ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପ୍ରେସ୍ କ୍ଲବ୍ ମାର୍ଗରେ ଥିବା ଉକ୍ତ ସପିଙ୍ଗ୍ ମଲ୍ ମ୍ୟାନେଜରଙ୍କୁ ପୁଲିସ ଅଟକ ରଖିଛି। କାମିନୀଙ୍କ ବାପା ସୁରେନ୍ଦ୍ରଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଝିଅକୁ ରାହୁଲ ଗତ ଜାନୁଆରୀ ୩୧ରେ ପିକ୍‌ନିକ୍‌ରେ ବୁଲାଇ ନେଇ ମୃଦୁ ପାନୀୟ କିମ୍ବା ଖାଇବାରେ ସ୍ଲୋ ପଏଜନ୍ ଦେଇଥିଲେ।


**AFFIDAVIT**

I, Domti Abinash Dora, S/o - Alekha Chandra Dora, Resident of Police Camp, Sunabeda, PO / PS - Sunabeda, Dist- Koraput, Pin - 763003, Odisha, declare by this affidavit No. 200, dated - 05/02/2026, that now onwards I shall be known as **D ABINASH DORA** for all future purposes.

**AFFIDAVIT**

By virtue of an affidavit no.71 before the Executive Magistrate, Paralakhemundi, Gajapati, on dtd.06.02.2026, I, Balla Sankar Rao, S/o Balla Vasudev Rao, resident of Gajapati hereby declare that my daughter's name has been changed from **"Balla Sita" to "Balla Meghana"** vide Birth Certificate Regd. No. 805/2016 and Aadhaar No. 79044742776. Henceforth, she shall be known as **Balla Meghana** for all purposes.
**Sd/- Balla Sankar Rao**

**AFFIDAVIT**

I, Neerabati Seth, W/o- Trilochan Seth, resident of Lupursingha, P.O.- Lupursingha, P.S.-Lacchhipur, Dist-Subarnapur, Odisha - 767068, have changed my name from **Nirupama Mallik to Neerabati Seth** vide affidavit before Notary Public Sonepur, Odisha, dated 03.01.2026. Henceforth I shall be known as **Neerabati Seth** for all purposes.

**AFFIDAVIT**

I, Naina Devi Agrawal, aged about 48 years, W/o- Shyam Sundar Agrawal, resident of Ward No. 9, Purani Basti, Kantabanji, Po- Kantabanji, Ps- Kantabanji, Dist- Bolangir, Odisha, Pin- 767039, do hereby declare by this affidavit No. 337, dtd- 19/02/2026, that now onwards I shall be known as **NAINA AGRAWAL** for all future purposes.

**AFFIDAVIT**

I, **Kamini Prabha Nayak**, formerly known as Kamini Nayak, resident of Gopalpur, P.O. Brahmanigaon, P.S. Binjharpur, Dist- Jajpur, PIN - 755027, do hereby declare that I have changed my name from **"Kamini Nayak" to "Kamini Prabha Nayak"** vide Affidavit **dated 19.02.2026, before the Executive Magistrate, Bhubaneswar.** Henceforth, I shall be known as **Kamini Prabha Nayak** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Gop, on dated 17/02/2026, I **ADYASHA PANDA**, W/o Basanta Kumar Panda resident of Village At/Po - Davar, Ps- Gop, Dist- Puri, Odisha, Pin- 752121 declare that I have changed my name from **KUNI DORA** (Old Name) to **ADYASHA PANDA** (New Name). Henceforth, I shall be known as **ADYASHA PANDA** for all future purposes.
**Sd- ADYASHA PANDA**

**AFFIDAVIT**

I, **Madhaba Ghosh,** S/o- Manmath Ghosh, resident of At/Po-Jayrampur,Ps- Bhograi, District- Balasore, Odisha, declared by this affidavit no 913 dated 19/02/2026 that now on word I shall be known as Madhaba Ghosh for all future purposes. Henceforth, **Madhaba Ghosh and Pranakrushna Ghosh** is the same and one person who is myself.

**AFFIDAVIT**

I, **Priyanka Mahanata,** W/o- Bismaya Panigrahi, Resident At Village - Mathatentulia, P.S.- Gondia, Dist- Dhenkanal, Odisha, PIN- 759016, declare this affidavit **No- A/285 dated 29.01.2026** that now onwards. I shall be known as **PRIYANKA MAHANTA** for all future purposes.

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : **www. ireps.gov.in** ରେ ଅପ୍‌ଲୋଡ କରାଯାଇଛି।

ସଂ. MCS/Stores/E-Procure/Tender Notice/ Must Change Kit/72, ତା.17.02.2026

ଟେଣ୍ଡର ସଂ. 92265124

ବିବରଣୀ : (1) LHB EOG (ପାୱାର କାର) କୋଚ M36/SS-II ସିଡ୍ୟୁଲ ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମର ମଷ୍ଟ ଚେଞ୍ଜ (Must Change) କିଟ୍, (2) LHB EOG (ପାୱାର କାର) କୋଚ M72/SS-III ସିଡ୍ୟୁଲ ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ ନିମନ୍ତେ ମଷ୍ଟ ଚେଞ୍ଜ (Must Change) କିଟ୍, (3) LHB EOG (ଏସି ଓ ନନ୍-ଏସି) କୋଚ M36/SS-II ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ ନିମନ୍ତେ ମଷ୍ଟ ଚେଞ୍ଜ (Must Change) କିଟ୍, (4) M72 / SS-III ସିଡ୍ୟୁଲ ଇତ୍ୟାଦି ନିମନ୍ତେ, ପରିମାଣ : 104 CSET, ୱାରେଣ୍ଟି ଅବଧି : ଡେଲିଭରୀ ତାରିଖ ପର ଠାରୁ 30 ମାସ, ଯାଞ୍ଚ ଏଜେନ୍ସି : TPI।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.03.2026ରିଖ, 1500 ଘଟିକାରେ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର

PR-1153/Q/25-26

**VEHICLE FOR SALE**

MARUTI TOUR S, Model - 2023, Registration No-OD-34-R-9995, in as is where is condition
Contact: M/S Sundaram Finance Limited, JAJPUR ROAD BRANCH
Ph:94371 02409
within 7 days

**AFFIDAVIT**

I, Mohammed Abdula, aged about 29 years, S/o- Siddique Mohammed, resident of Sudpada, Balangir, Po- Balangir, Ps- Bolangir, Dist- Balangir, Odisha, Pin- 767001, do hereby declare by this affidavit No. 336, dtd- 19.02.2026, that now onwards I shall be known as **MAHAMMAD ABADULLA** for all future purposes.

**WANTED**

A well-established firm invites applications for the following positions:

1. **Senior Accountant - (1 No.)**
Experience : 10 yrs. above
2. **Junior Accountant - (1 No.)**
Experience : 2-5 yrs. above
3. **Supervisor - (2 Nos.)**
Experience : 2-5 yrs. above
4. **Sales Executive - (1 No.)**
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to
Email: 19sanatang@gmail.com
Contact 7978386707

**WANTED**

A well-established firm invites applications for the following position

**Tele Sales Executive**

Out Bound Uk process

Good English Speaking

**Salary: 10k to 20k**

depend upon experience

Interested candidates can send their CV to
Email: pin24u@gmail.com

9776245778
7752003261

Location: Bhubaneswar

**ଭାରତୀୟ କପା ନିଗମ ଲିମିଟେଡ୍**

ଭା.କ.ନି. CCI | ମୋବାଇଲ ଆପ କପାସ କିଷାନ

ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ | ତାରିଖ: ୨୦.୦୨.୨୦୨୬

**କପା ଚାଷୀଙ୍କୁ ଆହ୍ୱାନ**

ଓଡ଼ିଶାର ସମସ୍ତ କପା ଚାଷୀଭାଇମାନଙ୍କୁ ସୂଚିତ କରାଯାଉଛି ଯେ, ବର୍ତ୍ତମାନ ଫସଲ ବର୍ଷ ୨୦୨୫- ୨୬ରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଯୋଜନା ଅନ୍ତର୍ଗତ କପା କ୍ରୟର ଶେଷ ତାରିଖ ୨୭ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି।

କପାସ କିଷାନ ଆପ୍ (Kapas Kisan App)ରେ ପଞ୍ଜୀକୃତ ସମସ୍ତ କପାଚାଷୀ ଭାଇମାନଙ୍କୁ ଜଣାଇ ଦିଆଯାଉଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ନେବା ପାଇଁ ସେମାନେ ଆପ୍ ମାଧ୍ୟମରେ ସ୍ଲଟ୍ ବୁକ୍ କରି ନିକଟତମ CCI କ୍ରୟ କେନ୍ଦ୍ରରେ ତାରିଖ ୨୭.୦୨.୨୦୨୬ ମଧ୍ୟରେ ନିଜ କପା ବିକ୍ରୟ କରିପାରିବେ। ଅଧିକ ସୂଚନା କିମ୍ବା ସହାୟତା ପାଇଁ, ଚାଷୀମାନେ ଶାଖା କାର୍ଯ୍ୟାଳୟ ରାୟଗଡ଼ାର ହ୍ୱାଟସଆପ୍ ହେଲ୍ପଲାଇନ ନମ୍ବର: ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

25001/202/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH**
**E-mail Id – eerw_deogarh@yahoo.co.in**

**E-Procurement Notice**

**BID IDENTIFICATION NO. SERWDGH-Online-18/2025-26**

1. No of Building work :- **(08 Nos)**
2. Estimated Cost :- **Approx. Rs. 25.21 Lakhs to 33.61 Lakhs.**
3. Mode of submission of tender :- Tender shall be submitted online in **www.tendersodisha.gov.in**
4. Availability of tender for online bidding :- **23.02.2026, 10.00 A.M to 05.03.2026 up to 5.00 P.M**
5. Date and time of opening of tender :- **06.03.2026, 11.00 A.M**
6. Other details can be seen from the website **www.tendersodisha.gov.in**
7. Corrigendum / Addendum if any shall only be published in the above website.

OIPR-25001/25087/1/25-26/0013 | Superintending Engineer, R.W. Division, Deogarh

**ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ଭଦ୍ରକ**

ପତ୍ର ସଂଖ୍ୟା ୧୩୮୦, ତା. ୧୮.୦୨.୨୦୨୬

**ବିଜ୍ଞାପନ** 6001/14/2526

ଏତଦ୍ୱାରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସମସ୍ତ ଖାରାପାଣି ଚିଙ୍ଗୁଡ଼ି ଚାଷୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଭାରତ ସରକାରଙ୍କ ତଟୀୟ ଜଳକୃଷି କର୍ତ୍ତୃପକ୍ଷଙ୍କ ନିୟମ ୨୦୨୪ ଅନୁଯାୟୀ, ଖାରାପାଣି ଚିଙ୍ଗୁଡ଼ି ଚାଷ ନିମନ୍ତେ ଆବଶ୍ୟକୀୟ ପଞ୍ଜୀକରଣ ଏବଂ ପଞ୍ଜୀକରଣର ନବୀକରଣ, ସମୟ ମଧ୍ୟରେ କରାଯିବା ଆବଶ୍ୟକ। ବିନା ପଞ୍ଜୀକରଣରେ ଚିଙ୍ଗୁଡ଼ି ଚାଷ କରିବା ଅବୈଧ ଅଟେ ଏବଂ ନିୟମ ଉଲଂଘନ କରାଯାଇଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏହି ପ୍ରସଙ୍ଗରେ ଚିଙ୍ଗୁଡ଼ି ଚାଷ କରୁଥିବା ସମସ୍ତ ଚାଷୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ, ଯେଉଁ ଚାଷୀମାନେ ନିଜ ଫାର୍ମର ପଞ୍ଜୀକରଣ କରାଇନାହାନ୍ତି, ସେମାନେ ତୁରନ୍ତ ଏହି ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଅନଲାଇନ NSWS ପୋର୍ଟାଲରେ ଆବେଦନ କରିବେ। ପୁନଶ୍ଚ ଯଦି ଚିଙ୍ଗୁଡ଼ି ଚାଷ କରୁଥିବା ଫାର୍ମ ପୂର୍ବରୁ ତଟୀୟ ଜଳକୃଷି କର୍ତ୍ତୃପକ୍ଷଙ୍କ ଦ୍ୱାରା ପଞ୍ଜୀକୃତ ହୋଇ ଲାଇସେନ୍ସ ପ୍ରାପ୍ତ ହୋଇଥିବେ ଏବଂ ଏହାର ଅବଧି ସମାପ୍ତ ହୋଇଥାଏ ତେବେ ତୁରନ୍ତ ସମ୍ପୃକ୍ତ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀଙ୍କ ଦ୍ୱାରା ଏହାର ନବୀକରଣ ପାଇଁ ଉପରୋକ୍ତ ସମୟ ସୀମା ମଧ୍ୟରେ ଆବେଦନ କରନ୍ତୁ। ଏହା ଅନୁସରଣ ନ କଲେ ସମ୍ପୃକ୍ତ ଚାଷ ଉପରେ ଭାରତ ସରକାରଙ୍କ ତଟୀୟ ଜଳକୃଷି କର୍ତ୍ତୃପକ୍ଷଙ୍କ ନିୟମାନୁସାରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଧାର୍ଯ୍ୟ ସମୟ ସୀମା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ଏବଂ ଖିଲାପକାରୀଙ୍କ ବିରୁଦ୍ଧରେ ଭାରତ ସରକାରଙ୍କ ତଟୀୟ ଜଳକୃଷି କର୍ତ୍ତୃପକ୍ଷଙ୍କ ନିୟମ ୨୦୨୩ ଧାରା ୧୪ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ବେଆଇନ ଚିଙ୍ଗୁଡି ଫାର୍ମକୁ ଉଚ୍ଛେଦ କରାଯିବ।

OIPR-6001/6059/1/25-26/0001 | ଜିଲ୍ଲାପାଳ ତଥା ଅଧକ୍ଷ, ଜିଲ୍ଲା ସ୍ତରୀୟ କର୍ତ୍ତୃପକ୍ଷ କମିଟି, ଭଦ୍ରକ

**ୟୁକୋ ବ୍ୟାଙ୍କ**

ଜାମୁକୋଳି ଶାଖା
ପ୍ଲଟ୍ ନଂ.: ୬୯୧/୭୮୪, ସା.: ଜାମୁକୋଳି, ପୋ.: ପାଞ୍ଚଗାଁ, ଜଟଣୀ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୦

**ଡିମାଣ୍ଡ ନୋଟିସ୍ (ସୁନା ଋଣ)**

**ୟୁକୋ ବ୍ୟାଙ୍କ, ଜାମୁକୋଳି ଶାଖା** ଦ୍ୱାରା ନିମ୍ନ ସୁନା ଋଣ ସୁବିଧା ମଞ୍ଜୁର କରାଯାଇଛି ଏବଂ ଆପଣ ଏହା ପ୍ରାପ୍ତ କରିଛନ୍ତି। ଆମର ବାରମ୍ବାର ଅନୁରୋଧ ସତ୍ତ୍ୱେ, ଆପଣ ଏ ପର୍ଯ୍ୟନ୍ତ ବକେୟା ରାଶି ପରିଶୋଧ କରିନାହାଁନ୍ତି। ଏଣୁ କିସ୍ତି/ସୁଧ/ମୂଳରଣ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। **ଶାଖା ପ୍ରବନ୍ଧକଙ୍କ ଦ୍ୱାରା ୟୁକୋ ବ୍ୟାଙ୍କ, ଜାମୁକୋଳି ଶାଖାର** ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କଥିତ ଡିମାଣ୍ଡ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଋଣ ପରିମାଣ / ବକେୟା ଦେୟ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ | ସୁନାର ବିବରଣୀ |
|---|---|---|---|---|
| ୧. | ଋଣଗ୍ରହୀତା: ନିରୁତା ଦାସ (ମୃତକ), ସ୍ୱ ନିରୁତା ଦାସଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ତାମସ କୁମାର ଦାସ, ୨) ଏଲିନା ଦାସ, ଉଭୟଙ୍କ ଠିକଣା- ସା.: ଆଶ୍ରୟପୁର, ପାଞ୍ଚଗାଁ, ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୦ | ଟ.୧,୩୬,୦୦୦/- / ଟ.୧,୫୦,୯୩୬.୮୬ + ଭବିଷ୍ୟତ ସୁଧ | ୩୦.୧୨.୨୦୨୫ / ୦୭.୦୧.୨୦୨୬ | ମୋଟ ଓଜନ: ୩୩.୫ ଗ୍ରାମ୍, ନେଟ୍ ଓଜନ: ୩୧.୫ ଗ୍ରାମ୍ |

ଏତଦ୍‌ଦ୍ୱାରା ବ୍ୟାଙ୍କ ସପକ୍ଷରେ ଆପଣ ସମ୍ପାଦିତ କରିଥିବା ଚୁକ୍ତିନାମା ଅନୁଯାୟୀ ବ୍ୟାଙ୍କ ଏହାର କ୍ଷମତା ପ୍ରୟୋଗ କରି ଏହି ନୋଟିସ୍ ପ୍ରକାଶନ ତାରିଖର **୭ ଦିନ** ମଧ୍ୟରେ ଉପରଦର୍ଶିତ ସମ୍ପୂର୍ଣ୍ଣ ବକେୟା ଦେୟ ସହିତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରିବାକୁ ଆପଣଙ୍କୁ କୁହାଯାଉଛି। ଅନ୍ୟଥା ବ୍ୟାଙ୍କକୁ ଉପଲବ୍ଧ ଥିବା ଅନ୍ୟ ଅଧିକାରର ପ୍ରୟୋଗ ବ୍ୟତୀତ ଆପଣଙ୍କ ଦ୍ୱାରା ସମ୍ପାଦିତ କରାଯାଇଥିବା ଚୁକ୍ତିନାମା ଅନୁଯାୟୀ ବ୍ୟାଙ୍କ ବକେୟା ଋଣ ଆଦାୟକରଣ ପାଇଁ ଉପରୋକ୍ତ ସୁନା ଅଳଙ୍କାରଗୁଡିକର ନିଲାମ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଆମେ ଆଶା କରୁଛୁ, ଆପଣ ଏଭଳି ପରିସ୍ଥିତି ଠାରୁ ଦୂରେଇ ରହିବେ ଏବଂ ତୁରନ୍ତ ବକେୟା ଦେୟ ଦାଖଲ କରିବେ।

ସ୍ଥାନ : ଜାମୁକୋଳି, ତାରିଖ : ୨୦.୦୨.୨୦୨୬ | କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ଚିକିତ୍ସା ପାଇଁ କଟକ ଯାଇ ଦେବରାଜ ନିଖୋଜ



ଓଡ଼ଗାଁ,୨୦ ।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ତଥା ଓଡ଼ଗାଁ ଏନ୍ଏସି ଅନ୍ତର୍ଗତ ଶ୍ରୀରଘୁନାଥଜୀଉ ମନ୍ଦିରର ପଶ୍ଚିମ ଦ୍ୱାର ଅଧିକାରୀ ସାହି ବାସିନ୍ଦା ଦେବରାଜ ଡାକୁଆ ଚିକିତ୍ସା ନିମନ୍ତେ କଟକ ଯାଇଥିବା ବେଳେ କେଉଁଆଡ଼େ ନିଖୋଜ ହୋଇଯାଇଥିବା ତାଙ୍କ ଝିଅ ଲିଜା ଡାକୁଆ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି । ଦେବରାଜ ଓଡ଼ଗାଁ ଗଣେଶ ବଜାର ନିକଟରେ ପଡ଼ି ଯାଇଥିଲେ । ଫଳରେ ତାଙ୍କ ଡାହାଣ ପାଖ ମୁଣ୍ଡ ଏବଂ ଆଖିରେ ଗଭୀର ଆଘାତ ଲାଗିଥିଲା । ପରିବାର ଲୋକେ ତାଙ୍କୁ ପ୍ରଥମେ ଓଡ଼ଗାଁ ଓ ପରେ ନୟାଗଡ଼ ଜିଲ୍ଲା ଡାକ୍ତରଖାନା ନେଇଥିଲେ । ଅଧିକ ଚିକିତ୍ସା ଆବଶ୍ୟକତା ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ନେଇଥିଲେ । ସେଠାରେ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଆଣି ସକାଳେ ଘରକୁ ଫେରିବାକୁ ରୋଗୀ ସମ୍ପର୍କୀୟ ଆଶ୍ରୟସ୍ଥଳୀରେ ରାତ୍ରିଯାପନ କରିଥିଲେ । ତାଙ୍କ ଚିକିତ୍ସା ପାଇଁ ୩ ଦିନ ଧରି ସମସ୍ତେ ଅନିଦ୍ରା ରହିଥିବାରୁ ଆଖି ଲାଗିଯିବା ପରେ ଫେବୃଆରୀ ୧୩ ରାତିଖ ବିଳମ୍ବିତ ରାତିରେ ଦେବରାଜ ସେଠାରୁ ଉଠି କେଉଁଆଡ଼େ ପଳାଇଥିଲେ । ରାତି ପ୍ରାୟ ୧.୩୦ ବେଳକୁ ଦେବରାଜ ସେଠାରେ ନ ଥିବା ଦେଖି ତାଙ୍କ ଝିଅ, ଜ୍ୱାଇଁ ଓ ଶାଶୂ ଖୋଜାଖୋଜି କରି ନିରାଶ ହେବା ପରେ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି । ୮ ଦିନ ବିତିଯାଇଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିବା ପରିବାର ଲୋକେ କହିଛନ୍ତି । ସୂଚନାଯୋଗ୍ୟ ଦେବରାଜ ଓଡ଼ଗାଁ କୋଅପରେଟିଭ୍ ବ୍ୟାଙ୍କରେ ଦୀର୍ଘଦିନ ଧରି ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ ।

# ୩୬ ଫୁଟ ଉଚ୍ଚ ହନୁମାନ ମୂର୍ତ୍ତି ପ୍ରତିଷ୍ଠା

ଭାପୁର,୨୦ ।୨(ସମିସ): ଭାପୁର ବ୍ଲକ ଭଗବାନପୁର ପଞ୍ଚାୟତ ବେତଖୋଲି ଗ୍ରାମବାସୀଙ୍କ ଦ୍ୱାରା ଗାଁ ନିକଟ ମୁଣ୍ଡବଥାଳି ପାହାଡ଼ ଉପରେ ନିର୍ମାଣ ହୋଇଛି ୩୬ ଫୁଟ ଉଚ୍ଚ ବିରାଟ ହନୁମାନ ମୂର୍ତ୍ତି ଓ ମନ୍ଦିର । ଏହା ସହ ମନ୍ଦିରରେ ହନୁମାନଙ୍କ ଏକ ପଥର ମୂର୍ତ୍ତି ମଧ ପ୍ରତିଷ୍ଠା ହୋଇଛି । ମନ୍ଦିର କମିଟି ସଭ୍ୟ ତଥା ସମିତି ସଭ୍ୟାଙ୍କ ପ୍ରତିନିଧି ବସନ୍ତ କୁମାର ନାୟକ, ଗ୍ରାମ ସଭାପତି ଉଦ୍ୟନାଥ ପ୍ରଧାନ, ନୀଳମଣି ନାୟକ, ମନ୍ଦିର କମିଟି ସମ୍ପାଦକ ଗୋପାଳକୃଷ୍ଣ ଆଚାର୍ଯ୍ୟ, ବିଶ୍ୱନାଥ ସାହୁ, ଅନନ୍ତ ପ୍ରଧାନ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୁଧବାରଠାରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଶୁକ୍ରବାର ପୂର୍ଣ୍ଣାହୁତି ପରେ ସମାପ୍ତ ହୋଇଛି । ଏ ଉପଲକ୍ଷେ ହଜାର ହଜାର ଶ୍ରଦ୍ଧାଳୁ, ସାଧୁସନ୍ଥଙ୍କ ସମାଗମ ହୋଇଥିଲା । ଖଣ୍ଡପଡ଼ା ରାଜା ତଥା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ମର୍ଦ୍ଦରାଜ ପହଞ୍ଚି ଯଜ୍ଞରେ ପୂର୍ଣ୍ଣାହୁତି ଦେଇଥିଲେ । ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ଶିବପ୍ରସାଦ ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଧର୍ମେନ୍ଦ୍ର ଧଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବସନ୍ତ କୁମାର ମାଝି, ସମାଜସେବୀ ଜିତେନ୍ଦ୍ର କୁମାର ରଣସିଂହଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବିଭୁକୃପା ଲାଭ କରିଥିଲେ । ମୁଖ୍ୟ କର୍ମାଚାର୍ଯ୍ୟ ପ୍ରସନ୍ନ କୁମାର ଶତପଥୀ, ଆଚାର୍ଯ୍ୟ ତପନ କୁମାର ରଥ, ପ୍ରଚାରକ ବିଶ୍ୱଜିତ କର, ଶିବରାମ କର, କାଳନ୍ଦୀ ଦାଶ, ବିଜୟ କୁମାର ଶତପଥୀ, ପୀତବାସ ମହାପାତ୍ର ପ୍ରମୁଖ ଯଜ୍ଞ ଓ ପୂଜା ଦାୟିତ୍ୱ ତୁଲାଇଥିଲେ । କର୍ତ୍ତା ଭାବେ ବନମାଳୀ ମିଶ୍ର ଏବଂ ସ୍ନେହଲତା ମିଶ୍ର ଦାୟିତ୍ୱ ନିଭାଇଥିଲେ । ତିନି ଦିନ ଧରି ଭଜନ ସମାରୋହ, ଭାଗବତ ଓ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।



**ହୋମିଓପାଥି ମେଡିକାଲ କଲେଜ ଘୋଷଣା**

# ଭେଷଜ ମେଡିକାଲ କଲେଜ ଦାବିକୁ ଅଣଦେଖା

ନୟାଗଡ଼,୨୦ ।୨(ସମିସ): ନୟାଗଡ଼ ଜିଲ୍ଲା ସଦରମହକୁମାରେ ଭେଷଜ ମେଡିକାଲ କଲେଜ ନିର୍ମାଣ ପାଇଁ ଜିଲ୍ଲାବାସୀ ଆଶା ରଖିଥିଲେ । ସେ ଆଶାକୁ ଆଜି ରାଜ୍ୟ ସରକାର ଧୂଳିସାତ କରି ଦେଇଛନ୍ତି । ଜିଲ୍ଲା ପାଇଁ ହୋମିଓପାଥି ମେଡିକାଲ କଲେଜ ଘୋଷଣା କରାଯିବା ପରେ ଏହାକୁ ନେଇ ଜିଲ୍ଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଆଜି ସୋସିଆଲ ମିଡିଆ ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ହୋମିଓପାଥି ମେଡିକାଲ କଲେଜ ଘୋଷଣାକୁ ସ୍ୱାଗତ କରିଛନ୍ତି । ଆଗାମୀ ଦିନରେ ଯଦି ରାଜ୍ୟ ସରକାର ଆଲୋପାଥି ମେଡିକାଲ କଲେଜ ଘୋଷଣା ନ କରିବେ, ତେବେ ନୟାଗଡ଼ବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି ।

ଜିଲ୍ଲା ସଦରମହକୁମାରେ ମେଡିକାଲ କଲେଜ ନିର୍ମାଣ କରିବା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା । ଜୟ ନୟାଗଡ଼ ଫାଉଣ୍ଡେସନ୍ ଓ ନୟାଗଡ଼ ଜିଲ୍ଲା ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଦାବିକୁ ଆଗକୁ ନେଇଥିଲେ । ଜିଲ୍ଲା ସଦରମହକୁମାରେ ମେଡିକାଲ କଲେଜ ପାଇଁ ବିଭିନ୍ନ ବ୍ଲକବାସୀ ମଧ ସମର୍ଥନ କରୁଥିଲେ । ସରକାର ଆଜି ହୋମିଓପାଥି ମେଡିକାଲ କଲେଜ ଘୋଷଣା କରିବା ପରେ ଆଲୋପାଥିକ ମେଡିକାଲ କଲେଜ ଆଶା ମଉଳି ଯାଇଛି । ଜିଲ୍ଲାରେ ୮ ବ୍ଲକ, ୪ ଏନଏସି ଓ ଗୋଟିଏ ପୌରାଞ୍ଚଳ ରହିଛି । ଜିଲ୍ଲାର ଲୋକସଂଖ୍ୟା ୧୪ ଲକ୍ଷରୁ ଊର୍ଦ୍ଧ୍ୱ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୟାଗଡ଼ ଜିଲ୍ଲା ରାଜ୍ୟର ଅନ୍ୟ କେତେକ ଜିଲ୍ଲା ତୁଳନାରେ ବହୁ ପଛରେ ରହିଛି । ମାତ୍ର ୨୨ଟି ସରକାରୀ ଡାକ୍ତରଖାନା ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବାକୁ ପ୍ରୟାସ ଜାରି ରହିଥିବା ବେଳେ ଜିଲ୍ଲା ସଦରମହକୁମା ଡାକ୍ତରଖାନା ଏ ଦିଗରେ ଅଗ୍ରଣୀ ସ୍ଥାନରେ ଅଛି । ତେବେ ଡାକ୍ତର ଅଭାବ ଓ ସବୁ ବିଭାଗରେ ପାରଦର୍ଶୀ ଡାକ୍ତରଙ୍କ ଅଭାବ କେବଳ ଡାକ୍ତରଖାନାଗୁଡ଼ିକୁ ରୋଗୀ ପ୍ରେରଣ କେନ୍ଦ୍ର ଭାବେ ପରିଚିତ କରିଛି । ଏପରିକି ଜିଲ୍ଲା ସଦରମହକୁମାରେ ଉନ୍ନତ ଭିତିଭୂମି ଥିବା ଡାକ୍ତରଖାନା ଏଥିରୁ ବାଦ୍ ପଡୁନି । ନୟାଗଡ଼କୁ ପଶ୍ଚିମ ଓଡ଼ିଶାର ଦ୍ୱାର ବୋଲି କୁହାଯାଏ । ଆଦିବାସୀ ଅଧ୍ୟୁଷିତ ପଡ଼ୋଶୀ କନ୍ଧମାଳ, ବୌଦ୍ଧ ଜିଲ୍ଲାର ଶତାଧିକ ରୋଗୀ ପ୍ରତ୍ୟେକ ଦିନ ନୟାଗଡ଼ ଉପରେ ନିର୍ଭରଶୀଳ । କଟକ ଜିଲ୍ଲାର ନରସିଂହପୁର, ବଡ଼ମ୍ବା, କଳାପଥର, ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ, ବୁଗୁଡ଼ା, ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଆଦି ସ୍ଥାନର ରୋଗୀମାନେ ଭୌଗୋଳିକ ଦୃଷ୍ଟିକୋଣରୁ ନୟାଗଡ଼ ଉପରେ ନିର୍ଭର କରୁଥିବାରୁ ସ୍ୱାସ୍ଥ୍ୟସେବା ପାଇଁ ପ୍ରତ୍ୟହ ଆସୁଛନ୍ତି । ନୟାଗଡ଼ ଜିଲ୍ଲା ଓ ଆଖପାଖ ଜିଲ୍ଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଓ ଜିଲ୍ଲାର ଶିକ୍ଷା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ଭେଷଜ ମେଡିକାଲ କଲେଜର ଆବଶ୍ୟକାତ ଥିବା ବେଳେ ରାଜ୍ୟ ସରକାର ହୋମିଓପାଥି ମେଡିକାଲ କଲେଜ ଘୋଷଣା କରିବା ପରିତାପର ବିଷୟ ବୋଲି ମତ ପ୍ରକାଶ ପାଇଛି ।

## ବିଶ୍ୱବିଦ୍ୟାଳୟରୁ ବଞ୍ଚିତ ନୟାଗଡ଼

ନୟାଗଡ଼,୨୦ ।୨(ସମିସ): ରାଜ୍ୟ ସରକାର ୪ଟି ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରିଥିବା ବେଳେ ସେଥିରୁ ନୟାଗଡ଼ ବଞ୍ଚିତ ହୋଇଛି । ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ କିମ୍ବା ମଡେଲ ଡିଗ୍ରୀ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା । ସରକାର ଅନ୍ୟ ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ଘୋଷଣା କରିଥିବା ବେଳେ ନୟାଗଡ଼କୁ ଜାଣିଶୁଣି ଉପେକ୍ଷା କରିଥିବା ଅଭିଯୋଗ ହୋଇଛି । ଏ ନେଇ ଜୋରଦାର ଆନ୍ଦୋଳନ ପାଇଁ ସଜବାଜ ଆରମ୍ଭ ହୋଇଛି ।

### ଏମାନେ ଯାହା କୁହନ୍ତି...



▶ନୟାଗଡ଼ ଜିଲ୍ଲାବାସୀ ଭେଷଜ ମେଡିକାଲ କଲେଜ ପାଇଁ ଆଶାବାଦୀ ଥିଲେ । ସରକାର ହୋମିଓପାଥି ମେଡିକାଲ କଲେଜ ଘୋଷଣା କରିବା ଦୁର୍ଭାଗ୍ୟଜନକ । ଏହାକୁ ଜିଲ୍ଲାବାସୀ ଘୋର ବିରୋଧ କରୁଛନ୍ତି । ନୟାଗଡ଼ରେ ହୋମିଓପାଥି ସହ ଭେଷଜ ମେଡିକାଲ ସ୍ଥାପନ ପାଇଁ ସରକାର ପ୍ରତିଶ୍ରୁତି ଦେବା ଆବଶ୍ୟକ ।

**ଧୀରେନ୍ଦ୍ର ପଟ୍ଟନାୟକ, ରୋଟାରିଆନ୍, ନୟାଗଡ଼**



▶ନୟାଗଡ଼ରେ କିଡନୀ ରୋଗ, ହୃଦ୍‌ରୋଗ, କ୍ୟାନସର ଭଳି ଜଟିଳ ରୋଗର ଚିକିତ୍ସା ପାଇଁ ଭେଷଜ ମେଡିକାଲ କଲେଜ ସ୍ଥାପନ ଆବଶ୍ୟକ ରହିଛି । ନୟାଗଡ଼ର ଦୀର୍ଘଦିନରୁ ଉଠି ଆସିଥିବା ଦାବିକୁ କଣ୍ଠରୋଧ କରାଇବା ପାଇଁ ହୋମିଓପାଥି ମେଡିକାଲ କଲେଜ ଘୋଷଣା କରିବା ଆଗାମୀ ଦିନରେ ନୟାଗଡ଼ିବାସୀ ଅସନ୍ତୋଷକୁ ସରକାର ସାମନା କରିବା ପାଇଁ ପ୍ରସ୍ତୁତ ରୁହନ୍ତୁ । ମାର୍ଚ୍ଚ ୧ ତାରିଖରୁ ରାଜ୍ୟ ସରକାରଙ୍କ ଏହି ଘୋଷଣା ବିରୋଧରେ ନୟାଗଡ଼ର ପ୍ରତ୍ୟେକ ପଞ୍ଚାୟତରେ ପଥପ୍ରାନ୍ତ ସଭା ଆୟୋଜନ କରାଯାଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ।

**ଶେଖ୍ ଅବଦୁଲ୍ ଆହାଦ୍, ପ୍ରତିଷ୍ଠାତା, ଜୟ ନୟାଗଡ଼ ଫାଉଣ୍ଡେସନ**



▶ସରକାର ସବୁ ଜିଲ୍ଲା ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନ କରିବାକୁ ଘୋଷଣା କରିଥିଲେ । ନୟାଗଡ଼ ଜିଲ୍ଲାବାସୀ ଜିଲ୍ଲା ସଦରମହକୁମାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଦାବି କରି ଆସୁଛନ୍ତି । ଏଭଳି ସମୟରେ ଚଳିତ ବଜେଟରେ ନୟାଗଡ଼ରେ ହୋମିଓପାଥି ମେଡିକାଲ କଲେଜ ସ୍ଥାପନ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ନୟାଗଡ଼ବାସୀ ଆଚମ୍ବିତ ।

**ବୈଦ୍ୟଭୂଷଣ ମହାପାତ୍ର, ସଭାପତି, ସାମ୍ବାଦିକ ଭବନ, ନୟାଗଡ଼**

● ମୃତ ଭୋଳାନାଥଙ୍କ ପରିବାରକୁ ଭେଟିଲେ ଜିଲ୍ଲାପାଳ

# ନ୍ୟାୟ ନ ମିଳିବା ଯାଏଁ ଖୋଲିବନି ବିଦ୍ୟାଳୟ

ଗଣିଆ,୨୦ ।୨(ସମିସ): ଗଣିଆ ବ୍ଲକ ବେଲପଡ଼ାପାଟଣା ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ଭୋଳାନାଥ ମଳିକ ଗତ ୩ ତାରିଖ ଶୌଚ ଯିବାକୁ କହି ବିଦ୍ୟାଳୟରୁ ଆସିଥିବା ବେଳେ ଆଉ ଫେରି ନ ଥିଲେ । ୪ ତାରିଖ ଦିନ ଏକ ଖୋଲା କୂଅରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ପରିବାର ଲୋକେ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ । ସେହିଦିନଠାରୁ ପରିବାର ଲୋକେ ନ୍ୟାୟ ଦାବିରେ ବିଦ୍ୟାଳୟରେ ତାଲା ପକାଇ ଦେଇଛନ୍ତି । ଶୁକ୍ରବାର ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ତହସିଲଦାର ଐଶ୍ୱର୍ଯ୍ୟା ପୃଷ୍ଟେଠ, ବିଡିଓ ଲବଣ୍ୟେନ୍ଦୁ ମହାନ୍ତି, ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ବିଇଓ ଲିପ୍ସା ନନ୍ଦ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ପରିବାର ଲୋକଙ୍କ ସହ ଜିଲ୍ଲାପାଳ ଦୀର୍ଘ ସମୟ ଆଲୋଚନା କରିଥିଲେ । ତଦନ୍ତ ଚାଲିଥିବା ବେଳେ ଖୁବଶୀଘ୍ର ନ୍ୟାୟ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିବା ସହ ବିଦ୍ୟାଳୟ ଖୋଲିବାକୁ ଅନୁରୋଧ କରିଥିଲେ । କିନ୍ତୁ ହତ୍ୟାକାରୀକୁ ଗିରଫ ନ କରିବା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିବୁ ନାହିଁ ବୋଲି ପରିବାର ଲୋକେ ଜଣାଇଥିଲେ । ପରିବାର ଲୋକେ ନିଜ ଜିଦ୍‌ରେ ଅଟଳ ରହିବାରୁ ଜିଲ୍ଲାପାଳ ଉପାୟଶୂନ୍ୟ ହୋଇ ଫେରି ଆସିଥିଲେ ।



● ଭୀମ୍ ଆର୍ମି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ୨୩ରେ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ନୟାଗଡ଼/ଦଶପଲ୍ଲା,୨୦ ।୨(ସମିସ): ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗଣିଆ ବ୍ଲକ ବେଲପଡ଼ାପାଟଣା ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ଭୋଳାନାଥ ମଳିକଙ୍କ ରହସ୍ୟଜନକ ମୃତ୍ୟୁକୁ ବିତିଗଲାଣି ୧୭ ଦିନ । ତଥାପି ମୃତ୍ୟୁର କାରଣ ଜଣାପଡ଼ିନାହିଁ । ଶବ ବ୍ୟବଚ୍ଛେଦ ରିପୋର୍ଟରେ ଛାତ୍ର ଜଣକ ପାଣିରେ ବୁଡ଼ି ମରିଥିବା ଉଲ୍ଲେଖ ଥିବା ବେଳେ ଏହାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ପରିବାର ଲୋକ । ଶୁକ୍ରବାର ଦଶପଲ୍ଲାଠାରେ ଏକ ସାମ୍ବାଦିକ ସମ୍ମିଳନୀ କରିଛି ଭୀମ ଆର୍ମି । ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ବିଧାୟକ ପ୍ରାର୍ଥୀ କାହ୍ନୁଚରଣ ନାୟକ, ଭୀମ ଆର୍ମିର ଖୋର୍ଦ୍ଧା ଜିଲ୍ଲା ସଭାପତି ସୁନୀଲ ନାୟକ, ରାଜ୍ୟ ମିଡିଆ ପ୍ରଭାରୀ ସର୍ବେଶ୍ୱର ନାୟକ, ଭୋଳାନାଥଙ୍କ ବାପା ବିଜୟ ମଳିକ ଏବଂ ମା' ଉପସ୍ଥିତ ଥିଲେ । ଭୋଳାନାଥ ମୃତ୍ୟୁକୁ ୧୭ ଦିନ ବିତିଥିଲେ ମଧ ପ୍ରଶାସନ ତରଫରୁ କୌଣସି ନ୍ୟାୟ ମିଳି ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏପରିକି ତାଙ୍କ ପୁଅକୁ ଜାତିଆଣ ଆକ୍ଷେପ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ଅଭିଯୁକ୍ତକୁ ଗିରଫ କରିବାକୁ ପରିବାର ପକ୍ଷରୁ ଦାବି କରାଯାଇଛି । ଭୀମ ଆର୍ମି ଉକ୍ତ ଘଟଣାକୁ ଗୁରୁତ୍ୱର ସହ ନେଇ ପରିବାର ଲୋକଙ୍କୁ ଉଚିତ ନ୍ୟାୟ ପ୍ରଦାନ, ଦୋଷୀଙ୍କୁ ଗିରଫ ଏବଂ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଛି । ଏହାର ପ୍ରତିବାଦରେ ଆସନ୍ତା ୨୩ ତାରିଖ ପୂର୍ବାହ୍ନ ୧୦ଟାରେ ଜିଲ୍ଲାପାଳଙ୍କ ଅଫିସ୍ ଘେରଉ ସହ ନୟାଗଡ଼ ବନ୍ଦ ଡାକରା ଦେଇଛି ।



# ରାଜସୁନାଖଳା ପ୍ରିମିୟର ଲିଗ୍; ଥଣ୍ଡର ଟାଇଟନ ବିଜୟୀ

ରଣପୁର,୨୦ ।୨(ସମିସ): ରଣପୁର ବ୍ଲକ ରାଜସୁନାଖଳା ମହୋତ୍ସବ ପଡ଼ିଆରେ ରାଜସୁନାଖଳା ଜୁନିୟର ଏକାଦଶ ପକ୍ଷରୁ ଆୟୋଜିତ ରାଜସୁନାଖଳା ପ୍ରିମିୟର ଲିଗର ୫ମ ମ୍ୟାଚରେ ଥଣ୍ଡର ଟାଇଟନ ବିଜୟୀ ହୋଇଛି । ଏହି ମ୍ୟାଚ ବିନ୍ଦାସ ଏକାଦଶ ଓ ଥଣ୍ଡର ଟାଇଟନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବିନ୍ଦାସ ଏକାଦଶ ଟସ୍ ଜିତି ବୋଲିଂ କରିଥିଲା । ଥଣ୍ଡର ଟାଇଟନ ପ୍ରଥମେ ବ୍ୟାଟିଂ କରି ୧୧୪ ରନ ସଂଗ୍ରହ କରିଥିଲା । ଜବାବରେ ବିନ୍ଦାସ ଏକାଦଶ ମାତ୍ର ୭୨ ରନ ସଂଗ୍ରହ କରିପାରିଥିଲା । ଅମ୍ପାୟର ରିଙ୍କୁ ଦାସ ଓ ଲକ୍ଷ୍ମୀନାରାୟଣ ଜାପୁ ମ୍ୟାଚ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ସମାଜସେବୀ ଶିବ ଭାଇ ବୋଲଗଡ଼ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ବଣ୍ଟିଙ୍କୁ ପୁରସ୍କୃତ କରିଥିଲେ ।



**ହାଇୱା ଧକ୍କାରେ ମହିଳାଙ୍କ ମୃତ୍ୟୁରୁ ଉତ୍ତେଜନା**

# ଶବ ରଖି ରାସ୍ତାରୋକ କଲେ ଗ୍ରାମବାସୀ

ରଣପୁର,୨୦ ।୨(ସମିସ): ରଣପୁର ବ୍ଲକ ରାଜସୁନାଖଳା ଫାଣ୍ଡି ଅଧୀନ ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଶୁକ୍ରବାର ଅପରାହ୍ନରେ ହାଇୱା ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ଥାନା ଜରିପଡ଼ା ଅଞ୍ଚଳର କେଦାର ପ୍ରଧାନଙ୍କ ସ୍ତ୍ରୀ ବିଳାସ ଦେଈ । ବିଳାସ ସ୍ୱାମୀ କେଦାରଙ୍କ ସହ ସ୍କୁଟିରେ ଫତେଗଡ଼ରୁ ନିଜ ଘର ଅଭିମୁଖେ ଯାଉଥିବା ବେଳେ ବିପରୀତ ପାଶ୍ୱର୍ରୁ ଆସୁଥିବା ହାଇୱା ଗାଡ଼ି ତାଙ୍କ ଆଡ଼କୁ ମାଡ଼ି ଆସିଥିଲା । ଫଳରେ କେଦାର ଭୟଭୀତ ହୋଇ ସେହି ଜାଗାରେ ଗାଡ଼ି ରଖି ଦେଇଥିଲେ । ତେବେ ବିଳାସଙ୍କ ଶାଢ଼ି ହାଇୱାରେ ଲାଗିଯିବାରୁ ସେ ତଳେ ପଡ଼ିଯାଇଥିଲେ । ହାଇୱାର ପଛ ଚକ ତାଙ୍କ ଉପରେ ଚଢ଼ିଯାଇ କିଛିବାଟ ଘୋଷାଡ଼ି ନେଇଥିଲା । ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା । ହାଇୱା ଚାଳକ ମଦ୍ୟପାନ କରି ତଥା ଫୋନରେ କଥାହୋଇ ଗାଡ଼ି ଚଳାଉଥିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି । ଏହି ଘଟଣାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ଲୋକେ ରୁଷ୍ଟ ହୋଇଯିବାରୁ ହାଇୱା ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ । ବିଳାସଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ, ମଦ୍ୟପ ହାଇୱା ଚାଳକଙ୍କୁ ଗିରଫ ଓ ଅନ୍ୟାନ୍ୟ ଦାବିରେ ସ୍ଥାନୀୟ ଲୋକେ ଶବରଖି ରାସ୍ତା ଅବରୋଧ କରିଥିଲେ । ସ୍ଥାନୀୟ ପୁଲିସ, ତହସିଲଦାର ଓ ଶରଣକୁଳ ଏସଡିପିଓ ଦୀପ୍ତିକାନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରିବା ପରେ ରାସ୍ତା ଅବରୋଧ ହଟିଥିଲା ।

**ଜରାଜୀର୍ଣ୍ଣ ଅବସ୍ଥାରେ ହାତୀଶାଳ ମଠ**

# ପଡ଼ିଆ ପଡ଼ିଛି ୧୨ ମାଣ ଚାଷଜମି

ନୟାଗଡ଼,୨୦ ।୨(ସମିସ)

ନୟାଗଡ଼ ମାଟି ଐତିହ୍ୟ, କଳା, ସାହିତ୍ୟ ଓ ସଂସ୍କୃତିର ମାଟି । ବହୁ ପ୍ରାଚୀନ କଥା ଓ ପରମ୍ପରା ସହ ଏଠାକାର ଚାଲିଚଳଣି ମଧ ଅଲଗା । ନୟାଗଡ଼ ପୁରୁଣାସହରରେ ରହିଛି ଅନେକ ପ୍ରାଚୀନ ତଥା ଐତିହାସିକ କିମ୍ବଦନ୍ତୀ । ଦକ୍ଷିଣକାଳୀ ମନ୍ଦିର, ଜଗନ୍ନାଥ ମନ୍ଦିର ସହ ଅନେକ ମଠ ଏବଂ ପୁରୁଣା ରାଜବାଟୀ ପୁରୁଣାସହରରେ ରହିଛି । ଏଠାରେ ଥିବା ମଠ ମଧ୍ୟରୁ ଅନ୍ୟତମ ହେଉଛି

**ମଠର ଉନ୍ନତୀକରଣ ନିହାତି ଆବଶ୍ୟକ**

ହାତୀଶାଳ ମଠ । ନୟାଗଡ଼ ଜଗନ୍ନାଥ ମନ୍ଦିରଠାରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ଯିବା ରାସ୍ତାର ବାମ ପାଶ୍ୱର୍ରେ ଏହି ମଠ ରହିଛି । ଜଗନ୍ନାଥ ମନ୍ଦିର ଇତିହାସ ସହ ହାତୀଶାଳ ମଠର ଅନେକ ସମ୍ପର୍କିତ ପୃଷ୍ଠା ଆଜି ବି ପାଠ ହୋଇନାହିଁ । ଏଣ୍ଡୋଓମେଣ୍ଟ କମିଶନ ଅଧୀନରେ ଏହି ମଠ ଥିବା ବେଳେ ଏଠାରେ ଅନେକ ବିବାହ, ବ୍ରତ ଓ ନିର୍ବନ୍ଧ କାର୍ଯ୍ୟ କରାଯାଏ । ଏହି ମଠ ଅଧୀନରେ ଥିବା ଅନେକ ସମ୍ପତ୍ତିକୁ ବିଗତ ଦିନରେ ଜଣେ ମହନ୍ତ ବିକ୍ରି କରି ଫେରାର ହୋଇଯାଇଛନ୍ତି । ମହୀପୁର, ସୁନାଳଟି, ପଣ୍ଡୁସର ଓ ଆଡ଼ିପଡ଼ା ଅଞ୍ଚଳରେ ଥିବା ୫୦ ଏକରରୁ ଊର୍ଦ୍ଧ୍ୱ ଚାଷଜମି ବିକ୍ରି କରି ଦିଆଯାଇଛି । ତେବେ ମଠକୁ ଲାଗି କୋଟି କୋଟି ଟଙ୍କା ମୂଲ୍ୟର ୧୨ ମାଣ ଚାଷଜମି ରହିଛି । ଯାହା କିଛି ବର୍ଷ ହେବ ଚାଷ ନ ହୋଇ ପଡ଼ି ରହିଛି । ମଠ ଘରଗୁଡ଼ିକ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବେଳେ ପ୍ରାଚୀର ଓ ଚତୁଃପାଶ୍ୱର୍ ପରିବେଶ ବେଶ୍ ଅବହେଳିତ ଅବସ୍ଥାରେ ପଡ଼ି ରହିଛି । ବଡ଼ମଠ ଅଧୀନରେ ଥିବା ହାତୀଶାଳ ମଠରେ ମହନ୍ତ ରଘୁନାଥ ଗୋପୀନାଥଙ୍କୁ ଦୈନିକ ପୂଜାର୍ଚ୍ଚନା କରିଥାନ୍ତି । ଅନେକ ସମୟରେ ବାହାରୁ ଆସୁଥିବା ସାଧୁସନ୍ଥମାନେ ଏଠାରେ ଅବସ୍ଥାନ କରନ୍ତି । ମଠର ଦୈନନ୍ଦିନ ପୂଜାର୍ଚ୍ଚନା ଓ ଭୋଗ ଅନେକ ଦାତବ୍ୟ ବ୍ୟକ୍ତିଙ୍କ ସହଯୋଗରେ ମିଳୁଛି । ଅନେକ ସମୟରେ ଆସୁଥିବା ସାଧୁସନ୍ଥଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରିବାକୁ ହଇରାଣ ହେବାକୁ ପଡୁଛି । ମଠ ଗୃହଗୁଡ଼ିକରୁ ବର୍ଷାଦିନେ ପାଣି ଗଳୁଥିବା ବେଳେ ଏହା ଅତ୍ୟନ୍ତ ଦୁର୍ବଳ ହୋଇଯାଇଛି । ଯାହାର ମରାମତି କିମ୍ବା ପୁନଃ ନିର୍ମାଣର ନିହାତି ଆବଶ୍ୟକତା ରହିଛି । ଅନ୍ୟପକ୍ଷେ, ସେଠାରେ କରାଯାଉଥିବା ବିବାହ ଓ ନିର୍ବନ୍ଧ କାମ ପାଇଁ ମଧ ଅନେକ ସମୟରେ ପ୍ରଶାସନିକ କଟକଣା ଜାରି କରାଯାଉଛି । ମଠର ଉନ୍ନତି ପାଇଁ କାହାରି ଦୃଷ୍ଟି ପଡୁନାହିଁ । ଏହି ମଠର ଉନ୍ନତୀକରଣ କରାଯିବା ସହ ଏହାକୁ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ କରିବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି । ପୌର ପରିଷଦ, ଏଣ୍ଡୋଓମେଣ୍ଟ କମିଶନ ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।



# ନୀଳମାଧବ ପୀଠ ଗଙ୍ଗାମାତା ଘାଟ ବିକାଶ ଦାବି

କଣ୍ଟିଲୋ,୨୦ ।୨(ସମିସ): ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ରାସ୍ତାରେ ରହିଛି ଗଙ୍ଗାଦେବୀ ମନ୍ଦିର । ମହାନଦୀ ତଟରେ ଏକ କଂକ୍ରିଟ ଖମ୍ବ ଉପରେ ଆସ୍ଥାନ ମଧ୍ୟରେ ପୂଜା ପାଉଛନ୍ତି ଗଙ୍ଗା ମାତା । କଣ୍ଟିଲୋ ହାଟମୁଣ୍ଡ ପାଟଣା ଗ୍ରାମର ଜଣେ ଅବସରପ୍ରାପ୍ତ କନଷ୍ଟେବଳ ତଥା ମା'ଙ୍କ ଉପାସକ ଗୋବିନ୍ଦ ମହାରଣାଙ୍କ ଉଦ୍ୟମରେ ଉକ୍ତ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ମନ୍ଦିର ପାଦଦେଶରେ ମହାନଦୀ ବୋହିଯାଉଥିବା ବେଳେ ଅତ୍ୟନ୍ତ ମନମୁଗ୍ଧକର ପରିବେଶରେ ଅବସ୍ଥିତ ଏହି ମନ୍ଦିରରେ ସୂର୍ଯ୍ୟାସ୍ତ ଦୃଶ୍ୟ ପର୍ଯ୍ୟଟକଙ୍କ ମନରେ ଅଭୁଲା ଛାପ ଛାଡ଼ିବାରେ ବେଶ୍ ସକ୍ଷମ । ଏହି ମନ୍ଦିର ପାଶ୍ୱର୍ ମହାନଦୀ କୂଳ ଘାଟକୁ ପର୍ଯ୍ୟଟକମାନେ ବହୁଳ ଭାବେ ବ୍ୟବହାର କରିଥାନ୍ତି । ବୋଲବମ ଋତୁରେ ଏହି ଘାଟ ଲୋକାରଣ୍ୟ ହୋଇପଡ଼େ । ତେବେ ନୀଳମାଧବ ବିକାଶ ପ୍ରକଳ୍ପରେ ଏହି ପୀଠକୁ ଧ୍ୟାନ ଦିଆଯାଇନାହିଁ । ଏହି ପୀଠର ବିକାଶ ଓ ମହାନଦୀ କୂଳରେ ସୁରକ୍ଷିତ ଘାଟ ନିର୍ମାଣ ସହ ଏଠାରେ ମହାନଦୀ ଦୃଶ୍ୟ ଅବଲୋକନ ନିମିତ୍ତ ଏକ ୱାଚ ଟାୱାର ନିର୍ମାଣ କରାଗଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଇପାରନ୍ତା । ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି ।



## ବିହାରୀ ଶ୍ରମିକଙ୍କ ଛୁରା ମାଡ଼ରେ ଓଡ଼ିଆ ମୃତ

ବେଗୁନିଆ,୨୦।୨(ସମିସ): ଖୋର୍ଦ୍ଧା ଜିଲ୍ଲା ସାରୁଅ ଶିଳ୍ପାଞ୍ଚଳର ଏକ ରଡ୍ କମ୍ପାନୀ ପରିସରରେ ବିହାରୀ ଶ୍ରମିକଙ୍କ ଛୁରାମାଡରେ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଉକ୍ତ ଅଞ୍ଚଳର ମନୋଜ ଡାଇ ଓ ବିହାର ରାଜ୍ୟର ସୁନିଲ ମିଶ୍ର ରଡ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। କୌଣସି କାରଣକୁ ଉଭୟଙ୍କ ମଧ୍ୟରେ ବଚସା ପରେ ଉତକ୍ଷିପ୍ତ ହୋଇ ସୁନିଲ ଛୁରାରେ ମନୋଜଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଆହତ ମନୋଜଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିବାବେଳେ ମୃତ୍ୟୁ ଘଟିଛି। ଏନେଇ ବାଘମାରୀ ପୁଲିସ ସହ ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ ନିହାର ରଞ୍ଜନ ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ସେଠୀ ପହଁଚି ଅଭିଯୁକ୍ତକୁ ଅଟକ ରଖି ସାଇଣ୍ଟିଫିକ୍ ଟିମ୍ ସହଯୋଗରେ ତଦନ୍ତ ଆରମ୍ଭ କରିଥିଲା।

## ବାଗପଡିଆ ଆଡ଼ିବନ୍ଧ ନିର୍ମାଣ କାମ ବନ୍ଦ ପାଇଁ ଚକ୍ରାନ୍ତ

ବେଗୁନିଆ,୨୦।୨(ସମିସ): ବେଗୁନିଆ ବ୍ଲକ କଣ୍ଡାବାଡ଼ ପଞ୍ଚାୟତ ଅନ୍ତର୍ଗତ ବାସୁଦେବପୁର ଗ୍ରାମରେ ବାଗପଡିଆ ଆଡ଼ିବନ୍ଧ ନିର୍ମାଣ ପାଇଁ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବେହେରା ଭୁବନେଶ୍ୱର ସ୍ଥିତ କ୍ଷୁଦ୍ର ଜଳ ସେଚନ ବିଭାଗରେ ବାରମ୍ବାର ଦାବି କରି ଆସୁଥିଲେ। ଏହି ଆଡ଼ିବନ୍ଧ ନିର୍ମାଣ ପାଇଁ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଆଡ଼ିବନ୍ଧ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର କାମ ଆରମ୍ଭ ପୂର୍ବରୁ କିଛିଲୋକ ପ୍ରକୃତି ଲୋକ ବିଘ୍ନ ଘଟାଇବାକୁ ଯୋଜନା ଚଳାଉଛନ୍ତି। ଯାହା କି ବର୍ଷାଦିନରେ ଜଳ ଫରକ୍ଷଣ ହୋଇ ଉଦ୍‌ବୃତ୍ତିପାଣି ସହାୟରେ ବାସୁଦେବପୁର, ମଲ୍ଲିପଦର, କଣ୍ଡାବାଡ଼, ମୁକୁନ୍ଦପୁର ସହ ବାଙ୍କୀ ଉପଖଣ୍ଡର ପଞ୍ଚାଳମ ଗ୍ରାମର ୨୦ ଏକରରୁ ଉର୍ଦ୍ଧ୍ୱ ଚାଷୀ ନାଳମଣି ସାହୁ, ଶ୍ୟାମ ସୁନ୍ଦର ସାହୁ, ବିମ୍ବାଧର ସେଠୀ, ଶରତ ବାରିକ, ସୂର୍ଯ୍ୟକାନ୍ତ ପଣ୍ଡା ଓ ଜଗନ୍ନାଥ ମହାପାତ୍ରଙ୍କ ସମେତ ବହୁ ଉପକୃତ ହୋଇ ପାରିବେ ବୋଲି କହିଛନ୍ତି। ଏହି ଉନ୍ନତିମୂଳକ କାର୍ଯ୍ୟରେ ଅର୍ଥ ଲାଳସାରେ ହୀନ ଚକ୍ରାନ୍ତ ଚଳାଉଥିବା ବ୍ୟକ୍ତି ବିଶେଷଙ୍କୁ ସାଧାରଣରେ ନିନ୍ଦା କରାଯାଉଥିବା ଦେଖିବାକୁ ମିଳୁଥିବା ବେଳେ କର୍ଣ୍ଣପାତ ନ କରି ଡ୍ୟାମ ସମ୍ପୂର୍ଣ୍ଣ କରାଯିବାକୁ ସାଧାରଣରେ ଦାବି ହେଉଛି। ଏପରିକି କାର୍ଯ୍ୟର ତଦାରଖ ପାଇଁ ଜିଲ୍ଲା ଉପଖଣ୍ଡ ଅଧିକାରୀଙ୍କ ସମେତ ଯନ୍ତ୍ରୀ ଓ କର୍ମଚାରୀ ଯାତାୟାତ କରୁଥିବା ବେଳେ ଠିକାଦାର ସମସ୍ତ କାର୍ଯ୍ୟ ସରକାରୀ ନିୟମ ଅନୁସାରେ କରୁଛନ୍ତି ବୋଲି ଚାଷୀମାନେ ଲିଖିତ ଭାବେ ଗଣମାଧ୍ୟମ ଜରିଆରେ ଜଣାଇଛନ୍ତି।

● ଜୟଦୁର୍ଗା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ବାଙ୍କୀ ଆଥଲେଟିକ ଆସୋସିଏସନ୍ ଫାଇନାଲ୍‌ରେ

ବେଗୁନିଆ,୨୦।୨(ସମିସ): ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଡାମଲିମ ଗ୍ରାମରେ ୩୮ତମ ବାର୍ଷିକ ଜୟଦୁର୍ଗା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପ୍ରଥମ ସେମି ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ଖେଳରେ ଭୁବନେଶ୍ୱର ଗୋଲଡେନ୍ ଫୁଟବଲ୍ କ୍ଲବ ଓ ବାଙ୍କୀ ଆଥଲେଟିକ ଆସୋସିଏସନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଅମୀମାଂସିତ ରହିବାରୁ ଟ୍ରାଇବେକର ସହାୟତାରେ ବାଙ୍କୀ ଆଥଲେଟିକ ଆସୋସିଏସନ୍ ୨ -୧ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, କଂଗ୍ରେସ ଦଳର ପୂର୍ବତନ ବ୍ଲକ ସଭାପତି କାଳନ୍ଦୀ ଚରଣ ମହାପାତ୍ର, ଚାଷୀ ନେତା ମଦନ ମୋହନ ସାହୁ, ସମାଜସେବୀ ଜ୍ଞାନ ରଞ୍ଜନ ମାନସିଂହ, ଶିକ୍ଷାବିତ୍ ବାଙ୍କନିଧି ବାରିକ, କଣ୍ଡାମଣି ଗ୍ରାମ୍ୟ କମିଟି ଉପଦେଷ୍ଟା ଚନ୍ଦ୍ର ଶେଖର ପାତ୍ର, ମହେନ୍ଦ୍ର ମାଝୀ, ସଭାପତି ଜଗନ୍ନାଥ ରାଉତରାୟ, ସମ୍ପାଦକ ଆର୍ତ୍ତବନ୍ଧୁ ମାଝୀ, କୋଷାଧ୍ୟକ୍ଷ ବାଉରୀ ବନ୍ଧୁ ପାଇକରାୟ ଓ ଉପସଭାପତି ଅଜୟ କୁମାର ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ମ୍ୟାଚ କମିଶନର ନେତୃତ୍ୱରେ ଦୟାନ୍ ଖାଁଙ୍କ ନିର୍ଦ୍ଦେଶରେ ରେଫରି ରାଜୁ ମହାନ୍ତି ନେତୃତ୍ୱରେ ଲାଇନ ମ୍ୟାନ ଭାବେ ବିଦେଶୀ ନାୟକ, ପ୍ରକାଶ ନାୟକ ଓ ସଗିର ଅହମ୍ମଦ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ମାଟ୍ରିକ୍ ପରୀକ୍ଷାର୍ଥୀ ଗୁରୁତର

ବେଗୁନିଆ,୨୦।୨(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶେଖ୍ ରିହାନଉଦ୍ଦିନ୍ ଶୁକ୍ରବାର ପୂର୍ବାହ୍ନରେ ଟିଉସନରୁ ଘରକୁ ସାଇକଲ ଯୋଗେ ଫେରୁଥିବା ବେଳେ ନୂଆସାହି ଜଗନ୍ନାଥ ମନ୍ଦିର ନିକଟରେ କୁକୁର ଆକ୍ରମଣ କରିବାରୁ ତଳେ ପଡ଼ି ଗୁରୁତର ହୋଇଛନ୍ତି। ସେ ଶେଖ ସିରାଜୁଦ୍ଦିନଙ୍କ ପୁତ୍ର। ତାଙ୍କୁ ବେଗୁନିଆ ସରକାରୀ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ଡାକ୍ତରଙ୍କ ପରାମର୍ଶ କ୍ରମେ ଜିଲ୍ଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱରସ୍ଥିତ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରି ଚିକିତ୍ସା ଚାଲିଛି। ଶନିବାର ମାଟ୍ରିକ ପରୀକ୍ଷା କେନ୍ଦ୍ର ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଇଂରାଜୀ ପରୀକ୍ଷା ଦେଇ ସାରିବା ପରେ ପୁନର୍ବାର ଚିକିତ୍ସାଳୟକୁ ନେଇ ଗୋଡ଼ର ଅସ୍ତ୍ରୋପଚାର କରାଯିବ ବୋଲି ପରିବାର ସଦସ୍ୟ କହିଛନ୍ତି।

● ହରିପୁର ଉଗ୍ରତାରା ଉଚ୍ଚ ବିଦ୍ୟାଳୟ

## ପଞ୍ଚସଖା ଶିକ୍ଷା ସେତୁ କମିଟି ପୁନର୍ଗଠିତ

ନିରାକାରପୁର,୨୦।୨(ସମିସ): ଖୋର୍ଦ୍ଧା ଜିଲ୍ଲା ହରିପୁରରେ ଉଗ୍ରତାରା ଉଚ୍ଚ ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ କମିଟି ପୁନର୍ଗଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ବିଶାଳଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଶିକ୍ଷକ ଗୋଲୋକ ସୁବୁଦ୍ଧିଙ୍କ ସଭାପତିତ୍ୱରେ ପାଳନ କରିଥିଲେ। ପୁରାତନ ଛାତ୍ର ତଥା ସମାଜସେବୀ ମନୋରଞ୍ଜନ ମୁଦୁଲିଙ୍କୁ କମିଟିର ସଭାପତି ଭାବରେ ଏବଂ ଇନ୍ଦ୍ରମଣି ଜେନାଙ୍କୁ ଉପସଭାପତି ଭାବରେ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ପୁରାତନ ଛାତ୍ରୀ ଗୀତାଞ୍ଜଳି ପାଟଶାଣୀଙ୍କୁ ମହିଳା ସଭ୍ୟା ଭାବରେ ଚୟନ କରାଯାଇଥିଲା। ପୂର୍ବରୁ ଏହି କମିଟି ମୋ ସ୍କୁଲ ଅଭିଯାନ କମିଟି ଭାବରେ କାର୍ଯ୍ୟ କରୁଥିଲା। ବିଦ୍ୟାଳୟର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଏହି କମିଟିର ଆବଶ୍ୟକତା ରହିଛି।

**ନିର୍ମାଣାଧୀନ ପାଠାଗାର ଭାଙ୍ଗିବା ଘଟଣା**

# ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାକୁ ଚିଠି ଲେଖିଲେ ବିଡିଓ

ଖୋର୍ଦ୍ଧା,୨୦।୨(ସମିସ)

ଦାଦାବଟି ନଦେବାରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ବିକୁଡିଆ ଠାରେ ନିର୍ମାଣ ଚାଲିଥିବା ପାଠାଗାରକୁ ଦୁବୃର୍ତ୍ତମାନେ ଜେସିବି ଯୋଗେ ମାଟିରେ ମିଶାଇଦେଇଛନ୍ତି। ଏନେଇ ଠିକାଦାର ଓ ସ୍ଥାନୀୟ ଲୋକ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଥିବାବେଳେ ଶିଳ୍ପାଞ୍ଚଳ ଥାନା ଓ ବିଡିଓଙ୍କ ନିକଟରେ ଠିକାଦାର ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତର ସହ ନେଇ ବିଡିଓ ସିଦ୍ଧାର୍ଥ ପଟ୍ଟନାୟକ ଘଟଣାର ତଦନ୍ତ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଶିଳ୍ପାଞ୍ଚଳ ଥାନାକୁ ପତ୍ର ଲେଖିଛନ୍ତି।

ପ୍ରକାଶ ଥାଉକି, ଖୋର୍ଦ୍ଧାବ୍ଲକ୍ ମଲ୍ଲୀପୁର ପଂଚାୟତରେ ସର୍ବସାଧାରଣଙ୍କ ନିମନ୍ତେ ସାଂସଦ ପାଣ୍ଠିରୁ ୫ଲକ୍ଷ ବ୍ୟୟରେ ଏକ ପାଠାଗାର ନିର୍ମାଣ ଲାଗି କାର୍ଯ୍ୟାଦେଶ ବନ୍ତଲ ଗ୍ରାମର ହେମନ୍ତ ମାନସିଂହଙ୍କୁ ଦିଆଯାଇଥିଲା। ବ୍ଲକ ଓ ତହସିଲ ପ୍ରଶାସନ ସମେତ ସମସ୍ତ ଗ୍ରାମବାସୀ ମିଶି ବିଂକୁଡିଆ ଗ୍ରାମରେ କରିବାକୁ ଜାଗା ଚିହ୍ନଟ କରାଯାଇଥିଲା। ଗତ ୨୦୨୫ ମେ' ୮ ତାରିଖରେ କାର୍ଯ୍ୟାଦେଶ ପାଇ ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତରେ ପାଠାଗାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ତଳୁ କାମ ୬ଫୁଟ ୬ଇଁଚ ପର୍ଯ୍ୟନ୍ତ ନିର୍ମାଣ ହୋଇ ଆସିଥିବାବେଳେ ଗତ ମଙ୍ଗଳବାର ରାତି ପ୍ରାୟ ୧୧.୪୫ମିରେ ଏକ ଜେସିବି (ଓଡି୦୨ସିକ୍ୟୁ-୦୩୯୭)ଯୋଗେ ଉକ୍ତ ନିର୍ମାଣାଧୀନ ପାଠାଗାରକୁ ଦୁର୍ବୃତ୍ତମାନେ ଭାଙ୍ଗି ମାଟିରେ ମିଶାଇଦେଇଥିଲେ। ଏନେଇ ହେମନ୍ତ ଶିଳ୍ପାଂଚଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ପୁଲିସ ୪୩/୨୬ରେ ଏକ ମାମଲା ରୁଜୁ କରିଛି।

ଅନ୍ୟପକ୍ଷରେ ହେମନ୍ତ ଏନେଇ ବିଡିଓଙ୍କୁ ଅଭିଯୋଗ କରିବାରେ ଖୋର୍ଦ୍ଧା ପଂଚାୟତ ସମିତି ପକ୍ଷରୁ ଚିଠି ନଂ-୫୪୩/୨୦.୨.୨୦୨୬ରେ ଘଟଣାର ପ୍ରକୃତ ତଦନ୍ତ କରି ଆଇନ ଅନୁଯାୟୀ ଶୀଘ୍ର ଉପଯୁକ୍ତ ପଦକ୍ଷେପ ନେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନା ଅଧିକାରୀଙ୍କୁ ଚିଠିରେ କୁହାଯାଇଛି। ଉକ୍ତ ଚିଠିର ଅନ୍ୟ ଏକ କପି ମେମୋ ଜିଲ୍ଲାପାଳ ଓ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ନିକଟକୁ ପଂଚାୟତ ସମିତି ପକ୍ଷରୁ ପଠାଯାଇଛି। ତେବେ ଏ ସମ୍ପର୍କରେ ଥାନା ଅଧିକାରୀ ଉମେଶ ସାହୁଙ୍କ ପଚାରିବାରେ ପଂଚାୟତ ସମିତି ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ କିଛି ଚିଠି ଆମର ହସ୍ତଗତ ହୋଇନି। ଉକ୍ତ ଘଟଣାରେ ମାମଲା ରୁଜୁ ହୋଇ ଏକ ଜେସିବିକୁ ଜବତ କରାଯାଇ ତଦନ୍ତ ଚାଲିଛି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

## ସରପାରୀ ଡକାୟତି ଘଟଣା; ୪ ଗିରଫ



୧୭୩ ଗ୍ରାମ ସୁନା, ୨୨୦୦ ଗ୍ରାମ ରୁପା ଉଦ୍ଧାର

ନିରାକାରପୁର,୨୦।୨(ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ସରପାରୀ ଗ୍ରାମ ଭଗବାନପୁର ସାହି ପ୍ରତାପ କୁମାର ସାହୁଙ୍କ ଘରେ ଗତବର୍ଷ ନଭେମ୍ବର ୧୪ ରାତିରେ ହୋଇଥିବା ଡକାୟତି ଘଟଣାରେ ଆଜି ଜଂକିଆ ପୁଲିସକୁ ୪ ଜଣଙ୍କୁ ଗିରଫ କରିଥିବାବେଳେ ୧୭ ଭରି ସୁନା ଓ ୨ କେଜି ୨୦୦ ଗ୍ରାମ ରୁପା ଉଦ୍ଧାର କରିଛି। ଆଉ ଏକ ଭୁଜାଲି ସେମାନଙ୍କ ଠାରୁ ଜବତ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଉଦ୍ଧାର କରାଯାଇଥିବା ସୁନା ରୁପା ଅଳଂକାରର ଆନୁମାନିକ ମୂଲ୍ୟ ପ୍ରାୟ ୩୪ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ କି ଜଂକିଆ ପୁଲିସ ଏହି ଡକାୟତି ଘଟଣାରେ ୩ ଜଣଙ୍କୁ ଗିରଫ କରି ଏକ ବୋଲେରୋ ଗାଡ଼ିକୁ ଜବତ କରିଥିଲା। ସେଥିରେ ସଂପୃକ୍ତ ଥିବା ଅନ୍ୟ ୩ ଜଣଙ୍କୁ ପୁଲିସ ଖୋଜୁଥିଲା। ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଥାନା ଅନ୍ୟ ଅଧିକାରୀ ମାନଙ୍କ ସହାୟତାରେ ତନାଘନା କରି ବୋଲଗଡ଼ ଥାନା ପାଟପୁର ଟୁଙ୍ଗୁରୀ ପାହାଡ ଜଙ୍ଗଲରେ ଅନ୍ୟ ଏକ ଡକାୟତି ଯୋଜନା କରୁଥିବା ହରିପୁର ଶାସନ ଗ୍ରାମର ପଦିଆ ଓରଫ ପ୍ରଦୀପ ଜେନା (୩୧), ଫତେଗଡ ଥାନା ପାଥପୁର ଝୁଲିଆ ଓରଫ ଧନେଶ୍ୱର ଲେଙ୍କା (୩୫), ବୋଲଗଡ଼ ଥାନା ଗୋବର୍ଦ୍ଧନ ଗ୍ରାମ ଗଦା ନାୟକ (୬୦) ଗିରଫ କରିଥିବାବେଳେ ଗ୍ରାହକ ନୟାଗଡ ଜିଲ୍ଲା ଇଟାମାଟି ଥାନା ବଡପାଣ୍ଡୁଶୁଣି ଗ୍ରାମର ବିଜୟ ସାହୁଙ୍କୁ ଗିରଫ କରିଥିଲା।

## ମନ୍ଦିରରୁ ସିରିଜ୍ ଲୁଟ୍ ଘଟଣାରେ ୨ ଗିରଫ

ବାଲୁଗାଁ,୨୦।୨(ସମିସ): ବାଲୁଗାଁ ଏନ୍‌ଏସି ଅଧିନ ୫ ଗୋଟି ସ୍ଥାନରେ ଅବସ୍ଥିତ ୮ ଗୋଟି ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଙ୍କାର ଓ ନଗଦ ଟଙ୍କା ଚୋରି ଘଟଣାରେ ଶୁକ୍ରବାର ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଆଉଟା ଯାଇଥିବା ରୁପା କିରଟି, ଧାତୁ ମୁଦ୍ରା, ୧୨ଶହ ଟଙ୍କା, ଚୋରିରେ ବ୍ୟବହୃତ ଲୁହା ରଡ ଓ ବିଭିନ୍ନ ସାମଗ୍ରୀ ଜବତ କରିଛି ବାଲୁଗାଁ ପୁଲିସ। ଦୁଇ ଲୁଟେରା ହେଲେ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅଧିନ ପାଣ୍ଡବ ପାଟଣା ଗ୍ରାମର ବାଇଧର ପ୍ରଧାନ ଓରଫ ମିତେଇ (୨୮) ଓ ଗଞ୍ଜାମ ଜିଲ୍ଲାର ରମ୍ଭା ଥାନା ଅଧିନସ୍ଥ ପାହାଡ ସାହିର କୃଷ୍ଣଚନ୍ଦ୍ର ବେହେରା ଓରଫ ପାପା (୩୦) ବୋଲି ଜଣା ପଡିଛି। ସୂଚନା ମୁତାବକ ଗତ ୧୩ ତାରିଖ ଶୁକ୍ରବାର ବିଳମ୍ବିତ ରାତ୍ରରେ ଲୁଟେରା ମାନେ ବାଲୁଗାଁ ଏନ୍‌ଏସି ସାନ୍ତରାପୁର ସାହି ସ୍ଥିତ ଗୋଟିଏ ପରିସରରେ ଅବସ୍ଥାପିତ ଶ୍ରୀ ଦଧିବାମନ ଦେବ, ବୀରହନୁମାନ ଦେବ, ଶ୍ରୀ ଗୁପ୍ତେଶ୍ୱର ଦେବ ଓ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ମନ୍ଦିର ସମେତ ଚିଲିକା ରୋଡ଼ ପାଶ୍ୱର୍ ଗାନ୍ଧିନଗର ସ୍ଥିତ ଗିରିଦୁର୍ଗା ମନ୍ଦିର, ବିଦ୍ୟାଧରପୁର ସାହି ସ୍ଥିତ ମା' ଖିଲାମୁଣ୍ଡା ଦେବୀ ମନ୍ଦିର, ବାଲୁଗାଁ ବଜାରର ଏନ୍‌ଏସି ଅଡିଟୋରିୟମ ହଲ ନିକଟସ୍ଥ ମା କାଳିଜାଈ ମନ୍ଦିର ଓ ସରଳାପଦର ଛକ ନିକଟସ୍ଥ ମା' ଉତ୍ତରାୟଣୀ ମନ୍ଦିର ଆଦି ୫ ଗୋଟି ବିଭିନ୍ନ ସ୍ଥାନରେ ଅବସ୍ଥିତ



୮ ଗୋଟି ମନ୍ଦିରରୁ ଚୋରି କରିଥିଲେ। ଶନିବାର ସକାଳୁ ମନ୍ଦିରର ପୂଜକ ମାନେ ଆସି ଚୋରି ହୋଇଥିବା ଜାଣିବା ପରେ ଥାନାରେ ଅଭିଯୋଗ ହୋଇଥିଲା। ବାଲୁଗାଁ ଏସଡିପିଓ ସଂଜୟ କୁମାର ପଟ୍ଟନାୟକ ଓ ଥାନା ଅଧିକାରୀ ଜୟପ୍ରକାଶ ପରିଡା ପୁଲିସ ଟିମ୍ ସହ ସାଇଣ୍ଟିଫିକ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ କାବୁ କରିବା ସହ କୋର୍ଟ ଚାଲାଣ କରିଛନ୍ତି।

## ସେଞ୍ଚୁରିଅନ୍ ୟୁନିଭର୍ସିଟିରେ 'ଅନ୍ୱେଷଣା' ବିଜ୍ଞାନ ଓ ଇଞ୍ଜିନିୟରିଂ ମେଳା

■ ଯୁବ ଉଦ୍ଭାବକଙ୍କୁ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ପୁରସ୍କାର



ଜଟଣୀ,୨୦।୨(ସମିସ): ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ପରିସରରେ 'ଅନ୍ୱେଷଣା ବିଜ୍ଞାନ ଓ ଇଞ୍ଜିନିୟରିଂ ମେଳା ୨୦୨୫-୨୬' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଅଗସ୍ତ୍ୟ ଇଣ୍ଟରନ୍ୟାସନାଲ ଫାଉଣ୍ଡେସନ ଏବଂ ସାଇନୋପସିସ୍‌ର ମିଳିତ ସହଯୋଗରେ ଆୟୋଜିତ ଏହି ମେଳାରେ ବିଭିନ୍ନ ରାଜ୍ୟର ୧୭ଟି ଇଞ୍ଜିନିୟରିଂ କଲେଜରୁ ୪୦ଟି ଶ୍ରେଷ୍ଠ ଦଳ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଉଦଘାଟନୀ ସମାରୋହରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସସ୍ମିତା ସାହୁ (ଓଇଏସ), ଯୁଗ୍ମ ନିର୍ଦ୍ଦେଶିକା ଶୈଳଧିରାଜାତନୟା ଶତପଥୀ (ଓଇଏସ), ଯୁଗ୍ମ ନିର୍ଦ୍ଦେଶକ ଡ. ସୌମ୍ୟ ପ୍ରକାଶ ଦାଶ (ଆଇଆଇଟି, ଭୁବନେଶ୍ୱର), ଡ. ଶୁଭେନ୍ଦୁ କୁମାର ଜୟସିଂହ (ଆଇଏମଆଇଟି, କଟକ). ଡ. ସୁପ୍ରିୟା ପଟ୍ଟନାୟକ, କୁଳପତି, ସେଞ୍ଚୁରିଅନ୍ ୟୁନିଭର୍ସିଟି, ଡ. ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଅଧ୍ୟକ୍ଷ, ଡ. ସୁଜାତା ଚକ୍ରବର୍ତ୍ତୀ, ଡିନ୍ ଏବଂ ସାଇନୋପସିସ୍‌ର ବରିଷ୍ଠ ଇଞ୍ଜିନିୟର ଆଶୁତୋଷ ମହାନ୍ତି ଓ ଅଗସ୍ତ୍ୟ ଫାଉଣ୍ଡେସନର ରମେଶ ସିଂ ପ୍ରମୁଖ ଉଦଘାଟନ କରିଥିଲେ। ଏହି ଅବସରରେ "୧୦୦ ଟାଇମ୍ସ କ୍ୟୁରିଅସ୍' ପୁସ୍ତକର ଉନ୍ମୋଚନ କରାଯାଇଥିଲା। କୁଳପତି ଡ. ସୁପ୍ରିୟା ପଟ୍ଟନାୟକ ଅଭିଭାଷଣରେ କହିଥିଲେ, ଏଭଳି କାର୍ଯ୍ୟକ୍ରମ ଆମ ବିଶ୍ୱବିଦ୍ୟାଳୟର 'କରିକି ଶିଖିବା' ଲକ୍ଷ୍ୟକୁ ସାକାର କରୁଛି। ବିଭିନ୍ନ ରାଜ୍ୟରୁ ଆସିଥିବା ଛାତ୍ରଛାତ୍ରୀମାନେ କୃଷି ଓ ନବୀକରଣଯୋଗ୍ୟ ଶକ୍ତି ଭଳି କ୍ଷେତ୍ରରେ ଯେଉଁ ସମାଧାନ ବାହାର କରିଛନ୍ତି, ତାହା ପ୍ରଶଂସନୀୟ। ୧୯ ଫେବୃଆରୀରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଜୟୀ ଦଳମାନଙ୍କୁ ୧ ଲକ୍ଷରୁ ଅଧିକ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ପୁରସ୍କାର ଗ୍ରାମଏଆଇ (ଭୁବନେଶ୍ୱର ଇଞ୍ଜିନିୟରିଂ କଲେଜ), ଦ୍ୱିତୀୟ ପୁରସ୍କାର ଫାର୍ମର ହେଲପେର (ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଫର ଟେକ୍ନୋଲୋଜି, ଭୁବନେଶ୍ୱର) ଓ ତୃତୀୟ ପୁରସ୍କାର: ବିଓଏଥାନାଲ ଫ୍ରମ ୱାଟର ହ୍ୟାଚିଣ୍ଟ (ବିନେଶ୍ୱର ବ୍ରହ୍ମା ଇଞ୍ଜିନିୟରିଂ କଲେଜ, ଆସାମ) ପାଇଛି।

## ଅତ୍ରି ଉଷ୍ଣପ୍ରସ୍ରବଣ ପ୍ରବେଶ ଫି' ବୃଦ୍ଧିକୁ ନେଇ ଅସନ୍ତୋଷ

ବେଗୁନିଆ,୨୦।୨(ସମିସ): ଏସିଆ ମହାଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଉଷ୍ଣପ୍ରସ୍ରବଣକୁ ପ୍ରତିଦିନ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ତଥା ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ରେଳପଥ ଓ ସଡ଼କ ପଥରେ ଆସି ଉଷ୍ଣ ଜଳରାଶିର କୁଣ୍ଡରେ ଗାଧୋଇବାର ମଜା ନେଇଥାନ୍ତି। ଏହାର ଆଖିଦୃଶିଆ ବିକାଶ ହୋଇ ନ ଥିଲେ ମଧ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରବେଶ ଶୁଳ୍କ ୫ଟଙ୍କା ଦେଇ ପର୍ଯ୍ୟଟକ ଯାଇଥାନ୍ତି। ବିଜେଡ଼ି ସରକାର ଶାସନ କାଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ୪ କୋଟି ଟଙ୍କାର ଅନୁଦାନ ରାଶି ଘୋଷଣା କରିଥିବା ବେଳେ ସଂପ୍ରତି ରାଜ୍ୟରେ ଶାସନ କରୁଥିବା ଲୋକଙ୍କ ସରକାର କେବଳ ୫୦ କୋଟି ଟଙ୍କା ଅନୁଦାନ ରାଶିରେ ସାରା ବିଶ୍ୱରେ ଏକ ନମ୍ବର ପର୍ଯ୍ୟଟନ ସ୍ଥଳୀ ହେବ ବୋଲି ଘୋଷଣା କରି ଚୁପ୍ ବସିପଡ଼ିଛନ୍ତି। ମାତ୍ର ବିକାଶ ନହେଉଣୁ ହଠାତ୍ ପ୍ରବେଶ ଫି' ୫ ଟଙ୍କାରୁ ୧୫ ଟଙ୍କା କରିବା ଫଳରେ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶିଶୁମାନଙ୍କ ଆମୋଦ ପାଇଁ ଖେଳ ସାମଗ୍ରୀ ଓ ଉଦ୍ୟାନ ସହ ପର୍ଯ୍ୟଟକଙ୍କ ବସିବା ପାଇଁ ସିମେଣ୍ଟରେ ପ୍ରସ୍ତୁତ ବେଞ୍ଚ ଓ ଅତ୍ୟାଧୁନିକ ପାଛଶାଳା ଆଦି ନିର୍ମାଣ କରି ଫି' ବୃଦ୍ଧି ହୋଇଥିଲେ ଏଭଳି ଅସନ୍ତୋଷ ଦେଖିବାକୁ ମିଳି ନଥାନ୍ତା ବୋଲି ସଚେତନ ନାଗରିକମାନେ କହିଛନ୍ତି।

● ଆରମ୍ଭ ହେଲା ଯୁକ୍ତ ଦୁଇ କଳା ପରୀକ୍ଷା

## ପରୀକ୍ଷା ଦେଲେ ୨୪୦୧ ଜଣ; ୧୬ ଅନୁପସ୍ଥିତ



ବାଣପୁର,୨୦।୨(ସମିସ): ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ସାରା ରାଜ୍ୟରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗର ବୋର୍ଡ ପରୀକ୍ଷା ୧୮ ତାରିଖ ବୁଧବାର ଠାରୁ ଆରମ୍ଭ ହୋଇ ଥିବା ବେଳେ ଶୁକ୍ରବାର କଳା ବିଭାଗ ପରୀକ୍ଷା ଆରମ୍ଭ ହୋଇଯାଇଛି। ପରୀକ୍ଷାର ପ୍ରଥମ ଦିବସରେ ଛାତ୍ରଛାତ୍ରୀ ମାନେ ମାତୃଭାଷା ଓଡିଆ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ପାଇଁ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟକୁ ହବ୍ ସେଣ୍ଟର କରାଯାଇଛି। ଏଠାରୁ ଶୁକ୍ରବାର ସକାଳ ୭ଟାରେ ସମସ୍ତ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିଥିବା ବେଳେ ସୁଚାରୁ ରୂପେ ପରୀକ୍ଷା ସମାପନ ହୋଇଛି। ତେବେ ଚଳିତ ବର୍ଷ ଯୁକ୍ତ ଦୁଇ କଳା ବୋର୍ଡ ପରୀକ୍ଷା ଦେବାକୁ ଏହି ହବ୍ ସେଣ୍ଟର ଅଧୀନ ୯ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୪୧୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ପଞ୍ଜୀକୃତ କରିଥିଲେ। ଶୁକ୍ରବାର ଅନୁଷ୍ଠିତ ଯୁକ୍ତ ଦୁଇ କଳା ବିଭାଗ ପରୀକ୍ଷାର ପ୍ରଥମ ଦିବସରେ ମାତୃଭାଷା ଓଡିଆ ପରୀକ୍ଷାରେ ୨୪୦୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ସ୍ଥଳେ ୧୬ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ହବ ସେଣ୍ଟର ପକ୍ଷରୁ ସୁଚନା ମିଳିଛି।

● ଉଠାଦୋକାନୀଙ୍କ କବ୍‌ଜାରେ ଚାନ୍ଦପୁର ଦଶଦୋଳ ପଡ଼ିଆ

## ପୁଣି ତେଜିଲା ଜନଆନ୍ଦୋଳନ

ଟାଙ୍ଗୀ,୨୦।୨(ସମିସ): ଦଶଦୋଳ ସମ୍ମୁଖରେ ଉଠା ଦୋକାନ ଜବରଦଖଲ ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ଯୋଗୁ ଗତବର୍ଷ ଦଶଦୋଳ ସମୟରେ ରଣପୁର ତହସିଲଦାର ଉଚ୍ଛେଦ ସଂପର୍କରେ ଆଲୋଚନା ପରେ ନିର୍ଭର ପ୍ରତିଶୃତି ଦେଇଥିଲେ। ତେବେ ଇତିମଧ୍ୟରେ ଏକ ବର୍ଷ ଅତିକ୍ରମ ହୋଇଥିଲେ ମଧ୍ୟ ଉଚ୍ଛେଦର ନାଁ ଗନ୍ଧ ନଥିବାରୁ ପୁଣି ଅସନ୍ତୋଷ ଦାନା ବାନ୍ଧୁଥିବା ଜଣାପଡିଛି। ଚାନ୍ଦପୁର ଦଶଦୋଳ ହେବାକୁ ନେଇ ଗତବର୍ଷ ବହୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଦଶଦୋଳ ପଡିଆକୁ ଅକ୍ତିଆର କରି ରଖିଥିବା ଉଠା ଦୋକାନୀଙ୍କ ବିରୁଦ୍ଧରେ ଯେଉଁ ସମସ୍ୟା ଉପୁଜିଥିଲା ତାର ସମାଧାନ ଦିଗରେ ରଣପୁର ତହସିଲଦାରଙ୍କ ଲିଖିତ ପ୍ରତିଶ୍ରୁତି ଓ କିଛି ଦୋକାନ ଉଚ୍ଛେଦ ପରେ ଐତିହାସିକ ଦଶ ଦୋଳ ପର୍ବ ସ୍ୱାଭାବିକ ହୋଇଥିଲା। କିନ୍ତୁ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଉଠା ଦୋକାନୀଙ୍କୁ ଦଶଦୋଳ ପଡିଆ ଆଗରୁ ଉଠାଇବାରେ ପ୍ରଶାସନ ବିଫଳ ହୋଇଛି। ଆଗକୁ ଦଶଦୋଳ ପର୍ବ ପାଳନ ହେବାକୁ ଥିବାବେଳେ ପୁଣି ଜନଆନ୍ଦୋଳନ ପାଇଁ ସଜବାଜ ହେଲାରି। ଚାନ୍ଦପୁର ଗ୍ରାମ୍ୟ କମିଟିର ଆଲୋଚନା ପରେ ଚାନ୍ଦପୁର ଗ୍ରାମବାସୀଙ୍କ ତରଫରୁ ଦଶଦୋଳ କମିଟି ସଭାପତିଙ୍କୁ ପୁଣି ଏକ ଦରଖାସ୍ତ ଦିଆଯାଇଥିବା ସୂଚନା ମିଳିଛି। ଯଦି ଚଳିତ ବର୍ଷ ଦଶଦୋଳ ପର୍ବ ପୂର୍ବରୁ ଜବରଦଖଲ ଉଚ୍ଛେଦ ନ ହୁଏ ତେବେ ଦଶଦୋଳ ପର୍ବର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀ ଦେବୀଙ୍କୁ ଦଶଦୋଳ ପଡିଆ ସ୍ଥିତ ଆସ୍ଥାନକୁ ନ ନେବାକୁ ଚେତାବନୀ ଦେଇଛନ୍ତି ଚାନ୍ଦପୁର ଗ୍ରାମବାସୀ। ଯଦି ଏହି ସମସ୍ୟାର ଆଶୁ ସମାଧାନ ନ ହୁଏ ତେବେ ଆଗକୁ ତୀବ୍ର ଜନ ଅସନ୍ତୋଷର ସମ୍ମୁଖୀନ ହେବ ପ୍ରଶାସନ।

**ବଢୁନି ମଣ୍ଡି ଟାର୍ଗେଟ; ଚିନ୍ତାରେ ଚାଷୀ**

# ନୋଡାଲ ଅଫିସରଙ୍କୁ ଲୋକଦେଖାଣିଆ ତାଗିଦ୍

ନିରାକାରପୁର,୨୦।୨(ସମିସ)



ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ରେ ପ୍ରଥମରୁ ଅନେକ ଘାତପ୍ରତିଘାତରେ ଧାନମଣ୍ଡି ଚାଲୁ ରହିଛି। ପର୍ଯ୍ୟାୟକ୍ରମେ ୨ ଥର ଧାନ କିଣା ଟାର୍ଗେଟ ବଢ଼ିଥିଲା ଯାହା ବର୍ତ୍ତମାନ ସରିବାକୁ ଆସିଲାଣି। କିନ୍ତୁ ତୃତୀୟ ପର୍ଯ୍ୟାୟ ଟାର୍ଗେଟ ଦେବାରୁ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ଅହେତୁକ ବିଳମ୍ବ ହେଲାଣି। ଯାହା ଫଳରେ ଚାଷୀ ଟୋକନ ସରିଯିବାକୁ ବସିଲାଣି। ଚାଷୀ ମହଲରେ ଆଲୋଚନା ହେଲାଣି କି ଏହା କିଛି ମନ୍ଦ ଉଦ୍ଦେଶ୍ୟ ରଖି କରାଯାଉଛି। ଏଣେ କୃଷକ ସଙ୍ଗଠନରେ ଆଲୋଚନା ହେଉଛି ଯେ, ପଇସା ନଥିବାରୁ ଜାଣିଶୁଣି ଟାର୍ଗେଟ ଦେବାରେ ବିଳମ୍ବ କରାଯାଉଛି। ଏହାହେଲେ ଅନେକ ଚାଷୀ ଧାନ ମଣ୍ଡିରେ ଦେବାରୁ ବଞ୍ଚିତ ହେବେ। ପୁଣି ଜିଲ୍ଲା ଯୋଗାଣ ବିଭାଗର ମଣ୍ଡି ଶେଷ ସମୟରେ ଜିଲ୍ଲା ଯୋଗାଣ ଅଧିକାରୀ ଚିଠି ଲେଖି ମଣ୍ଡି ନୋଡାଲ ଅଧିକାରୀଙ୍କୁ ତାଗିଦ୍ କରିବା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ତାଗିଦ୍ କରିବାର ଥିଲା ମଣ୍ଡି ପ୍ରଥମରୁ କରିଥାନ୍ତେ; କିନ୍ତୁ ଯେତେବେଳେ ମଣ୍ଡିରେ ଧାନ କିଣା ପାଇଁ ଟାର୍ଗେଟ ନାହିଁ ଚାଷୀ ଟୋକନ ଅବଧି ସରିବାକୁ ବସିଲାଣି ଏହି ସମୟରେ ନୋଡାଲ ଅଧିକାରୀ ପ୍ରତ୍ୟେକ ମଣ୍ଡି ଯାଇ ତଦାରଖ କରିବା ଏକ ପ୍ରହସନ ବୋଲି ଚାଷୀ ମହଲରେ ଆଲୋଚନା ହେଉଛି। ଟାର୍ଗେଟ ବିଳମ୍ବ ବାବଦରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଜୟନ୍ତ କୁମାର ଦାସଙ୍କୁ ପଚାରିବାରୁ ୨-୩ ଦିନ ହେବ ଟାର୍ଗେଟ ପାଇଁ ଲେଖା ଦିଆଯାଇଛି ବୋଲି କହିଥିଲେ। ଟାର୍ଗେଟ ଅଭାବରୁ କେହି ଚାଷୀ ଧାନ କିଣାରୁ ବାଦ ପଡ଼ିବାର ସମ୍ଭାବନା ଅଛିକି ପଚାରିବାରୁ ଉତ୍ତରରେ କୌଣସି ଚାଷୀ ଟାର୍ଗେଟ ଅଭାବରୁ ଟୋକନ୍ ବାତିଲ ହେବ ନାହିଁ ଆବଶ୍ୟକ ସ୍ଥଳେ ଟୋକନର ଅବଧି ବଢାଯିବ ଏବଂ ମଣ୍ଡି ଶେଷ ବେଳର ନୋଡାଲ ଅଧିକାରୀଙ୍କୁ ତାଗିଦ୍ ବିଷୟରେ ପଚାରିବାରୁ ଆଗରୁ ମଣ୍ଡି ନୋଡାଲ ଅଧିକାରୀଙ୍କୁ ନିଯୁକ୍ତି କରାଯାଇଥିଲା କିନ୍ତୁ କିଛି ଜାଗାରେ ମଣ୍ଡି ଖୋଲିବା ବ୍ୟତିକ୍ରମ ଦେଖାଯାଉଥିଲା। ସେଥିପାଇଁ ଅବହେଳା ଦେଖାଯାଇଥିଲା। ତେଣୁ ବର୍ତ୍ତମାନ ଏକ ଚିଠି ମାଧ୍ୟମରେ ତାଗିଦ୍ କରାଯାଇଥିବା କହିଥିଲେ।

## ନୂତନ ପାଠ୍ୟପୁସ୍ତକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନିରାକାରପୁର,୨୦।୨(ସମିସ): ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାମେଶ୍ୱର ପରିସରରେ ଜାତୀୟ ଶିକ୍ଷାନୀତି-୨୦୨୦ ଏବଂ ଓଡିଶା ବିଦ୍ୟାଳୟ ପାଠ୍ୟକ୍ରମ ରୂପରେଖ ବିଦ୍ୟାଳୟ ଶିକ୍ଷା ୨୦୨୫ ଅନୁଯାୟୀ ୧ମ ଶ୍ରେଣୀ ରୁ ୮ ମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ ଓ ଶିକ୍ଷାଦାନ ସମ୍ପର୍କିତ ୪ର୍ଥ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ପ୍ରମୁଖ ସମ୍ବଳ ଶିକ୍ଷକ ଭାବେ ପ୍ରଶାନ୍ତ ମହାପାତ୍ର, ନୀଳାଦ୍ରି କୁମାର ସିଂହ, ବିଜୟ କୁମାର ସେଠୀ ଓ ସମରେଶୁ ବେହେରା କାର୍ଯ୍ୟକରିଥିବା ବେଳେ ସହକାରୀ ଦାୟିତ୍ୱ ରାମେଶ୍ୱର ସିଆରସିସି ସୁଶାନ୍ତ କୁମାର ମଲ୍ଲିକଙ୍କ ସହିତ ବ୍ଲକର ବିଭିନ୍ନ କ୍ଲଷ୍ଟର ରୁ ୮୨ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଟାଙ୍ଗି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅନ୍ତିମ ଅଧିବେଶନର ଉଦଯାପନୀ ସଭାରେ ବିଶିଷ୍ଟ ସାହିତ୍ୟିକ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବ୍ୟସିଂହ ତ୍ରିପାଠୀ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ଟାଙ୍ଗି ସଞ୍ଜୁଲତା ବେହେରା, ବ୍ୟଙ୍ଗ କବି ଅମ୍ଳାନ ପ୍ରହରାଜ, ସମସ୍ତ ସମ୍ବଳ ଶିକ୍ଷକ ଅତିଥି ଭାବେ ଯୋଗ ଦେଇଥିଲେ।

## ରାଜ୍ୟରେ ବଢୁଛି ଡ୍ରପ୍‌ଆଉଟ୍ ହାର

# ଅଧାରୁ ପାଠ ଛାଡୁଛନ୍ତି ୧୫% ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୦।୨(ସମିସ): ରାଜ୍ୟରେ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅର୍ଥାତ୍ ଡ୍ରପଆଉଟ୍ ହାର କ୍ରମାଗତ ଭାବେ ବଢୁଛି। ପୂର୍ବବର୍ଷ ତୁଳନାରେ ୨୦୨୪-୨୫ ଶିକ୍ଷାବର୍ଷରେ ଡ୍ରପ୍‌ଆଉଟ୍ ହାର ବଢ଼ି ୧୫ ପ୍ରତିଶତରେ ପହଞ୍ଚିଛି। ଅଧିକ ସଂଖ୍ୟାରେ ନବମ ଓ ଦଶମ ଶ୍ରେଣୀ ପିଲାମାନେ ଅଧାରୁ ପାଠପଢ଼ା ଛାଡୁଛନ୍ତି। ରାଜ୍ୟରେ ଡ୍ରପ୍-ହାଉଟ୍ ହାର ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବା ବିଧାନସଭାରେ ଆଜି ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି।

ବିଧାନସଭାରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରଖିଥିବା ତଥ୍ୟ ଅନୁଯାୟୀ, ୨୦୨୪-୨୫ ଶିକ୍ଷାବର୍ଷରେ ମାଧ୍ୟମିକ ବିଦ୍ୟାଳୟରୁ ପ୍ରାୟ ୧୫ ପ୍ରତିଶତ ଛାତ୍ରଛାତ୍ରୀ ପାଠ ଛାଡ଼ିଛନ୍ତି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ତୁଳନାରେ ନବମ ଓ ଦଶମ ଶ୍ରେଣୀରୁ ଅଧିକ ପିଲା ଡ୍ରପ୍-ଆଉଟ୍ ହୋଇଛନ୍ତି। ଛାତ୍ରୀଙ୍କ ତୁଳନାରେ ଅଧିକ ଛାତ୍ର ଅଧାରୁ ପାଠ ଛାଡୁଛନ୍ତି। ୧୭.୩ ପ୍ରତିଶତ ଛାତ୍ର ବିଦ୍ୟାଳୟ ଛାଡ଼ିଥିବା ବେଳେ ୧୨.୫ ପ୍ରତିଶତ ଛାତ୍ରୀ ଅଧାରୁ ବିଦ୍ୟାଳୟ ଆସିନାହାନ୍ତି। ନବରଙ୍ଗପୁର ଜିଲ୍ଲାରେ ଏହି ସ୍ଥିତି ଅଧିକ ଉତ୍କଟ ହୋଇଛି। ଆଦିବାସୀ ଅଧ୍ୟୁଷିତ ଏହି ଜିଲ୍ଲାରୁ

■ ନବମ ଓ ଦଶମ ଶ୍ରେଣୀରେ ସର୍ବାଧିକ
■ ୨୦୨୦ରୁ କମୁଥିଲା ୨୦୨୪ରେ ବଢ଼ିଲା

୨୯.୭ ପ୍ରତିଶତ ଛାତ୍ରଛାତ୍ରୀ ପାଠ ଛାଡ଼ିଛନ୍ତି। ସେହିପରି, ବୌଦ୍ଧ ଜିଲ୍ଲାର ଡ୍ରପ୍‌ଆଉଟ୍ ହାର ୨୩.୮ ପ୍ରତିଶତ ରହିଥିବା ବେଳେ ସୀମାନ୍ତ ନୂଆପଡ଼ା ଜିଲ୍ଲାରେ ୨୩.୨, ଭଦ୍ରକ, ଗଜପତି, ମାଲକାନାଗିରି, କୋରାପୁଟ ଜିଲ୍ଲାରେ ଡ୍ରପ୍‌ଆଉଟ୍ ହାର ୨୧ ପ୍ରତିଶତରୁ ଅଧିକ ରହିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଖଣି ସମୃଦ୍ଧ ଜିଲ୍ଲା ଅନୁଗୋଳ, କେନ୍ଦୁଝର ଓ ଝାରସୁଗୁଡ଼ା ଜିଲ୍ଲାରେ ମଧ୍ୟ ଡ୍ରପ୍-ଆଉଟ୍ ହାର ଉଦବେଗଜନକ ଭାବେ ବୃଦ୍ଧି ପାଇ ୨୦ ଉପରକୁ ଯାଇଛି। ସମସ୍ତ ଜିଲ୍ଲାରେ ଛାତ୍ରୀଙ୍କ ତୁଳନାରେ ଛାତ୍ରଙ୍କ ପାଠ ଛାଡ଼ିବା ହାର ଅଧିକ ରହିଛି। ମାତ୍ର ଖୋର୍ଦ୍ଧା ଜିଲ୍ଲାରେ ଏହାର ଓଲଟା ଚିତ୍ର ଅର୍ଥାତ୍ କେହି ଛାତ୍ରଛାତ୍ରୀ ଡ୍ରପ୍-ଆଉଟ୍ ହୋଇନାହାନ୍ତି। ଅପରପକ୍ଷରେ ପ୍ରାଥମିକ ବିଦ୍ୟାଳୟ ଅର୍ଥାତ୍ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପଆଉଟ୍ ହାର ୦.୭ ପ୍ରତିଶତ ରହିଥିବାବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଠ ଛାଡ଼ିବା ହାର ୩.୨ ପ୍ରତିଶତ ରହିଛି।

୨୦୨୦ରୁ ୨୦୨୪ ପର୍ଯ୍ୟନ୍ତ କ୍ରମାଗତ ଭାବେ ଡ୍ରପଆଉଟ୍ ହାର ହ୍ରାସ ପାଇଥିବା ବେଳେ ୨୦୨୪-୨୫ ଶିକ୍ଷାବର୍ଷରେ ଡ୍ରପ ଆଉଟ୍ ହାର ବଢ଼ିଛି। ଅପରପକ୍ଷରେ ଚଳିତ ବର୍ଷ ପ୍ରଥମ ଦିନରେ ପ୍ରାୟ ୧୨ ହଜାର ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେଇନାହାନ୍ତି। ଏଣୁ ଏହି ହାର ଆଗକୁ ଅଧିକ ବଢ଼ିପାରେ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି।

## ୩୨୦୮ ପିଲା ଦେଲେନି +୨ ପରୀକ୍ଷା

ଭୁବନେଶ୍ୱର, ୨୦।୨(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ଚାଲିଥିବା ବେଳେ ଡ୍ରପ-ଆଉଟ୍ ସଂଖ୍ୟା ଆଶ୍ଚର୍ଯ୍ୟଚକିତ କରିଛି। ଚଳିତବର୍ଷ ବିଜ୍ଞାନ ବିଭାଗର ମାତୃଭାଷା(ଓଡ଼ିଆ) ପରୀକ୍ଷାରେ ୧୫୬୭ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ବେଳେ କଳା ଓ ବାଣିଜ୍ୟ ବିଭାଗର ମୋଟ୍ ୩୨୦୮ ପିଲା ପରୀକ୍ଷା ଦେଇ ନାହାନ୍ତି। ଅର୍ଥାତ୍ ଧନ୍ଦାମୂଳକ ବର୍ଗ ବ୍ୟତୀତ ଚଳିତ ବର୍ଷ ସମୁଦାୟ ୩୩୬୫ ପିଲା ଯୁକ୍ତ ଦୁଇ ଡ୍ରପ୍ ଆଉଟ୍ ହୋଇଛନ୍ତି।

**ଡ୍ରପ୍-ଆଉଟ୍ ସଂଖ୍ୟା ୩୩୬୫ ଛୁଇଁଲା**
**କପି କରି ଧରାପଡ଼ିଲେ ଜଣେ**

ସିଏଚ୍‌ଏସ୍‌ଇର ତଥ୍ୟ ଅନୁଯାୟୀ, ଆଜି କଳା ବିଭାଗର ମାତୃଭାଷା (ଓଡ଼ିଆ) ପରୀକ୍ଷା ଅନୁଷ୍ଠିତ ହୋଇଛି। ସମୁଦାୟ ୨ ଲକ୍ଷ ୪୯ ହଜାର ୪୫୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିବା ବେଳେ ତହିଁରୁ ୨୮୯୯ ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି। ଅନୁରୂପ ଭାବେ ବାଣିଜ୍ୟରେ ୧୯ ହଜାର ୧୪ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଥିବା ବେଳେ ୩୨୦୮ ପିଲା ପରୀକ୍ଷା ଦେଇନାହାନ୍ତି। ଏହା ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଜ୍ଞାନ ବିଭାଗର ମାତୃଭାଷା (ଓଡ଼ିଆ) ପରୀକ୍ଷାରେ ୧୫୬୭ଜଣ ଅନୁପସ୍ଥିତ ଥିଲେ। ଅର୍ଥାତ୍ ଚଳିତ ବର୍ଷ ସମୁଦାୟ ୩୩୬୫ ପିଲା ଯୁକ୍ତ ଦୁଇ ପରୀକ୍ଷା ଦେଇନାହାନ୍ତି। ଅନୁପାତ ଦେଖିଲେ, ବାଣିଜ୍ୟରେ ଅଧିକ ପିଲା ପରୀକ୍ଷା ଦେଇନାହାନ୍ତି ବା ଅଧାରୁ ପାଠ ଛାଡ଼ିଛନ୍ତି। ଏହି ସଂଖ୍ୟା ଶିକ୍ଷାବିତ୍‌ମହଲରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଏହାକୁ ତ୍ୱରିତ ତର୍ଜମା କରାଯାଇ ଡ୍ରପ୍-ଆଉଟ୍ ରୋକିବା ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି। ଅପରପକ୍ଷେ, ଆଜି ସମସ୍ତ ୧୩୫୭ଟି ପରୀକ୍ଷା କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଛି। ପରୀକ୍ଷାରେ ବିଭ୍ରାଟ ନେଇ କୌଣସି ଅଭିଯୋଗ ହୋଇନଥିବା ବେଳେ କପି କରି ଜଣେ ଧରାପଡ଼ିଛନ୍ତି।

■ ଶିକ୍ଷା ସହାୟକ ନିଯୁକ୍ତି ମାମଲା

## ଆବେଦନକାରୀ ପ୍ରାର୍ଥୀଙ୍କ ସପକ୍ଷରେ ହାଇକୋର୍ଟଙ୍କ ରାୟ

କଟକ, ୨୦।୨ (ସମିସ): ରାଜ୍ୟରେ ଶିକ୍ଷା ସହାୟକ ନିଯୁକ୍ତିକୁ ନେଇ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ବୟସ ଅଧିକ ହେବା କାରଣରୁ ନିଯୁକ୍ତିରୁ ବଞ୍ଚିତ ହୋଇଥିବା ଆବେଦନକାରୀ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ସହ ସରକାରଙ୍କ ନିକଟରେ ଆବେଦନ କରିବାକୁ ଅନୁମତି ଦେଇଛନ୍ତି। ଏହି ଆବେଦନଗୁଡ଼ିକୁ ପୂର୍ବରୁ ପ୍ରଦତ୍ତ ହାଇକୋର୍ଟଙ୍କ ବବିତା ଶତପଥୀ ବନାମ ଓଡ଼ିଶା ସରକାର ମାମଲାର ରାୟ ଆଧାରରେ ବିଚାର କରିବା ସହ ଖାଲି ପଡ଼ିଥିବା ପଦବୀରେ ନିଯୁକ୍ତି ପ୍ରକ୍ରିୟା ଶେଷ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ନେଇ ଗଠିତ ଖଣ୍ଡପୀଠ ତନ୍ମୟ କୁମାର ପାତ୍ର ଓ ଅନ୍ୟମାନଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ରାୟ ପ୍ରକାଶ କରିଛନ୍ତି।

ସୂଚନାନୁଯାୟୀ, ୨୦୧୬ ମସିହାରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷା ସହାୟକ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନକାରୀ ପ୍ରାର୍ଥୀମାନେ ତାଲିମପ୍ରାପ୍ତ ଗ୍ରାଜୁଏଟ୍ ଏବଂ ଓଟିଇଟି ପାସ୍ କରିଥିଲେ ମଧ୍ୟ ସେମାନଙ୍କ ଆବେଦନକୁ କେବଳ ଅଧିକ ବୟସ କାରଣ ଦର୍ଶାଇ ଖାରଜ କରି ଦିଆଯାଇଥିଲା। ଏହାକୁ ବିରୋଧ କରି ପ୍ରାର୍ଥୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସମାନ ଧରଣର ଅନ୍ୟ ଏକ ମାମଲାରେ ପୂର୍ବରୁ ହାଇକୋର୍ଟ କେତେକ ପ୍ରାର୍ଥୀଙ୍କ ସପକ୍ଷରେ ରାୟ ପ୍ରଦାନ କରିଥିବାରୁ ଏହି ମାମଲାରେ ସମାନ ଆଦେଶ କାର୍ଯ୍ୟକାରୀ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

**ଅସ୍ତ୍ରୋପଚାରଜନିତ ତ୍ରୁଟିରୁ ମହିଳାଙ୍କ ମୃତ୍ୟୁ ମାମଲା**

## ନିମ୍ନ ଅଦାଲତରେ ଆତ୍ମସମର୍ପଣ ପରେ ଜାମିନରେ ମୁକୁଳିବେ ଡାକ୍ତର

କଟକ, ୨୦।୨ (ସମିସ): ଅସ୍ତ୍ରୋପଚାର ସମୟରେ ରୋଗୀଙ୍କ ପେଟ ଭିତରେ ଗଜ୍ କପଡ଼ା ଛାଡ଼ିଦେବା ଭଳି ସଂଘାତିକ ଚିକିତ୍ସା ଅବହେଳା ମାମଲାରେ ଅଭିଯୁକ୍ତ ଡାକ୍ତର ସଞ୍ଜିତ ମହାପାତ୍ରଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଆବେଦନକାରୀ ଡାକ୍ତରଙ୍କୁ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବା ସହ ଜାମିନରେ ମୁକୁଳିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତର ମହାପାତ୍ରଙ୍କ ତରଫରୁ ରୁଜୁ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ରାଧାକ୍ରିଷ୍ଣ ପଟ୍ଟନାୟକ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଡାକ୍ତର ଆଗାମୀ ୧୪ଦିନ ମଧ୍ୟରେ ଭୁବନେଶ୍ୱରସ୍ଥିତ ଜିଲ୍ଲା ଓ ଦୌରାଜଜ୍ ତଥା ଏସସି/ଏସ୍‌ଟି ଆକ୍ଟ ଅନ୍ତର୍ଗତ ସ୍ୱତନ୍ତ୍ର କୋର୍ଟରେ ଆତ୍ମସମର୍ପଣ କରିବେ। ଆତ୍ମସମର୍ପଣ ପରେ ତାଙ୍କୁ ୩୦ ହଜାର ଟଙ୍କା ଏବଂ ଜଣେ ଜାମିନଦାରଙ୍କ ବଦଳରେ ଜାମିନରେ ମୁକ୍ତ କରାଯିବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ଗତ ୨୦୨୫ ସେପ୍ଟେମ୍ବର ୨୭ ତାରିଖରେ ଜଣେ ମହିଳା ଏକ ନର୍ସିଂହୋମ୍‌ରେ ସନ୍ତାନ ପ୍ରସବ କରିଥିଲେ। ସେଠାରେ ଡାକ୍ତର ସଞ୍ଜିତ ମହାପାତ୍ର ତାଙ୍କର ଅସ୍ତ୍ରୋପଚାର କରିଥିଲେ। ମାତ୍ର ଅଭିଯୋଗ ଅନୁଯାୟୀ, ଅସ୍ତ୍ରୋପଚାର ସମୟରେ ଡାକ୍ତରଜଣଙ୍କ ମହିଳାଙ୍କ ପେଟ ଭିତରେ ଏକ ଗଜ୍ କପଡ଼ା ଛାଡ଼ି ଦେଇଥିଲେ। ଫଳରେ, ପରବର୍ତ୍ତୀ ସମୟରେ ମହିଳାଙ୍କ ଶରୀରରେ ସଂକ୍ରମଣ ସେପ୍ଟିସିମିଆ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା। ବାଲିଅନ୍ତା ଥାନାରେ ଆବେଦନକାରୀଙ୍କ ବିରୋଧରେ ଆଇପିସି ଧାରା ୩୦୪-କ ସମେତ ଏସ୍‌ସି/ଏସ୍‌ଟି ଆକ୍ଟ ଅଧୀନରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ତଦନ୍ତ ପ୍ରକ୍ରିୟା ଶେଷ ହୋଇ ଚାର୍ଜସିଟ୍ ଦାଖଲ ସରିଥିବା କୋର୍ଟଙ୍କୁ ଅବଗତ କରାଯାଇଥିଲା।

## ହାଇକୋର୍ଟରେ ବ୍ୟକ୍ତିଗତ ହାଜର ହେବେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ

କଟକ, ୨୦।୨(ସମିସ): କରିଲୋପାଟଣା ଡିଗ୍ରି କଲେଜ ଅଧ୍ୟକ୍ଷଙ୍କ ଦରମା ବନ୍ଦ ପ୍ରସଙ୍ଗରେ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି କେନ୍ଦ୍ରାପଡ଼ା ଉପ-ଜିଲ୍ଲାପାଳଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୧୩ରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ବ୍ୟକ୍ତିଗତ ଭାବେ ହାଜର ହୋଇ ଅଦାଲତ ଅବମାନନା ମାମଲାରେ ଉତ୍ତର ରଖିବେ। କରିଲୋପାଟଣା କଲେଜ ଅଧ୍ୟକ୍ଷ ଲଳିତ ମୋହନ ସାମନ୍ତରାୟଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତକ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଦରମା ବନ୍ଦକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୫ ନଭେମ୍ବର ୧୦ରେ ହାଇକୋର୍ଟ ମାମଲାର ଶୁଣାଣି କରି ଆବେଦନକାରୀଙ୍କ ଦାବିପତ୍ର ଉପରେ ବିଚାର କରି ନିଷ୍ପତ୍ତି ନେବାକୁ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ, ପରବର୍ତ୍ତୀ ସମୟରେ ଆବେଦନକାରୀଙ୍କ ଦାବି ଉପରେ କୌଣସି ନିଷ୍ପତ୍ତି ନିଆନଯିବାରୁ ସେ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ଓ ପ୍ରୀତି ପୁଣ୍ୟତୋୟା ମାମଲା ପରିଚାଳନା କରୁଛନ୍ତି।

**ବୁଢ଼ାବଳଙ୍ଗରୁ ଅବୈଧ ବାଲି ଉତ୍ତୋଳନ**

## ପ୍ରତିପକ୍ଷଙ୍କୁ ଏନଜିଟିର ନୋଟିସ୍ ଜାରି

ବାରିପଦା, ୨୦।୨ (ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ତହସିଲ ତଥା ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳୀପୁରା ପଞ୍ଚାୟତର ଶଙ୍ଖମୁଣ୍ଡ ଗ୍ରାମରେ ଥିବା ବୁଢାବଳଙ୍ଗ ନଦୀ ବାଲିଖାଦାନ (ବାଲିଶଯ୍ୟା-୩)ରେ ଚାଲିଥିବା ଅବୈଧ ବାଲି ଉତ୍ତୋଳନକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି)ର ପୂର୍ବାଞ୍ଚଳ ବେଞ୍ଚ, କୋଲକାତାରେ ଏକ ଆବେଦନ ଦାଖଲ ହୋଇଛି। ପ୍ରମୋଦ କୁମାର ହେମ୍ବ୍ରମ ଏହି ଆବେଦନ କରି ବାଲି ଉତ୍ତୋଳନ ବନ୍ଦ କରିବା ସହ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ଏନ୍‌ଜିଟି ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସମ୍ପାଦକ, ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ ସଦସ୍ୟ ସମ୍ପାଦକ, ମୟୂରଭଞ୍ଜ ଜିଲ୍ଲାପାଳ, ବେତନଟୀ ତହସିଲଦାର ଓ ଲିଜ୍‌ଧାରୀଙ୍କୁ ଏନ୍‌ଜିଟି ପକ୍ଷରୁ ଗୁରୁବାର ନୋଟିସ୍ ଜାରି ହୋଇଥିବା ଆବେଦନକାରୀଙ୍କ ଓକିଲ ଶଙ୍କର ପ୍ରସାଦ ପାଣି କହିଛନ୍ତି। ଆବେଦନରେ ଦର୍ଶାଯାଇଛି ଯେ ଲିଜ୍‌ଧାରୀ ପ୍ରିୟଙ୍କା ବେହେରା ପରିବେଶ ଅନୁମତି (ଇସି), କନସେଣ୍ଟ ଟୁ ଅପରେଟ୍ (ସିଟିଓ) ଓ ସ୍ଥାୟୀ ବାଲି ଖନନ ନିର୍ଦ୍ଦେଶାବଳୀ-୨୦୧୬ର ନିୟମ ଉଲ୍ଲଂଘନ କରି ବାଲି ଉତ୍ତୋଳନ କରୁଛନ୍ତି।




**ପୁରୀ କୋର୍ଟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ**

## ରାଜରାସ୍ତାରେ ବସିଲେ ଆଇନଜୀବୀ

ପୁରୀ,୨୦।୨(ସମିସ): ବାଲୁଖଣ୍ଡ ଅଭୟାରଣ୍ୟ ତଥା ପୁରୀର ମଧୁର ଜଳ ସଂରକ୍ଷିତ ଅଞ୍ଚଳକୁ ପୁରୀ କୋର୍ଟ ସ୍ଥାନାନ୍ତର ପାଇଁ ମସୁଧା ଚାଲିଛି। ପ୍ରଶାସନର ଏହି ନିଷ୍ପତ୍ତିକୁ ବିରୋଧ କରିଆସୁଛନ୍ତି ପୁରୀ ଓକିଲ ସଂଘ।

**ଜାତୀୟ ରାଜପଥରେ ଅଟକି ରହିଲା ଶହଶହ ଗାଡ଼ି**
**ଦାବି ପୂରଣ ନ ହେଲେ ୨୭ରେ ପୁରୀ ବନ୍ଦ**



ଏହାର ପ୍ରତିବାଦରେ ଓକିଲମାନେ ସତ୍ୟାଗ୍ରହ ଚଳାଇଛନ୍ତି। ଏହି ସତ୍ୟାଗ୍ରହକୁ ୩୬୦ ଦିନ ବିତିଯାଇଥିଲେ ମଧ୍ୟ ନା ପ୍ରଶାସନ ନା ସରକାର, କେହି ଶୁଣିବାକୁ ନାରାଜ। ଫଳରେ, ପୂର୍ବ ନିଷ୍ପତ୍ତି ଆଧାରରେ ଶୁକ୍ରବାର ରାଜରାସ୍ତାକୁ ଓହ୍ଲାଇଥିଲେ ଆଇନଜୀବୀ। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ନିକଟରେ ରାସ୍ତା ଅବରୋଧ କରିଥିଲେ। ଶହଶହ ଓକିଲ ଏହି ରାସ୍ତାରୋକରେ ସାମିଲ ହୋଇ ସରକାରଙ୍କ ଆଭିମୁଖ୍ୟକୁ ତୀବ୍ର ନିନ୍ଦା କରିଥିଲେ। ତୁରନ୍ତ ପୁରୀ କୋର୍ଟ କମ୍ପ୍ଲେକ୍ସ ସ୍ଥାନାନ୍ତର ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହାକୁ ପ୍ରତ୍ୟାହାର କରାଯାଉ ବୋଲି ଦାବି କରିଥିଲେ। ଏହି ରାସ୍ତାରୋକ ଫଳରେ ପ୍ରାୟ ୫ ଘଣ୍ଟା ଧରି ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଥିଲା। ଫଳରେ ଭକ୍ତ, ପର୍ଯ୍ୟଟକ ଦୀର୍ଘ ସମୟ ଧରି ହନ୍ତସନ୍ତ ହୋଇଥିଲେ। ଯଦି ସରକାର ଆଇନଜୀବୀଙ୍କ ଏହି ଦାବି ପୂରଣ ନ କରନ୍ତି, ଆସନ୍ତା ୨୭ ତାରିଖରେ ପୁରୀ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛି ପୁରୀ ଜିଲ୍ଲା ଓକିଲ ସଂଘ।

ଓକିଲ ସଂଘ ସଭପତି ପ୍ରେମାନନ୍ଦ ମହାନ୍ତି, ସମ୍ପାଦକ ଶରତ କୁମାର ରାୟଗୁରୁ, ସୋମନାଥ ଦାସ, କର୍ଣ୍ଣବୀର ମହାପାତ୍ର, ଭାଗବତ ପ୍ରସାଦ ପଟ୍ଟନାୟକ, ଅନୀଲ ସାହୁ, ବିଶ୍ୱଜିତ୍ ପ୍ରଧାନ, ପ୍ରିୟଦର୍ଶନ ପଟ୍ଟନାୟକ, ସାରଦା ସାମଲ, ବିଭୂତି ତ୍ରିପାଠୀ, ବୈଦ୍ୟନାଥ ପାଣି, ଜ୍ୟୋତି ପ୍ରକାଶ ମହାନ୍ତି, ତାପସ ବଳିଆରସିଂ, ବିମଳେନ୍ଦୁ ଦାସ, ତୃପ୍ତିମୟୀ ମହାପାତ୍ର, ସୋମନାଥ ରଣା, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଗିରିଧାରୀ ମହାପାତ୍ର, ମନୋଜ ଦାସ, ରମେଶ ପ୍ରଧାନ, ଜୟନାରାୟଣ ପଟ୍ଟନାୟକ, ରବିନାରାୟଣ ପ୍ରଧାନ, ଉମାକାନ୍ତ ବରାଳ, ସୁଶାନ୍ତ ଦାସ, ସରୋଜିନୀ ସିଂହ, ଅରୁନ୍ଧତୀ ବେହେରା, ଜୟନ୍ତ ମହାପାତ୍ର, ସୁସ୍ମିତା ମହାନ୍ତି ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

**କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା**

## ସରକାରଙ୍କୁ ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶ

କଟକ, ୨୦।୨ (ସମିସ): କର୍ମ କ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିଷେଧ, ନିବାରଣ ତଥା ପ୍ରତିକାର) ଆଇନ-୨୦୧୩ର କଡ଼ାକଡ଼ି କାର୍ଯ୍ୟକାରିତାକୁ ନେଇ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକୁ ସରକାର ପାଳନ କରିନଥିବା ଦର୍ଶାଇ ଡକ୍ଟର ସୁଜାତା ଦାଶଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ବିଚାର କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩ ସେପ୍ଟେମ୍ବର ୧୫ରେ ହାଇକୋର୍ଟ ଏହି ଆଇନର ଧାରା ୧୯ (ବି) ଅନୁଯାୟୀ ବିହିତ ପଦକ୍ଷେପ ନେବାକୁ ସରକାରଙ୍କୁ ୩ ମାସ ସମୟ ଦେଇଥିଲେ। ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ ହୋଇଛି।

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, ହସ୍ପିଟାଲ ଏବଂ ସାର୍ବଜନୀନ ପରିବହନ (ବସ୍) ଆଦି ସ୍ଥାନରେ ମହିଳାଙ୍କ ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରାଯିବ। ବିଶେଷକରି ସେଠାରେ ବିଲ୍‌ବୋର୍ଡ ମାଧ୍ୟମରେ ଏକ ପ୍ରତିବଦ୍ଧ ଟୋଲ-ଫ୍ରି' ହେଲ୍ପଲାଇନ୍ ନମ୍ବର ପ୍ରଦର୍ଶନ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଯଦି କୌଣସି ମହିଳା କର୍ମକ୍ଷେତ୍ରରେ ନିର୍ଯାତନା ବା ଗରିମା ଉଲ୍ଲଂଘନର ସମ୍ଭାବନା ଦେଖନ୍ତି, ତେବେ ସେ ତୁରନ୍ତ ସେହି ନମ୍ବରରେ ରିପୋର୍ଟ କରିପାରିବେ। ଏହି ବ୍ୟବସ୍ଥା ଦ୍ୱାରା ଉଲ୍ଲଂଘନକାରୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହଜ ହୋଇପାରିବ।

**ମାର୍ଚ୍ଚ ୧୩ ସୁଦ୍ଧା ଦାଖଲ ହେବ ଜବାବ**
**୨୦୧୩ ଯୌନ ଉତ୍ପୀଡନ ନିଷେଧ ଆଇନର ଅନୁପାଳନରେ ଅବହେଳା ଅଭିଯୋଗ**
**ବିଲ୍‌ବୋର୍ଡ ଓ ଟୋଲ-ଫ୍ରି' ନମ୍ବର ପ୍ରଦର୍ଶନ ନେଇ ପକ୍ଷ ରଖିବେ ସରକାର**

ଶୁଣାଣି ସମୟରେ ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ଦର୍ଶାଇଥିଲେ ଯେ ମହିଳାଙ୍କ ସୁରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ତେବେ ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ କେଉଁ ସବୁ ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯାଇଛି ଏବଂ ଆଗକୁ କ'ଣ ଯୋଜନା ରହିଛି, ସେନେଇ ଏକ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୩ ତାରିଖରେ ହେବାକୁ ଧାର୍ଯ୍ୟ କରାଯାଇଛି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ଦ୍ଦେଶ ଅନୁପାଳନ ନ ହୁଏ, ଏହାକୁ ଅଦାଲତଙ୍କ ଆଦେଶର ଅବମାନନା ଭାବେ ଗ୍ରହଣ କରାଯିବ।

## ନିଶା ନିବାରଣ କେନ୍ଦ୍ରର ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ

ବାରିପଦା, ୨୦।୨ (ସମିସ): ବାରିପଦା ସହରର ୧୫ନଂ ୱାର୍ଡରେ ଚାଲିଥିବା ନିଉଷ୍ଟେପ୍ ନିଶା ନିବାରଣ କେନ୍ଦ୍ରର ଜଣେ ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ, ବାରିପଦା ସହରର ୭ନଂ ଓ୍ୱାର୍ଡର ଅରୁଣ ସାହୁ(୫୫)।

ସେ ସାଙ୍ଗମାନଙ୍କ ସହିତ ମିଶି ଅଧିକାଂଶ ସମୟରେ ମଦ୍ୟପାନ/ନିଶାସେବନ କରୁଥିବାରୁ ପରିବାରଲୋକେ ତାଙ୍କୁ ନ୍ୟୁ-ଷ୍ଟେପ୍ ନିଶା ନିବାରଣ କେନ୍ଦ୍ରରେ ଛାଡ଼ିଥିଲେ। ଶୁକ୍ରବାର ତାଙ୍କର ଛାତିବ୍ୟଥା ହେବାରୁ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ଟାଉନ୍ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ, ନିଶା ନିବାରଣ କେନ୍ଦ୍ରର ଦାୟିତ୍ୱହୀନତା ଅରୁଣଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି। ଟାଉନ୍ ଥାନା ପୁଲିସ ମୃତକଙ୍କ ସହ ରହୁଥିବା ସାଥୀ ୩ ଅନ୍ତେବାସୀଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ କେନ୍ଦ୍ରର ସିସି କେମେରା ଯାଞ୍ଚ କରୁଛି। ଅପରପକ୍ଷେ ନିଶା ନିବାରଣ କେନ୍ଦ୍ରର ମାଲିକ କିମ୍ବା ଘରଭଡ଼ା ଦେଇଥିବା ବ୍ୟକ୍ତି ଘଟଣାରେ ନିଜକୁ ସୁରକ୍ଷିତ ଦୂରତାରେ ରଖିବାରେ ସଫଳ ରହିଛନ୍ତି।

**କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରରେ ଛାତ୍ର ଅଶାନ୍ତି**

## ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ

କୋରାପୁଟ/ସୁନାବେଡ଼ା, ୨୦।୨(ସମିସ): କିଛି ଦିନର ବ୍ୟବଧାନ ପରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପୁଣି ଛାତ୍ର ଅଶାନ୍ତି ଦେଖାଦେଇଛି। ବିଭିନ୍ନ ସମସ୍ୟା ନେଇ ପୁଣି ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶୁକ୍ରବାର ସକାଳେ ଛାତ୍ରଛାତ୍ରୀ ସୁନାବେଡ଼ାସ୍ଥିତ ମୁଖ୍ୟ କ୍ୟାମ୍ପସ୍‌ର ମେନ୍-ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ସେମାନେ କୁଳପତିଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ମଧ୍ୟ ଛାତ୍ରଛାତ୍ରୀଙ୍କ ଦାବିକୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲା। ଆନ୍ଦୋଳନରତ ଛାତ୍ରଛାତ୍ରୀମାନଙ୍କ ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟର ହଷ୍ଟେଲ କ୍ୟାଣ୍ଟିନ ସହ ମେସ୍ ସମ୍ପୂର୍ଣ୍ଣ ଅବ୍ୟବସ୍ଥାରେ ଥିବା ବେଳେ ଅତି ନିମ୍ନମାନର ଖାଦ୍ୟ ଦିଆଯାଉଛି। ବିଭିନ୍ନ ବିଭାଗରେ ବାରମ୍ବାର ଦାବି ସତ୍ତ୍ୱେ ଅଧ୍ୟାପକ ନିଯୁକ୍ତି କରାଯାଉନି। ଫଳରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ସହ ଠିକ୍ ସମୟରେ ପରୀକ୍ଷା କରା ନଯିବା ଓ ପରୀକ୍ଷା ଫଳ ପ୍ରକାଶ ନହେବା ଯୋଗୁଁ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ନଷ୍ଟ ହେଉଥିବା, ନୂତନ ବାଳିକା ହଷ୍ଟେଲରେ ୱାଇଫାଇ ସୁବିଧା ନଥିବା ଏବଂ ବିଏସସି ଡାଇରୀ ଟେକ୍ନୋଲୋଜି ପରୀକ୍ଷା ଫଳାଫଳ ବିଳମ୍ବ ହେଉଛି। ଅଭିଯୋଗ କଲେ ଭାରପ୍ରାପ୍ତ କୁଳପତିଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଓଲଟା ଧମକ ମିଳୁଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଘଟଣାର ତଦନ୍ତ କରିବା ସହ ସତ୍ୟାସତ୍ୟ ଯାଞ୍ଚ କରି ଭାରପ୍ରାପ୍ତ କୁଳପତିଙ୍କୁ ବିଶ୍ୱବିଦ୍ୟାଳୟର ଦାୟିତ୍ୱରୁ ମୁକ୍ତ କରିବାକୁ ଦାବି କରାଯାଇଛି।

ଅନ୍ୟପକ୍ଷରେ ଭାରପ୍ରାପ୍ତ କୁଳପତି ଡ. ନୃସିଂହ ଚରଣ ପଣ୍ଡା ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ୭ଦିନ ମଧ୍ୟରେ ସେମାନଙ୍କ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।




## ପ୍ରଦୀପ ଜେନାଙ୍କ ବିରୋଧରେ ଦାୟର ଜନସ୍ୱାର୍ଥ ମାମଲା ପ୍ରତ୍ୟାହୃତ

କଟକ, ୨୦।୨(ସମିସ): ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ଅଧ୍ୟକ୍ଷ ପ୍ରଦୀପ କୁମାର ଜେନାଙ୍କ ବିରୋଧରେ ଦାୟର ଜନସ୍ୱାର୍ଥ ମାମଲାକୁ ଆବେଦନକାରୀ ପ୍ରତ୍ୟାହାର ପାଇଁ ନିବେଦନ କରିବା ପରେ ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ସୁବ୍ରତ କୁମାର ତ୍ରିପାଠୀଙ୍କ ତରଫରୁ ଦାୟର ଏ ସଂପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ମାମଲାରୁ ପ୍ରକାଶ ଯେ ଶ୍ରୀ ଜେନା ଓଇଆରସି ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିବା ବେଳେ ଗତବର୍ଷ ଭୁବନେଶ୍ୱର କ୍ଲବର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଆଇନ ଅନୁସାରେ ଏହା ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ଏହି ଜନସ୍ୱାର୍ଥ ମାମଲା ୨୦୨୫, ଅକ୍ଟୋବରରେ ହାଇକୋର୍ଟରେ ଦାୟର କରାଯାଇଥିଲା।

## ଶିମିଳିପାଳରୁ ୩୯ ଶିକାରୀ ଗିରଫ

ବାରିପଦା, ୨୦।୨(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନରୁ ବନ ବିଭାଗ ଏକାଥରକେ ୩୯ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୯ଟି ଦେଶୀ ବନ୍ଧୁକ, ୨୦ଟି ଧନୁ, ବାରୁଦ ଓ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

**୯ ଦେଶୀ ବନ୍ଧୁକ ଓ ୨୦ ଧନୁ ଜବତ**



ଅଭିଯୁକ୍ତମାନେ ଉଦଳା ଥାନା ଅଧୀନ ଅମ୍ବିକାଦେଈପୁର, ମହାଲିସାହି, ଲୁକୁଇଡା, ମାଟାକମାଟିଆ, ଜିତୁସାହି, ଖଳାଡି, ଲଙ୍ଗାଡି ଗ୍ରାମର ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ଗୁରୁବାର ରାତିରେ ଏହି ଶିକାରୀମାନେ ସଂଘବଦ୍ଧ ଭାବେ ଅଭୟାରଣ୍ୟର ଜେନାବିଲ ରେଞ୍ଜରେ ପ୍ରବେଶ କରିଥିଲେ। ବନବିଭାଗ ପକ୍ଷରୁ ଜଙ୍ଗଲରେ ଖଞ୍ଜାଯାଇଥିବା ଏଆଇ କ୍ୟାମେରାରୁ ଏହା ସଙ୍ଗେସଙ୍ଗେ ଜଣାପଡ଼ିଯାଇଥିଲା। ତେଣୁ, ବନ ବିଭାଗ ଅଧିକାରୀ ଓ କର୍ମଚାରୀ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପହଞ୍ଚି କମ୍ବି ଅପରେସନ୍ ଆରମ୍ଭ କରିଥିଲେ। ଏହି ଅପରେସନରେ ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ଫୋର୍ସ (ଏସଟିପିଏଫ)ର ୩ଟି ଦଳ ଓ ୩ଟି ରେଞ୍ଜର୍ କର୍ମଚାରୀ ସାମିଲ ହୋଇଥିଲେ। ୨୪ ଘଣ୍ଟାର ଅପରେସନ୍ ପରେ ସମସ୍ତ ଅଭିଯୁକ୍ତଙ୍କୁ ଠାବ କରାଯାଇଥିଲା। ପରେ ଶିକାରୀମାନେ ନିରୁପାୟ ହୋଇ ଆତ୍ମସମର୍ପଣ କରିଥିଲେ। ଏନେଇ ଜେନାବିଲ ରେଞ୍ଜରେ ଏକ ମାମଲା ରୁଜୁ ହୋଇଛି। ବେଆଇନ ବନ୍ଧୁକ ରଖିବାକୁ ନେଇ ଆର୍ମସ୍ ଆକ୍ଟ ଅନୁଯାୟୀ ଥାନାରେ ଅନ୍ୟ ଏକ ମାମଲା ରୁଜୁ କରାଯିବ ବୋଲି ଡ. ଗୋଗେନାନୀ କହିଛନ୍ତି।

### ବେଲୁଚ୍ ବିଦ୍ରୋହୀଙ୍କ କବ୍‌ଜାରେ କାନ୍ଦୁଛନ୍ତି ପାକ୍ ସୈନିକ

# ‘ଦେଶ ପାଇଁ ଲଢୁଛୁ; ସରକାର ପଚାରୁନାହାନ୍ତି’



ଇସଲାମାବାଦ୍, ୨୦।୨(ଏଜେନ୍ସି): ପାକିସ୍ତାନ ସେନାରେ ଅଧିକାରୀଙ୍କ ଦବଦବା କାହାକୁ ଅଛପା ନାହିଁ। କିଏ ବିଦେଶରେ ଘର କିଣିଲାଣି ତ ଆଉ କିଏ ସେବା ସାରିବା ପରେ ଅନ୍ୟ ଦେଶରେ ରହିବାକୁ ପ୍ରସ୍ତୁତ କଲାଣି। ସବୁ ବଡ଼ ବଡ଼ ଅଧିକାରୀ ଅମାପ ସମ୍ପତ୍ତିର ମାଲିକ। ମାତ୍ର ପାକିସ୍ତାନ ସେନାର ସାଧାରଣ ସୈନିକ ସ୍ଥିତି ସବୁଠାରୁ ଖରାପ ରହିଛି। ବିପଦରେ ପଡ଼ିଲେ ସହାୟତା ଦେବାର ଦୂରର କଥା, ଯବାନଙ୍କ ହାତ ମଧ୍ୟ ଛାଡ଼ି ଦେଉଛି। ଏହାର ଏକ ବିକଳ ଭିଡିଓ ଭାଇରାଲ ହେବାରେ ଲାଗିଛି। ବିଦ୍ରୋହୀ ସଂଗଠନ ବେଲୁଚ୍ ଲିବରେସନ ଆର୍ମି (ବିଏଲ୍ଏ) ପକ୍ଷରୁ ଏକ ନୂତନ ଭିଡ଼ିଓ ଜାରି କରାଯାଇଛି। ଏଥିରେ ବନ୍ଦୀଥିବା ପାକିସ୍ତାନ ସୈନ୍ୟମାନେ କାନ୍ଦି କାନ୍ଦି ନିଜ ସରକାରଙ୍କୁ ସାହାଯ୍ୟ ମାଗୁଥିବା ଦେଖାଯାଇଛି।

ଏହି ଭିଡ଼ିଓ ପାକ୍ ସେନାର ସେହି ଦାବିକୁ ମିଥ୍ୟା ପ୍ରମାଣିତ କରିଛି, ଯେଉଁଥିରେ କୁହାଯାଇଥିଲା ଯେ ସେମାନଙ୍କର କୌଣସି ସୈନିକ ନିଖୋଜ ହୋଇନାହାନ୍ତି। ଏହି ଭିଡ଼ିଓରେ ୭-୮ ଜଣ ସୈନିକ ଆଣ୍ଠୁମାଡ଼ି ବସିଥିବା ଦେଖାଯାଇଛି। ପାକିସ୍ତାନ ସେନା ଆମକୁ ନିଜର ଭାବୁନାହିଁ ଓ ସେନା ଦେଇଥିବା ଆମର ପରିଚୟପତ୍ରକୁ ବୈଧ ବୋଲି ଭାବୁନାହିଁ। ଫେବୃଆରୀ ୧୪ରେ ବିଏଲ୍ଏ ଏହି ସୈନିକଙ୍କୁ ଅପହରଣ କରିଥିଲା। ବିଏଲ୍ଏ ସରକାରଙ୍କୁ ଫେବୃଆରୀ ୨୨ ପର୍ଯ୍ୟନ୍ତ କଣ୍ଟ ଦେଇଛି। ଯଦି ବନ୍ଦୀ ବିନିମୟ (ବେଲୁଚ ବନ୍ଦୀଙ୍କ ମୁକ୍ତି) ନେଇ ଆଲୋଚନା ନଲ ହୁଏ, ତେବେ ଏହି ସୈନିକମାନଙ୍କୁ ଫାଶୀ ଦିଆଯାଇପାରେ ବୋଲି ବିଏଲ୍ଏ ଚେତାବନୀ ଦେଇଛି। ତେବେ ପାକିସ୍ତାନ ସେନା ପକ୍ଷରୁ କୁହାଯାଇଥିଲା ଯେ ସେମାନଙ୍କର କୌଣସି ସୈନିକ ଆତଙ୍କବାଦୀ ଗୋଷ୍ଠୀର ହେପାଜତ୍‌ରେ ନାହାନ୍ତି। ଭିଡ଼ିଓରେ ସୈନିକମାନେ ସେମାନଙ୍କ ଅଫିସିଆଲ ସର୍ଭିସ କାର୍ଡ କ୍ୟାମେରା ସମ୍ମୁଖରେ ଦେଖାଉଛନ୍ତି। ତେଣୁ ପାକ୍ ସେନାର ଦାବି ମିଥ୍ୟା ବୋଲି ପ୍ରମାଣିତ ହେଉଛି।

### ‘ଏଆଇ ସମ୍ମିଳନୀ’ରେ ଯୁଥ୍ କଂଗ୍ରେସର ହଙ୍ଗାମା

# ପୋଷାକ ଖୋଲି ବିକ୍ଷୋଭ ପ୍ରଦର୍ଶନ




ନୂଆଦିଲ୍ଲୀ, ୨୦।୨(ଏଜେନ୍ସି): ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଥିବା ‘ଇଣ୍ଡିଆ ଏଆଇ ସମ୍ମିଳନୀ ୨୦୨୬’ରେ ଶୁକ୍ରବାର ଦିନ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ବିରୋଧ କରି ଭାରତୀୟ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ପୋଷାକ ଖୋଲି ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ପ୍ରାୟ ୧୫ରୁ ୨୦ ଜଣ ଯୁବ କଂଗ୍ରେସ କର୍ମକର୍ତ୍ତା ସମ୍ମିଳନୀ କକ୍ଷ ଭିତରରେ ପଶି ଟି-ସାର୍ଟ ଖୋଲି ‘ମୋଦୀ ଇଜ୍ କମ୍ପ୍ରୋମାଇଜ୍‌ଡ’ ଅର୍ଥାତ ପ୍ରଧାନମନ୍ତ୍ରୀ ମୋଦୀ ମୁଣ୍ଡ ନଇଁବା ସହ ବୁଝାମଣା କରିଛନ୍ତି। ସେମାନଙ୍କ ହାତରେ ଥିବା ଟି-ସାର୍ଟରେ ପ୍ରଧାନମନ୍ତ୍ରୀ ମୋଦୀ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫଟୋ ଥିଲା। ସୂଚନା ପାଇବା ମାତ୍ରେ ସୁରକ୍ଷାକର୍ମୀ ଓ ଦିଲ୍ଲୀ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରଦର୍ଶନକାରୀଙ୍କୁ କାବୁ କରିନେଇଥିଲା। ଏହି ଘଟଣାରେ ୪ରୁ ୫ ଜଣଙ୍କୁ ଗିରଫ କରାଯାଇଛି। କଡ଼ା ସୁରକ୍ଷା ଓ କ୍ୟୁଆର କୋଡ୍ ବ୍ୟବସ୍ଥା ସତ୍ତ୍ୱେ ସେମାନେ କିପରି ଭିତରକୁ ପ୍ରବେଶ କଲେ, ସେ ନେଇ ତଦନ୍ତ ଜାରି ରହିଛି। ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଭିଡ଼ିଓ ସେୟାର କରି ଯୁଥ କଂଗ୍ରେସ ଲେଖିଛି ଯେ ଏଆଇ ସମ୍ମିଳନୀରେ ଚକଚକିଆ ମଞ୍ଚ ପଛରେ ସତ୍ୟକୁ ଦବାଇ ଦିଆଯାଇପାରିବ ନାହିଁ। ଯେତେବେଳେ ଦେଶହିତ ଅପେକ୍ଷା କର୍ପୋରେଟ୍ ସଂସ୍କୃତି ଓ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଏ, ସେତେବେଳେ ବିରୋଧ କରିବା ଆମର କର୍ତ୍ତବ୍ୟ।

ବିଜେପି ମଧ୍ୟ କଂଗ୍ରେସର ଏଭଳି ଆଭିମୁଖ୍ୟକୁ ନିନ୍ଦା କରିଛି। ବିଜେପି ମୁଖପାତ୍ର ଶେହଜାଦ ପୁନାୱାଲା ଏହି ଘଟଣାକୁ ନିନ୍ଦା କରି କହିଛନ୍ତି ଯେ କଂଗ୍ରେସ ପାଇଁ ଏଆଇର ଅର୍ଥ ହେଉଛି ‘ଆଣ୍ଟି ଇଣ୍ଡିଆ’। ଏହା ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ନୁହେଁ, ବରଂ ଭାରତର ସଫଳତା ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି ସେ ଅଭିଯୋଗ କରିଛନ୍ତି। ଉଲ୍ଲେଖଥାଉ କି, ପ୍ରଧାନମନ୍ତ୍ରୀ ଗତ ୧୬ ତାରିଖରେ ଏହି ୫ ଦିନିଆ ଏଆଇ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ। ଏଥିରେ ୧୦୦ରୁ ଅଧିକ ଦେଶରେ ପ୍ରତିନିଧି, ୨୦ରୁ ଅଧିକ ରାଷ୍ଟ୍ରମୁଖ୍ୟ ଏବଂ ୪୫ରୁ ଅଧିକ ବୈଷୟିକ କମ୍ପାନୀର ମୁଖ୍ୟ ସାମିଲ ହୋଇଛନ୍ତି। ‘ସର୍ବଜନ ହିତାୟ, ସର୍ବଜନ ସୁଖାୟ’ ଥିମ୍‌ରେ ଆୟୋଜିତ ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଏଆଇର ପ୍ରୟୋଗ। ଏହି ସମ୍ମିଳନୀ ପିପୁଲ (ଲୋକ), ପ୍ଲାନେଟ (ଗ୍ରହ) ଓ ପ୍ରୋଗ୍ରେସ (ପ୍ରଗତି) - ଏହି ୩ଟି ସ୍ତମ୍ଭ ଉପରେ ଆଧାରିତ।

## ରଣବୀରଙ୍କୁ ୧୦ କୋଟି ବଟି ମାଗିଲା ଲରେନ୍ସ ଗ୍ୟାଙ୍ଗ୍

ମୁମ୍ବଇ, ୨୦।୨(ଏଜେନ୍ସି): ବଲିଉଡ ଅଭିନେତା ରଣବୀର ସିଂଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ପକ୍ଷରୁ ୧୦ କୋଟି ଟଙ୍କାର ଦାଦାବଟି ମଗାଯାଇଛି। ଗ୍ୟାଙ୍ଗର ସଦସ୍ୟ ହରି ବକ୍ସର ଏକ ଭଏସ୍ ନୋଟ୍ ଜରିଆରେ ରଣବୀରଙ୍କ ମ୍ୟାନେଜରଙ୍କୁ ଏହି ଧମକ ଦେଇଥିବା ଅଭିଯୋଗ ହୋଇଛି। ଏକ ଆମରେକୀୟ ନମ୍ବରରୁ ରଣବୀରଙ୍କ ମ୍ୟାନେଜରଙ୍କ ହ୍ୱାଟ୍ସଆପ୍‌କୁ ଏହି ଭଏସ୍ ନୋଟ ଆସିଥିଲା। ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହି ସ୍ୱର ଲରେନ୍ସ ଗ୍ୟାଙ୍ଗର ସକ୍ରିୟ ସଦସ୍ୟ ହରି ବକ୍ସର ସହ ମିଶୁଥିବା ଜଣାଯାଇଛି। ଏହି ଧମକ ପରେ ରଣବୀର ଓ ତାଙ୍କ ପତ୍ନୀ ତଥା ଦୀପିକା ପାଦୁକୋନ ନିଜର ବ୍ୟକ୍ତିଗତ ସୁରକ୍ଷା ବଢ଼ାଇ ଦେଇଛନ୍ତି। ସେମାନଙ୍କ ବାସଭବନରେ ୬ ଜଣ ସଶସ୍ତ୍ର ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ମୁମ୍ବଇ ପୁଲିସର କ୍ରାଇମ ବ୍ରାଞ୍ଚ୍ ଏହି ମାମଲାର ତଦନ୍ତ କରୁଛି।

## ମୋଦୀ-ଟ୍ରମ୍ପ ସାକ୍ଷାତ ଶୀଘ୍ର

ନୂଆଦିଲ୍ଲୀ, ୨୦।୨(ଏଜେନ୍ସି): ଖୁବଶୀଘ୍ର ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାକ୍ଷାତ ନେଇ ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ସର୍ଗିଓ ଗୋର ସୂଚନା ଦେଇଛନ୍ତି। ଦୁଇ ନେତା ଉପଯୁକ୍ତ ସମୟରେ ପରସ୍ପରକୁ ଭେଟିବେ ବୋଲି ସେ କହିଛନ୍ତି। ନୂଆଦିଲ୍ଲୀରେ ଚାଲିଥିବା ଏଆଇ ସମ୍ମିଳନୀରେ ଯୋଗ ଦେବା ଅବସରରେ ସେ ଏହି କଥା କହିଛନ୍ତି। ଭାରତ ଓ ଆମେରିକା ମଧ୍ୟରେ ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତି ଖୁବଶୀଘ୍ର ସ୍ୱାକ୍ଷରିତ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି।

## ଶିବାଜୀ ଜୟନ୍ତୀରେ ଦେଶରେ ବିଭିନ୍ନ ସ୍ଥାନରେ ସାମ୍ପ୍ରଦାୟିକ ଉତ୍ତେଜନା

ନୂଆଦିଲ୍ଲୀ, ୨୦।୨(ଏଜେନ୍ସି): ସାରା ଦେଶରେ ଗୁରୁବାର ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀ ପାଳନ କରାଯାଉଥିବା ବେଳେ କେତେକ ରାଜ୍ୟର ସାମ୍ପ୍ରଦାୟିକ ଉତ୍ତେଜନାର ଖବର ହସ୍ତଗତ ହୋଇଛି। କର୍ଣ୍ଣାଟକର ବାଗଲ୍‌କୋଟରେ ଶୋଭାଯାତ୍ରା ବେଳେ ପଥର ମାଡ଼ ହୋଇଥିବାବେଳେ ହାଇଦରାବାଦ୍‌ରେ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ବାଗଲକୋଟରେ ଏସ୍‌ପି ସିଦ୍ଧାର୍ଥ ଗୋଏଲଙ୍କ ସୂଚନା ଅନୁଯାୟୀ, ଏହି ପଥର ମାଡ଼ରେ ଜଣେ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଅଞ୍ଚଳରେ ଧାରା ୧୬୩ ଲାଗୁ କରାଯାଇଛି। ଅପରାହ୍ଣ ୩.୩୦ରେ ଶିବାଜୀ ଜୟନ୍ତୀ ଶୋଭାଯାତ୍ରା ଏକ ମସଜିଦ ପାଖ ଦେଇ ଯାଉଥିବା ବେଳେ ପଥର ଫିଙ୍ଗା ଯାଇଥିଲା। ହାଇଦରାବାଦ୍‌ର ଅମ୍ବରପେଟ୍ ଅଞ୍ଚଳରେ ଜଣେ ୟୁଟ୍ୟୁବର ମସଜିଦ ନିକଟରେ ଭିଡ଼ିଓ ରେକର୍ଡିଂ କରୁଥିବା ବେଳେ ବିବାଦ ଆରମ୍ଭ ହୋଇଥିଲା ଓ ତାଙ୍କୁ ଆକ୍ରମଣ କରାଯାଇଥିଲା।

## ମଣିପୁର ହିଂସାରେ ବିଜେପି ବିଧାୟକଙ୍କ ମୃତ୍ୟୁ

ଇମ୍ଫାଲ, ୨୦।୨ (ଏଜେନ୍ସି): ମଣିପୁର ହିଂସାରେ ବିଜେପି ବିଧାୟକ ଭୁଙ୍ଗଜାଗିନ ଭାଲଟେଙ୍କ ପରଲୋକ ହୋଇଛି। ସେ ଶୁକ୍ରବାର ସକାଳେ ହରିୟାଣାର ଗୁରୁଗ୍ରାମ ସ୍ଥିତ ଏକ ଡାକ୍ତରଖାନାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୨୦୨୩ ମେ’ରୁ ରାଜ୍ୟରେ କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ଚାଲିଥିବା ହିଂସା ସମୟରେ ଜୋମି ଜନଜାତିର ଭାଲଟେଙ୍କ ଉପରେ ପ୍ରାଣାନ୍ତକ ଆକ୍ରମଣ କରାଯାଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ପ୍ରାୟ ଦୁଇ ବର୍ଷ ପର୍ଯ୍ୟନ୍ତ ଦିଲ୍ଲୀରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ସେ ନିକଟରେ ନିଜ ଅଞ୍ଚଳ ଚୁରାଚାନ୍ଦପୁରକୁ ଫେରି ଥିଲେ। ଆକ୍ରମଣ ପରଠାରୁ ସେ ହ୍ୱିଲଚେୟାର ବ୍ୟବହାର କରୁଥିଲେ। ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ ସେ ଶାରୀରିକ କାର୍ଯ୍ୟକଳାପ ପାଇଁ ଅନ୍ୟ ଉପରେ ନିର୍ଭର କରୁଥିଲେ। ଗତ ୮ ତାରିଖରେ ପ୍ରଶ୍ୱାସ ନେବାରେ ସମସ୍ୟା ହେବାରୁ ତାଙ୍କୁ ଏୟାର ଆମ୍ବୁଲାନ୍ସରେ ଗୁରୁଗ୍ରାମ ନିଆଯାଇଥିଲା।

## ଫୁଟସଲ ଖେଳ ସମୟରେ ଟଳିଗଲେ ସାଂସଦ

ସିଲଂ, ୨୦।୨ (ଏଜେନ୍ସି): ମେଘାଳୟ ସାଂସଦ ତଥା ଭାଇସ ଅଫ ଦ ପିପୁଲ ପାର୍ଟି (ଭିପିପି) ନେତା ରିକି ଏଣ୍ଡ୍ର୍ୟୁ ଜେ ସିଙ୍ଗକୋନଙ୍କ ଅକାଳ ବିୟୋଗ ହୋଇଛି। ସେ ସିଲଂରେ ଫୁଟସଲ୍ ଖେଳୁଥିବା ସମୟରେ ଅଚାନକ ଖସି ପଡ଼ିଥିଲେ। ଏହା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଗୁରୁବାର ସନ୍ଧ୍ୟାରେ ତାଙ୍କର ପରଲୋକ ହୋଇଥିଲା। ଖାସି-ଜେଣ୍ଟିଆ ହିଲ୍ସର ଏହି ନେତା ଲୋକଙ୍କ ସହ ସକ୍ରିୟ ରହୁଥିଲେ। ତୃଣମୂଳସ୍ତରରେ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ କାନରଡ ସାଙ୍ଗମା ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଟ୍ରମ୍ପଙ୍କ ‘ବୋର୍ଡ ଅଫ୍ ପିସ୍’ ବୈଠକ

# ଗାଜାକୁ ୧.୫ ଲକ୍ଷ କୋଟିର ସହାୟତା




- ଶାନ୍ତି ଚୁକ୍ତି ପାଇଁ ଇରାନକୁ ୧୦ ଦିନିଆ କଣ୍ଟ
- ପର୍ଯ୍ୟବେକ୍ଷକ ଭାବେ ବୈଠକରେ ସାମିଲ ହେଲା ଭାରତ
- ଟ୍ରମ୍ପଙ୍କ ଇସାରାରେ ଛିଡ଼ା ହେଲେ ପାକ୍ ପ୍ରଧାନମନ୍ତ୍ରୀ

ୱାଶିଂଟନ, ୨୦।୨(ଏଜେନ୍ସି): ଗାଜାରେ ଶାନ୍ତିର ପ୍ରତିଷ୍ଠା ସହ ପୁନଃନିର୍ମାଣ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଗଠିତ ‘ବୋର୍ଡ ଅଫ୍ ପିସ୍’ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ୱାଶିଂଟନ ଗୁରୁବାର ଅନୁଷ୍ଠିତ ଏହି ବୈଠକରେ ଭାରତ ଏକ ପର୍ଯ୍ୟବେକ୍ଷକ ଦେଶ ଭାବେ ଅଂଶଗ୍ରହଣ କରିଛି। ଭାରତ ପକ୍ଷରୁ ବରିଷ୍ଠ ଅଧିକାରୀ ନମଗ୍ୟା ସି ଖମ୍ପା ଏଥିରେ ଯୋଗ ଦେଇଥିଲେ। ଏହି ହାଇପ୍ରୋଫାଇଲ ବୈଠକରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଯୁଦ୍ଧ ବିଧ୍ୱସ୍ତ ଗାଜାର ପୁନଃନିର୍ମାଣ ପାଇଁ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି। ଏଥିରୁ ଆମେରିକା ଏକାକୀ ୯୦ ହଜାର କୋଟି ଟଙ୍କା ଦେବ। ପୁଣି ଗାଜାରେ ଶାନ୍ତି ବଜାୟ ରଖିବା ପାଇଁ ୫ଟି ଦେଶ ନିଜର ସୈନ୍ୟ ମୁତୟନ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ଏହି ଅନ୍ତର୍ଜାତୀୟ ବାହିନୀରେ ପ୍ରାୟ ୨୦, ୦୦୦ ସୈନିକ ଓ ୧୨, ୦୦୦ ପୁଲିସକର୍ମୀ ରହିବେ।

ପରମାଣୁ କାର୍ଯ୍ୟକ୍ରମକୁ ନେଇ ଟ୍ରମ୍ପ ଏହି ବୈଠକରୁ ଇରାନକୁ ଧମକ ଦେଇଛନ୍ତି। ଏଥିପାଇଁ ୧୦ ଦିନର କଣ୍ଟ ପ୍ରଦାନ କରିଛନ୍ତି। ଯଦି ଏହି ସମୟରେ କୌଣସି ସମାଧାନ ନ ହୁଏ, ତେବେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ବୈଠକରେ ମୋଟ୍ ୫୦ଟି ଦେଶର ପ୍ରତିନିଧି ସାମିଲ ହୋଇଥିଲେ। ଏହି ବୈଠକରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଛିଡ଼ା ହୋଇ ତାଙ୍କ କଥା ଶୁଣିବାକୁ ନିର୍ଦ୍ଦେଶ ଦେଇଥିଲେ। ବୋଲକରା ତଥା ଆନୁଗତ୍ୟଙ୍କ ଭଳି ସରିଫ ମଧ୍ୟ ତାହା କରିଥିଲେ। ଟ୍ରମ୍ପଙ୍କ ଆଜ୍ଞାଧୀନ ହୋଇଥିଲେ ବି ତାଙ୍କୁ ଗ୍ରୁପ୍‌ରେ ସବୁଠାରୁ ପଛରେ ଛିଡ଼ାହେବାକୁ ପଡ଼ି ଥିଲା। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ସେ ପରିହାସର ପାତ୍ର ହୋଇଛନ୍ତି। ଶାହବାଜଙ୍କ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଇସ୍ରାଏଲ, ସାଉଦି ଆରବ, ୟୁଏଇ, ପାକିସ୍ତାନ, ତୁର୍କୀ ଓ ଇଜିପ୍ଟ ସମେତ ୨୭ଟି ଦେଶ ଏହି ବୋର୍ଡରେ ସାମିଲ ହୋଇଛନ୍ତି।

ଭାରତ ବର୍ତ୍ତମାନ ଏହି ବୋର୍ଡରେ ପୂର୍ଣ୍ଣକାଳୀନ ସଦସ୍ୟ ହେବା ନେଇ କୌଣସି ନିଷ୍ପତ୍ତି ଜଣାଇନାହିଁ। କେବଳ ପର୍ଯ୍ୟବେକ୍ଷକ ଭାବେ ଏହି ବୈଠକରେ ଯୋଗ ଦେଇଛି। ଟ୍ରମ୍ପଙ୍କ ଅନୁଯାୟୀ, ଏହି ବୋର୍ଡ କେବଳ ଗାଜା ଯୁଦ୍ଧ ଶେଷ କରିବା ପାଇଁ ନୁହେଁ, ବରଂ ବିଶ୍ୱସ୍ତରୀୟ ସଂଘର୍ଷର ସମାଧାନ ପାଇଁ କାର୍ଯ୍ୟ କରିବ। ପୁଣି ଏହି ବୋର୍ଡ ଜାତିସଂଘର କାର୍ଯ୍ୟକଳାପ ଉପରେ ନଜର ରଖିବ। ଏହି ବିଶ୍ୱ ସଂସ୍ଥା ଠିକ୍ ଭାବେ କାର୍ଯ୍ୟ କରୁଛି କି ନା ତାହା ନିଶ୍ଚିତ କରିବ। ଯେଉଁ ଦେଶ ୩ ବର୍ଷରୁ ଅଧିକ ସମୟ ପାଇଁ ଏହାର ସଦସ୍ୟ ରହିବାକୁ ଚାହୁଁଛନ୍ତି, ସେମାନଙ୍କୁ ୧ ବିଲିୟନ ଡଲାର ଅର୍ଥାତ ୮, ୩୦୦ କୋଟି ଟଙ୍କା ଦେବାକୁ ପଡ଼ିବ। ହମାସ ମଧ୍ୟ ଏ ନେଇ ନିଜର ପ୍ରତିକ୍ରିୟା ଦେଇଛି। ଯେପର୍ଯ୍ୟନ୍ତ ଇସ୍ରାଏଲ ସେନା ଗାଜାରୁ ନ ହଟିଛନ୍ତି, ସେ ପର୍ଯ୍ୟନ୍ତ ସେମାନେ ଅସ୍ତ୍ରଶସ୍ତ୍ର ଛାଡ଼ିବେ ନାହିଁ। ସେପଟେ ଇସ୍ରାଏଲ ହମାସକୁ ଅସ୍ତ୍ରଶସ୍ତ୍ର ଛାଡ଼ିବା ପାଇଁ ୬୦ ଦିନର ସମୟ ଦେଇଛି।

## ଏୟାରବେସ୍ ଦେବାକୁ ବ୍ରିଟେନର ନା; ଚାଗୋସ ଚୁକ୍ତିରୁ ଓହରିଲା ଆମେରିକା

- ଇରାନରେ ସୈନ୍ୟ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ଘୁଞ୍ଚାଇଲେ ଟ୍ରମ୍ପ
- ୧୦-୧୫ ଦିନରେ ଆକ୍ରମଣ ହେବ କି ନାହିଁ ନିଷ୍ପତ୍ତି ନେବେ

ଲଣ୍ଡନ, ୨୦।୨(ଏଜେନ୍ସି): ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଆମେରିକା ପ୍ରସ୍ତୁତି କରୁଛି। ଏପରି ସମୟରେ ସହଯୋଗୀ ଆମେରିକାକୁ ବ୍ରିଟେନ ବଡ଼ ଝଟ୍‌କା ଦେଇଛି। ନିଜର ଏୟାରବେସ ବ୍ୟବହାର କରିବାକୁ ଅନୁମତି ଦେବାକୁ ମନା କରିଦେଇଛି ବ୍ରିଟେନ। ବ୍ରିଟେନର ଏହି ନିଷ୍ପତ୍ତି ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କ୍ଷୁବ୍ଧ ହୋଇଛନ୍ତି। ଖାସ୍ ଏହି କାରଣ ଯୋଗୁଁ ଟ୍ରମ୍ପ ଚାଗୋସ ଦୀପପୁଞ୍ଜ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାରୁ ନିଜ ସମର୍ଥନ ପ୍ରତ୍ୟାହାର କରି ନେଇଥିବା ରିପୋର୍ଟ ପ୍ରକାଶ ପାଇଛି। ଇରାନ ଉପରେ ଆକ୍ରମଣ କରିବା ପାଇଁ ଆମେରିକା ଭାରତ ମହାସାଗରରେ ଥିବା ଡିଏଗୋ ଗାର୍ସିଆ ଓ ବ୍ରିଟେନର ଆରଏଏଫ୍ ଫେୟାରଫୋର୍ଡ ଏୟାରବେସ୍ ବ୍ୟବହାର କରିବାକୁ ଚାହୁଁଥିଲା। କିନ୍ତୁ ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଏହି ଅନୁରୋଧକୁ ପ୍ରତ୍ୟାଖାନ କରି ଦେଇଛନ୍ତି। ସେ କହିଛନ୍ତି ଯେ ଏଭଳି ପୂର୍ବ ନିର୍ଦ୍ଧାରିତ ଆକ୍ରମଣରେ ସହଯୋଗ କରିବା ଅନ୍ତର୍ଜାତୀୟ ନିୟମର ଉଲ୍ଲଂଘନ ହୋଇପାରେ। ଅନ୍ତର୍ଜାତୀୟ ନିୟମ ଅନୁଯାୟୀ, ଯଦି କୌଣସି ଦେଶ ଜାଣିଶୁଣି ଏକ ଭୁଲ ସାମରିକ କାର୍ଯ୍ୟାନୁଷ୍ଠାନରେ ସହାୟତା ପ୍ରଦାନ କରେ, ତେବେ ସେହି ଦେଶକୁ ମଧ୍ୟ ଦାୟୀ କରାଯିବ। ସେପଟେ ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ‘ଟ୍ରୁଥ ସୋସିଆଲ୍’ରେ ବ୍ରିଟେର ଏହି ପଦକ୍ଷେପକୁ ସମାଲୋଚନା କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ‘ଯଦି ଇରାନ ବୁଝାମଣା ନ କରେ, ତେବେ ଏକ ଅସ୍ଥିର ଓ ବିପଜ୍ଜନକ ଶାସନର ଆକ୍ରମଣକୁ ରୋକିବା ପାଇଁ ଆମେରିକାକୁ ଡିଏଗୋ ଗାର୍ସିଆ ଓ ଫେୟାରଫୋର୍ଡ ଏୟାରବେସ୍ ବ୍ୟବହାର କରିବାକୁ ପଡ଼ିପାରେ’।

ସୂଚନାଯୋଗ୍ୟ ଯେ ବ୍ରିଟେନ ଓ ମରିସସ୍ ମଧ୍ୟରେ ଏକ ଚୁକ୍ତି ହୋଇଥିଲା, ଯେଉଁଥିରେ ଚାଗୋସ ଦୀପପୁଞ୍ଜର ସାର୍ବଭୌମତ୍ୱ ମରିସସ୍‌କୁ ହସ୍ତାନ୍ତର କରାଯିବାର ଥିଲା। କିନ୍ତୁ ଚୁକ୍ତିରେ ଡିଏଗୋ ଗାର୍ସିଆ ବେସ୍‌କୁ ୯୯ ବର୍ଷ ପାଇଁ ଲିଜ୍‌ରେ ରଖିବାକୁ ବ୍ୟବସ୍ଥା ଥିଲା। ଟ୍ରମ୍ପ ପ୍ରଥମେ ଏହି ଚୁକ୍ତିକୁ ସମର୍ଥନ କରୁଥିଲେ। କିନ୍ତୁ ଏୟାରବେସ ବ୍ୟବହାରକୁ ନେଇ ବିବାଦ ହେବା ପରେ ସେ ଏବେ ଏହି ଚୁକ୍ତିକୁ ବିରୋଧ କରୁଛନ୍ତି। ଏବେ ଏହାକୁ ଏକ ବଡ଼ ଭୁଲର ଆଖ୍ୟା ଦେଇଛନ୍ତି। ଡିଏଗୋ ଗାର୍ସିଆ ହେଉଛି ଚାଗୋସ ଦୀପପୁଞ୍ଜର ସବୁଠାରୁ ବଡ଼ ଦୀପ। ୧୯୭୦ ଦଶକରୁ ଏହା ବ୍ରିଟେନ ଓ ଆମେରିକାର ଏକ ମିଳିତ ସାମରିକ ବେସ୍ ଭାବେ ବ୍ୟବହାର ହୋଇ ଆସୁଛି। ମଧ୍ୟପ୍ରାଚ୍ୟ ଓ ଭାରତ ମହାସାଗରରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଅନ୍ୟପକ୍ଷରେ ଇରାନରେ ସମ୍ଭାବ୍ୟ ସୈନ୍ୟ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧିତ ନିଷ୍ପତ୍ତିକୁ ଟ୍ରମ୍ପ ଘୁଞ୍ଚାଇ ଦେଇଛନ୍ତି। ଆସନ୍ତା ୧୦ରୁ ୧୫ ଦିନ ଭିତରେ ଆକ୍ରମଣ ହେବ କି ନାହିଁ ତାହାର ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ଟ୍ରମ୍ପ ପୁଣି ଇରାନ ସହ ଚୁକ୍ତି କରିବାକୁ କହିଛନ୍ତି। ଏବେ ଟ୍ରମ୍ପ କୂଟନୈତିକ ସମାଧାନକୁ ପ୍ରାଧାନ୍ୟ ଦେଉଛନ୍ତି ବୋଲି ହ୍ୱାଇଟ ହାଉସ ଅଧିକାରୀ ସୂଚନା ଦେଉଛନ୍ତି। ରିପୋର୍ଟ ଅନୁଯାୟୀ, ଯଦି ଟ୍ରମ୍ପ ଆକ୍ରମଣର ନିଷ୍ପତ୍ତି ନେବେ ତେବେ ତାଙ୍କ ପାଖରେ ଅନେକ ସାମରିକ ବିକଳ୍ପ ରହିଛି। ତେଣୁ ସଂଘର୍ଷ ହେଲେ ଏହା ଦୀର୍ଘ ଦିନ ପର୍ଯ୍ୟନ୍ତ ଚାଲିପାରେ। ସେହିପରି ତେହେରାନର ଶୀର୍ଷ ନେତୃତ୍ୱକୁ ନିଶାଣ କରିବା ପାଇଁ ମଧ୍ୟ ପ୍ରସ୍ତୁତି କରାଯାଉଛି।

## ୟୁଏଫ୍ଓ ଫାଇଲ୍ ସାର୍ବଜନୀନ କରିବାକୁ ଟ୍ରମ୍ପଙ୍କ ନିର୍ଦ୍ଦେଶ

ୱାଶିଂଟନ, ୨୦।୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ଘୋଷଣା କରିଛନ୍ତି। ଏଲିୟନ ଅର୍ଥାତ ବାହାର ଗ୍ରହର ମଣିଷ, ମହାକାଶ ଜୀବନ ଓ ଅନଆଇଡେଣ୍ଟିଫାଇଏଡ୍ ଫ୍ଲାଇଂ ଅବଜେକ୍ଟ (ୟୁଏଫ୍ଓ) ଅର୍ଥାତ ଉଡ଼ନ୍ତା ଥାଳିଆ ସମ୍ପର୍କିତ ସରକାରୀ ଫାଇଲଗୁଡ଼ିକୁ ସାର୍ବଜନୀନ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଟ୍ରୁଥ ସୋସିଆଲ’ରେ ସେ ଉଲ୍ଲେଖ କରିଛନ୍ତି ଯେ ଲୋକଙ୍କ ପ୍ରବଳ ଆଗ୍ରହ ଦୃଷ୍ଟିରେ ରଖି ମୁଁ ସଚିବ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗକୁ ଏଲିୟନ, ଅଜ୍ଞାତ ମହାକାଶୀୟ ଘଟଣା ଓ ୟୁଏଫ୍ଓ ସମ୍ପର୍କୀତ ସରକାରୀ ଫାଇଲଗୁଡ଼ିକୁ ଚିହ୍ନଟ କରି ପ୍ରକାଶ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛି। ଏହା ପୂର୍ବରୁ ସେ ପୂର୍ବତନ ରାଷ୍ଟ୍ରପତି ବାରକା ଓବାମାଙ୍କୁ ସମାଲୋଚନା କରିଥିଲେ। ଓବାମା ଏକ ପୋଡକାଷ୍ଟର ସାକ୍ଷାତକାରରେ ‘ଏଲିୟନ ସତ୍ୟ’ ବୋଲି କହିବା ପରେ ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ, ଓବାମା ଗୁପ୍ତ ତଥ୍ୟ ପ୍ରକାଶ କରି ବଡ଼ ଭୁଲ କରିଛନ୍ତି। ସେ ଏଭଳି କରିବା ଉଚିତ ନୁହେଁ। ଟ୍ରମ୍ପ କହିଛନ୍ତି ଏଲିୟନ ସତ୍ୟ କି ନା ସେ ବିଷୟରେ ଜାଣିନାହିଁ। ଏ ବିଷୟରେ କେବେ କଥା ହୁଏନାହିଁ।

### ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ରାହୁଲଙ୍କ ସମାଲୋଚନା

## ‘ଭାରତ ସମ୍ପୂର୍ଣ୍ଣ ଭାବେ ନଇଁ ଯାଇଛି’

- ଭାରତ ଦେଉଛି ବେଶୀ, ପାଉଛି କମ୍
- ଡାଟା କଲୋନୀରେ ପରିଣତ ହେବ ଦେଶ

ନୂଆଦିଲ୍ଲୀ, ୨୦।୨(ଏଜେନ୍ସି): ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା ବାଣିଜ୍ୟ ଚୁକ୍ତିକୁ ନେଇ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲ ଅଭିଯୋଗ କରିଛନ୍ତି ଯେ ଏହି ଚୁକ୍ତିରେ ଭାରତ ଅଧିକ ଦେଉଛି ପ୍ରତିବଦଳରେ କମ୍ ପାଉଛି। ସେ ଏହାକୁ ଆମେରିକା ସମ୍ମୁଖରେ ଭାରତର ‘ସମ୍ପୂର୍ଣ୍ଣ ଆତ୍ମସମର୍ପଣ’ ବୋଲି ଅଭିହିତ କରିଛନ୍ତି। ଶୁକ୍ରବାର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ‘ଏକ୍ସ’ରେ ପୋଷ୍ଟ କରି ରାହୁଲ ଜିଓ-ଜିତ୍‌ସୁ ଭଳି କ୍ରୀଡ଼ାର ଉଦାହରଣ ଦେଇ କହିଛନ୍ତି ଯେ ସେ ସଂସଦରେ ଦେଇଥିବା ଭାଷଣରେ ଏହି କ୍ରୀଡ଼ା ବିଷୟରେ ଉଲ୍ଲେଖ କରିଥିଲେ। ଜଣେ ବ୍ୟକ୍ତିଙ୍କୁ ଚାପି ରଖି କିପରି ନିୟନ୍ତ୍ରଣ କରାଯାଏ ତାହା କହିଥିଲେ। ରାଜନୀତିରେ ମଧ୍ୟ ସେଭଳି କିଛି ଚାପ ରହିଥାଏ, ଯାହା ବାହାରକୁ ଦେଖାଯାଇ ନ ଥାଏ। ଏହି ପ୍ରସଙ୍ଗରେ ରାହୁଲ ୪ଟି ପ୍ରଶ୍ନ ପଚାରିଛନ୍ତି। ସେଗୁଡ଼ିକ ହେଲା, କାହିଁକି ଚାଷୀମାନଙ୍କୁ କ୍ଷତି ସହିବାକୁ ସୁଯୋଗ ଦିଆଗଲା, ଆମେରିକାରୁ ଅଧିକ ତେଲ ଓ ଅନ୍ୟାନ୍ୟ ସାମଗ୍ରୀ କିଣିବା ପାଇଁ କାହିଁକି ସମ୍ମତି ଦିଆଗଲା, ପ୍ରତିବର୍ଷ ଆମଦାନୀକୁ ୧୦୦ ବିଲିୟନ ଡଲାର ବୃଦ୍ଧି କରିବା ପ୍ରସ୍ତାବକୁ କାହିଁକି ଗ୍ରହଣ କରାଗଲା ଓ ଭାରତରେ ଗୁରୁତ୍ୱପୂର୍ଣ୍ଣ ଡାଟା କାହିଁକି ବିଦେଶୀ କମ୍ପାନୀକୁ ଦିଆଯାଉଛି?

ରାହୁଲ ଚେତାବନୀ ଦେଇ କହିଛନ୍ତି ଯେ ଏହି ଚୁକ୍ତି ଯୋଗୁଁ ଭାରତ ଏକ ‘ଡାଟା କଲୋନୀ’ରେ ପରିଣତ ହୋଇପାରେ। ଅର୍ଥାତ ଦେଶର ସମସ୍ତ ଗୁପ୍ତ ତଥ୍ୟ ଅନ୍ୟ ଦେଶର ହାତକୁ ଚାଲିଯିବ। ଆମେରିକା ଓ ଚୀନ ସହ ଜଡ଼ିତ ଚାପ ଯୋଗୁଁ ଭାରତ ଏଭଳି ଚୁକ୍ତି କରିବାକୁ ବାଧ ହୋଇଛି ବୋଲି ସେ କହିଛନ୍ତି। ଏହି ବାଣିଜ୍ୟ ଚୁକ୍ତି ଦ୍ୱାରା ଭାରତର ଚାଷୀ, ବୟନ ଶିଳ୍ପ ଓ ସାମଗ୍ରୀକ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହେବ। ଦେଶର ସ୍ୱାର୍ଥ ଓ ସ୍ୱାଧୀନତା ସହ କୌଣସି ପ୍ରକାରର ବୁଝାମଣା କରାଯିବା ଉଚିତ ନୁହେଁ ବୋଲି କଂଗ୍ରେସ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ଅମିତ ଶାହାଙ୍କ ମାନହାନୀ ମାମଲା

## କୋର୍ଟରେ ଅଭିଯୋଗକୁ ରାହୁଲଙ୍କ ପ୍ରତ୍ୟାଖ୍ୟାନ

ସୁଲତାନପୁର, ୨୦।୨(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଉତ୍ତର ପ୍ରଦେଶର ସୁଲତାନପୁରସ୍ଥିତ ଏମ୍‌ପି/ଏମ୍‌ଏଲ୍ଏ କୋର୍ଟରେ ହାଜର ହୋଇଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବିରୋଧରେ କଥିତ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ତାଙ୍କ ବିରୋଧରେ ହୋଇଥିବା ମାନହାନୀ ମାମଲାରେ ସେ ନିଜର ବୟାନ ରେକର୍ଡ କରିଛନ୍ତି। ରାହୁଲ କୋର୍ଟରେ ପ୍ରାୟ ୨୦ ମିନିଟ ରହିଥିଲେ। ତାଙ୍କ ଓକିଲଙ୍କ ସୂଚନା ଅନୁଯାୟୀ, ରାହୁଲ ସମସ୍ତ ଅଭିଯୋଗକୁ ପ୍ରତ୍ୟାଖାନ କରିବା ସହ ଏହି ମାମଲାକୁ ରାଜନୈତିକ ପ୍ରତିହିଂସା ବୋଲି କହିଛନ୍ତି। କୋର୍ଟରେ ପହଞ୍ଚିବା ପରେ ରାହୁଲ ବିଚାରପତିଙ୍କୁ ହାତଯୋଡ଼ି ଅଭିବାଦନ କରିଥିଲେ। କାର୍ଯ୍ୟ ଶେଷରେ କୋର୍ଟଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୯ ରେ ହେବ।

ଏହି ମାମଲା ୨୦୧୮ ମସିହାରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ସମୟର। ରାହୁଲ କହିଥିଲେ ଯେ ଯେଉଁ ଦଳ ସଚ୍ଚୋଟତାର କଥା କୁହେ, ତାଙ୍କର ସଭାପତି ଅର୍ଥାତ ଅମିତ ଶାହା ଜଣେ ହତ୍ୟା ମାମଲାର ଅଭିଯୁକ୍ତ। ଏହି ମନ୍ତବ୍ୟ ପରେ ବିଜେପି ନେତା ବିଜୟ ମିଶ୍ରା ୨୦୧୮ ଅଗଷ୍ଟ ୪ରେ ରାହୁଲଙ୍କ ବିରୋଧରେ ମାନହାନୀ ମକଦ୍ଦମା କରିଥିଲେ। କୋର୍ଟର ରାହୁଲ ପହଞ୍ଚିବା ପରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। କୋର୍ଟରୁ ଫେରିବା ପରେ ରାହୁଲ ବାଟରେ ସ୍ୱର୍ଗତ ରାମଚେତ ମୋଚିଙ୍କ ଦୋକାନକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ଗତବର୍ଷ ରାହୁଲ ରାମଚେତଙ୍କ ଦୋକାନରେ ବସି ଜୋତା ସିଲାଇ କରିଥିଲେ ଓ ତାଙ୍କୁ ସିଲେଇ ମେସିନ ଉପହାର ସ୍ୱରୁପ ଦେଇଥିଲେ। କିନ୍ତୁ ୩ ମାସ ତଳେ କର୍କଟ ରୋଗ କାରଣରୁ ରାମଚେତଙ୍କ ମୃତ୍ୟୁ ହୋଇଥିଲା।

## ଅନୁପ୍ରବେଶ ପାଇଁ କଂଗ୍ରେସକୁ ଦାୟୀ କଲେ ଅମିତ ଶାହା

କାଛାର, ୨୦।୨(ଏଜେନ୍ସି): କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦୁଇ ଦିନିଆ ଆସାମ ଗସ୍ତରେ ପହଞ୍ଚି କଂଗ୍ରେସ ଉପରେ ତୀବ୍ର ଆକ୍ରମଣ କରିଛନ୍ତି। କଂଗ୍ରେସ ଶାସନ କାଳରେ ଦେଶର ସୀମାକୁ ଅସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଥିଲା। ଯାହା ଫଳରେ ଆସାମରେ ଅନୁପ୍ରବେଶ ବୃଦ୍ଧି ପାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ବିଜେପି ସରକାର ଏହି ସମସ୍ୟାର କଡ଼ା ମୁକାବିଲା କରିଥିବା ସେ ଦାବି କରିଛନ୍ତି। ସୀମାନ୍ତ ଗ୍ରାମ ପାଇଁ ସେ ୬, ୯୦୦ କୋଟି ଟଙ୍କାର ଯୋଜନା ସେ ଘୋଷଣା କରିଛନ୍ତି। ଏହା ଦ୍ୱାରା ଦେଶର ୧୫ଟି ରାଜ୍ୟ ଓ ୨ଟି କେନ୍ଦ୍ର ଶାସିତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯିବ। ସେ ଏହି କ୍ରମରେ ଭାଇବ୍ରେଣ୍ଟ ଭିଲେଜେସ୍ ପ୍ରୋଗ୍ରାମ୍‌ର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି। ପୁଣି ଆସନ୍ତା ୫ ବର୍ଷ ମଧ୍ୟରେ ଆସାମକୁ ଏକ ବନ୍ୟାମୁକ୍ତ ରାଜ୍ୟରେ ପରିଣତ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଆସାମରେ ଏବେ ପ୍ରତିଦିନ ୧୪ କିମି ରାସ୍ତା ନିର୍ମାଣ ହେଉଛି ଓ ଏହା ଦେଶର ସର୍ବାଧିକ ବୋଲି ସେ କହିଛନ୍ତି। ଅମିତ ଶାହାଙ୍କ ସ୍ୱାଗତ କରିବା ପାଇଁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ବିମାନ ବନ୍ଦରରେ ଉପସ୍ଥିତ ଥିଲେ।

ଟି-୨୦ ବିଶ୍ୱକପ୍ କ୍ରିକେଟ

# ଆଜିଠାରୁ ସୁପର ଏଇଟ୍ସ ମୁକାବିଲା

କଲମ୍ବୋ, ୨୦।୨(ଏଜେନ୍ସି)

ଭାରତ ଓ ଶ୍ରୀଲଙ୍କାରେ ଚାଲିଥିବା ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା-୨୦୨୬ର ସୁପର ଏଇଟ୍ସ ମୁକାବିଲା ଆସନ୍ତାକାଲିଠାରୁ ଅନୁଷ୍ଠିତ ହେବ। ୨୦ଟି ଦଳକୁ ନେଇ ଫେବୃଆରୀ ୭ରୁ ଆରମ୍ଭ ହୋଇଥିବା ଏହି ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ମୁକାବିଲା ଆଜି ଶେଷ ହୋଇଛି। ଫଳରେ ଆସନ୍ତାକାଲିଠାରୁ ଦଳଗୁଡ଼ିକ ଲାଗି ଅସଲ ପରୀକ୍ଷାର ବେଳ ଆସିଛି। ଏହି ପର୍ଯ୍ୟାୟରେ ଅଷ୍ଟ୍ରେଲିଆକୁ ବାଦ୍ ଦେଲେ ପ୍ରାୟ ସମସ୍ତ ଶ୍ରେଷ୍ଠ ଦଳ ସୁପର-ଏଇଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଅଷ୍ଟ୍ରେଲିଆ ବଦଳରେ ଜିମ୍ବାୱେ ଅପରାଜେୟ ରହି ଏହି ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିବା ୨୦ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟ ଫର୍ମାଟ ଅନୁଯାୟୀ ଗ୍ରୁପ୍ ପର୍ଯ୍ୟାୟରେ ଦଳଗୁଡିକ ସେମାନଙ୍କ ମଧ୍ୟରେ ଖେଳିବାର କାର୍ଯ୍ୟକ୍ରମ ରହିଥିଲା। ଅର୍ଥାତ୍ ଲିଗ୍ ପର୍ଯ୍ୟାୟରେ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଦଳଗୁଡିକ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳିଥିଲେ। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର-ଏଇଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବାର ନିୟମ ରହିଛି। ଏଣୁ ୮ଟି ଶ୍ରେଷ୍ଠ ଦଳ ଏହି ପର୍ଯ୍ୟାୟରେ ଭାଗନେବେ। ସୁପର-ଏଇଟ୍‌ରେ ଏହି ୮ଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଆଇସିସିର ସର୍ବଶେଷ ର‍୍ୟାଙ୍କିଙ୍ଗ୍ ଅନୁଯାୟୀ ଟିମ୍ ଗୁଡିକର ସିଡିଂ ହୋଇଥିଲା। ଯାହା ଫଳରେ ଗ୍ରୁପ୍-୧'ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ଯଥା ଭାରତ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେକୁ ସ୍ଥାନ ମିଳିଛି। ଏହି ଦଳଗୁଡିକ ଗ୍ରୁପ୍ ପର୍ଯ୍ୟାୟରେ ସମସ୍ତ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ପ୍ରି ସିଡିଂ ହୋଇ ନ ଥିଲେ ଏହି ଗ୍ରୁପରୁ ୨ଟି ଦଳ ଗ୍ରୁପ୍-୨'ରେ ରହିଥାନ୍ତେ। ଗ୍ରୁପ୍-୨ରେ ସ୍ଥାନ ପାଇଥିବା ଶ୍ରୀଲଙ୍କା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ ୩ଟି ମ୍ୟାଚ୍ ଜିତିଥିଲାବେଳେ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ପ୍ରତ୍ୟେକ ଗ୍ରୁପରୁ ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯିବେ। ଏହାର ଅର୍ଥ ଲିଗ୍ ପର୍ଯ୍ୟାୟରେ ୪ଟି ଲେଖାଏଁ ମ୍ୟାଚ୍ ଜିତିଥିବା ଦଳ ମଧ୍ୟରୁ ଦୁଇଟି ଦଳ ସୁପର-ଏଇଟ୍ ପର୍ଯ୍ୟାୟରୁ ବିଦା ହେବେ।

ଟୁର୍ଣ୍ଣାମେଣ୍ଟ ପୂର୍ବରୁ ହୋଇଥିବା ସିଡିଂ ଯୋଗୁ ଗ୍ରୁପ୍ ପର୍ଯ୍ୟାୟରେ ଶ୍ରେଷ୍ଠ ସଫଳତା ପାଇଥିବା ଦଳଗୁଡିକ ଗୋଟିଏ ଗ୍ରୁପରେ ସ୍ଥାନ ପାଇଛନ୍ତି। ଗ୍ରୁପ୍-୧'ରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ, ଗତଥରର ରନର୍ସ ଅପ୍ ଦକ୍ଷିଣ ଆଫ୍ରିକା, ୨ ଥରର ଚାମ୍ପିଅନ ୱେଷ୍ଟଇଣ୍ଡିଜ୍, ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ଭଳି ଦଳକୁ ହରାଇଥିବା ଜିମ୍ବାୱେକୁ ସ୍ଥାନ ମିଳିଛି। ଏହା ମଧ୍ୟରୁ ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯିବେ। ସେହିପରି ୨ଥରର ଚାମ୍ପିଅନ ଇଂଲଣ୍ଡ, ଦ୍ୱିତୀୟ ସଂସ୍କରଣର ଚାମ୍ପିଅନ ପାକିସ୍ତାନ, ୨୦୧୪ ଚାମ୍ପିଅନ ଶ୍ରୀଲଙ୍କା ଓ ୨୦୨୧ରେ ଶ୍ରେଷ୍ଠ ପ୍ରଦର୍ଶନ ସହ ରନର୍ସ ଅପ୍ ହୋଇଥିବା ନ୍ୟୁଜିଲାଣ୍ଡ ଗ୍ରୁପ୍-୨'ରେ ସ୍ଥାନ ପାଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ଏହି ୪ଟି ଦଳ ସମାନ ସାମର୍ଥ୍ୟ ରଖିଛନ୍ତି। ଏଣୁ ସୁପର-ଏଇଟ୍‌ରେ ଦମ୍‌ଦାର ମୁକାବିଲା ହେବ ବୋଲି ଆଶା କରାଯାଉଛି। ଚଳିତ ସଂସ୍କରଣରେ ସହଯୋଗୀ ରାଷ୍ଟ୍ରଗୁଡିକ ମଧ୍ୟ ବେଶ ଲଢୁଆ ଖେଳିଥିଲେ। କିଛି ମୁକାବିଲାକୁ ଛାଡିଦେଲେ ପ୍ରାୟ ସମସ୍ତ ମ୍ୟାଚ୍‌ରେ ଜୋରଦାର ଲଢ଼େଇ ହୋଇଥିଲା। ଭାରତ ଓ ଶ୍ରୀଲଙ୍କାରେ ଏହି ମୁକାବିଲା ଆୟୋଜିତ ହେଉଥିବାରୁ ପିଚ୍ ପ୍ରାୟତଃ ସ୍ପିନରଙ୍କୁ ସୁହାଉଛି। ସ୍ପିନ୍ ବୋଲିଂରେ ଏବେ ପାକିସ୍ତାନ ଦଳରେ ୬ଜଣ ଅନ୍ତର୍ଜାତୀୟ ସ୍ତରର ପ୍ରଭାବଶାଳୀ ସ୍ପିନର ରହିଛନ୍ତି। ଏଣୁ ସୁପର ଏଇଟ୍‌ରେ ପାକିସ୍ତାନକୁ ଫେବରାଟ୍ ଦଳ ଭାବେ ବିବେଚନା କରାଯାଇପାରେ। ଘରୋଇ ମାଟି ଏବଂ ଉନ୍ନତ ସ୍ପିନର ଥିଲେ ମଧ୍ୟ ଭାରତ ଦୁଇ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍‌ଠାରୁ କଡ଼ା ମୁକାବିଲାର ଆଶା ରଖୁଛି।



### ଭାରତର ଆଶଙ୍କା ଅଧିକ

ଯୁଗ୍ମ ଆୟୋଜକ ଭାରତ ସୁପର ଏଇଟ୍ ଗ୍ରୁପ୍-୧'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ମଧ୍ୟ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍ ଭଳି ଶକ୍ତିଶାଳୀ ଦଳ ସ୍ଥାନ ପାଇଛନ୍ତି। ପ୍ରତ୍ୟେକ ଦଳର କ୍ଷମତା ଓ ଖେଳାଳିଙ୍କ ଦକ୍ଷତା ବେଶ ଶକ୍ତିଶାଳୀ। ବିଶେଷ କରି ଟି-୨୦ ଫର୍ମାଟରେ ୱେଷ୍ଟଇଣ୍ଡିଜ୍ ଭାରତୀୟ ମାଟିରେ ବେଶ ଶକ୍ତିଶାଳୀ। ଏହି ଫର୍ମାଟରେ ୱେଷ୍ଟଇଣ୍ଡିଜ୍ ଦୁଇଥରଯାକ ଟାଇଟଲ ଭାରତୀୟ ଉପମହାଦେଶୀୟ ପିଚ୍‌ରେ ହାସଲ କରିଛି। ୨୦୧୨ରେ ଦଳ ପ୍ରଥମଥର କଲମ୍ବୋର ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯାଇଥିଲା। ଏଥିରେ ଆୟୋଜକ ଶ୍ରୀଲଙ୍କାକୁ ହରାଇ ୱେଷ୍ଟଇଣ୍ଡିଜ୍ ପ୍ରଥମ ଟାଇଟଲ ଜିତିଥିଲା। ସେହିପରି ୨୦୧୬ରେ ଇଂଲଣ୍ଡକୁ କୋଲକାତାର ଇଡେନ ଗାର୍ଡେନ୍ସରେ ହରାଇ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟଥର ଚାମ୍ପିଅନ ହୋଇଥିଲା। ଏଣୁ ଭାରତୀୟ ପିଚ୍‌ରେ ଏହି ଦଳ ଭଲ ଖେଳିବ। ନିକଟରେ ଉଭୟ ଟେଷ୍ଟ ଓ ଦିନିକିଆ ଫର୍ମାଟରେ ଦକ୍ଷିଣ ଆଫ୍ରିକା ଭାରତକୁ ହରାଇଥିଲା। କିନ୍ତୁ ଟି-୨୦ ଫର୍ମାଟରେ ଦଳ ସିରିଜ୍ ହାରିଥିଲା। ଏଣୁ ଦକ୍ଷିଣ ଆଫ୍ରିକା ଭାରତୀୟ ପିଚ୍ ଓ ଭାରତୀୟ ଖେଳାଳିଙ୍କ ଦକ୍ଷତା ସମ୍ପର୍କରେ ବେଶ ଅବଗତ ରହିଛି। ଗ୍ରୁପ୍-ଏ ଲିଗ୍‌ରେ ଭାରତ ଉଭୟ ପ୍ରଭାବୀ ଓ ସଂଘର୍ଷ କରି ୪ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ୟୁଏସ୍‌ଏର ଆକ୍ରମଣ ହେଉ କିମ୍ବା ପାକିସ୍ତାନର ସ୍ପିନ୍ ସମସ୍ତ ପ୍ରତିବନ୍ଧକଙ୍କୁ ଏଡାଇଛି ଭାରତ। ଦଳର ଷ୍ଟାର ଖେଳାଳି ଅଭିଷେକ ଶର୍ମା ହ୍ୟାଟ୍ରିକ୍ 'ଶୂନ'ରେ ଆଉଟ ହୋଇଥିଲେ ମଧ୍ୟ ଦଳ ନିକଟରେ ଏକାଧିକ ପାୱାର ହିଟର ତାଙ୍କ ବିଫଳତାକୁ ଅନୁଭବ କରିବାକୁ ଦେଇନାହାନ୍ତି। ଏଣୁ ଘରୋଇ ମାଟିରେ ଖେଳୁଥିବାରୁ ଭାରତ ଉପରେ ଅଧିକ ଚାପ ରହିଛି। ଏହି ଚାପକୁ ଯଦି ଖେଳାଳିମାନେ ମୁକାବିଲା କରିବାରେ ସମର୍ଥ ହୁଅନ୍ତି ତେବେ ଦଳକୁ ସେମିଫାଇନାଲରେ ପ୍ରବେଶ କରିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ।

ଭାରତ ତାହାର ପ୍ରଥମ ସୁପର ଏଇଟ୍ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ସହ ଫେବୃଆରୀ ୨୨ରେ, ଦ୍ୱିତୀୟ ମୁକାବିଲା ଜିମ୍ବାୱେ ସହ ୨୬ରେ ଓ ତୃତୀୟ ତଥା ଶେଷ ସୁପର ଏଇଟ୍ ମ୍ୟାଚ୍ ୱେଷ୍ଟଇଣ୍ଡିଜ୍ ସହ ମାର୍ଚ୍ଚ ୧ରେ ଖେଳିବ।

### ସୁପର ଏଇଟ୍ସ ଖେଳସୂଚୀ

| କେବେ | କାହା ମଧ୍ୟରେ | କେଉଁଠି | ଖେଳ ଆରମ୍ଭ |
|---|---|---|---|
| ୨୧।୨ | ନ୍ୟୁଜିଲାଣ୍ଡ-ପାକିସ୍ତାନ | କଲମ୍ବୋ | ରାତି ୭ଟା |
| ୨୨।୨ | ଶ୍ରୀଲଙ୍କା-ଇଂଲଣ୍ଡ | ପାଲେକେଲେ | ଅପରାହ୍ଣ ୩ଟା |
| ୨୨।୨ | ଭାରତ-ଦ.ଆଫ୍ରିକା | ଅହମ୍ମଦାବାଦ୍ | ରାତି ୭ଟା |
| ୨୩।୨ | ୱେଷ୍ଟଇଣ୍ଡିଜ୍-ଜିମ୍ବାୱେ | ମୁମ୍ବଇ | ରାତି ୭ଟା |
| ୨୪।୨ | ଇଂଲଣ୍ଡ-ପାକିସ୍ତାନ | ପାଲେକେଲେ | ରାତି ୭ଟା |
| ୨୫।୨ | ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ | କଲମ୍ବୋ | ରାତି ୭ଟା |
| ୨୬।୨ | ଦ.ଆଫ୍ରିକା-ୱେଷ୍ଟଇଣ୍ଡିଜ୍ | ଅହମ୍ମଦାବାଦ୍ | ଅପରାହ୍ଣ ୩ଟା |
| ୨୬।୨ | ଭାରତ-ଜିମ୍ବାୱେ | ଚେନ୍ନଇ | ରାତି ୭ଟା |
| ୨୭।୨ | ଇଂଲଣ୍ଡ-ନ୍ୟୁଜିଲାଣ୍ଡ | କଲମ୍ବୋ | ରାତି ୭ଟା |
| ୨୮।୨ | ଶ୍ରୀଲଙ୍କା-ପାକିସ୍ତାନ | ପାଲେକେଲେ | ରାତି ୭ଟା |
| ୦୧।୩ | ଦ.ଆଫ୍ରିକା-ଜିମ୍ବାୱେ | ନୂଆଦିଲ୍ଲୀ | ଅପରାହ୍ଣ ୩ଟା |
| ୦୧।୩ | ଭାରତ-ୱେଷ୍ଟଇଣ୍ଡିଜ୍ | କୋଲକାତା | ରାତି ୭ଟା |
| ୦୪।୩ | ପ୍ରଥମ ସେମିଫାଇନାଲ | ପରେ ସ୍ଥିର ହେବ | ରାତି ୭ଟା |
| ୦୫।୩ | ଦ୍ୱିତୀୟ ସେମିଫାଇନାଲ | ୱାଙ୍ଖେଡେ | ରାତି ୭ଟା |
| ୦୮।୩ | ଫାଇନାଲ | ପରେ ସ୍ଥିର ହେବ | ରାତି ୭ଟା |

ଗ୍ରୁପ-୧: ଭାରତ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ

ଗ୍ରୁପ୍-୨: ଶ୍ରୀଲଙ୍କା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକ୍/ୟୁଏସ୍

ଟି-୨୦ ବିଶ୍ୱକପ୍: ଜିଓ-ହଟ୍‌ଷ୍ଟାରରେ ୧୬.୩ କୋଟି ୟୁଜର୍ସ

## ଭାରତ-ପାକିସ୍ତାନ ମ୍ୟାଚ୍‌କୁ ଦେଖିଲେ ରେକର୍ଡ ଦର୍ଶକ

ନୂଆଦିଲ୍ଲୀ,୨୦।୨(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ହାଇଭୋଲଟେଜ ଗ୍ରୁପ୍ ମ୍ୟାଚ୍‌ର ଭ୍ୟୁୟରସିପ୍ ଅର୍ଥାତ ଦର୍ଶକଙ୍କ ସଂଖ୍ୟା ସବୁ ପୁରୁଣା ରେକର୍ଡକୁ ପଛରେ ପକାଇ ନୂଆ ରେକର୍ଡ ସୃଷ୍ଟି କରିଛି। ଡିଜିଟାଲ ପ୍ଲାଟଫର୍ମରେ ଏହି ମ୍ୟାଚ୍‌କୁ ୧୬.୩ କୋଟି ୟୁଜର୍ସ ଦେଖିଛନ୍ତି। ଟି-୨୦ ଫର୍ମାଟ୍‌ରେ ଯେକୌଣସି ଆଇସିସି ଇଭେଣ୍ଟ ପାଇଁ ଏହା ଏକ ନୂଆ ରେକର୍ଡ ସାବ୍ୟସ୍ତ ହୋଇଛି। ଏହି ମ୍ୟାଚ୍ ୨୦୨୪ ଟି-୨୦ ବିଶ୍ୱକପ୍ ଫାଇନାଲ (ଭାରତ ବନାମ ଦକ୍ଷିଣ ଆଫ୍ରିକା)ର ରେକର୍ଡକୁ ମଧ୍ୟ ଅତିକ୍ରମ କରିଛି। ଏହି ମ୍ୟାଚ୍‌ର ମୋଟ୍ ୱାଚ୍ ଟାଇମ୍ ୨୦ ବିଲିୟନ ଅର୍ଥାତ ୨,୦୦୦ କୋଟି ମିନିଟ ରେକର୍ଡ କରିଛି, ଯାହା ଗତ ସଂସ୍କରଣ ତୁଳନାରେ ୪୨ ପ୍ରତିଶତ ଅଧିକ। ୨୦୨୪ ଟି-୨୦ ବିଶ୍ୱକପ୍‌ରେ ଭାରତ- ପାକିସ୍ତାନ ମ୍ୟାଚ୍ ତୁଳନାରେ ଏଥର ଡିଜିଟାଲ ଭ୍ୟୁୟରସିପ୍‌ରେ ୫୬ ପ୍ରତିଶତ ବୃଦ୍ଧି ହୋଇଛି। ଏହି ମ୍ୟାଚ୍ ଗତ ୧୫ ତାରିଖରେ କଲମ୍ବୋର ଆର ପ୍ରେମଦାସା ଷ୍ଟାଡିୟମରେ ଖେଳାଯାଇଥିଲା ଓ ଭାରତ ଏଥିରେ ୬୧ ରନ୍‌ରେ ପାକିସ୍ତାନକୁ ହରାଇ ବୃହତ୍ ବିଶ୍ୱକପ୍ ବିଜୟ ହାସଲ କରିଥିଲା।

ଆଦାମ ଜାମ୍ପାଙ୍କ ଯାଦୁକରୀ ବୋଲିଂ

## ୧୦ ଓଭରରେ ଜିତିଲା ଅଷ୍ଟ୍ରେଲିଆ

ପାଲେକେଲେ,୨୦।୨(ଏଜେନ୍ସି):ଲେଗ୍ ସ୍ପିନର ଆଦାମ ଜାମ୍ପାଙ୍କ ଯାଦୁକରୀ ବୋଲିଂ ଓ ଅଧିନାୟକ ମିଚେଲ ମାର୍ଶଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଚଳିତ ଟି-୨୦ ବିଶ୍ୱକପ୍‌ର ୪୦ତମ ତଥା ଶେଷ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୯ ୱିକେଟରେ ଓମାନକୁ ପରାସ୍ତ କରିଛି। ଏହା ଫଳରେ ଦଳ ବିଜୟ ସହ ବିଶ୍ୱକପ୍‌ରୁ ବିଦାୟ ନେଇଛି। ଗ୍ରୁପ୍-ବି'ରେ ଅଷ୍ଟ୍ରେଲିଆ ୨ଟି ବିଜୟ ଓ ୨ଟି ପରାଜୟ ସହ ତୃତୀୟ ସ୍ଥାନରେ ରହି ସୁପର-୮'କୁ ଉନ୍ନୀତ ହୋଇପାରି ନାହିଁ। ଏହି ମ୍ୟାଚ୍‌ରେ ୨୧ ରନ୍ ଦେଇ ୪ଟି ୱିକେଟ ନେଇଥିବା ଜାମ୍ପାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ପାଲେକେଲେ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ଯାଦୁକରୀ ବୋଲିଂ କରି ଅଷ୍ଟ୍ରେଲୀୟ ଲେଗ୍ ସ୍ପିନର ଜାମ୍ପା ୪ଟି, ଜାଭିୟର ବାର୍ଟଲେଟ ଓ ଗ୍ଲେନ୍ ମ୍ୟାକ୍ସୱେଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଓମାନ ୧୬.୨ ଓଭରରେ ୧୦୪ ରନ୍ କରିଥିଲା। ଦଳ ପକ୍ଷରୁ ୪ଜଣ ଖେଳାଳି ଡବଲ ଫିଗର ଛୁଇଁଥିଲାବେଳେ ୱାସିମ ଅଲି ସର୍ବାଧିକ ୩୨, ଅଧିନାୟକ ଜତିନ୍ଦର ସିଂହ ୧୭, ହାମ୍ମଦ୍ ମିର୍ଜା ୧୬ ଓ କରଣ ସୋନୋଭାଲେ ୧୨ ରନ୍ କରିଛନ୍ତି। ଜବାବରେ ଅଷ୍ଟ୍ରେଲିଆ ୯.୪ ଓଭରରେ ଟ୍ରାଭିସ୍ ହେଡ୍‌ଙ୍କ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ହେଡ୍ ୧୯ ବଲ୍‌ରେ ୩୨ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ମାର୍ଶ ୩୩ବଲ୍‌ରୁ ୭ ଚୌକା ଓ ୪ଛକା ସହ ୬୪ ଏବଂ ଜୋଶ ଇଂଲିଶ ୬ ବଲରୁ ୧୨ ରନ୍ କରି ଅପରାଜିତ ରହିଥିଲେ।



## ଭାରତ-ଏ' ଫାଇନାଲ୍‌ରେ

ବ୍ୟାଙ୍ଗକ୍,୨୦।୨(ଏଜେନ୍ସି): ଶ୍ରୀଲଙ୍କା-ଏ'କୁ ୫ ୱିକେଟରେ ପରାସ୍ତ କରି ଭାରତ-ଏ' ଏଠାରେ ଚାଲିଥିବା ଏସିସି ୱିମେନ୍ସ ଏସିଆ କପ୍ ରାଇଜିଂ ଷ୍ଟାର୍ସ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରବେଶ କରିଛି। ବାଂଲାଦେଶ ଓ ପାକିସ୍ତାନ ମୁକାବିଲାର ବିଜେତା ସହ ଭାରତ ରବିବାର ଫାଇନାଲ ଖେଳିବ।

■ ଦୃଷ୍ଟିବାଧିତ ଫୁଟବଲ

## ଭାରତୀୟ ଦଳରେ ପଦ୍ମିନୀ, ଆକାଶ




ଭୁବନେଶ୍ୱର,୨୦।୨(ସମିସ): ଜାପାନରେ ଆସନ୍ତା ଏପ୍ରିଲ ମାସରେ ଖେଳାଯିବ ଏସିଆ-ଓସେନିଆ ଦୃଷ୍ଟିବାଧିତ ଫୁଟବଲ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଭାରତୀୟ ଦଳ ଚୟନ ସକାଶେ ଅନୁଷ୍ଠିତ ଜାତୀୟ ଶିବିରରେ ଉଚ୍ଚକୋଟୀର ପ୍ରଦର୍ଶନ କରି ପଦ୍ମିନୀ ଟୁଡୁ ଓ ଆକାଶ ପଡ଼ିଆମୀ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ଖେଳାଳିମାନଙ୍କୁ ବୁଲ୍ସ ଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ଓ ଓଡ଼ିଶା ଦୃଷ୍ଟିବାଧିତ ସଂଘର କର୍ମକର୍ତ୍ତାମାନେ ଏହି ଦୁଇ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଦ ହଣ୍ଡ୍ରେଡ୍ ନିଲାମୀ

## ପାକିସ୍ତାନୀଙ୍କୁ କିଣିବେନି ଭାରତୀୟ ମାଲିକ

ଲଣ୍ଡନ,୨୦।୨(ଏଜେନ୍ସି): ଇଂଲଣ୍ଡରେ ଅନୁଷ୍ଠିତ ହେଉଥିବା ଦ ହଣ୍ଡ୍ରେଡ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି-୨୦ କ୍ରିକେଟ ନିଲାମ ଲାଗି ଚର୍ଚ୍ଚା ଜୋର ଧରିଛି। ଏହି ଚର୍ଚ୍ଚା ହେଉଛି ଦ ହଣ୍ଡ୍ରେଡ୍‌ରେ ଥିବା ୪ଟି ଫ୍ରାଞ୍ଚାଇଜ୍ ଟିମ୍ ପାକିସ୍ତାନୀ ଖେଳାଳିଙ୍କୁ କିଣିବେ ନାହିଁ। ବର୍ତ୍ତମାନ ବିଶ୍ୱକପ୍ ଖେଳୁଥିବା ସମସ୍ତ ପାକିସ୍ତାନୀ ଖେଳାଳିଙ୍କ ସମେତ ୫୭ଜଣ ଏହି ନିଲାମି ଲାଗି ନାମ ପଞ୍ଜିକରଣ କରିଛନ୍ତି। କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ଉଷ୍ମତା ଯୋଗୁଁ ଏହି ଖେଳାଳିମାନଙ୍କୁ ଭାରତୀୟ ମାଲିକାନାରେ ଥିବା ଦଳଗୁଡିକ କଣିବେ ନାହିଁ ବୋଲି ଇଂଲଣ୍ଡ ଗଣମାଧ୍ୟମରେ ପ୍ରକାଶ ପାଇଛି। ଆଇପିଏଲ୍ ଟିମ୍ ସହ ଜଡିତ ଥିବା ମାଞ୍ଚେଷ୍ଟର ସୁପର ଜ୍ୟାଣ୍ଟସ, ଏମ୍‌ଆଇ ଲଣ୍ଡନ, ସଦର୍ଣ୍ଣ ବ୍ରେଭ୍ ଓ ସନ୍‌ରାଇଜର୍ସ ଲିଡ୍ସ ପାକିସ୍ତାନୀ ଖେଳାଳିଙ୍କୁ ନିଲାମିରେ କିଣିବେ ନାହିଁ ବୋଲି ସୂଚନା ମିଳିଛି। ଆଇପିଏଲ୍‌ର ପ୍ରଥମ ସଂସ୍କରଣରେ ପାକିସ୍ତାନ ଖେଳାଳିମାନେ ଖେଳିଥିଲେ। ୨୦୦୯ ପରଠାରୁ ସେମାନଙ୍କୁ ଆଇପିଏଲ୍ ସାମିଲ କରାଯାଉନାହିଁ କିମ୍ବା ଆଇପିଏଲ୍ ମାଲିକଙ୍କ ଜଡିତ ଅନ୍ୟ ଦେଶର ଫ୍ରାଞ୍ଚାଇଜ୍ ଟିମ୍ ମଧ୍ୟ ପାକିସ୍ତାନୀ ଖେଳାଳିଙ୍କୁ ଦଳରେ ନେଉନାହିଁ। ଦକ୍ଷିଣ ଆଫ୍ରିକାର ଏସ୍‌ଏ-ଟି୨୦ ଟୁର୍ଣ୍ଣାମେଣ୍ଟରେ ୬ଟି ଫ୍ରାଞ୍ଚାଇଜ୍ ଟିମ୍ ଭାଗ ନେଉଛନ୍ତି। ଏ ସମସ୍ତ ଟିମ୍ ଆଇପିଏଲ ମାଲିକ ମାନଙ୍କର। ଏଣୁ ସେଠାରେ ପାକିସ୍ତାନୀ ଖେଳାଳିଙ୍କୁ ସୁଯୋଗ ନାହିଁ। ଆମେରିକାରେ ଖେଳାଯାଉଥିବା ମେଜର ଲିଗ୍ କ୍ରିକେଟରେ ମଧ୍ୟ ସମାନ ଅବସ୍ଥା। କିନ୍ତୁ ପାକିସ୍ତାନୀ ବଂଶୋଦ୍ଭବ ଖେଳାଳିମାନଙ୍କୁ ଦଳରେ ନିଆଯିବା ଲାଗି କୌଣସି ପ୍ରତିବନ୍ଧକ ନାହିଁ। ୱେଷ୍ଟଇଣ୍ଡିଜ୍‌ର କ୍ୟାରିବିୟାନ ପ୍ରିମିୟର ଲିଗ୍‌ରେ ଭାରତୀୟ ମାଲିକାନାରେ ଥିବା ଟିମ୍ କିଛି ପାକିସ୍ତାନୀ ଖେଳାଳିଙ୍କୁ ଦଳରେ ନେଇଥିବାର ପ୍ରମାଣ ରହିଛି। ଆଜମ ଖାନ୍ ଓ ଫାତିମା ସାନା ବାର୍ବାଡୋସ୍ ରୟାଲ୍ସ ପକ୍ଷରୁ ଖେଳିଛନ୍ତି। ୟାସିର ଶାହ, ସଦାବ ଖାନ୍, ମହମ୍ମଦ୍ ହାସନେନ୍ ମଧ୍ୟ ତ୍ରିନିବାଗୋ ନାଇଟ୍ ରାଇଡର୍ସ ପକ୍ଷରୁ ଖେଳିଛନ୍ତି।

ବିହାରୀଲାଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମହାବୀର, କିଶୋର କ୍ଲବ୍ ବିଜୟୀ

ଭୁବନେଶ୍ୱର,୨୦।୨(ସମିସ): ଚଳିତ ୨୭ତମ ବିହାରୀଲାଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ୪ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ପୁରୀର ମହାବୀର କ୍ଲବ ୫ ରନରେ ଭୁବନେଶ୍ୱରର ଜାଗୃତି କ୍ଲବକୁ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କିଶୋର କ୍ଲବ ୧୧ ରନରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଅନ୍ୟପଟେ ଭେଟେରାନ ବିଭାରେ ଦୁଇଟି ମ୍ୟାଚ୍ ଖେଳଯାଇଥିଲା।



ପ୍ରଥମ ମ୍ୟାଚ୍‌ରେ ମହାବୀର ଭେଟେରାନକୁ ୨୮ ରନରେ ପରାସ୍ତ କରିଥିଲା କିଶୋର କ୍ଲବ। ଦ୍ୱିତୀୟ ମ୍ୟାଚ୍‌ରେ ନିମାପଡ଼ା ଭେଟେରାନ୍‌କୁ ବିହାରୀଲାଲ ଭେଟେରାନ ଦଳ ୮ ୱିକେଟରେ ପରାସ୍ତ କରିଛି। ଶ୍ରୀବତ୍ସ ବଲ୍ଲଭ ସାମନ୍ତରାୟ, କେଦାରନାଥ ରଣସିଂହ, ମନୋଜ ବିଶ୍ୱାଳ, ଅକ୍ଷୟ ଜେନା ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

● କଳାହାଣ୍ଡି କପ୍

## ବିଶ୍ୱଜିତ୍‌ଙ୍କ ଶତକ: ନୟାଗଡ଼ ୭୩ ରନରେ ବିଜୟୀ

ଭୁବନେଶ୍ୱର,୨୦।୨(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ପର୍ଯ୍ୟାୟ ପ୍ରିଲିମିନାରୀ ଲିଗ୍‌ରେ ନୟାଗଡ଼ ୭୩ ରନରେ ନବରଙ୍ଗପୁରକୁ ପରାସ୍ତ କରିଛି। ଗୁରୁବାରର ଏହି ବାକି ଥିବା ମ୍ୟାଚ୍ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନୟାଗଡ଼ ୪୮.୧ ଓଭରରେ ୨୮୧ ରନ୍‌କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ବିଶ୍ୱଜିତ ପ୍ରଧାନ ୧୧୨ ବଲର ସମ୍ମୁଖୀନ ହୋଇ ୧୨୭ ରନର ଶତକୀୟ ପାଳି ଖେଳିଥିଲେ। ନବରଙ୍ଗପୁର ତରଫରୁ ବୋଲିଂରେ ଦୀପକ ତିୱାରୀ ୩ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ନବରଙ୍ଗପୁର ୪୨ ଓଭରରେ ୨୦୮ ରନକରି ଅଲଆଉଟ ହୋଇଥିଲା। ଦଳର ଦୀଲିପ ବିଶୋଇ ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବାବେଳେ ନୟାଗଡ଼ର ରୁଦ୍ରନାରାୟଣ ବେହେରା ୫ ଓ ଆଶୁତୋଷ ଦାସ ୪ ୱିକେଟ ଅକ୍ତିଆର କରିଥିଲେ।


ବିଶ୍ୱଜିତ ପ୍ରଧାନ


ରୁଦ୍ରନାରାୟଣ ବେହେରା

ଅଭିଷେକ ଯାଦବଙ୍କ ଅଲରାଉଣ୍ଡ ସଫଳତା, ଚମକିଲେ ଆଇପିଏଲ୍ ଖେଳାଳି ବିଶ୍ୱନାଥ

## ତମାଣ୍ଡୋ ପ୍ରିମିୟର ଲିଗ୍ ଫାଇନାଲରେ ଟିସିସି

ଭୁବନେଶ୍ୱର,୨୦।୨(ସମିସ)

ସମ୍ବଲପୁରର ଏମ୍‌ଏମ୍‌ସିସି'କୁ ୪୫ ରନ୍‌ରେ ପରାସ୍ତ କରି ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ (ଟିସିସି) ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଭୁବନେଶ୍ୱରର ଦୁଇ ଦଳ ଯୁବି ରକ୍‌ଷ୍ଟାର ଓ ଆଦିତ୍ୟ ଏକାଦଶ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହି ମ୍ୟାଚର ବିଜେତା ଦଳ ସହ ତମାଣ୍ଡୋ କ୍ରିକେଟ କ୍ଲବ୍‌ର ଫାଇନାଲ ମୁକାବିଲା ଆସନ୍ତା ରବିବାର ଖେଳାଯିବ। ଆଜି ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଅଭିଷେକ ଯାଦବଙ୍କ ଅଲରାଉଣ୍ଡ ସଫଳତା ଲାଗି ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଆୟୋଜକ କ୍ଲବ୍‌ର ବରିଷ୍ଠ ସଦସ୍ୟ ଅନଙ୍ଗ ବିହାରୀ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପ୍ରଦାନ କରିଥିଲେ। ଅଭିଷେକ ବ୍ୟାଟିଂରେ ୧୫ ବଲ୍‌ରୁ ୪୦ ରନ୍ କରିଥିଲାବେଳେ ବୋଲିଂ ୩ ଓଭରରେ ୩୦ ରନ୍‌ରେ ୩ ୱିକେଟ ନେଇଥିଲେ।




ତମାଣ୍ଡୋ କ୍ରିକେଟ ପଡ଼ିଆରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ଟିସିସି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। କ୍ଷମାସାଗର ବଳଙ୍କ ୩୧ ବଲ୍‌ରୁ ୫୬ ଓ ଆକାଶ ମହାପାତ୍ରଙ୍କ ୨୦ ବଲ୍‌ରୁ ୪୮ ରନ୍ ସହାୟତାରେ ଟିସିସି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୨୨୯ ରନ୍ କରିବାକୁ ସମର୍ଥ ହୋଇଥିଲା। ପ୍ରତିପକ୍ଷ ଦଳର ଆଶୁତୋଷ ନାୟକ ୩୨ ରନ୍‌ରେ ୪ ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ। ଆବ୍ରାର ହାସନଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ସମ୍ବଲପୁରର ଏମ୍‌ଏମ୍‌ସିସି ୧୭.୧ ଓଭରରେ ୧୮୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୨୦୨୪ରେ ପଞ୍ଜାବ କିଙ୍ଗ୍‌ସର ଆଇପିଏଲ୍ ଖେଳାଳି ବିଶ୍ୱନାଥ ପ୍ରତାପ ସିଂହ ୩୧ ବଲ୍‌ରୁ ୬୩ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇବାରେ ସମର୍ଥ ହୋଇ ନ ଥିଲେ। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ସୌମ୍ୟରଞ୍ଜନ ବିଶ୍ୱାଳ ୧୩ ବଲ୍‌ରେ ୨୬ ରନ୍ କରିଥିଲେ। ବିଜୟୀ ତମାଣ୍ଡୋ ଦଳ ପକ୍ଷରୁ ଅଭିଷେକଙ୍କ ୩ ୱିକେଟ ବ୍ୟତୀତ ଅତୁଲ ସରୱାର ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟାର ସୌମେନ୍ଦ୍ର ପାତ୍ର ଓ ଆଶୁତୋଷ ପାଣି ପରିଚାଳନା କରିଥିଲେ। ସୁଶିଲ ସୁନ୍ଦରାୟ ସ୍କୋରର ଦାୟିତ୍ୱ ସମ୍ଭାଳିଥିଲେ।

■ ବଧିର ଏସିଆ କପ୍ କ୍ରିକେଟ

## ଭାରତର କ୍ରମାଗତ ବିଜୟ

 କଟକ,୨୦।୨(ସମିସ): ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଏସୀୟ ବଧିର କ୍ରିକେଟ ଆସୋସିଏସନ (ଏଡିସିଏ), ଭାରତୀୟ ବଧିର କ୍ରିକେଟ ଆସୋସିଏସନ (ଆଇଡିସିଏ) ଓ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ମିଳିତ ଆନୁକୂଲ୍ୟରେ ଚାଲିଥିବା ଏସିଆ କପ୍ କ୍ରିକେଟ ଟୁର୍ଣ୍ଣରାମେଣ୍ଟରେ ଆୟୋଜକ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ଭାରତ ଗୁରୁବାର ଶ୍ରୀଲଙ୍କାକୁ ୪ ୱିକେଟରେ ପରାସ୍ତ କରିବା ପରେ ଶୁକ୍ରବାର ୧୦ ୱିକେଟରେ ନେପାଳକୁ ପରାସ୍ତ ବୃହତ୍ ବିଜୟ ହାସଲ କରିଛି। ଟସ୍ ଜିତି ନେପାଳ ପ୍ରଥମେ ବ୍ୟାଟିଂ କରି ୧୭.୪ ଓଭରରେ ୯ ୱିକେଟ ହରାଇ ୫୭ ରନ ସଂଗ୍ରହ କରିଥିଲା। ଦଳ ତରଫରୁ କ୍ରିଷ୍ଣା ଧାମୀ ୧୯, ଅଭିଷେକ କୁମାର ମିଶ୍ର ୧୧, ଅଜୟ କର୍ଣ୍ଣ ୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାରତ ତରଫରୁ ଜିଗର ଠାକ୍କର ସର୍ବାଧିକ ୫, ଆକାଶ ସଇନି ଓ ସନିଥ ସେଟ୍ଟୀ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତୀୟ ଓପନର ଦୀପକ ଲାମ୍ବା ୨୮ ଓ ସନିଥ ସେଟ୍ଟୀ ୨୫ ରନକରି ଅପରାଜିତ ରହିବା ସହ ଦଳକୁ ବୃହତ ବିଜୟ ପ୍ରଦାନ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୪୨- ଆମେରିକାରେ ସିଲେଇ ମେସିନ୍‌କୁ ପେଟେଣ୍ଟ କରାଗଲା।
- ୧୯୪୬- ମିଶରରେ ବ୍ରିଟେନ ବିପକ୍ଷରେ ବିରୋଧ ପ୍ରଦର୍ଶନ।
- ୧୯୮୬- ଦକ୍ଷିଣ ଆଫ୍ରିକା ସରକାର ଜୋହାନ୍ସବର୍ଗକୁ ଅଶ୍ୱେତଙ୍କ ଉଦ୍ଦେଶ୍ୟରେ ଖୋଲିଦେଲେ।
- ୧୯୯୧- ବଲିଉଡ୍ ଅଭିନେତ୍ରୀ ନୂତନଙ୍କ ପରଲୋକ।



# ଏକାସାଙ୍ଗେ ଆସିବେ ରଣବୀର-ଅକ୍ଷୟ

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଆଗାମୀ ଫିଲ୍ମ 'ଧୁରନ୍ଧର ୨'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏହା ଆସନ୍ତା ମାର୍ଚ୍ଚ ୧୯ ରେ ପରଦାକୁ ଆସିବ। ଏହିଦିନ ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍' ମଧ୍ୟ ପରଦାକୁ ଆସିବ। ଏହି ଦୁଇଟି ଫିଲ୍ମ ପରସ୍ପରକୁ କଡ଼ା ଟକ୍କର ଦେବେ ବୋଲି କୁହାଯାଉଛି। ତେବେ ଏକାସାଙ୍ଗେ ଦୁଇ ଜଣ ବଡ଼ ଅଭିନେତାଙ୍କ ଫିଲ୍ମ ରିଲିଜ୍ ହେଉଥିବାରୁ ଏଥିପାଇଁ ଏହି ସମୟରେ ରିଲିଜ୍ ହେବାକୁ ଥିବା ଅନେକ ଫିଲ୍ମକୁ ଘୁଞ୍ଚାଇ ଦିଆଯାଇଛି। ଇତିମଧ୍ୟରେ ଏହି ଦୌଡ଼ରେ ଅକ୍ଷୟ କୁମାର ମଧ୍ୟ ସାମିଲ ହୋଇଛନ୍ତି। 'ଧୁରନ୍ଧର: ଦ ରିଭେଞ୍ଜ' ସହ ଦର୍ଶକଙ୍କୁ ଏକ ବଡ଼ ସରପ୍ରାଇଜ୍ ମିଳିବାକୁ ଯାଉଛି। ଅକ୍ଷୟଙ୍କ ଅଭିନୀତ 'ଭୂତ୍ ବଙ୍ଗଲା'ର ଏକ ପ୍ରମୋସନାଲ ଗୀତକୁ ମାର୍ଚ୍ଚ ୧୯ ରେ ରିଲିଜ୍ କରାଯିବା ଯୋଜନା ରହିଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହାକୁ 'ଧୁରନ୍ଧର ୨' ସହ ଥିଏଟର୍‌ରେ ରିଲିଜ୍ କରାଯିବ। 'ଭୂତ୍ ବଙ୍ଗଲା' ନିର୍ଦ୍ଦେଶନା ଦେଇଛନ୍ତି ପ୍ରିୟଦର୍ଶନ। ଦୀର୍ଘ ୧୪ ବର୍ଷ ପରେ ଅକ୍ଷୟ ଏହି ଫିଲ୍ମ ମାଧ୍ୟମରେ ପ୍ରିୟଦର୍ଶନଙ୍କ ସହ କାମ କରୁଛନ୍ତି। ଏହା ଆସନ୍ତା ଏପ୍ରିଲ୍ ୧୦ରେ ପରଦାକୁ ଆସିବ।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ



ମାତୃଭାଷା ଗୋଟିଏ ଜାତିର ଅସ୍ମିତାର ପ୍ରତୀକ। ଯେଉଁ ଜାତି ନିକଟରେ ମାତୃଭାଷା ଯେତେ ଆଦୃତି ଲାଭ କରିଛି ସେ ଜାତି ସେତେ ଉନ୍ନତ ଓ ପ୍ରଗତିଶୀଳ। ଭାଷା, ସାଂସ୍କୃତିକ ବିବିଧତା ଏବଂ ବହୁଭାଷୀତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଫେବୃଆରୀ ୨୧କୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଏ। ୟୁନେସ୍କୋ ୧୭ ନଭେମ୍ବର, ୧୯୯୯ରେ ଏହି ଦିବସ ଘୋଷଣା କରିଥିଲା। ପରେ ୨୧ ଫେବୃୟାରୀ, ୨୦୦୦ରେ ପ୍ରଥମେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଥିଲା। ବିଶ୍ୱରେ ଭାଷା ଏବଂ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ମାତୃଭାଷାର ସୁରକ୍ଷା ପ୍ରତି ଏହି ଦିବସରେ ସଚେତନତା ସୃଷ୍ଟି କରାଯାଏ। ଭାଷା ହେଉଛି ଏକ ମାତ୍ର ମାଧ୍ୟମ ଯାହା, ଲୋକଙ୍କୁ ପରସ୍ପର ସହ ଯୋଡ଼ି ରଖିବାରେ ସହାୟକ ହୋଇଥାଏ। ସେହିଭଳି ଶିଶୁଟିଏ ତା'ର ବାପାମା' ଠାରୁ ଶିଖୁଥିବା ପ୍ରଥମ ଭାଷା ହେଉଛି ତା'ର ମାତୃଭାଷା। ଏହା ବ୍ୟତୀତ ଜଣେ ନିଜ ପୂର୍ବଜଙ୍କ ଠାରୁ ଶିଖିଥିବା ଭାଷା ମଧ୍ୟ ମାତୃଭାଷା ହୋଇଥାଏ। ନିଜର ମାତୃଭାଷା ନିଜ ରାଜ୍ୟ ଭାଷା କିମ୍ବା ଆଞ୍ଚଳିକ ଭାଷାଠାରୁ ଭିନ୍ନ ହୋଇପାରେ କିନ୍ତୁ ମାତୃଭାଷା ସର୍ବଦା ତାହା ହୋଇଥାଏ ଯାହା ପରିବାରର ସଦସ୍ୟମାନଙ୍କ ଦ୍ୱାରା ବ୍ୟବହୃତ ହୁଏ। 'ବିବିଧତା ମଧ୍ୟରେ ଏକତା' ସିଦ୍ଧାନ୍ତକୁ ନେଇ ଭାରତ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହାର ସମୃଦ୍ଧ ସାଂସ୍କୃତିକ ପରିବେଶ କ୍ଷେତ୍ରରେ ଭାଷାର ଭୂମିକା ରହିଛି। ଏଣୁ ଭାରତରେ ଏହି ଦିବସ ପାଳନ କରାଯିବାର ଢେର ଗୁରୁତ୍ୱ ଅଛି। ଭାଷାର କୌଣସି ସୀମା ନାହିଁ। ମାତୃଭାଷାର ସୁରକ୍ଷା କରି ଏହାକୁ ସମୃଦ୍ଧ କରାଯାଇପାରିଲେ ବିଶ୍ୱରେ ଶାନ୍ତି, ବିକାଶ ଓ ଏକତା ସହଜରେ ପ୍ରତିଷ୍ଠା ହୋଇପାରିବ ବୋଲି ଏହି ଦିବସ ବାର୍ତ୍ତା ଦେଇଥାଏ।

# ପତ୍ନୀଙ୍କ ସ୍ମୃତିରେ...





ବିହାର ଛାପ୍ରାର ଜଣେ ଦମ୍ପତିଙ୍କ ପ୍ରେମ କାହାଣୀ ଏବେ ଚର୍ଚ୍ଚା ସାଉଁଟୁଛି। ସ୍ଥାନୀୟ ଅଞ୍ଚଳର ବାଲ୍ କିସୁନ୍ ରାମଙ୍କ ବାହାଘର ୧୭ ବର୍ଷ ବୟସରେ ହୋଇଥିଲା। ସେତେବେଳେ ତାଙ୍କ ଘରର ଆର୍ଥିକ ସ୍ଥିତି ଭଲ ଥିଲା। ତେଣୁ ବାଲ୍ କିସୁନ୍‌ଙ୍କ ପାଠପଢ଼ା ଅଧାରେ ରହିଯାଇଥିଲା। ତାଙ୍କ ସ୍ତ୍ରୀ ଶାରଦା ଦେବୀ କିନ୍ତୁ ସ୍ୱାମୀଙ୍କୁ ପାଠ ପଢ଼ାଇବା ପାଇଁ ମନସ୍ଥ କଲେ। ସେ ନିଜେ ଦିନ ମଜୁରିଆ ଭାବେ କାମ କରି ଘରର ସମସ୍ତ ଦାୟିତ୍ୱ ନେଲେ। ଏପରିକି ସ୍ୱାମୀଙ୍କୁ ପାଠ ପଢ଼ାଇବା ପାଇଁ ସେ ତାଙ୍କର ସମସ୍ତ ସୁନା ଗହଣା ବିକ୍ରି କରି ଦେଇଥିଲେ। ଏତେସବୁ ମଧ୍ୟରେ ଏହି ପତିପତ୍ନୀଙ୍କ ମଧ୍ୟରେ ପରସ୍ପର ପ୍ରତି ଅଭିଯୋଗ ନ ଥିଲା। କେବଳ ଥିଲା ନିରୁତା ପ୍ରେମ ଓ ଭଲପାଇବା। ବାଲ୍ କିସୁନ୍‌ଙ୍କୁ ସରକାରୀ ଚାକିରି ମଧ୍ୟ ମିଳିଗଲା। ହେଲେ ସେ ଅବସର ନେବାର ଛଅମାସ ପୂର୍ବରୁ ଶାରଦା ଦେବୀଙ୍କର ୨୦୨୨ ମସିହାରେ ହୃଦ୍‌ଘାତରେ ମୃତ୍ୟୁ ହେଲା। ଶାରଦାଙ୍କ ମୃତ୍ୟୁ ପରେ ବାଲ୍ କିସୁନ୍ ଭାଙ୍ଗି ପଡ଼ିଥିଲେ। ସେ ତାଙ୍କର ଅବସରକାଳୀନ ସହାୟତା ରାଶିରେ ସ୍ତ୍ରୀଙ୍କ ପାଇଁ ଏକ ମନ୍ଦିର ତିଆରି କରିବାକୁ ଇଚ୍ଛା କଲେ। ସେ ବୁଝିଲେ ଧନ ଓ ସମ୍ପତ୍ତିରେ କିଛି ଅର୍ଥ ନାହିଁ, ଯଦି ପ୍ରତି ମୁହୂର୍ତ୍ତରେ ସାଥ୍ ଦେଇ ଆସୁଥିବା ଜୀବନ ସାଥୀ ପାଖରେ ନ ଥିବ। ବାଲ୍ କିସୁନ୍ ପତ୍ନୀଙ୍କ ସ୍ମୃତିରେ ପ୍ରାୟ ୬୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ୬୫ ଫୁଟର ଏକ ମନ୍ଦିର ତିଆରି କଲେ। ସେଠାରେ ସେ ଶାରଦା ଦେବୀଙ୍କ ମୂର୍ତ୍ତିକୁ ସ୍ଥାପନା କରିଛନ୍ତି। ଏ ଲାଗି ତାଙ୍କୁ ୬୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲେ ବି ସେ କରିଥାନ୍ତେ ବୋଲି ବାଲ୍ କିସୁନ୍ କହିଛନ୍ତି। ପ୍ରତିଦିନ ସକାଳେ ଓ ସଂଧ୍ୟାବେଳେ ସେ ଶାରଦାଦେବୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦୀପ ପ୍ରଜ୍ୱଳିତ କରିବା ସହ ଏକ କପ୍‌ରେ ଚା' ରଖି ଦିଅନ୍ତି। ସେ ନିତିଦିନ ତାଙ୍କ ପତ୍ନୀଙ୍କ ମୂର୍ତ୍ତି ସମ୍ମୁଖରେ ମଧ୍ୟାହ୍ନ ଭୋଜନ ଓ ରାତ୍ରୀ ଭୋଜନ ମଧ୍ୟ ରଖିଥାନ୍ତି। ଯଦି ସ୍ତ୍ରୀମାନେ ସ୍ୱାମୀଙ୍କୁ ପତି ପରମେଶ୍ୱର କହି ପୂଜା କରିପାରୁଛନ୍ତି ତେବେ ଜଣେ ସ୍ୱାମୀ ତା ସ୍ତ୍ରୀକୁ ଦେବୀ ଭାବେ ପୂଜା କରିପାରିବ ନାହିଁ କି ବୋଲି ବାଲ୍ କିସୁନ୍ କହିଛନ୍ତି।

## ପ୍ରହେଳିକା

- ବୃହତ ଗଛ ସେ ଛୋଟିଆ ଫଳ
ତା' ଡାଳରେ ଝୁଲୁଥାଏ ଓହଳ
ଗ୍ରୀଷମ କାଳେ ସେ ଦିଅଇ ଛାଇ
ତା' ମୂଳେ ବସିଲେ ଥକ୍କା ମେଣ୍ଟଇ
ଗାଆଁ ଆଖପାଖେ ଥାଏ
ତା' ଫଳକୁ ପକ୍ଷୀ ସରାଗେ ଖାଆନ୍ତି
କୁହ ତା'ର ନାମ କିଏ।
ଉତ୍ତର-ବରଗଛ


- ମୋ ଦେହରେ ଥାଏ ଚକ ଦୁଇଟି
ବିନା ଇନ୍ଧନରେ ଚାଲେ ମୁହିଁଟି
ପେଡାଲ୍ ମାରିଲେ ଆଗକୁ ବଢ଼େ
ପକ୍କା କଚ୍ଚା ସବୁ ରାସ୍ତାରେ ଗଡ଼େ
ସୁନ୍ଦର ବାହନଟିଏ
ଟିଙ୍ଗ୍ ଟିଙ୍ଗ୍ ଘଣ୍ଟି ଶବଦ ଦିଅଇ
କୁହ ତ ମୋ ନାମ କିଏ।
ଉତ୍ତର-ସାଇକଲ



- ହଳଦୀ ରଙ୍ଗର ଚଢ଼େଇଟିଏ
କିଚିରି ମିଚିରି ଗୀତ ସେ ଗାଏ
ମୁଣ୍ଡ କଳା ତା'ର ଥଣ୍ଟଟି ନାଲି
ବଗିଚାରୁ ଖାଏ ପାଚିଲା କୋଳି
ମନୋହର ପକ୍ଷୀଟିଏ
ବସନ୍ତ ଋତୁରେ ଦେଖାଦିଏ ସିଏ
କୁହ ତା'ର ନାମ କିଏ।
ଉତ୍ତର-ହଳଦୀ ବସନ୍ତ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## ପରୀକ୍ଷା ବେଳ ହେଲା




ନିରଞ୍ଜନ ସାହୁ

ହେଲା ପରୀକ୍ଷା ବେଳ
ଖେଳିବା ନାହିଁ ଖେଳ
ପଢ଼ାରେ ଦେବା ମନ
ପରୀକ୍ଷା ଯେବେ ସରିବ ତେବେ
ଯେତେ ଖେଳୁଥା ଧନ ।
ବିଦ୍ୟାଳୟକୁ ଯିବା
ଅଭ୍ୟାସ କରୁଥିବା
ପଢ଼ାରେ ଥିବ ଲୟ
ସମୟ ଜ୍ଞାନ ଶ୍ରମରେ ଧ୍ୟାନ
ନ ଥିବ ଆଉ ଭୟ ।
ପରୀକ୍ଷା କଥା ହେଜି
ଆଳସ୍ୟ ଭାବ ତେଜି
ଲାଗିପଡ଼ିବା କାମେ
ଖଟିବା ଯେତେ ପାଇବା ସେତେ
ଖୁସି ହୋଇବା ଆମେ ।
କଥାଟି ପୁରା ଯଥା
ପାଠରେ ପୁରା ମଥା
ପଢ଼ା କାମଟି ଆଗ
ସନ୍ଦେହ ଯାହା ବୁଝିବ ତାହା
ଏକାଗ୍ର ଚିତ୍ତେ ଲାଗ ।
ଯଥା ସମୟେ ଖାଅ
ଶାନ୍ତିରେ ଶୋଇ ଯାଅ
ଦେହକୁ ଜଗିଥିବ
ନହେଲେ ଜାଣ ପଢ଼ାର ଟାଣ
ସମୂଳେ ଭାଙ୍ଗିଯିବ ।
ଅପେକ୍ଷା ନାହିଁ ଆଉ
ବେଳହୁଁ ଥାଉଥାଉ
ପଢ଼ାରେ ଯିବା ମାତି
ପରୀକ୍ଷା ହେବ ସୁଫଳ ଦେବ
ଫୁଲି ଉଠିବ ଛାତି ।



ନିହଲ ପ୍ରସାଦ, ଗଁଡିଆ ପାଟଣା
ଢେଙ୍କାନାଳ

## ଆମ ପରିବାର



କୁଞ୍ଜ ବିହାରୀ ସାହୁ

ବାପା ଆମର ବୁଝାନ୍ତି ପାଠ
ଭଲ ପଢ଼ିକି ହୁଅରେ ଚାଟ
ବହିରେ ଅଛି ଜ୍ଞାନ,
ମନଦେଇକି ପଢ଼ି ଯା ବସି
ବଢ଼ିବ ଯଶ-ମାନ ।
ମାଆ ଆମର ଆଦର କରି
ମନରେ ସ୍ନେହ-ସରାଗ ଭରି
କହନ୍ତି ଖାଆ ଖାଆ,
ହାତ ପରଷା ଖାଇଲେ ପରା
କହିବେ ଜେଜି ବାଃ ।
ସାଇକଲଟି ଶିଖାନ୍ତି ଭାଇ
ନାନାବାୟାର ଗୀତଟି ଗାଇ
କରନ୍ତି କେତେ ମଜା,
ଭାଇ ସାଥିରେ ବଜାରେ ବୁଲୁ
ଖାଉ ବିସ୍କୁଟ୍ ଖଜା ।
ଦାଣ୍ଡପିଣ୍ଡାରେ ପକେଇ ସପ
ଜେଜେ କୁହନ୍ତି ଗାଉଁଲି ଗପ
ବଢ଼ିଆ ଲାଗେ ସତେ
ଜେଜିମା ଆସି ପାଖରେ ବସି
ଆଉଁଶିଦିଏ ମୋତେ ।
ଏଇଟି ଆମ ଛୋଟିଆ ଘର
ଘର ଅଟଇ ସରଗପୁର
ସଭିଏଁ ମିଶି ରହୁ
ସୁନ୍ଦର ଆମ ପରିବାରଟି
ଏଇକଥାଟି କହୁ ।

ପାତ୍ରପଡ଼ା, ଭୁବନେଶ୍ୱର

## ସୁମନ

# ସୁଖ -ଦୁଃଖର ସାଥୀ



ସୁଧାଂଶୁ ଶେଖର ଦ୍ୱିବେଦୀ

ଗୋଟେ ଘର, ଗୋଟେ ଗଛ, ଗୋଟେ ଗାଇ ପଡ଼ୋଶୀ ହୋଇ ଚଳୁଥାନ୍ତି। ଗଛକୁ ରାତିରେ ଚାଲିବାର ବେମାର ଥାଏ। ଘରେ କେହି ବି ମଣିଷ ରୁହନ୍ତି ନାହିଁ। ଘରେ ବସବାସ କରିବାକୁ ସେ ପ୍ରତିଦିନ ମଣିଷଙ୍କୁ ଡାକ ମାରେ। ଯେବେ କେହି ଆସି ଘରେ ରହିବାକୁ ଲାଗେ ଘର କେତେପ୍ରକାର ଭାବ ଭଙ୍ଗୀ ଦେଖାଇ ଭୟଭୀତ କରାଏ। ମଣିଷ ତା' ଭୟରେ ଛାଟିପିଟି ହୋଇ ସେଠାରୁ ପଳାଇଯାଏ। ଗାଇକୁ ଗୀତ ଗାଇବାରେ ବଡ଼ ସଉକ ଥାଏ। ସେ ଦିନସାରା ବେସୁରା ଧ୍ୱନିରେ ଗୀତ ଗାଉଥାଏ। ସେପାଇଁ ତା' ପାଖ କେହି ମାଡ଼ନ୍ତି ନାହିଁ। ଏ ତିନି ଜଣଙ୍କ ବ୍ୟତୀତ ଅଳ୍ପ ଦୂରରେ ଗୋଟେ କୁକୁର ରହୁଥାଏ। ସେ ଏ ତିନିଜଣଙ୍କ ହାବଭାବକୁ ପରଖୁଥାଏ। ଦିନେ ମୂଷଳ ଧାରାରେ ବର୍ଷା ବର୍ଷିଲା। ଗଛ ତା' ଡାଳ ପତ୍ର ମେଲି ଖୁସି ମନରେ ନାଚିବାକୁ ଲାଗିଲା। ଗାଇ ବର୍ଷାର ପ୍ରକୋପ ଦେଖି ଭୟରେ ଚୁପ୍ ରହିଲା। ବିଚରା କୁକୁର ବର୍ଷାରେ ଅବିରାମ ଭିଜୁଥାଏ। ତା' ଅବସ୍ଥା ଦେଖି ଘର ସହି ନ ପାରି ପାଖକୁ ଡାକିଲା। ଓଦା ସରପଟ ହୋଇ କୁକୁର ଘର ଭିତରକୁ ଗଲା। ଘର ମଝିରେ ଗୋଟେ ଦରି ବିଛା ହୋଇଥାଏ। କୁକୁର ସେଇ ଦରି ଉପରେ ବସି ପଡ଼ିଲା। ଦରିରେ ବସିବା ପରେ ତାକୁ ବହୁତ ମଜା ଲାଗୁଥାଏ। ଧୀରେ ଧୀରେ ତା' ଦେହରୁ ବର୍ଷା ପାଣି ନିଗିଡ଼ିଗଲା। ହଠାତ୍ ତା' ନଜର ଖୋଲା ଝରକା ବାଟେ ନାଚୁଥିବା ଗଛ ଉପରେ ପଡ଼ିଲା। ଗଛ ତାକୁ ବାହାରକୁ ଆସି ନାଚିବାକୁ ଆମନ୍ତ୍ରଣ କରୁଥାଏ। ଗଛର ଆମନ୍ତ୍ରଣରେ ସେ ବାହାରକୁ ଗଲାନାହିଁ ସତ କିନ୍ତୁ ତା' ନାଚରେ ଭାବ ବିହ୍ୱଳ ହେଲା। ପୁଣି ଭୟଭୀତ ଗାଇକୁ ଦେଖି ତାକୁ ସାହାଯ୍ୟ କରିବାକୁ ମନ ବଳାଇ ଭୋ..ଓ...ଭୋ..ଓ.....ଶବ୍ଦରେ ଭୋକିବାକୁ ଲାଗିଲା। କୁକୁରର ଭୋ..ଓ ଭୋ..ଓ... ଶବ୍ଦ ଶୁଣି ଗାଇ ତା' ସ୍ୱରରେ ସ୍ୱର ମିଳାଇ ଗୀତ ଗାଇବାକୁ ଲାଗିଲା। ଘରଟି ବହୁଦିନ ଧରି ଧୂଳି, ଶୁଖିଲା ପତ୍ର, ଅଳନ୍ଧୁରେ ଅଳିଆ ହୋଇ ଯାଇଥାଏ। କୁକୁର ଝାଡ଼ିର ଗୁଚ୍ଛା କରି ଧୂଳି, ଅଳନ୍ଧୁ ଝାଡ଼ି ସଫା କରିଦେଲା। କୁକୁରର ମହତ କାମ ଦେଖି ଘର କହିଲା- ଆଜିଠାରୁ ଆମେ ତିନିଜଣ ସାଙ୍ଗ ହୋଇ ରହିବା। ବହୁଦିନ ପରେ ସାଙ୍ଗ ହୋଇ କଥାବାର୍ତ୍ତା ହେବାର ମଉକା ମିଳିବାରୁ କୁକୁର ମନେ ମନେ ଭାରି ଖୁସି ହେଉଥାଏ। ତା' ମନରେ କିନ୍ତୁ ଗୋଟେ ପ୍ରଶ୍ନ ବାରମ୍ବାର ଉତ୍ତର ଖୋଜିବାକୁ ଇଚ୍ଛା କରୁଥାଏ। ତୁରନ୍ତ ସେ ପଚାରିଲା- ଆଚ୍ଛା, ଆମେ ତିନିଜଣ ତ ସାଙ୍ଗ ହେଲୁ କିନ୍ତୁ ଆମ ସୁଖ-ଦୁଃଖ ବୁଝିବ କିଏ ? ଗାଇ ମୁଣ୍ଡ ହଲେଇ ହଲେଇ କହିଲା- ସେକଥା ମୁଁ ଜାଣେନି। ଘର କିଛି ସମୟ ଚିନ୍ତା କରି କହିଲା-ଚାଲ, ଆମେ କେହି ମନୁଷ୍ୟକୁ ଡାକିଆଣି ଏଇଠି ରହିବାକୁ କହିବା। ସେ ଆମକୁ ସୁଖ ଦେବ ଦୁଃଖ ବି ଦେବ। ତାପରେ ସେମାନେ ମନୁଷ୍ୟକୁ ଅପେକ୍ଷା କଲେ। ଦିନେ ଜଣେ ମଣିଷ ରାସ୍ତାରେ ଯାଉ ଯାଉ ଘର ଭତରକୁ ଯାଇ ପଚାରିଲା- ମୁଁ ଏଠି କିଛି ସମୟ ରହି ବିଶ୍ରାମ କରିପାରିବି? କୁକୁର ମଣିଷ ଚାରିପଟେ ଥରେ ଘୁରି ଆସି ପଚାରିଲା- ଆଚ୍ଛା, ତୁମ କାନ୍ଧରେ ଝୁଲୁଥିବା ପୁଟୁଳିରେ କ'ଣ ରଖିଛ? ମଣିଷ ଉତ୍ତର ଦେଲା- ସୁଖ ଓ ଦୁଃଖ। ଏହା ଶୁଣି ଘର, କୁକୁର, ଗାଇ ଏକାସାଙ୍ଗରେ କହିଉଠିଲେ- ଆମେ ତ ସେଇଦିନୁ ସୁଖ-ଦୁଃଖକୁ ଖୋଜି ହେଉଛୁ। ଚାହିଁବ ତ ତୁମେ ସବୁଦିନ ପାଇଁ ଏଇଠି ରହିପାରିବ। ସେବେଠାରୁ ମଣିଷ, କୁକୁର, ଗାଇ ସାଥୀହୋଇ ଘରେ ରହୁଛନ୍ତି। ସୁଖ-ଦୁଃଖ ମିଳିମିଶି ସହୁଛନ୍ତି। (ଭାରତ ଲୋକକଥା)।



ବିସି-୭୪, ସଲ୍ଟ ଲେକ୍, କଲିକତା





ଆସ୍ଥା ଚୌରାଶିଆ
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର୍ ହାଇସ୍କୁଲ
ଜୋବ୍ରା, କଟକ





ରିତଭିକ ସାହୁ
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ନିଆଳି, କଟକ





ସ୍ୱସ୍ତିକା ମହାପାତ୍ର
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିଅର ହାଇସ୍କୁଲ
ଖାନନଗର, କଟକ






ସ୍ୱସ୍ତିତପା ମେକାପ
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା